# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୩/୨୦୨୪ (୧୪ ପୃଷ୍ଠା) | Bhubaneswar, Wednesday, April 3/2024 | Page 14 | ₹ 7.00

୫୦ଶ ଭାଗ ୧୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 129 | ମୂଲ୍ୟ ₹୭/-





**ମରିସିଓଙ୍କ ଡବଲ ଗୋଲ୍**

ପଞ୍ଜାବ ଏଫ୍‌ସି ବିପକ୍ଷ ଆଇଏସ୍‌ଏଲ୍ ମ୍ୟାଚରେ ଡିଏଗୋ ମରିସିଓଙ୍କ ଡବଲ ଗୋଲ୍‌ରେ ଓଡ଼ିଶା ଏଫ୍‌ସି ବିଜୟୀ ହୋଇଛି। ୧୪

୦୨ **ଜନ୍ମଦିନରେ ପ୍ରଶଂସକଙ୍କୁ ଅଜୟଙ୍କ ଗିଫ୍ଟ**

ବଲିଉଡ୍ ଅଭିନେତା ଅଜୟ ଦେବ୍‌ଗନଙ୍କ ଜନ୍ମଦିନ ଅବସରରେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ମଇଦାନ'ର ଅନ୍ତିମ ଟ୍ରେଲର ରିଲିଜ୍ ହୋଇଛି।




## ନୂଆ ଶିକ୍ଷାବର୍ଷ ଆରମ୍ଭ



ମଙ୍ଗଳବାରଠାରୁ ରାଜ୍ୟରେ ନୂଆ ଶିକ୍ଷାବର୍ଷ ୨୦୨୪-୨୫ ଆରମ୍ଭ ହୋଇଥିବାବେଳେ କଟକ ସହରର କାଜିବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଆସିଥିବା ଛାତ୍ରୀମାନେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ପାଠପଢ଼ା ସକାଳୁଆ ହୋଇଛି। **(ଫଟୋ: ରାଜକିଶୋର ମହାନ୍ତି)**

# ପ୍ରମାଣବିହୀନ ସଜା

## ୬ ମାସ ପରେ ସଞ୍ଜୟ ସିଂଙ୍କୁ ଜାମିନ

ନୂଆଦିଲ୍ଲୀ,୨।୪

ବହୁଚର୍ଚ୍ଚିତ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ସଞ୍ଜୟ ସିଂଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ଜାମିନ ଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ୬ ମାସ ଜେଲରେ ରହିବା ପରେ ସର୍ବୋଚ୍ଚ ଅଦାଲତଙ୍କଠାରୁ ଏହି ଆଶ୍ୱସ୍ତି ମିଳିଛି। ଅବକାରୀ ଦୁର୍ନୀତି ମାମଲାରେ ଆପ୍‌କୁ ୬୦୦ କୋଟି ଟଙ୍କା ମିଳିଥିଲା ଏବଂ ସାଉଥ୍ ଗ୍ରୁପ୍‌କୁ



ସଞ୍ଜୟ ସିଂ

ଅନୁଗ୍ରହ ଦେବା ପାଇଁ ସଞ୍ଜୟ ୨ କୋଟି ଟଙ୍କା ଲାଞ୍ଚ ନେଇଥିଲେ ବୋଲି ଇଡି ଦର୍ଶାଇଥିବାବେଳେ ତାଙ୍କଠାରୁ ଟଙ୍କାଏ ବି ଜବତ ନ ହେବା କେନ୍ଦ୍ରୀୟ ଏଜେନ୍ସିର ଭୂମିକାକୁ ସନ୍ଦେହ ଘେରକୁ ଟାଣି ନେଇଛି। ଏନେଇ ସୁପ୍ରିମକୋର୍ଟ କହିଛନ୍ତି, ଇଡି ସଞ୍ଜୟଙ୍କୁ ଗିରଫ କରିବା ସମୟରେ ତାଙ୍କ ନିକଟରୁ ଟଙ୍କା ଜବତ ହୋଇ ନ ଥିଲା। ଏପରି କି ତାଙ୍କ ବିରୋଧରେ କୌଣସି ଅଭିଯୋଗର ପ୍ରମାଣ ନାହିଁ। ଏହାର ତାତ୍ପର୍ଯ୍ୟ ହେଉଛି, ଟଙ୍କା ଆଦାୟ କରାଯାଇନାହିଁ। ସଞ୍ଜୟଙ୍କୁ ବିନା କୌଣସି ପ୍ରମାଣରେ ୬ ମାସ କାରାଗାରରେ ବନ୍ଦୀ ଜୀବନ ବିତାଇ ଦଣ୍ଡ ଭୋଗିବାକୁ ପଡ଼ିଛି।

୨୦୨୩ ଅକ୍ଟୋବର ୪ରେ ଦିଲ୍ଲୀ ଅବକାରୀ ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କୁ ଇଡି ଗିରଫ କରିଥିଲା। ଏହାର ୩ ମାସ ପରେ ସଞ୍ଜୟ ଉକ୍ତ ମାମଲାରେ ତାଙ୍କର କୌଣସି ଭୂମିକା ☞ପୃଷ୍ଠା-୪

## ଭାଜପାରେ ନ ମିଶିଲେ ଗିରଫ ଧମକ: ଆତିଶୀ

ନୂଆଦିଲ୍ଲୀ,୨।୪

ମୋ ସମେତ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୪ ଜଣ ବରିଷ୍ଠ ନେତାଙ୍କୁ ଶୀଘ୍ର ଗିରଫ କରାଯିବ। ଆପ୍ ଛାଡ଼ି ଭାଜପାରେ ସାମିଲ ହେବା ପାଇଁ କେନ୍ଦ୍ରରେ କ୍ଷମତାସୀନ ଦଳ ଜଣେ ଅତି ଘନିଷ୍ଠ ବ୍ୟକ୍ତିଙ୍କ ଜରିଆରେ ମୋ ସହ ଯୋଗାଯୋଗ କରିଛି। ଭାଜପାରେ ଯୋଗ ନ ଦେଲେ ମାସକ ମଧ୍ୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହେବା ପାଇଁ ପ୍ରସ୍ତୁତ ରହିବାକୁ ☞ପୃଷ୍ଠା-୪

## ୧୧୨ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କଲା ଭାଜପା | ୬୩ ପୁରୁଣା, ୪୯ ନୂଆ

### ୧୭ ବିଧାୟକ, ଅନ୍ୟ ଦଳରୁ ଆସିଥିବା ୯ ଜଣଙ୍କୁ ମିଳିଲା ଟିକେଟ

ଭୁବନେଶ୍ୱର,୨।୪(ସୁନିତ୍ ମିଶ୍ର)

ଦୁଇଟି ପର୍ଯ୍ୟାୟରେ ୨୧ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବାର ସପ୍ତାହ ପରେ ମଙ୍ଗଳବାର ଭାଜପା ପକ୍ଷରୁ ରାଜ୍ୟର ୧୧୨ ବିଧାନସଭା ଆସନ ଲାଗି ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ଭାଜପା ଉଭୟ ବରିଷ୍ଠ ଏବଂ ଯୁବ ଚେହେରାଙ୍କୁ ସୁଯୋଗ ଦେଇଥିବା ଜଣାପଡ଼ିଛି। ଏଥିରେ ୮ଜଣ ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଇଛି। ଟିକେଟ ଘୋଷଣାରେ ବିଳମ୍ବ ହେବାରୁ ଅନେକ ନେତା ଚିନ୍ତାରେ ଥିଲେ। ଗତ ନିର୍ବାଚନରେ ବିଜୟୀ ହୋଇଥିବା ୧୭ ବିଧାୟକଙ୍କୁ ଟିକେଟ ମିଳିଥିବାବେଳେ ଅଧିକାଂଶ ପୁରୁଣା ପ୍ରାର୍ଥୀଙ୍କୁ ଏଥର ମଧ୍ୟ ରିପିଟ୍ କରାଯାଇଛି। ତେବେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଭଳି ଅନ୍ୟ କେତେକ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଚୟନକୁ ନେଇ ବିରୋଧାଭାଷ ମଧ୍ୟ ଦେଖିବାକୁ ମିଳିଛି। ବିଶେଷକରି ପୂର୍ବତନ ମନ୍ତ୍ରୀ ତଥା ରଣପୁର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଆସୁଥିବା ସୁରମା ପାଢ଼ୀଙ୍କୁ ଏଥର ଦଳ ଟିକେଟ ଦେଇ ନାହିଁ। ତାଙ୍କ ସ୍ଥାନରେ ତାପସ ରଞ୍ଜନ ମାର୍ଥାଙ୍କୁ ଦଳ ଟିକେଟ ଦେଇଛି। ଅନ୍ୟପକ୍ଷରେ ଏଥର ବହୁ ବରିଷ୍ଠ ନେତାଙ୍କ ଉତ୍ତରାଧିକାରୀମାନଙ୍କୁ ସୁଯୋଗ ଦିଆଯାଇଥିବା ଦେଖିବାକୁ ମିଳିଛି। ସେହିପରି ଅନ୍ୟ ଦଳରୁ ଆସି ନିକଟରେ ଭାଜପାରେ ଯୋଗ ଦେଇଥିବା ୯ ଜଣଙ୍କୁ ମଧ୍ୟ ଦଳ ଟିକେଟ ଦେଇଛି।



**ବାକି ରହିଲା ୩୫ ଆସନ**

ରାଉରକେଲା, ତେଲକୋଇ, ଘସିପୁରା, ପାଟଣା, ଚମ୍ପୁଆ, ସାରସକଣା, ରାଇରଙ୍ଗପୁର, କରଞ୍ଜିଆ, ବାଙ୍ଗିରିପୋଷି, ଭୋଗରାଇ, ବସ୍ତା, ନୀଳଗିରି ଭଣ୍ଡାରୀପୋଖରୀ, ବାସୁଦେବପୁର, ବରୀ, ହିନ୍ଦୋଳ, ଝରିଗାଁ, ଡାବୁଗାଁ, ବାରବାଟୀ-କଟକ, ସାଲେପୁର, କେନ୍ଦ୍ରାପଡ଼ା, ରାଜନଗର, ବାଲିଗୁଡ଼ା-ଏରସମା, ଜଗତସିଂହପୁର, କାକଟପୁର, ବେଗୁନିଆ, ଖୋର୍ଦ୍ଧା, ସାନଖେମୁଣ୍ଡି, ମୋହନା, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, କୋଟପାଡ଼, ଜୟପୁର ଓ ଚିତ୍ରକୋଣ୍ଡା।

ଭାଜପା ଘୋଷଣା କରିଥିବା ୧୧୨ ପ୍ରାର୍ଥୀ ତାଲିକା ମଧ୍ୟରେ ୧୭ ଜଣ ବିଧାୟକଙ୍କୁ ରିପିଟ୍ କରିଥିବାବେଳେ ଗତଥର ଟିକେଟ ପାଇଥିବା ୬୩ ଜଣଙ୍କ ଉପରେ ଦଳ ପୁଣି ଭରସା କରିଛି। ଅନ୍ୟପଟେ ବାକି ୪୯ଟି ଆସନରେ ଭାଜପା ନୂଆ ମୁହଁଙ୍କୁ ଆଗକୁ ଆଣିଛି। ଗତଥର ଭାଜପା ମୋଟ୍ ୨୩ଟି ବିଧାନସଭା ଆସନରେ ବିଜୟ ଲାଭ କରିଥିଲା। ଏହାସହ ପାଖାପାଖି ୮୦ଟି ଆସନରେ କଡ଼ା ଟକ୍କର ଦେବାରେ ସକ୍ଷମ ହେବା ସଙ୍ଗେସଙ୍ଗେ ଏହି ସ୍ଥାନଗୁଡ଼ିକରେ ଅଳ୍ପ କିଛି ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲା। ଏହି ଆସନଗୁଡ଼ିକରେ ଏଥର ଭାଜପା ବିଜୟ ଲାଭ କରିବ ବୋଲି ଦମ୍ଭୋକ୍ତି ଦେଖାଉଛି। ଗତଥର ବରଗଡ଼ ଏମ୍‌ପି ହୋଇଥିବା ଭାଜପା ନେତା ସୁରେଶ ପୂଜାରୀଙ୍କୁ ଏଥର ଲୋକ ସଭା ବଦଳରେ ☞ପୃଷ୍ଠା-୪

(ଭାଜପା ଓ କଂଗ୍ରେସର ବିଧାନସଭା ପ୍ରାର୍ଥୀ ତାଲିକା: ପୃଷ୍ଠା-୫)

## କଂଗ୍ରେସର ୪୯ ବିଧାନସଭା, ୮ ଲୋକ ସଭା ପ୍ରାର୍ଥୀ

ଭୁବନେଶ୍ୱର,୨।୪(ଅନିଲ ଦାସ)

ବିଜେଡି ଓ ଭାଜପା ପରେ କଂଗ୍ରେସ ମଙ୍ଗଳବାର ୮ ଲୋକ ସଭା ଓ ୪୯ ବିଧାନସଭା ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଆସନ୍ତା ମେ' ୧୩ ଓ ୨୦ ତାରିଖରେ ଦୁଇଟି ପର୍ଯ୍ୟାୟରେ ୯ ଲୋକ ସଭା ଆସନ ପାଇଁ ଭୋଟ ଗ୍ରହଣ ହେବ। କେବଳ ଆସିକା ଆସନକୁ ବାଦ୍ ଦେଲେ ୮ଟି ଲୋକ ସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ଲୋକ ସଭା ଆସନରୁ ଜଣେ ମହିଳାଙ୍କୁ କଂଗ୍ରେସ ଟିକେଟ ଦେଇଥିବା ବେଳେ ୪୯ ବିଧାନସଭା ଆସନରୁ ୫ ଜଣ ମହିଳାଙ୍କୁ ଟିକେଟ ମିଳିଛି। ୫ ଜଣ ବିଧାୟକଙ୍କୁ କଂଗ୍ରେସ ପୁଣିଥରେ ଟିକେଟ ଦେଇଛି। କଂଗ୍ରେସ ବୀରମିତ୍ରପୁର ଆସନକୁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଏବଂ ବଣାଇଁ ଆସନକୁ ସିପିଆଇ(ଏମ୍)କୁ ଛାଡ଼ିଛି। ବଲାଙ୍ଗୀର ଲୋକ ସଭା ଆସନରୁ ଅଭିନେତା ମନୋଜ ମିଶ୍ର ପ୍ରାର୍ଥୀ

**ଲୋକ ସଭା ପ୍ରାର୍ଥୀ ତାଲିକା**

| | |
|---|---|
| ବରଗଡ଼ | ସଞ୍ଜୟ ଭୋଇ |
| ସୁନ୍ଦରଗଡ଼ | ଜନାର୍ଦ୍ଦନ ଦେହୁରୀ |
| ବଲାଙ୍ଗୀର | ମନୋଜ ମିଶ୍ର |
| କଳାହାଣ୍ଡି | ଦ୍ରୌପଦୀ ମାଝି |
| ନବରଙ୍ଗପୁର | ଭୁଜବଳ ମାଝି |
| କନ୍ଧମାଳ | ଅମିର ଚାନ୍ଦ ନାୟକ |
| ବ୍ରହ୍ମପୁର | ରଶ୍ମିରଞ୍ଜନ ପଟ୍ଟନାୟକ |
| କୋରାପୁଟ | ସପ୍ତଗିରି ଶଙ୍କର ଉଲାକା |



- **ପୁଣି ମଇଦାନକୁ ଓହ୍ଲାଇଲେ ୫ ବିଧାୟକ**
- **ନରସିଂହ, ଭକ୍ତଙ୍କ ପୁଅ, ଭୁଜବଳ ମାଝିଙ୍କ ଝିଅଙ୍କୁ ଟିକେଟ**

ହୋଇଥିବାବେଳେ ବରଗଡ଼ରୁ ସଞ୍ଜୟ ଭୋଇ, ସୁନ୍ଦରଗଡ଼ରୁ ଜନାର୍ଦ୍ଦନ ଦେହୁରୀ, କଳାହାଣ୍ଡିରୁ ଦ୍ରୌପଦୀ ମାଝି, ନବରଙ୍ଗପୁରରୁ ଭୁଜବଳ ମାଝି, କନ୍ଧମାଳରୁ ଅମିର ଚାନ୍ଦ ନାୟକ, ବ୍ରହ୍ମପୁରରୁ ରଶ୍ମିରଞ୍ଜନ ପଟ୍ଟନାୟକ ଓ କୋରାପୁଟରୁ ସପ୍ତଗିରି ଉଲାକା ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ ନୂଆପଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବାବେଳେ ବଲାଙ୍ଗୀର ବିଧାନସଭା ଆସନରୁ ନରସିଂହ ମିଶ୍ରଙ୍କ ପୁଅ ସମରେନ୍ଦ୍ର ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ବିଧାୟକ ରମେଶ ଜେନାଙ୍କୁ କଂଗ୍ରେସ ପୁଣି ଥରେ ସାନଖେମୁଣ୍ଡିରୁ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ କଣ୍ଟାବାଞ୍ଜି ଓ ତାରା ପ୍ରସାଦ ବାହିନୀପତିଙ୍କୁ ଜୟପୁର ବିଧାନସଭା ଆସନରୁ ଲଢ଼ିବା ପାଇଁ ପୁଣି ଟିକେଟ ମିଳିଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକଙ୍କୁ ପାରଳାଖେମୁଣ୍ଡିରୁ ଏବଂ ନବାଗତ ହକି ତାରକା ପ୍ରବୋଧ ତିର୍କୀଙ୍କୁ ତଳସରାରୁ ଦଳ ପ୍ରଥମ ଥର ପାଇଁ ନିର୍ବାଚନ ମୈଦାନକୁ ଆଣିଛି। ଲାଞ୍ଜିଗଡ଼ରୁ ବଳଭଦ୍ର ମାଝି ଏବଂ ନର୍ଲାରୁ ଭକ୍ତ ଚରଣ ଦାସ ମଧ୍ୟ ନିର୍ବାଚନ ଲଢୁଛନ୍ତି।

ବାପ, ପୁଅ, ଝିଅଙ୍କୁ ମଧ୍ୟ ଟିକେଟ ମିଳିଛି। କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ର ନିର୍ବାଚନ ଲଢ଼ିବେ ନାହିଁ ବୋଲି ଗତ ବିଧାନସଭାରେ ଘୋଷଣା କରିଥିଲେ। ତାଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କୁ ବଲାଙ୍ଗୀର ବିଧାନସଭା ଆସନ ଲାଗି ଟିକେଟ ମିଳିଛି। ସେହିପରି କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କ ପୁଅ ସାଗର ଦାସଙ୍କୁ ଭବାନୀପାଟଣା ଲାଗି ଦଳ ଟିକେଟ ଦେଇଛି। ଏଥିସହ ପୂର୍ବତନ ବିଧାୟକ ଭୁଜବଳ ☞ପୃଷ୍ଠା-୪

## ୨ ଜିଲାପାଳ, ୬ ଆଇପିଏସ୍ ଅଫିସରଙ୍କୁ ବଦଳି କର

### ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

- କଟକ ଜିଲାପାଳ ଭିନିତ ଭରଦ୍ୱାଜ
- ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟ୍ଟୱାରି
- କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ଆଶିଷ କୁମାର ସିଂ
- କଟକ ଡିସିପି କନ୍‌ୱର ବିଶାଲ ସିଂ
- ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର
- ଖୋର୍ଦ୍ଧା ଏସ୍‌ପି ଯୁଗଳ କିଶୋର ବାନୋଥ
- ବ୍ରହ୍ମପୁର ଏସ୍‌ପି ସର୍ଭଣା ବିବେକ ଏମ୍
- ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର

୮ ଅଧିକାରୀଙ୍କୁ ତୁରନ୍ତ ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟରୁ ଦୂରେଇ ରଖିବାକୁ ହୋଇଛି ନିର୍ଦ୍ଦେଶ

ଭୁବନେଶ୍ୱର,୨।୪(ଅନିଲ ଦାସ)

ରାଜ୍ୟରେ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଭାରତର ନିର୍ବାଚନ କମିଶନ(ଇସି) କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ଓଡ଼ିଶାର ୨ ଜଣ ଆଇଏଏସ୍ ଅଫିସର ଓ ୬ଜଣ ଆଇପିଏସ୍ ଅଫିସରଙ୍କୁ ସେମାନଙ୍କ ବିଶ୍ୱସନୀୟତା ଉପରେ ସନ୍ଦେହ ପ୍ରକଟ କରି ତୁରନ୍ତ ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟରୁ ଦୂରେଇ ରଖିବାକୁ ମଙ୍ଗଳବାର ନିର୍ବାଚନ କମିଶନ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଫିସରମାନଙ୍କ ସ୍ଥାନରେ ୩ ଜଣ ଲେଖାଏ ଯୋଗ୍ୟ ଅଫିସରଙ୍କ ନାଁ ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା ପଠାଇବାକୁ ମୁଖ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି।

ମିଳିଥିବା ସୂଚନା ଅନୁସାରେ ନିର୍ବାଚନ କମିଶନଙ୍କ ସଚିବ ରାକେଶ କୁମାର ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟରତ ୮ ଜଣ ସର୍ବଭାରତୀୟ ଅଫିସରଙ୍କ ତାଲିକା ପଠାଇ ସେମାନଙ୍କୁ ତୁରନ୍ତ ବଦଳି କରି ଅଣ ନିର୍ବାଚନ ସଂକ୍ରାନ୍ତ କାର୍ଯ୍ୟରେ ନିୟୋଜିତ କରିବା ନିମନ୍ତେ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିବା ମୁଖ୍ୟ ସଚିବଙ୍କୁ ଅବଗତ କରିଛନ୍ତି। କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ଆଶିଷ କୁମାର ସିଂ, କଟକ ଡିସିପି କନ୍‌ୱର ବିଶାଳ ସିଂ, ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର, ଖୋର୍ଦ୍ଧା ଏସ୍‌ପି ଯୁଗଳ କିଶୋର ବାନୋଥ, ବ୍ରହ୍ମପୁର ଏସ୍‌ପି ସର୍ଭଣା ବିବେକ ଏମ୍ ଏବଂ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ବଦଳି କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଇପିଏସ୍ ଅଫିସରଙ୍କ ବ୍ୟତୀତ କଟକ ଜିଲାପାଳ ଭିନିତ ଭରଦ୍ୱାଜ ଏବଂ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟ୍ଟୱାରିଙ୍କୁ ମଧ୍ୟ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁଇ ଜିଲାପାଳ ଏବେ ସମ୍ପୃକ୍ତ ଜିଲାର ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି।

ଉପରୋକ୍ତ ଅଫିସରମାନଙ୍କୁ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରଖିବାକୁ କମିଶନ ନିର୍ଦ୍ଦେଶ ଦେବା ପରେ ସମ୍ପୃକ୍ତ ଅଫିସରମାନଙ୍କ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଗୋଲକ ନାୟକ କହିଛନ୍ତି, ବହୁ ସରକାରୀ ଅଫିସର ବିଜେଡି ପାଇଁ କାମ କରୁଛନ୍ତି। ଦୀର୍ଘଦିନ ଧରି ଗୋଟିଏ ଜାଗାରେ ରହିଥିବା ଅଫିସରଙ୍କୁ ବଦଳି କରିବାକୁ ଆମେ ଲିଖିତ ଆକାରରେ ନିର୍ବାଚନ କମିଶନଙ୍କୁ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଲୋଭରୁ ଦୁର୍ଦ୍ଦଶା


## ପୋଲିସ ଗୁଳିରେ ୧୦ ମାଓବାଦୀ ନିହତ

### ଅତ୍ୟାଧୁନିକ ବନ୍ଧୁକ, ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିରି,୨।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ରେ ପୋଲିସ ଗୁଳିରେ ମଙ୍ଗଳବାର ୧୦ ମାଓବାଦୀ ନିହତ ହୋଇଥିବା ବେଳେ ବହୁ ସଂଖ୍ୟାରେ ଆହତ ହୋଇଥିବା ଜଣାପଡିଛି। ତଲାସି ବେଳେ ସୁରକ୍ଷା ବଳକୁ ଟାର୍ଗେଟ୍ କରି ଗୁଳି ବିନିମୟ ହୋଇଥିଲା। ଜବାବରେ ଯବାନମାନେ ମଧ୍ୟ ଗୁଳି ଚଳାଇଥିଲେ। ଏଥିରେ ୧୦ ମାଓବାଦୀ ନିହତ ହେବା ସହ ସେଠାରୁ ଅତ୍ୟାଧୁନିକ ବନ୍ଧୁକ ଓ ବିପୁଳ ପରିମାଣର ସାମଗ୍ରୀ ଜବତ ହୋଇଛି।

ସୂଚନା ଅନୁଯାୟୀ, ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲା ଲେଣ୍ଡରା ଓ କରଚୋଲି ଜଙ୍ଗଲରେ ମଙ୍ଗଳବାର ପୋଲିସ, ଡିଆରଜି ଓ କୋବ୍ରା ବାହିନୀ ପକ୍ଷରୁ ମିଳିତ ତଲାସି ଅଭିଯାନ ଚଳାଇବାବେଳେ ଏହି ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ଯବାନଙ୍କୁ ସାମ୍ନା କରି ନ ପାରି ଛତ୍ରଭଙ୍ଗ ଦେଇ ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲେ। ପରେ ଅଞ୍ଚଳରେ ଯବାନମାନେ ତଲାସି ଅଭିଯାନ ବେଳେ ୧୦ରୁ ଊର୍ଦ୍ଧ୍ୱ ମାଓବାଦୀଙ୍କ ମୃତଦେହ ସହ ଅନେକ ଅତ୍ୟାଧୁନିକ ବନ୍ଧୁକ, ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଜବତ କରିଥିଲେ। ମୃତକଙ୍କ ସଂଖ୍ୟା ଅଧିକ ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଯବାନମାନେ କୋମ୍ପିଂରୁ ଫେରିବା ପରେ ମାଓବାଦୀଙ୍କ ପରିଚୟ ଓ ମୃତକଙ୍କ ସଂଖ୍ୟା ସ୍ପଷ୍ଟ ହେବ ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି. ପ୍ରକାଶ କହିଛନ୍ତି।

ସୂଚନାଯୋଗ୍ୟ, ମାର୍ଚ୍ଚ ୨୭ ତାରିଖରେ ଛତିଶଗଡ଼ ବିଜାପୁର ଜିଲାରେ ପୋଲିସ ସହ ଗୁଳି ବିନିମୟ ବେଳେ ୨ ମହିଳାଙ୍କ ସମେତ ୬ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରେ ମାଓବାଦୀ ସଙ୍ଗଠନର ଡେପୁଟି କମାଣ୍ଡର ନାଗେଶ, ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ଜଣେ ମହିଳା ମାଓବାଦୀ ରହିଥିଲେ।




## ସଂକ୍ଷେପରେ

### ନାଇଟ୍ କ୍ଲବ୍‌ରେ ନିଆଁ: ୨୯ ଜଳିଗଲେ

**ଇସ୍ତାନବୁଲ୍,୨।୪:** ତୁର୍କୀର ଇସ୍ତାନବୁଲ ସହରରେ ଥିବା ଏକ ନାଇଟ୍ କ୍ଲବ୍‌ରେ ମଙ୍ଗଳବାର ନିଆଁ ଲାଗି ୨୯ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଇସ୍ତାନବୁଲ ଗଭର୍ନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ମସ୍କୁରାଡେ ନାଇଟ୍ କ୍ଲବ୍‌ର ନବୀକରଣ କାର୍ଯ୍ୟ ଚାଲିଥିବାରୁ ଏହା ବନ୍ଦ ରହିଥିଲା। ମଧ୍ୟାହ୍ନ ୧୨ଟା ୪୭ ମିନିଟରେ ସେଠାରେ ହଠାତ୍ ନିଆଁ ଲାଗିଥିବାବେଳେ ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ଘଣ୍ଟା ଉଦ୍ୟମ କରି ଏହାକୁ ଆୟତ୍ତ କରିଥିଲେ। ସହରର ୟୁରୋପୀୟ ପାର୍ଶ୍ୱରେ ଥିବା ବେସିକ୍‌ତାସ୍ ଜିଲାରେ ଏକ ୧୬ ମହଲା ଆବାସିକ ବିଲ୍ଡିଂର ତଳ ମହଲାରେ ନାଇଟ୍‌କ୍ଲବ୍ ଚାଲିଥିଲା।

### ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ଗୁଳିରେ ଜଣେ ମୃତ, ୨ ଆହତ

**ହେଲ୍‌ସିଙ୍କି(ଫିନ୍‌ଲାଣ୍ଡ),୨।୪:** ଫିନ୍‌ଲାଣ୍ଡ ରାଜଧାନୀ ହେଲ୍‌ସିଙ୍କିର ଏକ ସ୍କୁଲ୍‌ରେ ମଙ୍ଗଳବାର ଗୁଳିକାଣ୍ଡ ଘଟି ଜଣେ ଛାତ୍ରଙ୍କ ମୃତ୍ୟୁ ହେବା ସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ଗୁଳି ଚଳାଇଥିବା ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ପୋଲିସ ଅଟକ ରଖିଛି। ଭିଏର୍ତୋଲା ସ୍କୁଲରେ ୮୦୦ ଛାତ୍ରୀଛାତ୍ର ଓ ୯୦ କର୍ମଚାରୀ ଅଛନ୍ତି। ସେଠାରେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଥିବାବେଳେ ସେମାନଙ୍କ ବୟସ ୭ରୁ ୧୫ ବର୍ଷ। ସକାଳ ୯ଟା ସମୟରେ ହୋଇଥବା ଗୁଳିକାଣ୍ଡରେ ଷଷ୍ଠ ଶ୍ରେଣୀ ଛାତ୍ର ପ୍ରାଣ ହରାଇଥିବା ପୋଲିସ ବିଭାଗ ମୁଖ୍ୟ କହିଛନ୍ତି। ଗୁଳି ଚଳାଇଥିବା ଛାତ୍ର ଓ ମୃତାହତଙ୍କ ବୟସ ୧୨ ବର୍ଷ ବୋଲି ସେ ସୂଚନା ଦେଇଛନ୍ତି।

### ଇଜିପ୍ଟ ରାଷ୍ଟ୍ରପତି ତୃତୀୟ ଥର ପାଇଁ ଶପଥ ନେଲେ


ଆବଡେଲ୍-ଫତ୍ତାହ ଅଲ୍-ସିସି

**କାଇରୋ,୨।୪:** ଗତ ଡିସେମ୍ବରରେ ଇଜିପ୍ଟ ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ଆବଡେଲ୍-ଫତ୍ତାହ ଅଲ୍-ସିସି ମଙ୍ଗଳବାର ତୃତୀୟ ଥର ପାଇଁ ଶପଥ ଗ୍ରହଣ କରିଛନ୍ତି। ଫଳରେ ସେ ଆଉ ୬ ବର୍ଷ ପାଇଁ କ୍ଷମତାରେ ରହିବେ। ନିର୍ବାଚନରେ ତାଙ୍କ ବିରୋଧରେ କେହି ବଡ଼ ଚ୍ୟାଲେଞ୍ଜର ନ ଥିଲେ। ଫଳରେ ସେ ୮୯.୬ ପ୍ରତିଶତ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ତାଙ୍କ ବିରୋଧରେ ୩ ଜଣ ଅନାମଧେୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଅଲ୍-ସିସି ପ୍ରଥମେ ୨୦୧୪ରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥିବାବେଳେ ୨୦୧୮ରେ ମଧ୍ୟ କ୍ଷମତା ବଜାୟ ରଖିଥିଲେ। ଏହାର ବର୍ଷେ ପରେ ସମ୍ବିଧାନରେ ସଂଶୋଧନ କରାଯାଇ ତାଙ୍କୁ ଦ୍ୱିତୀୟ ପାଳିରେ ଅଧିକ ୨ ବର୍ଷ ଦିଆଯିବା ସହ ତୃତୀୟ ପାଳି ନିର୍ବାଚନ ଲଢ଼ିବାକୁ ଅନୁମତି ଦିଆଯାଇଥିଲା। ଏହି ପର୍ଯ୍ୟାୟରେ ମଧ୍ୟ ସେ ୬ ବର୍ଷ କ୍ଷମତାରେ ରହିବେ।

# ଶର୍ମିଳା କଡ଼ପାରୁ ଲଢ଼ିବେ

## ୧୭ ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ

ନୂଆଦିଲ୍ଲୀ,୨।୪(ପି.ଟି.)

ଲୋକ ସଭା ନିର୍ବାଚନ ପାଇଁ କଂଗ୍ରେସ ମଙ୍ଗଳବାର ୧୭ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ସେଥିରେ ଓଡ଼ିଶାରୁ ୮ ଜଣ ଥିବାବେଳେ ଆନ୍ଧ୍ରରୁ ୫, ବିହାରରୁ ୩ ଏବଂ ପଶ୍ଚିମବଙ୍ଗରୁ ଗୋଟିଏ ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ପ୍ରକାଶ ପାଇଛି। ଆନ୍ଧ୍ରପ୍ରଦେଶ ପିସିସି ମୁଖ୍ୟ ୱାଇ.ଏସ୍. ଶର୍ମିଳା କଡ଼ପାରୁ ପ୍ରାର୍ଥୀ ହୋଇଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଏମ୍. ପାଲାଜ ରାଜୁଙ୍କୁ ଆନ୍ଧ୍ରର କାକିନାଡ଼ାରୁ ପ୍ରାର୍ଥୀ କରାଯାଇଛି।


ୱାଇ.ଏସ୍. ଶର୍ମିଳା

ସେହିପରି ଗିଡୁଗୁ ରୁଦ୍ର ରାଜୁ ରାଜମୁନ୍ଦ୍ରୀରୁ, ଜେ.ଡି. ସଲିମ୍ ବାପ୍‌ଟଲାରୁ ଏବଂ ପି.ଜି. ରାମପୁଲ୍ଲାୟା କୁର୍ନୁଲରୁ ପ୍ରାର୍ଥୀ ହୋଇଛନ୍ତି। ମହମ୍ମଦ ଜାୱେଦ ଏବଂ ତାରିକ୍ ଅନ୍‌ୱାର ଯଥାକ୍ରମେ ବିହାରର କିଶନଗଞ୍ଜ ଏବଂ କଟିହାର ଆସନରୁ ଲଢ଼ିବେ। ପଶ୍ଚିମବଙ୍ଗର ଦାର୍ଜିଲିଂରୁ ମୁନିଶ ଟମାଙ୍ଗଙ୍କୁ ପ୍ରାର୍ଥୀ କରାଯାଇଛି। ଓଡ଼ିଶାର କୋରାପୁଟ ଆସନରେ ସପ୍ତଗିରି ଉଲାକାଙ୍କୁ କଂଗ୍ରେସ ପ୍ରାର୍ଥୀ କରିଥିବାବେଳେ ସଞ୍ଜୟ ଭୋଇଙ୍କୁ ବରଗଡ଼ରୁ, ଜନାର୍ଦ୍ଦନ ଦେହୁରିଙ୍କୁ ସୁନ୍ଦରଗଡ଼ରୁ, ମନୋଜ ମିଶ୍ରଙ୍କୁ ବଲାଙ୍ଗୀରରୁ, ଦ୍ରୌପଦୀ ମାଝିଙ୍କୁ କଳାହାଣ୍ଡିରୁ, ଭୁଜବଳ ମାଝିଙ୍କୁ ନବରଙ୍ଗପୁରରୁ, ଅମିରଚାନ୍ଦ ନାୟକଙ୍କୁ କନ୍ଧମାଳରୁ, ରଶ୍ମିରଞ୍ଜନ ପଟ୍ଟନାୟକଙ୍କୁ ବ୍ରହ୍ମପୁରରୁ ପ୍ରାର୍ଥୀ କରାଯାଇଛି। ଏହାକୁ ମିଶାଇ କଂଗ୍ରେସ ବର୍ତ୍ତମାନ ସୁଦ୍ଧା ମୋଟ ୨୨୮ ପ୍ରାର୍ଥୀଙ୍କ ନାଁ ଘୋଷଣା କଲାଣି। ତେବେ ଉତ୍ତରପ୍ରଦେଶର ଆମେଠି ଏବଂ ରାଏବରେଲି ଆସନକୁ ନେଇ ସସ୍ପେନ୍ସ ଜାରି ରହିଛି।


ଲୋକ ସଭା ନିର୍ବାଚନ ପାଇଁ ଟିଏମ୍‌ସି ପ୍ରାର୍ଥୀ ମହୁଆ ମୋଇତ୍ର ମଙ୍ଗଳବାର ପଶ୍ଚିମବଙ୍ଗ ନଦିଆ ଜିଲାର କ୍ରିଷ୍ଣାନଗରରେ ପ୍ରଚାର କରୁଛନ୍ତି।

## ମହୁଆଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା

ନୂଆଦିଲ୍ଲୀ,୨।୪

ଲୋକ ସଭାରେ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ମାମଲାରେ ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ରଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ମନିଲଣ୍ଡରିଂ ମାମଲା ରୁଜୁ କରିଛି। ଲୋକ ସଭାରୁ ବହିଷ୍କୃତ ମହୁଆଙ୍କ ବିରୋଧରେ ସିବିଆଇର ଏତଲା ଆଧାରରେ ଇଡି ମାମଲା ରୁଜୁ କରିଛି। ତାଙ୍କୁ ଜେରା ପାଇଁ ଇଡି ପୂର୍ବରୁ ସମନ ଜାରି କରିଥିଲେ ମଧ୍ୟ ସେ ଏହାକୁ ଏଡ଼ାଇ ଯାଇଥିଲେ। ବିଦେଶ ବିନିମୟ ପରିଚାଳନା ଆଇନ ଉଲ୍ଲଂଘନ ମାମଲାରେ ଜେରା ପାଇଁ ମହୁଆଙ୍କ ସମେତ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କୁ ଇଡି ସମନ ଜାରି କରିଥିଲା। ଲୋକପାଳଙ୍କ ନିର୍ଦ୍ଦେଶକ୍ରମେ କ୍ୟାଶ୍ ଫର୍ କ୍ୱାରି ମାମଲାରେ ସିବିଆଇ ମହୁଆଙ୍କ ଘରେ ଚଢ଼ାଉ କରିଥିଲା।

## ଜେଲରେ ବୁଶ୍ରା ବିବିଙ୍କୁ ବିଷ ଦିଆଯାଇଥିଲା

### ଇମ୍ରାନଙ୍କ ଅଭିଯୋଗ

ଇସ୍ତାନବୁଲ୍,୨।୪

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସ୍ତ୍ରୀ ତଥା ପୂର୍ବତନ ଫାଷ୍ଟ ଲେଡି ବୁଶ୍ରା ବିବିଙ୍କୁ ଜେଲରେ ବିଷ ଦିଆଯାଇଥିଲା ବୋଲି ସେ ମଙ୍ଗଳବାର ଅଭିଯୋଗ ଆଣିଛନ୍ତି। ଯଦି ବୁଶ୍ରାଙ୍କର କୌଣସି କ୍ଷତି ଘଟେ, ସେଥିପାଇଁ ସେନା ମୁଖ୍ୟ ଜେନେରାଲ ଅସିମ ମୁନିରଙ୍କୁ ଦାୟୀ କରାଯିବା ଆବଶ୍ୟକ ବୋଲି ଇମ୍ରାନ୍ କହିଛନ୍ତି। କାରଣ ଇସ୍‌ଲାମାବାଦର ବାନି ଗାଲା ବାସଭବନ ଏବଂ ରାଓଲପିଣ୍ଡିର ଆଡିଆଲା ଜେଲ୍‌ର ସବୁକିଛିକୁ ଗୋଇନ୍ଦା ସଂସ୍ଥା ନିୟନ୍ତ୍ରଣ କରିଥାନ୍ତି। ପାକିସ୍ତାନ ଆଡିଆଲ ଜେଲ୍‌ରେ ୧୯୦ ନିୟୁତ ପାଉଣ୍ଡ ତୋଷାଖାନା ଦୁର୍ନୀତି ମାମଲାର ଶୁଣାଣି ବେଳେ ତେହରିକ୍-ଇ-ଇନ୍‌ସାଫ୍ ନେତା ଉପରୋକ୍ତ ଅଭିଯୋଗ ଆଣିଛନ୍ତି। ବିଷର ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ବିଶ୍ରା ବିବିଙ୍କ ଚର୍ମ ଓ



ଜିଭରେ ଚିହ୍ନ ରହିଥିବା ଇମ୍ରାନ୍ ବିଚାରପତି ନାସିର ଜାଭେଦ ରାଣାଙ୍କୁ ଜଣାଇଛନ୍ତି। ପୂର୍ବରୁ ବିଶ୍ରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଡାକ୍ତରଙ୍କ ଉପରେ ବିଶ୍ୱାସ ନ ଥିବାରୁ ସୌକତ୍ ଖାନୁମ୍ ହସ୍ପିଟାଲର ଡ. ଅସିମ୍ ପୁନର୍ବାର ମେଡିକାଲ ଯାଞ୍ଚ କରିବାକୁ ଇମ୍ରାନ୍ କୋର୍ଟଙ୍କୁ ନିବେଦନ କରିଛନ୍ତି।

## ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କଲେ ଇସି

ନୂଆଦିଲ୍ଲୀ,୨।୪(ପି.ଟି.)

ଆଗାମୀ ନିର୍ବାଚନରେ ସବୁ ରାଜନୈତିକ ଦଳଙ୍କୁ ଯେପରି ସମାନ ସୁଯୋଗ ମିଳିବ, ତାହା ସୁନିଶ୍ଚିତ କରିବା ପାଇଁ ନିର୍ବାଚନ କମିଶନ (ଇସି) ଅଧିକାଂଶ ରାଜ୍ୟରେ ପ୍ରଶାସନିକ, ସୁରକ୍ଷା ଏବଂ ଖର୍ଚ୍ଚ ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ନିର୍ବାଚନ ପ୍ରକ୍ରିୟା ଅନୁଧ୍ୟାନ ଲାଗି ଭଲ ଟ୍ରାକ୍ ରେକର୍ଡ ଥିବା ପୂର୍ବତନ ପ୍ରଶାସନିକ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ବିଶେଷ କରି ଅର୍ଥବଳ, ବାହୁବଳ ଏବଂ ମିଛ ପ୍ରଚାରର ପ୍ରଭାବରୁ ନିର୍ବାଚନକୁ ମୁକ୍ତ ରଖିବା ଦିଗରେ ସେମାନେ କାର୍ଯ୍ୟ କରିବେ ବୋଲି ନିର୍ବାଚନ ଆୟୋଗ ପକ୍ଷରୁ କୁହାଯାଇଛି। ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ବିହାର ଆଦି ଜନବହୁଳ ରାଜ୍ୟରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ (ସାଧାରଣ ଓ ପୋଲିସ) ନିଯୁକ୍ତ ହୋଇଛନ୍ତି। ଏହା ବ୍ୟତୀତ ଏକସଙ୍ଗେ ଲୋକ ସଭା ସହ ବିଧାନସଭା ନିର୍ବାଚନ ହେଉଥିବା ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ମଧ୍ୟ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ରାଜ୍ୟ ମୁଖ୍ୟାଳୟରେ ଅବସ୍ଥାପିତ ହେବା ସହ ଆବଶ୍ୟକ ପଡ଼ିଲେ ବିଭିନ୍ନ ଅଞ୍ଚଳ ଗସ୍ତ କରିବେ।

## ୟୁଏନ୍‌ଏସ୍‌ସି ସ୍ଥାୟୀ ସଦସ୍ୟତା ପାଇଁ ଭାରତକୁ କଠିନ ପରିଶ୍ରମ କରିବାକୁ ହେବ: ଜୟଶଙ୍କର

ନୂଆଦିଲ୍ଲୀ,୨।୪

ଭାରତ ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଏସ୍‌ସି)ର ସ୍ଥାୟୀ ସଦସ୍ୟତା ହାସଲ କରିବା ନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଙ୍ଗଳବାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୟୁଏନ୍‌ଏସ୍‌ସି ସଦସ୍ୟତା ଲାଗି ଭାରତ ସପକ୍ଷରେ ବୈଶ୍ୱିକ ମନୋଭବ ବଢୁଛି। ତେବେ ଲକ୍ଷ୍ୟ ହାସଲ ପାଇଁ ଆମକୁ କଠିନ ଉଦ୍ୟମ କରିବାକୁ ପଡ଼ିବ ବୋଲି ଜୟଶଙ୍କର କହିଛନ୍ତି। ପ୍ରାୟ ୮୦ ବର୍ଷ ପୂର୍ବେ ଜାତିସଂଘ ଗଢ଼ାଯାଇଥିବାବେଳେ କେବଳ ୫ଟି ରାଷ୍ଟ୍ର ଆମେରିକା, ଚାଇନା, ରୁଷିଆ, ଫ୍ରାନ୍ସ ଏବଂ ବ୍ରିଟେନ୍ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ରହିଛନ୍ତି। ସେତେବେଳେ ସ୍ୱାଧୀନ ଦେଶ ସଂଖ୍ୟା



୫୦ ଥିବାବେଳେ ଏବେ ତାହା ୧୯୩ରେ ପହଞ୍ଚିଲାଣି। ତଥାପି ଉପରୋକ୍ତ ୫ ରାଷ୍ଟ୍ର ଜାତିସଂଘକୁ ସେମାନଙ୍କ ନିୟନ୍ତ୍ରଣରେ ରଖିଛନ୍ତି। ସବୁଠୁ ବିଚିତ୍ର କଥା ହେଲା, ପରିବର୍ତ୍ତନ ପାଇଁ ଅନୁମତି ଦେବା ଲାଗି ସେମାନଙ୍କ ଅନୁମତି ଲୋଡ଼ିବାକୁ ପଡ଼ିବ ବୋଲି ଜୟଶଙ୍କର କହିଛନ୍ତି।

## ବଣ୍ଡ୍ ବିକ୍ରି: ଏସ୍‌ଓପି ଜଣାଇବାକୁ ମନାକଲା ଏସ୍‌ବିଆଇ

### ଆର୍‌ଟିଆଇ ଆବେଦନ

ନୂଆଦିଲ୍ଲୀ,୨।୪(ପି.ଟି.)

ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ଏବଂ ରାଜନୈତିକ ଦଳଗୁଡ଼ିକୁ ଏହାର ଅର୍ଥ ପୈଠ ହେବା ନେଇ ରହିଥିବା ମାନକ କାର୍ଯ୍ୟକାରୀ ପଦ୍ଧତି (ଏସ୍‌ଓପି) ସମ୍ପର୍କରେ ଜଣାଇବାକୁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ମନା କରିଦେଇଛି। ଏସ୍‌ଓପି ପ୍ରଦାନ କରିବା ବ୍ୟବସାୟିକ ଗୋପନୀୟତାର ଉଲ୍ଲଂଘନ ହେବ ବୋଲି ଆର୍‌ଟିଆଇ ଉତ୍ତରରେ ଏସ୍‌ବିଆଇ କହିଛି। ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ବଳରେ ସ୍ୱଚ୍ଛତା କର୍ମୀ ଅଞ୍ଜଳି ଭରଦ୍ୱାଜ ଏସ୍‌ବିଆଇ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ପାଇଁ ପ୍ରାଧିକୃତ ଶାଖାକୁ ଇସ୍ୟୁ କରୁଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ସମ୍ପର୍କରେ ଜାଣିବା ପାଇଁ ଆବେଦନ କରିଥିଲେ। ଏହା ବ୍ୟାଙ୍କର ଆଭ୍ୟନ୍ତରୀଣ ଗାଇଡ୍‌ଲାଇନ ହୋଇଥିବାରୁ ଆର୍‌ଟିଆଇର ଧାରା ୮(୧)(ଡି)ରେ ଏହାକୁ ବାଦ୍ ଦିଆଯାଇଥିବା ଏସ୍‌ବିଆଇର କେନ୍ଦ୍ରୀୟ ଜନସୂଚନା ଅଫିସର ତଥା ଉପମହାପ୍ରବନ୍ଧକ ଏମ୍. କାନ୍ନା ବାବୁ ଜଣାଇଛନ୍ତି।

## ଅନନ୍ତନାଗରୁ ଲଢ଼ିବେ ଗୁଲାମ ନବୀ ଆଜାଦ

**ଶ୍ରୀନଗର,୨।୪:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ ଅନନ୍ତନାଗ ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ିବେ। ସେ ୨୦୨୨ରେ କଂଗ୍ରେସଠାରୁ ୫ ଦଶନ୍ଧିର ସମ୍ପର୍କ ଛିନ୍ନ କରି ନିଜସ୍ୱ ଦଳ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ଗଠନ କରିଥିଲେ। ମଙ୍ଗଳବାର ଦଳର କୋର୍ କମିଟି ବୈଠକ ବସି ଗୁଲାମ ନବୀଙ୍କୁ ଅନନ୍ତନାଗରୁ ପ୍ରାର୍ଥୀ କରାଯାଇଛି।

## ତଦନ୍ତ ଶେଷ ଯାଏ ଜାହାଜରେ ରହିବେ କର୍ମଚାରୀ

### ବାଲ୍ଟିମୋର ବ୍ରିଜ୍ ଟ୍ରାଜେଡି

ନ୍ୟୁୟର୍କ,୨।୪(ପି.ଟି.)

ଗତ ମାସ ୨୬ ତାରିଖରେ ଆମେରିକାର ବାଲ୍‌ଟିମୋରସ୍ଥିତ ପଟାପସ୍କୋ ନଦୀରେ ଏକ କଣ୍ଟେନର ବୋଝେଇ ଜାହାଜ ଧକ୍କା ଦେବାରୁ ୨.୬ କିଲୋମିଟର ଦୀର୍ଘ ଫ୍ରାନ୍ସିସ୍ ସ୍କଟ୍ କି ବ୍ରିଜ୍ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ଶ୍ରୀଲଙ୍କାର କଲମ୍ବୋ ଅଭିମୁଖେ ଯାଉଥିବା ଏହି ୯୮୪ ଫୁଟ୍ ଲମ୍ବା 'ଡାଲି'ଜାହାଜର ଇଞ୍ଜିନ ଅଚଳ ହୋଇଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଜାହାଜରେ ୨୦ ଭାରତୀୟ ଏବଂ ଜଣେ ଶ୍ରୀଲଙ୍କା କର୍ମଚାରୀ ଥିଲେ। ଏବେ ସେମାନେ ସ୍ୱାଭାବିକ ଡ୍ୟୁଟି କରିବା ସହ ତଦନ୍ତକାରୀ ଅଧିକାରୀମାନଙ୍କୁ ସହଯୋଗ କରୁଛନ୍ତି। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ସେମାନେ ଜାହାଜରେ ରହିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୱାଶିଂଟନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଉକ୍ତ କର୍ମଚାରୀ ଓ ସ୍ଥାନୀୟ ପ୍ରଶାସନ ସହ ନିୟମିତ ଯୋଗାଯୋଗ ରଖାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## ଖାଦ୍ୟ ସହାୟତା ଏନ୍‌ଜିଓର ୭ କର୍ମଚାରୀ ନିହତ

### ଗାଜାରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ

ଗାଜା, ୨।୪

ଗାଜାରେ ମଙ୍ଗଳବାର ଇସ୍ରାଏଲ ଏୟାର ଷ୍ଟ୍ରାଇକ କରିଛି। ଏଥିରେ ୱାର୍ଲଡ୍ ସେଣ୍ଟ୍ରାଲ କିଚେନ୍ (ଡବ୍ଲୁସିକେ) ଏନଜିଓର ୭ ଜଣ କର୍ମଚାରୀ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, ବ୍ରିଟେନ ଓ ପୋଲାଣ୍ଡର ନାଗରିକ ରହିଥିବା ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ଏହା ସହ ସେଲିବ୍ରିଟି ସେଫ୍ ଜୋସ୍ ଆଣ୍ଡ୍ରେସଙ୍କର ମୃତ୍ୟୁ ଘଟିଛି। ଦ୍ୱୈତ ନାଗରିକତା ରଖିଥିବା ଫିଲିଷ୍ଟାଇନ, ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡାର କର୍ମଚାରୀ ମଧ୍ୟ ଆକ୍ରମଣରେ


ଏୟାରଷ୍ଟ୍ରାଇକ୍‌ରେ ଆହତ ୱାର୍ଲଡ୍ ସେଣ୍ଟ୍ରାଲ କିଚେନ୍‌ର କର୍ମଚାରୀଙ୍କୁ ହସ୍ପିଟାଲ ନିଆଯାଉଛି।

ନିହତ ହୋଇଛନ୍ତି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ ସହ ସମନ୍ୱିତ କାର୍ଯ୍ୟକଳାପ ସତ୍ତ୍ୱେ ମଧ୍ୟ ଏପରି ଆକ୍ରମଣ ହୋଇଥିବା ଡବ୍ଲୁସିକେ ପକ୍ଷରୁ କୁହାଯାଇଛି। ସମୁଦ୍ର ମାଧ୍ୟମରେ ଆସିଥିବା ୧୦୦ ଟନ୍ ମାନବୀୟ ଖାଦ୍ୟ ସହାୟତା ସାମଗ୍ରୀକୁ ସୁରକ୍ଷିତ ଭାବେ ଗାଜାରେ ପହଞ୍ଚାଇବା ପରେ ଡବ୍ଲୁସିକେର କର୍ମଚାରୀମାନେ ଡେର୍ ଅଲ୍ ବଲାହ ଗୋଦାମକୁ ଯାଉଥିବାବେଳେ ଏହି ଆକ୍ରମଣ ଘଟିଛି। ଇସ୍ରାଏଲ ପକ୍ଷରୁ ହୋଇଥିବା ଏହି ଏୟାର ଷ୍ଟ୍ରାଇକକୁ ମାନବିକତା ଉପରେ ଆକ୍ରମଣ ଭାବେ ଦର୍ଶାଇଛନ୍ତି ଡବ୍ଲୁସିକେର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏରିନ୍ ଗୋର।

## ଫୁର୍‌ସତ୍

## ୧୨ ବର୍ଷୀୟାଙ୍କୁ ବାହାହେଲେ ୬୩ ବର୍ଷୀୟ ଧର୍ମଗୁରୁ

**ଆକ୍ରା:** କୌଣସି ମଧ୍ୟ ଦେଶରେ ଧର୍ମଗୁରୁମାନଙ୍କୁ ବହୁତ ସମ୍ମାନ ମିଳିଥାଏ। କିନ୍ତୁ ବେଳେବେଳେ ଏହି ଧର୍ମଗୁରୁମାନେ ଏମିତି କିଛି କାର୍ଯ୍ୟ କରନ୍ତି, ଯେଉଁଥିପାଇଁ ସେମାନଙ୍କୁ ସମାଲୋଚିତ ହେବାକୁ ପଡ଼ିଥାଏ। ଆଫ୍ରିକୀୟ ଦେଶ ଘାନାରୁ ଏପରି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ୧୨ ବର୍ଷର ଝିଅଙ୍କ ସହ ୬୩ ବର୍ଷୀୟ ଧର୍ମଗୁରୁ ବିବାହ କରିବା ସମସ୍ତଙ୍କୁ ଚକିତ କରିଛି। ରିପୋର୍ଟ ଅନୁଯାୟୀ, ଘାନାରେ ନୁଁଗୁଆ ସମ୍ପ୍ରଦାୟର ଲୋକଙ୍କ ସଂଖ୍ୟା ଯଥେଷ୍ଟ ପରିମାଣରେ ରହିଛି। ଏହି ସମ୍ପ୍ରଦାୟର ଲୋକଙ୍କ ରୀତିନୀତି ଓ ଚାଲିଚଳଣି ଅନ୍ୟ ସମ୍ପ୍ରଦାୟ ଲୋକଙ୍କ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ। ଏହି ସମ୍ପ୍ରଦାୟର 'ନୁମୋ ବୋର୍କେଟେ ଲାୱେ ସୁରୁ' ନାମକ ଜଣେ ଧର୍ମଗୁରୁ ଉକ୍ତ ସମ୍ପ୍ରଦାୟର ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ବିବାହ କରିଛନ୍ତି। ବିବାହଟି ନୁଁଗୁଆ ସମ୍ପ୍ରଦାୟର



ପାରମ୍ପରିକ ରୀତିନୀତି ଅନୁଯାୟୀ ହୋଇଛି। ବିବାହରେ ସମ୍ପ୍ରଦାୟର ଅଧିକାଂଶ ଲୋକ ଅଂଶଗ୍ରହଣ କରିଛନ୍ତି। ଏହି ବିବାହର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରୁ ଜଣାପଡୁଛି ସମ୍ପ୍ରଦାୟର ଲୋକମାନେ ନାବାଳିକାଙ୍କୁ ଅନେକ କଥା ଶିଖାଉଛନ୍ତି। ସ୍ୱାମୀଙ୍କ ସମ୍ମୁଖରେ କିପରି ପୋଷାକ ପରିଧାନ କରିବା ଉଚିତ, ବିବାହ ପରେ ସ୍ୱାମୀଙ୍କ ସହିତ କିପରି ବ୍ୟବହାର କରିବା ଉଚିତ ଆଦି ନାବାଳିକାଙ୍କୁ ଶିଖାଯାଉଛି। ତେବେ ଏନେଇ ନୁଁଗୁଆ ସମ୍ପ୍ରଦାୟ ପକ୍ଷରୁ ଆସୁଥିବା ବୟାନ ସମସ୍ତଙ୍କୁ ଚକିତ କରିଛି। ସମ୍ପ୍ରଦାୟ ଅନୁସାରେ ଝିଅଟି ସମ୍ପୃକ୍ତ ଧର୍ମଗୁରୁଙ୍କୁ ବିବାହ କରିବା ପାଇଁ ମାତ୍ର ୬ ବର୍ଷ ବୟସରୁ ତପସ୍ୟା କରିଆସୁଥିଲା। ଏହି ସମୟ ମଧ୍ୟରେ ଝିଅଟିର ଜୀବନରେ କୌଣସି ପ୍ରକାରର ପ୍ରତିବନ୍ଧକ ଆସି ନ ଥିଲା। ତେଣୁ ଏକ ପ୍ରଥା ଅନୁଯାୟୀ ଝିଅଟି ଧର୍ମଗୁରୁଙ୍କ ସହ ବିବାହ କରି ତାଙ୍କର ସ୍ତ୍ରୀ ହୋଇଛି ବୋଲି ସମ୍ପ୍ରଦାୟ ପକ୍ଷରୁ କୁହାଯାଇଛି। ଘାନାରେ ବିବାହ କରିବାକୁ ଆଇନତଃ ଝିଅଙ୍କ ସର୍ବନିମ୍ନ ବୟସ ୧୮ ବର୍ଷ ହୋଇଥିବାବେଳେ, ଏହି ବିବାହ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟିଛି। ତେଣୁ ଏହି ଭିଡିଓ ଭାଇରାଲ ହେବା ମାତ୍ରେ ସୋସିଆଲ ମିଡିଆରେ ୟୁଜର୍ସମାନେ ଅସନ୍ତୋଷ ପ୍ରକାଶ କରି ଉକ୍ତ ଧର୍ମଗୁରୁଙ୍କୁ ସମାଲୋଚନା କରିଛନ୍ତି। ଧର୍ମଗୁରୁଙ୍କ ଏପରି କାର୍ଯ୍ୟ ଦ୍ୱାରା ସମାଜରେ ବିଶୃଙ୍ଖଳା ଦେଖାଯିବ ବୋଲି ସେମାନେ କହିଛନ୍ତି।

## ଜନ୍ମଦିନରେ ପ୍ରଶଂସକଙ୍କୁ ଅଜୟଙ୍କ ଗିଫ୍ଟ

**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଅଜୟ ଦେବଗନ୍ ମଙ୍ଗଳବାର ତାଙ୍କର ୫୬ତମ ଜନ୍ମଦିନ ଧୁମ୍‌ଧାମରେ ପାଳନ କରିଛନ୍ତି। ଏହି ଅବସରରେ ଅଜୟଙ୍କ ଅନେକ ପ୍ରଶଂସକ ଓ ବହୁ ସେଲିବ୍ରିଟି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ତେବେ ଅଜୟ ନିଜ ଜନ୍ମଦିନ ଅବସରରେ ପ୍ରଶଂସକମାନଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ତାଙ୍କର ବହୁ ପ୍ରତୀକ୍ଷିତ କ୍ରୀଡା ବାୟୋପିକ୍ 'ମଇଦାନ'ର ଅନ୍ତିମ ଟ୍ରେଲର ମଙ୍ଗଳବାର ରିଲିଜ୍ ହୋଇଛି। ଗତମାସରେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ମଇଦାନ'ର ପ୍ରଥମ ଟ୍ରେଲର ରିଲିଜ୍ ହୋଇଥିବା ବେଳେ ମଙ୍ଗଳବାର ଦ୍ୱିତୀୟ ତଥା ଅନ୍ତିମ ଟ୍ରେଲର ରିଲିଜ୍ ହୋଇଛି। ଟ୍ରେଲରରେ ଫୁଟ୍‌ବଲ ଖେଳାଳିଙ୍କ ସହ ପଡ଼ିଆରେ ଅଜୟ ଦେବ୍‌ଗନ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ୨ ମିନିଟ ୭ ସେକେଣ୍ଡର ଏହି ଟ୍ରେଲରକୁ ଦେଖି ଫିଲ୍ମକୁ ନେଇ ପ୍ରଶଂସକଙ୍କ ଉତ୍ସାହ ଆହୁରି ବୃଦ୍ଧି ପାଇଛି। ମଇଦାନ' ଫିଲ୍ମଟି ଫୁଟ୍‌ବଲ ପ୍ରଶିକ୍ଷକ ସୟଦ ଅବଦୁଲ ରହିମଙ୍କ ପ୍ରକୃତ ଜୀବନ କାହାଣୀ ଉପରେ ଆଧାରିତ। ତାଙ୍କ ନେତୃତ୍ୱରେ ଭାରତୀୟ ଫୁଟବଲ ଦଳ ୧୯୫୧ ଏବଂ ୧୯୬୨ରେ ଏସିଆନ୍ ଗେମ୍ସରେ ବିଜୟୀ ହୋଇଥିଲା। ଅମିତ୍ ଅବିନ୍ଦର୍ ନାଥ ଶର୍ମାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ଜି ଷ୍ଟୁଡିଓଜ୍ ଏବଂ ବୋନି କପୁରଙ୍କ ଦ୍ୱାରା ନିର୍ମିତ ହୋଇଥିବା ଏହି ଚଳଚ୍ଚିତ୍ରର ସଂଳାପ ଲେଖିଛନ୍ତି ରିତେଶ ଶାହା। ସେହିପରି ଏହି ଚଳଚ୍ଚିତ୍ରର ସଂଗୀତ, ଏ ଆର୍ ରହମାନ୍ ଦେଇଛନ୍ତି। ଚଳଚ୍ଚିତ୍ରରେ ଅଜୟଙ୍କ ସହ ପ୍ରିୟାମଣି ଓ ଗଜରାଜ ରାଓ ପ୍ରମୁଖ ଅଭିନୟ କରିଛନ୍ତି। ଇଦ୍ ଉପଲକ୍ଷେ ୧୦ ଏପ୍ରିଲରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ।



# ପାରଦ ୪୧ ଡିଗ୍ରୀ ଟପିଲା

**ମାଲକାନଗିରି ସବୁଠୁ ଉତ୍ତପ୍ତ ସହର**

ଭୁବନେଶ୍ୱର, ୨।୪(ଅସମାପିକା ସାହୁ)

ରାଜ୍ୟରେ ପୁଣି ବଢ଼ିଛି ତାପମାତ୍ରା। ମଙ୍ଗଳବାର ୭ ସହରରେ ଦିନ ତାପମାତ୍ରା ୪୧ ଡିଗ୍ରୀ ପାର୍ କରିଥିଲା। ସର୍ବାଧିକ ୪୧.୭ ଡିଗ୍ରୀ ତାପମାତ୍ରା ସହ ମାଲକାନଗିରି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ଟିଟିଲାଗଡ଼ ୪୧.୫, ବୌଦ୍ଧ ୪୧.୪, ଭବାନୀପାଟଣା ୪୧.୨, ନୟାଗଡ଼ ୪୧, ବଲାଙ୍ଗୀର ୪୧, ତାଳଚେର ୪୧, ଅନୁଗୋଳ ୪୦.୭ ଓ ଝାରସୁଗୁଡ଼ା ୪୦.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ତେବେ ବୁଧବାରଠାରୁ ରାଜ୍ୟରେ ପ୍ରବଳ ଖରା ସହିତ ଗ୍ରୀଷ୍ମପ୍ରବାହ ରହିବ। ୩ରୁ ୬ ତାରିଖ ପର୍ଯ୍ୟନ୍ତ ୪ଦିନ ରାଜ୍ୟରେ ଉଷ୍ମ-ଆର୍ଦ୍ର ପାଣିପାଗ, ଗ୍ରୀଷ୍ମପ୍ରବାହ ତଥା ଉଷ୍ମ ରାତ୍ରି ପରିସ୍ଥିତି ହେବାର ସମ୍ଭାବନା ରହିଛି। ସେଥିପାଇଁ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୪ରୁ ୬ ତାରିଖ ମଧ୍ୟରେ ରାଜ୍ୟର କିଛି ସ୍ଥାନରେ ଦିନ ତାପମାତ୍ରାରେ ବୃଦ୍ଧି ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ ଓ କେନ୍ଦୁଝରକୁ ଗ୍ରୀଷ୍ମ ପ୍ରବାହ ପାଇଁ ଏବଂ ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ସୋନପୁର, କନ୍ଧମାଳ ଓ ନୟାଗଡ଼ ଜିଲ୍ଲାକୁ ଉଷ୍ମ ରାତ୍ରି ଲାଗି ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୭ ତାରିଖରୁ ପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ୭ରେ ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଥିବାବେଳେ ୮ରେ ଉପକୂଳ ଓଡ଼ିଶାର କିଛି ସ୍ଥାନ ସହିତ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲା ଏବଂ ରାଜ୍ୟର ଆଉ କିଛି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।




# ବଣିକ କୋଚିଂ ସେଣ୍ଟର, ହୋଟେଲ, ଘରେ ଆୟକର ଚଢ଼ାଉ ଜାରି

ଭୁବନେଶ୍ୱର, ୨।୪(ସତ୍ୟଜିତ୍ ରାଉତ)

ବିଜେଡି ନେତା ସୁବ୍ରତ ଛାଟୋଇଙ୍କ ମାଲିକାନାରେ ଥିବା ବଣିକ୍ କୋଚିଂ ସେଣ୍ଟର, ବ୍ୟବସାୟିକ ପ୍ରତିଷ୍ଠାନ ଓ ତାଙ୍କ ବାସଭବନରେ ଆୟକର ବିଭାଗ ପକ୍ଷରୁ ମଙ୍ଗଳବାର ମଧ୍ୟ ଚଢ଼ାଉ ଜାରି ରହିଛି। ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବଣିକ ଶାଖା, ସୁବ୍ରତଙ୍କ ନୟାପଲ୍ଲୀସ୍ଥିତ ବାସଭବନ, ଯାଜପୁର ରୋଡସ୍ଥିତ ହୋଟେଲ ଯଯାତି କୋର୍ଟୟାର୍ଡ, ହୋଟେଲର ପରିଚାଳନା ମୁଖ୍ୟ ଦିବ୍ୟରଞ୍ଜନ ନାୟକଙ୍କ ଯାଜପୁର ସଦର ଥାନା ଅନ୍ତର୍ଗତ ମଲ୍ଲିକାପୁରସ୍ଥିତ ଘରେ ଯାଞ୍ଚ ଚାଲିଛି। ଏଥିସହ ଏହି ଲିଙ୍କ୍‌ରେ ଆଉ କେତେକ ସ୍ଥାନରେ ମଧ୍ୟ ଚଢ଼ାଉ ହେଉଥିବା ସୂଚନା ମିଳିଛି। ତେବେ ଆୟକର ଅଧିକାରୀମାନେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, କିଛି ନଗଦ ଟଙ୍କା ଆଦି ଜବତ କରିଥିବା ସୂଚନା ମିଳିଛି। ଆୟକର ଫାଙ୍କି ଅଭିଯୋଗରେ ଏହି ଚଢ଼ାଉ ହେଉଛି। ତେବେ ସୁବ୍ରତଙ୍କ ସଂସ୍ଥା ଦ୍ୱାରା ଆୟକର ଟିକସ କେତେ ଫାଙ୍କି ଦିଆଯାଇଛି ସେନେଇ ସୂଚନା ମିଳିନାହିଁ। ଚଢ଼ାଉ ଓ ଯାଞ୍ଚ ସରିବା ପରେ ଆୟକର ବିଭାଗ ପକ୍ଷରୁ କିଛିଦିନ ମଧ୍ୟରେ ବିସ୍ତୃତ ସୂଚନା ଦିଆଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ବଣିକ କୋଚିଂ ସେଣ୍ଟର ଗତ ୫ ବର୍ଷ ଧରି ବ୍ୟବସାୟରେ ଉନ୍ନତି କରିଥିଲେ ମଧ୍ୟ ପରିଚାଳନା କର୍ତ୍ତୃପକ୍ଷ କ୍ଷତି ଦର୍ଶାଇ ଟିକସ ଫାଙ୍କି ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# ଟ୍ରକ୍ ପଛରେ ପିଟିହେଲା ସ୍କର୍ପିଓ, ୨ ମୃତ

ଭଦ୍ରକ,୨।୪(ସନାତନ ରାଉତ)



୧୬ ନଂ. ଜାତୀୟ ରାଜପଥର ଭଦ୍ରକ ନଳାଙ୍ଗଠାରେ ମଙ୍ଗଳବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ସ୍କର୍ପିଓ ପିଟି ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ସ୍କର୍ପିଓ ଡ୍ରାଇଭର ଓ ଜଣେ ମହିଳା ଅଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ନଳାଙ୍ଗ ସାଇମନ୍ଦିର ନିକଟରେ ଜାତୀୟ ରାଜପଥରେ ଟ୍ରକ୍‌ଟି ଠିଆ ହୋଇଥିଲା। ପଶ୍ଚିମବଙ୍ଗ ଚବିଶପ୍ରଗଣା ଜିଲାର ବେଲଗୁଡ଼ିଆ ଅଞ୍ଚଳରୁ ସ୍କର୍ପିଓ (ଡବ୍ଲ୍ୟୁବି ୨୪ ଏ ୱାଇ ୮୨୩୪)ରେ ୬ଜଣ ପୁରୀ ଅଭିମୁଖେ ଯାଉଥିବା ସମୟରେ ଉକ୍ତ ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଟ୍ରକ୍ ନେଇ ସେଠାରୁ ଫେରାର ହୋଇଯାଇଛନ୍ତି। ସ୍କର୍ପିଓ ଡ୍ରାଇଭର ଦୀର୍ଘ ସମୟ ଧରି ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଗାଡ଼ି ଭିତରୁ ବାହାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହିଳା ଯାତ୍ରୀ ଜଣକ ଜିଲା ମୁଖ୍ୟ ଡାକ୍ତରଖାନାରେ ଆଖି ବୁଜିଥିଲେ। ଗୁରୁତର ସୁରେଶ ପରିଡ଼ା(୫୩), ତାଙ୍କ ଦୁଇଝିଅ ଇସିକା(୨୧) ଓ ଦୀପିଶିଖା(୧୪), ସମ୍ପା ଚୌଧୁରୀ(୩୫)ଙ୍କୁ ଦୁଇଟି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଡ୍ରାଇଭରଙ୍କ ପରିଚୟ ମିଳି ନ ଥିବା ବେଳେ ମୃତ ମହିଳା ହେଉଛନ୍ତି ସୁରେଶଙ୍କ ସ୍ତ୍ରୀ ପାମ୍ପା ପରିଡ଼ା(୪୦)। ତେବେ ଜାତୀୟ ରାଜପଥ କଡ଼ରେ ବେଆଇନ ପାର୍କିଂ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ବେଆଇନ ପାର୍କିଂ ହଟାଇବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ପକ୍ଷରୁ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ଧରାପଡିଲା

**ଦମ୍ପତି ଗିରଫ, ୨୧.୫ କେଜି ଗଞ୍ଜେଇ ସହ ବୋଲେରୋ ଜବତ**

ଭୁବନେଶ୍ୱର,୨।୪ (ସତ୍ୟଜିତ୍ ରାଉତ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ନିଶାଦ୍ରବ୍ୟ ଚୋରାଲାଣ ଉପରେ ରୋକ ଲଗାଇବାକୁ ଚଢ଼ାଉ ଜାରି ରଖିଛି। ଏଥିପାଇଁ ସବୁ ଥାନାକୁ ପୂର୍ବରୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିବାବେଳେ ଥାନା ଅଧିକାରୀମାନେ ଏହା ଉପରେ ନଜର ରଖିଛନ୍ତି। ତେବେ କନ୍ଧମାଳରୁ ଭୁବନେଶ୍ୱରକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ ମଙ୍ଗଳବାର ଭରତପୁର ଥାନା ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରିବା ସହ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଟିକାବାଲି ଥାନା ଅନ୍ତର୍ଗତ ଗିରୁଟି ଗ୍ରାମର ନିରଞ୍ଜନ ଦିଗଲ (୪୬) ଓ ତାଙ୍କ ସ୍ତ୍ରୀ ଝାନ୍‌ସି ନାୟକ (୨୧)। ସେମାନଙ୍କଠାରୁ ଚାଲାଣରେ ବ୍ୟବହୃତ ବୋଲେରୋ ଓ ୨୧.୫ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୧୦/୨୦୨୪) ରୁଜୁ କରାଯାଇ ଦମ୍ପତିଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ଭୋର୍ ସମୟରେ ଜଣେ ଦମ୍ପତି କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ କରୁଥିବା ଖବରପାଇ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଆଇଜିକେସି ହସ୍ପିଟାଲ ପଛପଟ ଘାଟିକିଆ ସର୍ଭିସ ରୋଡ୍‌ରେ ଜଗି ରହିଥିଲେ। ସନ୍ଦେହଜନକ ଅବସ୍ଥାରେ ଉକ୍ତ ବୋଲେରୋଟି ସେଠାରେ ପହଞ୍ଚିବା ପରେ ପୋଲିସ ଟିମ୍ ସେମାନଙ୍କୁ କାବୁ କରିଥିଲା।

# ଅର୍ଥତତ୍ତ୍ୱ ମାମଲା: ସରକାରୀ ଆଇନଜୀବୀଙ୍କୁ ସିବିଆଇ ଜେରା

ଭୁବନେଶ୍ୱର,୨।୪(ସତ୍ୟଜିତ୍ ରାଉତ)

ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ୍ ଠକେଇ ମାମଲାରେ ସିବିଆଇ ପୁଣି ସକ୍ରିୟ ହୋଇଛି। ଏହି ମାମଲାରେ ସରକାରୀ ଆଇନଜୀବୀ ଦେବକାନ୍ତ ମହାନ୍ତିଙ୍କୁ ମଙ୍ଗଳବାର ସିବିଆଇ ପକ୍ଷରୁ ୩ ଘଣ୍ଟା ଧରି ଜେରା କରାଯାଇଛି। ସିବିଆଇ କାର୍ଯ୍ୟାଳୟରେ ପହଞ୍ଚି ନିଜ ପକ୍ଷ ରଖିବାକୁ ଦେବକାନ୍ତଙ୍କୁ ପୂର୍ବରୁ ନୋଟିସ୍ ହୋଇଥିଲା। ନୋଟିସ୍ ଅନୁଯାୟୀ ଅପରାହ୍ନ ପ୍ରାୟ ୩ଟା ବେଳେ ସିବିଆଇ କାର୍ଯ୍ୟାଳୟରେ ଦେବକାନ୍ତ ହାଜର ହୋଇଥିଲେ। ଏହାପରେ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ମାମଲାର ବିଭିନ୍ନ ଦିଗକୁ ନେଇ ତାଙ୍କୁ ପଚରାଉଚରା କରିଥିଲା। ତେବେ ଦୀର୍ଘଦିନ ପରେ ସିବିଆଇର ଏହି ମାମଲାରେ ସକ୍ରିୟତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ୍ ମାମଲାରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗତ ମାର୍ଚ୍ଚ ପ୍ରଥମ ସପ୍ତାହରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ଅଭିଯୁକ୍ତଙ୍କଠାରୁ ୨୩ ଲକ୍ଷ ନଗଦ ଟଙ୍କା, ୩୫ ଲକ୍ଷ ଟଙ୍କାର ଅଡି କ୍ୟୁ୩ କାର୍, ୨୪.୧୫ ଲକ୍ଷ ଟଙ୍କାର ଅଳଙ୍କାର, ବହୁ କାଗଜପତ୍ର ଆଦି ଜବତ କରିଥିଲା। ଏହାପରେ ଏହି ଲିଙ୍କ୍‌ରେ କେତେଜଣ ବ୍ୟକ୍ତିଙ୍କୁ ମଧ୍ୟ ଇଡି ଜେରା କରିଥିଲା।

# ଡାକ୍ତରଖାନାରୁ ଫେରାର କଏଦୀ ଗିରଫ

ସୁନ୍ଦରଗଡ଼,୨।୪ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରୁ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ଫେରାର ହୋଇଯାଇଥିବା କଏଦୀ ଅର୍ଜୁନ ମୁଣ୍ଡା(୩୮)ଙ୍କୁ ପୋଲିସ ସୋମବାର ରାତିରେ ଭସ୍ମା ଥାନା ବାଉଁଶମୁଣ୍ଡା ଜଙ୍ଗଲରୁ ଗିରଫ କରିଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅଭିଯୁକ୍ତ କଏଦୀ ଜଣକ ଗତ ଡିସେମ୍ବର ୧୮ରେ ସ୍ତ୍ରୀ ଅନିତାଙ୍କୁ ସାମାନ୍ୟ କଥାରେ ପିଟି ହତ୍ୟା କରିଥିଲେ। ଭସ୍ମା ପୋଲିସ ହତ୍ୟା ମାମଲାରେ ଗିରଫ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେ ସୁନ୍ଦରଗଡ଼ ଜେଲରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ଗତ ୨୯ରେ ଅର୍ଜୁନ ଓ ଅନ୍ୟ ଜଣେ କଏଦୀଙ୍କୁ ଜିଲା ଡାକ୍ତରଖାନାକୁ ଅଣାଯାଇ ଅପରେଶନ କରାଯାଇଥିଲା। ପରେ ୨ଜଣଙ୍କୁ ସର୍ଜରି ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଥିଲା। ସେମାନଙ୍କ ସୁରକ୍ଷା ପାଇଁ ୫ଜଣ ପୋଲିସ କର୍ମଚାରୀ ନିୟୋଜିତ ଥିଲେ। ହେଲେ ଅର୍ଜୁନ ପାଇଖାନା ଯିବା ବାହାନାରେ ରାତିରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ଚକମା ଦେଖାଇ ଫେରାର ହେବାରେ ସକ୍ଷମ ହୋଇଥିଲେ। ଅପରପକ୍ଷରେ ଡ୍ୟୁଟିରେ ଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡିଛି।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶାନ୍ତିଲତାଙ୍କ ଶେଷକୃତ୍ୟ ସମ୍ପନ୍ନ

ପୁରୀ,୨।୪(ଅଜିତ୍ ମହାନ୍ତି):

ଓଡ଼ିଶାର ଭଜନ ସାମ୍ରାଜ୍ଞୀ ଭାବେ ପରିଚିତ ସୁନାମଧନ୍ୟ କଣ୍ଠଶିଳ୍ପୀ ଶାନ୍ତିଲତା ଛୋଟରାୟଙ୍କର ଶେଷକୃତ୍ୟ ମଙ୍ଗଳବାର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି। ଶାନ୍ତିଲତାଙ୍କ ବଡ଼ପୁଅ ଅଭିଷେକ ଛୋଟରାୟ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗଦ୍ୱାରରେ ଶାନ୍ତିଲତାଙ୍କ ମରଶରୀର ପହଞ୍ଚିବା ପରେ ସତ୍କାର ପାଇଁ ପୁରୀ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଏବଂ ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝି ସ୍ୱର୍ଗଦ୍ୱାରରେ ପହଞ୍ଚି ମରଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସି ବିଟ୍ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷକୃତ୍ୟ ସମୟରେ ଶାନ୍ତିଲତାଙ୍କ ପରିବାର ସଦସ୍ୟ, ସମ୍ପର୍କୀୟ, ତାଙ୍କୁ ଓ ତାଙ୍କ ଭଜନକୁ ଭଲ ପାଉଥିବା ଅନେକ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ସେହିପରି ପୁରୀର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସ୍ୱର୍ଗଦ୍ୱାରଠାରେ ଶାନ୍ତିଲତାଙ୍କ ଶେଷଦର୍ଶନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ସୂଚନାଯୋଗ୍ୟ, ଶାନ୍ତିଲତା ଦୀର୍ଘଦିନ ଧରି କ୍ୟାନ୍‌ସରରେ ପୀଡ଼ିତ ଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମୃତ୍ୟୁବରଣ କରିଥିଲେ।

# ମାଗଣା ସିଭିଲ କୋଚିଂ: ମେ' ୫ରେ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୨।୪(ଅସମାପିକା ସାହୁ)

ରାଜ୍ୟ ସରକାର ସିଭିଲ ସର୍ଭିସ ପରୀକ୍ଷା ପାଇଁ ମାଗଣା କୋଚିଂ ଦେଉଛନ୍ତି। ୨୦୦ ମନୋନୀତ ଛାତ୍ରୀଛାତ୍ରଙ୍କୁ ଏହି କୋଚିଂ ଦିଆଯାଉଛି। ଏଥିପାଇଁ ପ୍ରି-କ୍ୱାଲିଫାଏ ପ୍ରବେଶିକା ପରୀକ୍ଷା ହୋଇଥାଏ। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଏହି ପରୀକ୍ଷା ନିମନ୍ତେ ମଙ୍ଗଳବାର ଆବେଦନ ଶେଷ ହୋଇଛି। ୬ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିପାଇଁ ଆବେଦନ କରିଛନ୍ତି। ୨୯ ତାରିଖରେ ସାମ୍ସ ଏବଂ ଏସ୍‌ଏସ୍‌ବି ୱେବ୍‌ସାଇଟ୍‌ରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ମେ' ୫ରେ ପ୍ରି-କ୍ୱାଲିଫାଏ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଜୁନ୍‌ରୁ କୋଚିଂ ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଯୋଜନା ରଖିଛି। ସୂଚନାଯୋଗ୍ୟ, ୟୁପିଏସ୍‌ସି ସିଭିଲ ସର୍ଭିସ ପରୀକ୍ଷା ପାଇଁ ସରକାର ୧୧ ମାସର ମାଗଣା ରେସିଡେନ୍ସିଆଲ କୋଚିଂ ପ୍ରଦାନ କରୁଛନ୍ତି। ସରକାର ଖାଇବା ଓ ରହଣି ପାଇଁ ମଧ୍ୟ ଟଙ୍କା ଦେଇଥାନ୍ତି। ପ୍ରତି ମାସରେ ଛାତ୍ରୀଛାତ୍ରଙ୍କ ୯୦ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ ରହିଛି।

# ପଦ୍ମଶ୍ରୀ ମାଗୁଣି କୁଅଁର ଅସୁସ୍ଥ



କେନ୍ଦୁଝର,୨।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଶିଷ୍ଟ କଣ୍ଢେଇ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର ମଙ୍ଗଳବାର ଅସୁସ୍ଥ ହୋଇ ପଡ଼ିଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ପଦ୍ମଶ୍ରୀ ମାଗୁଣି ଚରଣ ଏକାଧାରରେ କଣ୍ଢେଇ ନୃତ୍ୟ ଶିଳ୍ପୀ ଓ ଚିତ୍ରକର ଭାବେ ପରିଚିତ। ୧୯୩୭ ଫେବୃୟାରୀ ୧୨ରେ ପୁରୁଣା ସହର ବୈଦରାଜ ସାହିରେ ଜନ୍ମଗ୍ରହଣ କରିଥିବା ମାଗୁଣି ଲୋପ ପାଇଯାଉଥିବା କାଠି କଣ୍ଢେଇ ନୃତ୍ୟ କଳାର ସୁରକ୍ଷା ପାଇଁ ଉଦ୍ୟମ କରି ଆସୁଛନ୍ତି। ସେ ବିଭିନ୍ନ ସ୍ଥାନରେ ପୌରାଣିକ ଓ ସାମାଜିକ ବିଷୟବସ୍ତୁକୁ ନେଇ କଣ୍ଢେଇ ନୃତ୍ୟ ପରିବେଷଣ କରି ବେଶ ଲୋକପ୍ରିୟ ହୋଇଛନ୍ତି। ବିଶେଷକରି ଏକ ସଙ୍ଗରେ ପରଦା ପଛରେ ହାତରେ କଣ୍ଢେଇ ଧରି ନୃତ୍ୟ ଓ ଅଭିନୟ ପରିବେଷଣ କରିବା ସହ ତଦନୁଯାୟୀ ସେମାନଙ୍କ କଥାବାର୍ତ୍ତା, ପଶୁପକ୍ଷୀଙ୍କ ଶବ୍ଦ ଆଦି ନିଜେ କରୁଥିଲେ। ରାଜ୍ୟ ତଥା ଦେଶ ବାହାରେ କଣ୍ଢେଇ ନୃତ୍ୟ ପରିବେଷଣ କରି ସେ ପ୍ରଶଂସିତ ହେବା ସହ ସମ୍ମାନିତ ହୋଇଛନ୍ତି। ଲୋପ ପାଇଯାଉଥିବା କଳାର ସୁରକ୍ଷା ପାଇଁ ସେ ବହୁ ସଂଘର୍ଷ କରିଛନ୍ତି। ଏପରିକି ନିଜର ମୋଟରସାଇକେଲ ତଥା ଘରର ସାମଗ୍ରୀ ଓ ସୁନାଗହଣା ଆଦି ବିକ୍ରି କରି ଦେଇଛନ୍ତି। ସେ ଦୀର୍ଘ ବର୍ଷ ହେଲା ଅସୁସ୍ଥ ହୋଇ ଘରେ ରହୁଥିଲେ। କଳାନୈପୁଣ୍ୟର ପାରଦର୍ଶିତା ପାଇଁ ତାଙ୍କୁ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ ମିଳିଛି। ସେହିପରି ୨୦୦୪ରେ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଓ ୨୦୧୪ରେ ରାଜ୍ୟ ସଂଗୀତ ନାଟକ ଏକାଡେମୀ ସମ୍ମାନ ପାଇଥିଲେ। ୨୦୨୩ରେ ତାଙ୍କୁ ଦେଶର ଅନ୍ୟତମ ଶ୍ରେଷ୍ଠ ସମ୍ମାନ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉପଜିଲାପାଳ ତ୍ରିଲୋଚନ ମହାନ୍ତି, ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ପୌର ଉପାଧ୍ୟକ୍ଷ ବରୋଦା ପ୍ରସନ୍ନ ଦାସ ପ୍ରମୁଖ ଜିଲା ମୁଖ୍ୟ ଡାକ୍ତରଖାନା ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି।




# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ଯୋଗ ମହୋତ୍ସବ, ସ୍ଥାନ: ଶ୍ରୀଶ୍ରୀ ୟୁନିଭର୍ସିଟି, ସମୟ: ସକାଳ ୭ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାର ନାଟକ ‘ସମୁଦ୍ର ସ୍ନାନ’, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ବାରବାଟୀ ଦୋଳ ମେଳଣ ଜମାଣ ଏବଂ ଆତସବାଜି ପ୍ରଦର୍ଶନ, ସ୍ଥାନ, ଦୁର୍ଗାମଣ୍ଡପ ବାରବାଟୀ ପଡ଼ିଆ ନିମାପଡ଼ା, ସମୟ: ଜମାଣ– ପ୍ରାତଃ ୪ଟା ଏବଂ ଆତସବାଜି ପ୍ରଦର୍ଶନ ରାତି ୯ଟା।
- ସିଂହଦ୍ୱାର ଚାରିପାଖ ଉଠା ଦୋକନୀଙ୍କ ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।

## କଟକ
- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଯୋଗୋତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସରସ୍ଥ ମଲ୍‌ଟିପର୍ପୋଜ ହଲ୍, ସମୟ: ସକାଳ ୭ଟା।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଭାଗ ପକ୍ଷରୁ ବାର୍ଷିକ ଆଲୋଚନାଚକ୍ର, ସ୍ଥାନ: ରସାୟନ ବିଭାଗ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ସଦର ବିଧାୟକଙ୍କ ପକ୍ଷରୁ କଟକ ବିଜେଡି ଏମ୍‌ପି ପ୍ରାର୍ଥୀଙ୍କୁ ସ୍ୱାଗତ, ସ୍ଥାନ: ଧାକୁଲେଇ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ପୋରେଟର ଏବଂ ୱାର୍ଡ ସଭାପତିଙ୍କ ସହିତ ଦଳୀୟ ଏମ୍‌ପି ପ୍ରାର୍ଥୀଙ୍କ ବୈଠକ, ସ୍ଥାନ: ସିଡିଏ ସେକ୍ଟର–୬ସ୍ଥିତ ପ୍ଲଟ୍ ନଂ. ୧୬୩୯, ସମୟ: ଅପରାହ୍ନ ୫ଟା ୩୦।

## ଖୋର୍ଦ୍ଧା
- ବୋଲଗଡ଼ ପ୍ରିମିୟର ଲିଗ୍, ସ୍ଥାନ: ପି.ଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ବିରୋଧରେ ଦାବିପତ୍ର, ସ୍ଥାନ: ବସ୍ତା ତହସିଲ ଅଫିସ, ସମୟ: ପୂର୍ବାହ୍ନ ୧୦ଟା
- ଚୌକି ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଚୌକି, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ପାଇଁ ହେଲଥ୍‌ୱାବ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ, ସ୍ଥାନ: ମହାତ୍ମାଗାନ୍ଧୀ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ବାଲେଶ୍ୱର ଷ୍ଟେଶନଛକସ୍ଥିତ ହୋଟେଲ ମା’ ଇଣ୍ଟରନ୍ୟାଶନାଲ, ସମୟ: ଅପରାହ୍ନ ୨ଟା ୩୦।
- କୁପାରୀ ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: କୁପାରୀ ସ୍କୁଲ ପରିସର, ଖଇରା, ସମୟ: ଅପରାହ୍ନ ୪ଟା।
- ମା’ ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଜହତା କୂଳ, ରୂପ୍‌ସା, ସମୟ: ରାତି ୮ଟା।

## ଭଦ୍ରକ
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ବେତଡ଼ା ବଜାର, ବାସୁଦେବପୁର, ସମୟ: ସକାଳ ୬ଟା।
- ମା’ ଅମ୍ବିକା ଠାକୁରାଣୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମୋଡସାହି(ଗୁଆମାଳ), ତିହିଡ଼ି, ସମୟ: ସକାଳ ୭ଟା।
- ଶିକ୍ଷା ବିଭାଗ ପକ୍ଷରୁ ସେମିନାର, ସ୍ଥାନ: ୟୁକ୍ତ ୩ ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ରମ୍‌ଜାନ୍ ମାସ ପାଇଁ ଇଫ୍‌ତାର ପାର୍ଟି, ସ୍ଥାନ: ରୟାଲ କଲ୍ୟାଣ ମଣ୍ଡପ, ପୁରୁଣାବଜାର ଅଲାଳପୁର, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଚକ୍ଷୁ ପରୀକ୍ଷା ଶିବିର,ସ୍ଥାନ:ଲୋଇଡ଼ାପଦା, ରୁଗୁଡ଼ି, ସମୟ:ସକାଳ ୯ଟାରୁ ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଟିମ୍–ବିକୁ ଭେଟିବ ଟିମ୍–ଇ, ସ୍ଥାନ: ମଧୁବନ ମିନି ଷ୍ଟାଡିୟମ, ବାରିପଦା,ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ , ସ୍ଥାନ: ଏନ୍‌ଜିଓ ହଲ, ସମୟ:ଅପରାହ୍ନ ୩ଟା ୩୦।
- ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜନତା ମଇଦାନ, ଗୋସାଣୀ ନୂଆଗାଁ,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବ୍ଲକ ତୁରୁମ୍ବୁ, ସମୟ: ପୂର୍ବାହ୍ନ ୧୦ଟା।
- ଦର୍ଶନଶାସ୍ତ୍ର ବିଭାଗର ବୈଠକ, ସ୍ଥାନ: ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗାଲେରୀ ଧୁଳିଦଣ୍ଡ ନାଚ, ସ୍ଥାନ: ଭଞ୍ଜନଗର ବ୍ଲକ ବେରୁଆବାଡି, ସମୟ: ଅପରାହ୍ନ ୨ଟା।

## ଗଜପତି
- କଂଗ୍ରେସର ପରିବର୍ତ୍ତନ ସମାବେଶ, ସ୍ଥାନ: କଂଗ୍ରେସ ଜିଲା କାର୍ଯ୍ୟାଳୟ,ସମୟ: ଅପରାହ୍ନ ୧୦ଟା।

## କୋରାପୁଟ
- ବିଦ୍ୟାଳୟସ୍ତରୀୟ ପ୍ରବେଶ ଉତ୍ସବ, ମାଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋରାପୁଟ, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବର ଉଦଘାଟନୀ ସମାରୋହ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ନାଲ୍‌କୋ ଟାଉନସିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା।
- ଭୂକମ୍ପ ଏବଂ ବନ୍ୟାବାତ୍ୟା ସମୟରେ ଉଦ୍ଧାର କାର୍ଯ୍ୟକୁ ନେଇ ସିଆଇଏସ୍‌ଏଫ୍ ଦାମନଯୋଡି ଓ କୋରାପୁଟ ଓଡ୍ରାଫର ମିଳିତ ମକଡ୍ରିଲ, ସ୍ଥାନ: ସାଉଥ ବ୍ଲକ, ନାଲ୍‌କୋ ଖଣି ଅଞ୍ଚଳ, ଦାମନଯୋଡି, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ତବଲା ଗ୍ରାମ, ସମୟ: ସକାଳ ୮ଟା।
- କୃଷ୍ଣ କୁମାରୀ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମରଣିକା ଉନ୍ମୋଚନ, ସ୍ଥାନ: ଟିଠେଇପାଲି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର
- କୁଲତା ସମାଜ ତରଫରୁ ରଣେଶ୍ୱର ରାମଚଣ୍ଡି ମନ୍ଦିର ପ୍ରତିଷ୍ଠା ଅବସରରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଖପ୍ରାଖୋଲ ବ୍ଲକ ହରିଶଙ୍କର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ନିର୍ବାଚନ ମଣ୍ଡଳୀ ବିଜେଡ଼ି ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଆଗଲପୁର ବ୍ଲକ ଭରସୁଜା, ସମୟ: ପୂର୍ବାହ୍ନ ୧୧ଟା।
- ମା’ ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଗ୍ରୁପର ମ୍ୟାଚ ଜରାସିଂହା ବନାମ ଖାଲିଆଖମାର, ସ୍ଥାନ: ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ବହଳପଦର ପ୍ରିମିୟର ଲିଗ୍ କ୍ରିକେଟର ଷଷ୍ଠ ଦିବସ, ସ୍ଥାନ: ବହଳପଦର ଖେଳ ପଡିଆ, ବୀରମହାରାଜପୁର ସମୟ: ସକାଳ ୮ ଟା।
- ଖଣ୍ଡହତା ପ୍ରିମିୟର ଲିଗ କ୍ରିକେଟର ଦ୍ୱିତୀୟ ଦିବସ, ସ୍ଥାନ: ଖଣ୍ଡହତା ଖେଳ ପଡିଆ, ସମୟ: ସକାଳ ୮ଟା।
- ମା’ ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଅବସରରେ ଧନ୍ୟାଧିବାସ ଓ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ବଡ଼ବର୍ଡାକଟା,ବୀରମହାରାଜପୁର ସମୟ: ସକାଳ ୯ଟା।
- ଯୁବ ବିଜେଡିର ଜୋନସ୍ତରୀୟ ବୈଠକ, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ କର୍ଲାଯୁରୀ ବଜାର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଖାମୁଯାତ୍ରା, ସ୍ଥାନ: ବୀରମହାରାଜପୁର ବ୍ଲକ ଅମରପାଲି, ସମୟ: ଅପରାହ୍ନ ୩ଟା।
- ମହିଷାସୁର ଦରବାରର ତୃତୀୟ ସନ୍ଧ୍ୟା, ସ୍ଥାନ: ବୀରମହାରାଜପୁର ବ୍ଲକ ବଡ଼ବର୍ଡ଼ାକଟା, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ଆନ୍ତଃବିଦ୍ୟାଳୟ ସ୍ତରୀୟ କ୍ରିକେଟ ମ୍ୟାଚ୍, ସ୍ଥାନ: ଜିମ୍‌ଖାନା, ସମୟ: ସକାଳ ୭ଟା।
- ରାତ୍ରିକାଳୀନ କ୍ରିକେଟ ମ୍ୟାଚ୍, ସ୍ଥାନ: ସେକ୍ଟର––୩ ବଲାଙ୍ଗୀର ବସ୍ତି, ସମୟ: ରାତି ୮ଟା।
- ଉତ୍କଳ ଦିବସ ପାଳନ, ସ୍ଥାନ: ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ ଅନୁଷ୍ଠାନ ଜାଗରଣ ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୧ଟା।
- ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ଯୋଗ ଉଦ୍ୟାନ, ସିଭିଲଟାଉନଶିପ୍, ସମୟ: ସକାଳ ୬ଟା ୩୦।
- ଯଜ୍ଞ ଓ ସଂସ୍କାର କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୨ ଗାୟତ୍ରୀ ମନ୍ଦିର, ସମୟ: ପୂର୍ବାହ୍ନ ୭ଟା।

## ବରଗଡ଼
- ସ୍ୱାମୀ ଶିବାନନ୍ଦ ଶାନ୍ତି ଆଶ୍ରମ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଲହଣ୍ଡା, ଅତାବିରା, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଖୁଣ୍ଟପାଲି, ଗାଇସିଲେଟ, ସମୟ: ସକାଳ ୮ଟା।
- ମାଁ କୈଳାସୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଚୂଳଧର, ଅତାବିରା, ସମୟ: ସକାଳ ୮ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବିଜାଡ଼ୋଲ, ଝାରବନ୍ଧ,ସମୟ: ସକାଳ ୯ଟା।

## କଳାହାଣ୍ଡି
- ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ନୂତନ ବିଗ୍ରହ ଉତ୍ସବ ସମାପନ ତଥା ପୂର୍ଣ୍ଣାହୁତି, ସ୍ଥାନ: ନର୍ଲା ବ୍ଲକ ଶେରଗଡ଼ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ ଗୁଣପୁରଠାରେ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ଲୋକ ସଭା ପ୍ରାର୍ଥିନୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଭବାନୀପାଟଣା କଂଗ୍ରେସ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଏମ୍. ରାମପୁର ଶ୍ରୀରାମକୃଷ୍ଣ ଆଶ୍ରମ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଖଡ଼ିଆଳ ବ୍ଲକ ବରଗାଁଠାରେ, ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ
- ଘଣ୍ଟାପଡା ଡିଗ୍ରୀ କଲେଜରେ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା,ସ୍ଥାନ: ଘଣ୍ଟପଡା କଲେଜ ପରିସର: ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ଅବସରରେ କଳସ ଶୋଭାଯାତ୍ରା, ସ୍ଥାନ: ବନ୍ଧଗୋରା ଶିବ ମନ୍ଦିର ପରିସର, ସମୟ: ସକଳା ୯ଟା।

## ଦେବଗଡ଼
- ଜିଲା କଂଗ୍ରେସ ପକ୍ଷରୁ ବୈଠକ,ସ୍ଥାନ:ବାରକୋଟ ବ୍ଲକ ମଧପୂର,ସମୟ: ଅପରାହ୍ନ ୧୦ଟା।
- ଶ୍ରୀରାମ କଥା, ପ୍ରବଚନ,ସ୍ଥାନ: ଦେବଗଡ଼ ଲାଲୁ ସାହି, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ
- ନିରୋଜ ନଳିନୀ ମହାଳିକଙ୍କ ପକ୍ଷରୁ ଖବରଦାତା ସମ୍ମଳନୀ, ସ୍ଥାନ: ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍ ମଣ୍ଡପ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- କେନ୍ଦ୍ରମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଂଶୁଘାତ ପାଇଁ କଣ୍ଟ୍ରୋଲ ରୁମ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ରାଜନୈତିକ ଦଳ ସହ ସମୀକ୍ଷା ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ ଅପରାହ୍ନ ୪ଟା ୩୦।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ଶ୍ରମିକ ୟୁନିୟନ ପକ୍ଷରୁ ଶ୍ରମିକ ସମାବେଶ, ସ୍ଥାନ: ମଧୁବନ ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ଖବରଦାତା ମହେନ୍ଦ୍ର ପରିଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ନୂଆ କଲ୍ୟାଣ ମଣ୍ଡପ, ମଧୁବନ ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ପଞ୍ଚୁଦୋଳ ଯାତ୍ରା ମହୋତ୍ସବର ୫ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍‌ର ବନମାଳୀପୁର ମେଳଣ ପଡ଼ିଆ, ସମୟ: ସକାଳ ୮ଟା।
- ପଞ୍ଚୁଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ମେଡ଼ିକାଲ ପଡିଆ, ସମୟ:ସକାଳ ୯ଟା।

## କେନ୍ଦ୍ରାପଡ଼ା
- ଶିରିଡି ସାଇବାବା ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ବଡକୂଳ, ଦଶମଉଜା, ସମୟ: ସକାଳ ୮ଟା।
- ଶ୍ରୀରାଧାକୃଷ୍ଣଙ୍କ ଉପଲକ୍ଷେ ନାମ ଯଜ୍ଞ, ସ୍ଥାନ: ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା,ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି କର୍ମସ୍ଥାନରେ ଚନ୍ଦ୍ର ଯୋଗୁ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ଅଶ୍ୱିନୀ ନକ୍ଷତ୍ର ଭୁଲ୍ ବୁଝାମଣାବଶତଃ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ଅଫିସରେ ସ୍ଥଗିତ କାମ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** ରବି ଓ ରାହୁଙ୍କ ସଂଯୋଗଜନିତ ଅର୍ଥ ସମ୍ପର୍କକୁ ନେଇ ଆତ୍ମୀୟମାନେ କଳହ ସୃଷ୍ଟି କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ। କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି, ଯାହାଦ୍ୱାରା କି କାମଟି ଅପୂର୍ଣ୍ଣ ରହିଯାଇପାରେ। କୌଣସି ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କ ଅର୍ଥର ଆବଶ୍ୟକତା ଦେଖାଦେବ।

**ମିଥୁନ** ମୃଗଶିରା ନକ୍ଷତ୍ର ପାଇଁ ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ଫାଇଦା ହାସଲ ଲାଗି ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲ କଷ୍ଟକର ହୋଇପଡ଼ିବ। ପରିବାରରେ ପରିସ୍ଥିତିକୁ ଯଥାସାଧ୍ୟ ନିୟନ୍ତ୍ରଣ ମଧ୍ୟରେ ରକ୍ଷା କରିବାରେ ସମର୍ଥ ହେବେ। ଆର୍ଥିକ ଦିଗରୁ ଯେତେ ପାଇଲେ ମଧ୍ୟ ଅଭାବ ପିଛା ଛାଡ଼ିବ ନାହିଁ।

**କର୍କଟ** ଦୈହିକ ଦୁର୍ବଳତା ଯୋଗୁ ମନବଳ ଦୁର୍ବଳ ରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ପୁନର୍ବସୁ ନକ୍ଷତ୍ର ଆଜିର ଆନୁଷ୍ଠାନିକ କାମରୁ ଖୁସି ରହିବେ। କର୍ମକ୍ଷେତ୍ର, ପ୍ରକାଶନ, ମନୋରଞ୍ଜନ, ସାହିତ୍ୟଚର୍ଚ୍ଚା, ସଭାସମିତି, ଆଲୋଚନା ଦିଗଟି ପ୍ରଶସ୍ତ ରହିବ। ବ୍ୟବସାୟିକ କ୍ଷେତ୍ର ମନ୍ଦ ହେବନି କିନ୍ତୁ ଆଶାନୁରୂପ ନ ହେବା କାରଣରୁ ମନ ଭଲ ରହି ନ ପାରେ।

**ସିଂହ** ମଙ୍ଗଳ ଯୁକ୍ତ ଶନିଶ୍ଚର, ଚନ୍ଦ୍ରଙ୍କ ଉପଚୟସ୍ଥ ଯୋଗୁ ପରିସ୍ଥିତିର ବିଷମତା ହେତୁ ଓହରି ଆସିପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ବୃଦ୍ଧିପାଇବା ଚିନ୍ତାଜନକ ସ୍ଥିତି ଉତ୍ପନ୍ନ କରିବ। ବନ୍ଧୁଙ୍କ ନିମନ୍ତ୍ରଣକୁ ଉପେକ୍ଷା କରି ନ ପାରି ଦୂରଯାତ୍ରା କରିବାକୁ ପଡିପାରେ। ପରୋକ୍ଷ ଶତ୍ରୁତା ଯୋଗୁ ଆଜିର କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** ଲାଭାଧିପ କୋଣଭାବସ୍ଥ ରହିଥିବାରୁ ଆଜିର ଆଲୋଚନା ଫଳପ୍ରଦ ହେବ। କଥା ଓ କାର୍ଯ୍ୟରେ ତାଳମେଳ ନ ରହିବା ହେତୁ ସର୍ବସାଧାରଣରେ ସମାଲୋଚନାର ଶରବ୍ୟ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ପ୍ରିୟ ବ୍ୟକ୍ତିଙ୍କ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। କର୍ମକ୍ଷେତ୍ରରେ ଅସଲ ଉଦ୍ଦେଶ୍ୟ ସାଧିତ ନ ହୋଇପାରେ।

**ତୁଳା** କେନ୍ଦ୍ରସ୍ଥ କର୍ମାଧିପ ଏକାଧାରରେ ପାରିବାରିକ ଶାନ୍ତି ସହ କର୍ମକ୍ଷେତ୍ରକୁ ସମସ୍ୟାମୁକ୍ତ କରାଇବ। ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ଅର୍ଥସଙ୍କଟ ମଧ୍ୟ ବିଶାଖାର ମାନସିକ ଅଶାନ୍ତିର କାରଣ ହୋଇପାରେ। ଦିନଟିରେ ଯାହା ଉପରେ ଭରସା କରିବେ ସେହି ବ୍ୟକ୍ତି ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟି ଯିବାର ଆଶଙ୍କା ରହିଛି।

**ବିଛା** ପରିସ୍ଥିତିର ବିଡ଼ମ୍ବନା ଯୋଗୁ ପ୍ରିୟ ବ୍ୟକ୍ତିଙ୍କର ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇଯିବ। ଅନୁରାଧା ନକ୍ଷତ୍ର ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ଗଠନମୂଳକ କାର୍ଯ୍ୟ ମନ୍ଥର ହୋଇପାରେ। ଆଜିର ଯାତ୍ରା ସମୟରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନ ସୁଖରେ କଟିବ।

**ଧନୁ** ଧନଭାବସ୍ଥ ଚନ୍ଦ୍ର ପ୍ରଭାବରୁ ଆଶା କରି ନ ଥିବା ଦିଗରୁ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ଜମିଜମା, ନୂତନ ପ୍ରକଳ୍ପ, ପ୍ରଶାସନ, ପ୍ରଶାସନିକ ସ୍ତରରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇପାରନ୍ତି।

**ମକର** ଚନ୍ଦ୍ରଙ୍କ ସୁପ୍ରଭାବରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମି ଯିବାରୁ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ନିଜର ଅପରିଣାମଦର୍ଶିତା କାରଣରୁ କେତେକ କାମ କରି ସମସ୍ୟାକୁ ଡାକି ଆଣିପାରନ୍ତି। ଆମଦାନୀ କାରବାର ବାଧାପ୍ରାପ୍ତ ହେବା କାରଣରୁ କ୍ଷତିର ଆଶଙ୍କା ରହିଛି। ଉପରିସ୍ଥଙ୍କ ଆଦେଶକୁ ମାନିବାକୁ ବାଧ୍ୟ ହେବେ।

**କୁମ୍ଭ** ଶନି କ୍ଷେତ୍ରସ୍ଥ ମଙ୍ଗଳ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ସହ କାର୍ଯ୍ୟହାନିର ଅସନ୍ତୋଷ ମାନସିକ ଅଶାନ୍ତିର କାରଣ ହେବ। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଆଲୋଚନା କରିବା ଠିକ୍ ହେବନି। ନିଜ ଅସଫଳତାର କାରଣ ଖୋଜିବାକୁ ଯାଇ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ସାମ୍ବାଦିକତା, କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜିବେ।

**ମୀନ** ଆଜିର କର୍ମକ୍ଷେତ୍ରରେ ପରିସ୍ଥିତି ସହ ଲଢ଼େଇ କରି ଦକ୍ଷତା ପ୍ରତିପାଦନ କରିପାରିବେ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ରାଜନୀତି କ୍ଷେତ୍ରରୁ ସୁଫଳ ମିଳିବ। ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ପାରିବାରିକ ଓ କର୍ମକ୍ଷେତ୍ର ପ୍ରାୟତଃ ମଧ୍ୟମ ଧରଣର ରହିବ। ମାଲିମକଦ୍ଦମା, ଜମିଜମା ଓ ବାଣିଜ୍ୟିକ କାରବାର ମନ୍ଦ ହେବନି।

ଆଜି ଏପ୍ରିଲ ୩ ତାରିଖ, ଚୈତ୍ର କୃଷ୍ଣ ନବମୀ ବୁଧବାର, ରାଶିନକ୍ଷତ୍ର–ଉତ୍ତରାଷାଢ଼ା/ମକର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୨ମି. ମଧ୍ୟେ ଘ.୦୭.୨୦ମି. ଗତେ, ଘ.୧୦.୧୮ମି. ମଧ୍ୟେ ଘ.୧୧.୨୫ମି. ଗତେ, ଘ.୦୫.୫୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

**ପ୍ରଥମ ପୃଷ୍ଠାରୁ...**

## ପ୍ରମାଣବିହୀନ ସଜା...

ନ ଥିବା ଦର୍ଶାଇ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ନିଜ ଗିରଫଦାରିକୁ ଚ୍ୟାଲେଞ୍ଜ କରିବା ସହ ଜାମିନ ପ୍ରଦାନ ପାଇଁ ଆବେଦନ କରିଥିଲେ। କିନ୍ତୁ ଇଡି ତାଙ୍କ ଜାମିନ ଆବେଦନକୁ ବିରୋଧ କରିବାରୁ ସଞ୍ଜୟ ତିହାର ଜେଲରୁ ମୁକୁଳିପାରି ନ ଥିଲେ। ସେତେବେଳେ ଇଡି ଯୁକ୍ତି ବାଢ଼ିଥିଲା, ଉଚ୍ଛେଦ ହୋଇସାରିଥିବା ୨୦୨୧–୨୨ର ଅବକାରୀ ନୀତି ଦୁର୍ନୀତିରେ ସଞ୍ଜୟଙ୍କ ପ୍ରଚ୍ଛନ୍ନ ଭୂମିକା ଥିଲା। ସଞ୍ଜୟ ସାଉଥ୍ ଗ୍ରୁପ୍‌ଠାରୁ ଲାଞ୍ଚ ନେଇ ଏହି ମଦ ବ୍ୟବସାୟୀ ଗୋଷ୍ଠୀକୁ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଅହେତୁକ ଅନୁଗ୍ରହ ଦେଖାଇଥିଲେ। ଏଥିପାଇଁ ସେମାନଙ୍କୁ ସୁହାଇବା ଭଳି ଏହି ନୀତିରେ ପରିବର୍ତ୍ତନ କରାଯାଇଥିଲା। ଏପରି କି ସେ ଅନ୍ୟମାନଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିଲେ, ଯାହାକି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଏଫ୍‌ଆଇଆର୍‌ରୁ ସ୍ପଷ୍ଟ ହୋଇଛି। ସଞ୍ଜୟ ଓ ଅନ୍ୟ ଅଭିଯୁକ୍ତମାନଙ୍କ ଯୋଗୁ ଦିଲ୍ଲୀ ରାଜକୋଷକୁ ଅନେକ ଶହ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିବା ଇଡି କହିଥିଲା। ହାଇକୋର୍ଟରେ ନିରାଶ ହେବା ପରେ ସଞ୍ଜୟ ଇଡି କାର୍ଯ୍ୟାନୁଷ୍ଠାନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତରେ ଅପିଲର ଶୁଣାଣି ବେଳେ ସଞ୍ଜୟଙ୍କ ଓକିଲ ଅଭିଷେକମନୁ ସିଂଘଭୀ କହିଥିଲେ, ଅଭିଯୁକ୍ତରୁ ରାଜସାକ୍ଷୀ ପାଲଟିଥିବା ଦୀନେଶ ଆରୋରାଙ୍କ ବୟାନ ଆଧାରରେ ତାଙ୍କ ମହକିଲଙ୍କୁ ଗିରଫ କରାଯାଇଛି। ଇଡି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ସଞ୍ଜୟଙ୍କୁ ଜାମିନ ଦିଆଗଲେ ଆପତ୍ତି ନାହିଁ ବୋଲି କହିଥିଲେ। ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଦୀପଙ୍କର ଦତ୍ତା ଏବଂ ପି.ବି. ଭରାଲେଙ୍କ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି, ସଞ୍ଜୟ ନିଜ ପ୍ରାରମ୍ଭିକ ବୟାନରେ ସଞ୍ଜୟଙ୍କ ବିରୋଧରେ ସାକ୍ଷ୍ୟ ପ୍ରଦାନ କରି ନ ଥିଲେ। ସେ ନିଜ ଦଶମ ବୟାନରେ ସଞ୍ଜୟଙ୍କୁ ଅଭିଯୁକ୍ତ ଦର୍ଶାଇଥିଲେ। ଏପରି କି ୬ ମାସ ବିତିଯିବା ପରେ ମଧ୍ୟ ଇଡି ଜବତ ଟଙ୍କା ଦେଖାଇପାରି ନାହିଁ। ତେଣୁ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୪୫ ଅନୁସାରେ ସେ କୌଣସି ଅପରାଧ କରିନାହାନ୍ତି। ସଞ୍ଜୟଙ୍କୁ ରାଜନୈତିକ କାର୍ଯ୍ୟରେ ଯୋଗଦେବାକୁ ଅନୁମତି ଦିଆଯାଉଛି। ତେବେ ସେ ଏହି ମାମଲା ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ। ସମ୍ପୂର୍ଣ୍ଣ ବିଚାର ଶେଷ ହେବା ଯାଏ ସଞ୍ଜୟ ଜେଲ ବାହାର ରହିବେ। ସ୍ୱତନ୍ତ୍ର କୋର୍ଟ ଜାମିନର ନିୟମ ଓ ସର୍ତ୍ତାବଳୀ ଧାର୍ଯ୍ୟ କରିବେ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରକାଶ ଯେ, ଏହି ମାମଲାରେ ଆପ୍‌ର ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆ ଏବେ ଜେଲରେ ଅଛନ୍ତି। ଏପ୍ରିଲ ୧୯ରୁ ୭ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ମେ’ ୨୫ରେ ଦିଲ୍ଲୀରେ ମତଦାନ ହେବ। ଏହା ପୂର୍ବରୁ ଆପ୍ ନେତା ସଞ୍ଜୟଙ୍କୁ ସୁପ୍ରିମକୋର୍ଟ ଆଶ୍ୱସ୍ତି ପ୍ରଦାନ କରିଛନ୍ତି।

## ଭାଜପାରେ ନ ମିଶିଲେ...

ଧମକ ଦିଆଯାଇଛି ବୋଲି ମଙ୍ଗଳବାର ଦିଲ୍ଲୀ ମନ୍ତ୍ରୀ ଆତିଶୀ ମାର୍ଲେନା ଅଭିଯୋଗ ଆଣିଛନ୍ତି। ତେବେ ଆତିଶୀଙ୍କ ଏହି ଅଭିଯୋଗକୁ ଭାଜପା ଖଣ୍ଡନ କରିବା ସହ ସେ ମିଛ କହୁଥିବା ସମାଲୋଚନା କରିଛି। ଏକ ଖବରଦାତା ସମ୍ମିଳନୀରେ ଆତିଶୀ କହିଛନ୍ତି, ତାଙ୍କ ସମେତ ଦିଲ୍ଲୀ ମନ୍ତ୍ରୀ ସୌରଭ ଭରଦ୍ୱାଜ, ବିଧାୟକ ଦୁର୍ଗେଶ ପାଠକ, ରାଜ୍ୟ ସଭା ସଦସ୍ୟ ରାଘବ ଚଡ୍ଢାଙ୍କୁ ଗିରଫ କରିବା ପାଇଁ ଇଡି ପ୍ରସ୍ତୁତି ଚଳାଇଛି। କେନ୍ଦ୍ରୀୟ ଏଜେନ୍ସି କିଛି ଦିନ ମଧ୍ୟରେ ତାଙ୍କର ଓ ତାଙ୍କ ସମ୍ପର୍କୀୟମାନଙ୍କ ଘରେ ଚଢ଼ାଉ କରିବ। ଏହା ପରେ ସମନ ପଠାଯିବ ଏବଂ ଗିରଫ କରାଯିବ ବୋଲି ଆତିଶୀ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିଜ ପଦରୁ ଇସ୍ତଫା ଦେବାର କୌଣସି କାରଣ ନାହିଁ। କାରଣ ଅବକାରୀ ନୀତି ମାମଲାର ଚାର୍ଜଶିଟ୍‌ରେ ତାଙ୍କ ନାମ ଉଲ୍ଲେଖ କରାଯାଇ ନାହିଁ କି ସେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ଦିଲ୍ଲୀ ବିଧାନସଭାରେ କେଜ୍‌ରିୱାଲଙ୍କ ସପକ୍ଷରେ ସଂଖ୍ୟାଗରିଷ୍ଠତା ରହିଛି। ଯଦି ସେ ଇସ୍ତଫା ଦିଅନ୍ତି, ତେବେ ସରକାରଗୁଡ଼ିକର ପତନ ଘଟାଇ ମୁଖ୍ୟମନ୍ତ୍ରୀମାନଙ୍କୁ ଜେଲ ପଠାଇବା ସକାଶେ ଏହା ଭାଜପା ପାଇଁ ଏକ ଆଧାର ହୋଇଯିବ। କେବଳ କେଜ୍‌ରିୱାଲଙ୍କୁ ଜେଲ ପଠାଇଦେଲେ ଆପ୍‌କୁ ଭାଙ୍ଗିହେବ ନାହିଁ ବୋଲି ଭାଜପା ବୁଝିସାରିଛି। ତେଣୁ ବର୍ତ୍ତମାନ ତାଙ୍କ ସମେତ ଦ୍ୱିତୀୟ ଧାଡ଼ିର ୪ ନେତାଙ୍କୁ ଗିରଫ କରିବା ପାଇଁ ଲକ୍ଷ୍ୟ ରଖିଛି। ଭାଜପା ପକ୍ଷରୁ ତାଙ୍କର ଜଣେ ଅତି ଘନିଷ୍ଠ ବ୍ୟକ୍ତି ଯୋଗାଯୋଗ କରିଥିଲେ। ନିଜ ରାଜନୈତିକ କ୍ୟାରିୟରର ସୁରକ୍ଷା ପାଇଁ ଭାଜପାରେ ମିଶନ୍ତୁ। ନଚେତ ମାସକ ମଧ୍ୟରେ ଗିରଫ ହେବେ ବୋଲି ବ୍ୟକ୍ତି ଜଣକ ତାଙ୍କୁ କହିଥିଲେ। କେଜ୍‌ରିୱାଲଙ୍କ ଗିରଫଦାରି ପ୍ରତିବାଦରେ ଦିଲ୍ଲୀର ରାମଲୀଳା ମଇଦାନରେ ରବିବାର ଇଣ୍ଡିଆ ବ୍ଲକ୍ ପକ୍ଷରୁ ଆୟୋଜିତ ‘ଲୋକତନ୍ତ୍ର ବଚାଓ’ ରାଲିର ସଫଳତାକୁ ନେଇ ଭାଜପା ଚିନ୍ତିତ ହୋଇପଡ଼ିଛି। ଭାଜପାର ଏଭଳି ଧମକକୁ ନେଇ ଆମେ ଆଦୌ ଭୟଭୀତ ନୋହୁଁ। ଆମେ କେଜ୍‌ରିୱାଲଙ୍କ ସୈନ୍ୟ ଏବଂ ଶହୀଦ ଭଗତ ସିଂଙ୍କ ଶିଷ୍ୟ। ଦେଶକୁ ବଞ୍ଚାଇ ଓ ଲୋକଙ୍କ ଉନ୍ନତି କରିବା ପାଇଁ ଶେଷ ପର୍ଯ୍ୟନ୍ତ ଆପ୍‌ର ସ୍ୱେଚ୍ଛାସେବୀ ଭାବେ ଲଢ଼େଇ କରିବୁ ବୋଲି ଆତିଶୀ କହିଛନ୍ତି। ସେହିପରି ସୌରଭ ଭରଦ୍ୱାଜ କହିଛନ୍ତି, ଆତିଶୀଙ୍କୁ ଦିଆଯାଇଥିବା ଅଫର୍ ଏକ ‘ଖୋଲା ଧମକ’। କେଜ୍‌ରିୱାଲଙ୍କ ସମେତ ୪ ଜଣ ନେତାଙ୍କୁ ଗିରଫ କରାଯିବା ସତ୍ତ୍ୱେ ଆପ୍ ତିଷ୍ଠି ରହିଛି। ତେଣୁ ଭାଜପା ଆଉ ୪ ଜଣଙ୍କୁ ଜେଲକୁ ପଠାଇବା ପାଇଁ ଯୋଜନା କରିଛି ବୋଲି ସେ ଅଭିଯୋଗ ଆଣିଛନ୍ତି।

ପ୍ରକାଶ ଯେ, ଉଚ୍ଛେଦ ହୋଇସାରିଥିବା ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରିଥିଲା। ଇଡି ରିମାଣ୍ଡ ଶେଷ ହେବା ପରେ ରାଉଜ୍ ଆଭେନ୍ୟୁ କୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତ (ତିହାର ଜେଲ)କୁ ପଠାଇଛନ୍ତି। ପଚରାଉଚରା ବେଳେ କେଜ୍‌ରିୱାଲ ଏହି ଦୁର୍ନୀତି ମାମଲାରେ ଆତିଶୀ ଓ ସୌରଭଙ୍କ ନାମ ପ୍ରଘଟ କରିଥିବା ଇଡି ପକ୍ଷରୁ ସୋମବାର କୁହାଯାଇଥିଲା। ଅନ୍ୟପକ୍ଷେ ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଜାରି ପାଇଁ କେନ୍ଦ୍ର ସରକାର ଏପରି କରାଉଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି।

## ୬୩ ପୁରୁଣା...

ବ୍ରଜରାଜନଗର ଆସନରୁ ଟିକେଟ ମିଳିଛି। ନୂଆପଡ଼ା ଆସନରେ ପୂର୍ବତନ ରାଜ୍ୟ ସଭାପତି ତଥା କଳାହାଣ୍ଡି ଏମ୍‌ପି ଥିବା ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ କୁମାର ପଣ୍ଡାଙ୍କୁ ଦଳ ଟିକେଟ ଦେଇଛି। ଭବାନୀପାଟଣା ଆସନରୁ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ଦଳ ଟିକେଟ ଦେଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏଥର ଚାନ୍ଦବାଲି ଆସନରୁ ନିର୍ବାଚନ ଲଢ଼ିବେ। ବଡମ୍ବା ବିଧାନସଭା ଆସନରୁ ପୂର୍ବତନ ଇନ୍‌କମ ଟ୍ୟାକ୍ସ କମିଶନର ସମ୍ବିତ ତ୍ରିପାଠୀଙ୍କୁ ଦଳ ଟିକେଟ ଦେଇଛି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପୁଣିଥରେ ସମ୍ବଲପୁର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ନିକଟରେ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିବା ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁ ଦିଗପହଣ୍ଡି ଏବଂ ଆକାଶ ଦାସ ନାଏକଙ୍କୁ କୋରେଇ ଆସନରୁ ଦଳ ପ୍ରାର୍ଥୀ କରିଛି। ଜୟଦେବ ନିର୍ବାଚନମଣ୍ଡଳୀରୁ ଅରବିନ୍ଦ ଢାଲିଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ନିକଟରେ ଭାଜପାରେ ଯୋଗ ଦେଇଥିବା ପ୍ରିୟଦର୍ଶୀ ମିଶ୍ରଙ୍କୁ ଦଳ ଉତ୍ତର–ଭୁବନେଶ୍ୱର ଆସନରୁ ପ୍ରାର୍ଥୀ କରିଛି। ତେବେ ଗତଥର ହିଞ୍ଜିଳିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଭାଜପାରୁ ପୀତାମ୍ବର ଆଚାର୍ଯ୍ୟ ପ୍ରାର୍ଥୀ ହୋଇଥିବାବେଳେ ଏଥର ତାଙ୍କ ବଦଳରେ ଶିଶିର ମିଶ୍ରଙ୍କୁ ପ୍ରାର୍ଥୀ କରାଯାଇଛି। ଭାଜପା ପକ୍ଷରୁ ପ୍ରକାଶ ପାଇଥିବା ୧୧୨ଜଣିଆ ତାଲିକା ମଧ୍ୟରୁ ସର୍ବାଧିକ ଗଞ୍ଜାମ ଜିଲାର ୧୨ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିସାରିଛି। ତେବେ ଭାଜପା ଏବଂ ବିଜେଡିରୁ ଆସି ଦଳରେ ମିଶିଥିବା ବିଧାୟକମାନଙ୍କୁ ମିଶାଇଲେ ମୋଟ୍ ୧୮ ଜଣ ବିଧାୟକଙ୍କୁ ଟିକେଟ ଦିଆଯାଇଛି।

ଭାଜପା ପକ୍ଷରୁ ଘୋଷଣା ହୋଇଥିବା ତାଲିକାରେ ମୋଟ ୮ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ଏହା ମୋଟ ତାଲିକାର ୭.୧୪ ପ୍ରତିଶତ ହେବ। ବାକି ୩୫ ଆସନରେ ଦଳ ପ୍ରାର୍ଥୀ ଘୋଷଣା କରିନାହିଁ। ଏହାସହ ବିଜେଡିରୁ ଆସିଥିବା ଆହୁରି ବହୁ ନେତାଙ୍କୁ ଦଳ ଏପର୍ଯ୍ୟନ୍ତ ଟିକେଟ ଦେଇ ନ ଥିବାବେଳେ ବାକିଥିବା ଆସନରେ ଥଇଥାନ କରିବ ବୋଲି ଜଣାପଡ଼ିଛି। ଅରିନ୍ଦମ ରାୟ, ଅନୁଭବ ମହାନ୍ତି, ଦେବାଶିଷ ନାଏକଙ୍କୁ ଦଳ ଏପର୍ଯ୍ୟନ୍ତ ଟିକେଟ ଦେଇନାହିଁ। ହେଲେ ଗତ ଧାମନଗର ଉପନିର୍ବାଚନ ସମୟରେ ବିଜେଡିରୁ ବିଦ୍ରୋହୀ ସାଜିଥିବା ରାଜୁ ଦାସଙ୍କୁ ସୋର ବିଧାନସଭା ଆସନରୁ ଦଳ ପ୍ରାର୍ଥୀ କରିଛି। କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଏଥର ଲୋକ ସଭା ପ୍ରାର୍ଥୀ କରାଯାଇ ନ ଥିବାବେଳେ ଏପର୍ଯ୍ୟନ୍ତ ବିଧାନସଭା ଟିକେଟ ମଧ୍ୟ ମିଳି ନ ଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଭୁବନେଶ୍ୱର ଏକାମ୍ର ଆସନରୁ ବାବୁ ସିଂ, ମଧ୍ୟରୁ ଜଗନ୍ନାଥ ପ୍ରଧାନଙ୍କୁ ଦଳ ଆଉଥରେ ରିପିଟ୍ କରିଥିବା ବେଳେ ଉତ୍ତର ଆସନରେ ଦଳ ପ୍ରିୟଦର୍ଶୀଙ୍କୁ ଟିକେଟ ଦେଇଛି। ସେହିପରି ପୁରୀ ବିଧାନସଭା କ୍ଷେତ୍ରରେ ଜୟନ୍ତ ଷଡ଼ଙ୍ଗୀଙ୍କୁ ଦଳ ଟିକେଟ ଦେଇଥିବା ବେଳେ ବ୍ରହ୍ମଗିରି ଆସନରୁ ବିଧାୟକ ଥିବା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କୁ ପରିବର୍ତ୍ତନ କରି ତାଙ୍କ ଝିଆରୀ ଉପାସନା ମହାପାତ୍ରଙ୍କୁ ଦଳ ଟିକେଟ ଦେଇଛି। ତେବେ ବିଜେଡିରୁ ଆସି ସାମିଲ ହୋଇଥିବା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଦଳ କେଉଁ ଆସନରୁ ପ୍ରାର୍ଥୀ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଚର୍ଚ୍ଚା ଅନୁଯାୟୀ ପ୍ରଶାନ୍ତ ଖୋର୍ଦ୍ଧାରୁ ପ୍ରାର୍ଥୀ ହେବାକୁ ଚାହୁଁଥିବା ବେଳେ ଏଠାରେ ଦଳର ପୁରୁଣା ପ୍ରାର୍ଥୀ କେଁ ସୃଷ୍ଟି କରିଛନ୍ତି। ତେଣୁ ପ୍ରଶାନ୍ତଙ୍କୁ ଦଳ କେଉଁଠାରୁ ପ୍ରାର୍ଥୀ କରିବ ସେନେଇ ଚିନ୍ତାରେ ରହିଛି। ନୀଳଗିରି ଆସନରୁ ଭାଜପାରୁ ନିର୍ବାଚନ ଲଢ଼ି ୨୦୧୯ରେ ବିଧାୟକ ହୋଇଥିବା ସୁକାନ୍ତ ନାଏକ ନିକଟରେ ବିଜେଡିରେ ଯୋଗ ଦେଇଛନ୍ତି। ତେଣୁ ଏହି ଆସନରେ ଦଳ କାହାକୁ ପ୍ରାର୍ଥୀ କରିବ ସେନେଇ ଯୋଜନା କରୁଥିବା ଚର୍ଚ୍ଚା ହେଉଛି।

## କଂଗ୍ରେସର ୪୯...

ମାଝି ଓ ତାଙ୍କ ଝିଅ ଲିପିକା ମାଝିଙ୍କୁ ଯଥାକ୍ରମେ ନବରଙ୍ଗପୁର ଲୋକ ସଭା ଓ ଡାବୁଗାଁ ବିଧାନସଭା ଆସନ ପାଇଁ କଂଗ୍ରେସ ଟିକେଟ ଦେଇଛି। ସେହିପରି ଟଙ୍କଧର ସାହୁଙ୍କୁ ପଦ୍ମପୁରରୁ ପ୍ରାର୍ଥୀ କରାଯାଇଥିବାବେଳେ ବିଜେପୁରରୁ କିଶୋର ଦଫାଦାର, ବରଗଡ଼ରୁ ନିପନ ଦାସ, ଭଟଲିରୁ ବ୍ରହ୍ମା ମହାକୁଡ଼, ବ୍ରଜରାଜନଗରରୁ କିଶୋର ପଟେଲ, ତଳସରାରୁ ପ୍ରବୋଧ ତିର୍କି, ସୁନ୍ଦରଗଡ଼ରୁ ସୁଧାରାଣୀ ରାଉଡ଼ିଆ, ରଘୁନାଥପାଲିରୁ ଗୋପାଳ ଦାସ, ରାଉରକେଲାରୁ ବୀରେନ୍ଦ୍ର ନାଥ ପଟ୍ଟନାୟକ, ରାଜଗାଙ୍ଗପୁରରୁ ସି.ଏସ୍. ରାଜନ ଏକ୍କା, ଲୋଇସିଂହାରୁ ଓମ୍ ପ୍ରକାଶ କୁମ୍ଭାର, ପାଟଣାଗଡ଼ରୁ ଅନିଲ ମେହେର, ଉମରକୋଟରୁ ସନରାଜ ଗଣ୍ଡ, ଝରିଗାଁରୁ ହାରାବତୀ ଗଣ୍ଡ, ନବରଙ୍ଗପୁରରୁ ଦିଲୀପ ପ୍ରଧାନୀ, ଜୁନାଗଡ଼ରୁ ତୁଲେଶ୍ୱର ନାଏକ, ଧର୍ମଗଡ଼ରୁ ରଶ୍ମିରେଖା ରାଉତ, ବାଲିଗୁଡ଼ାରୁ ସୁରଦ ପ୍ରଧାନ, ଜି.ଉଦୟଗିରିରୁ ପ୍ରଫୁଲ୍ଲ ପ୍ରଧାନ, ଫୁଲବାଣୀରୁ ପ୍ରତିଭା କହଁର, କଣ୍ଟାମାଳରୁ ମନୋଜ ଆଚାର୍ଯ୍ୟ, ବୌଦ୍ଧରୁ ନବ ମିଶ୍ରଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ଭଞ୍ଜନଗରରୁ ପ୍ରଶାନ୍ତ ବିଷୋୟୀ, ପୋଲସରାରୁ ଅଗସ୍ତି ବରଦା, କବିସୂର୍ଯ୍ୟନଗରରୁ ଚିରଞ୍ଜୀବ ବିଷୋୟୀ, ସୋରଡ଼ାରୁ ହରିକ୍ରିଷ୍ଣା ରଥ, ଚିକିଟିରୁ ରବୀନ୍ଦ୍ର ଦ୍ୟାନସାମନ୍ତରାୟ ଏବଂ ମୋହନାରୁ ଦାଶରଥି ଗମାଙ୍ଗ ପ୍ରାର୍ଥୀ ହୋଇଛନ୍ତି। ଜଣକ ପରେ ଜଣେ ନେତା କଂଗ୍ରେସ ଛାଡୁଥିବାରୁ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ନିକଟରେ ଦୁଇ ଟାଣୁଆ ନେତା ଚିରଞ୍ଜୀବ ବିଶ୍ୱାଳ ଓ ଗଣେଶ୍ୱର ବେହେରା ଦଳ ଛାଡ଼ିଛନ୍ତି। ଚିରଞ୍ଜୀବ ବିଜେଡିରେ ସାମିଲ ହୋଇଥିବା ବେଳେ ଗଣେଶ୍ୱର ମଧ୍ୟ ବିଜେଡିରେ ଖୁବ୍‌ଶୀଘ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଚର୍ଚ୍ଚା ହେଉଛି। ସେହିପରି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଏପରି ସ୍ଥଳେ କଂଗ୍ରେସ ପାଇଁ ଉପଯୁକ୍ତ ପ୍ରାର୍ଥୀ ଯୋଗାଡ଼ କରିବା ବଡ଼ ଚ୍ୟାଲେଞ୍ଜ ହୋଇଥିବା କୁହାଯାଉଛି।

## ୨ ଜିଲାପାଳ, ୬ ଆଇପିଏସ୍...

ଦେଇଥିଲା। ଗତ ନିର୍ବାଚନରେ କେତେକ ସରକାରୀ ଅଫିସର ବିଜେଡି ପାଇଁ କାର୍ଯ୍ୟ କରୁଥିବାର ନଜିର ରହିଥିଲା। ଉକ୍ତ ଅଫିସରଙ୍କ ବିଷୟରେ ନିର୍ବାଚନ କମିଶନ ହୃଦବୋଧ ହେବା ପରେ ବଦଳି ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ କମିଶନଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ନିର୍ବାଚନ ଅବାଧ ଓ ନିରପେକ୍ଷ ହୋଇପାରିବ।

# କଂଗ୍ରେସ ତାଲିକାରୁ ଗମାଙ୍ଗ ପରିବାର ବାଦ୍

**ଗୁଣପୁର,୨।୪ (ପ୍ରଦୀପ କୁମାର ପାଢ଼ୀ)**

କଂଗ୍ରେସ ଏବଂ ଭାଜପା ପକ୍ଷରୁ ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ହୋଇଛି। ୩ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପରିବାରର ରାଜନୈତିକ ଭବିଷ୍ୟତ ନେଇ ପ୍ରଶ୍ନ ଉଠିଛି। କାରଣ ଏହି ତାଲିକାରୁ ଗମାଙ୍ଗ ପରିବାରରୁ କେହି ସ୍ଥାନ ପାଇନାହାନ୍ତି। ଶିଶିର ଗମାଙ୍ଗ ନବରଙ୍ଗପୁରରୁ ଲୋକ ସଭା ପ୍ରାର୍ଥୀ ଏବଂ ଗୁଣପୁରରୁ ହେମା ଗମାଙ୍ଗ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିଲେ। ହେଲେ କଂଗ୍ରେସ ପକ୍ଷରୁ ଉଭୟ ସ୍ଥାନରେ ପ୍ରାର୍ଥୀ ଘୋଷଣା ହେବା ପରେ ସେମାନଙ୍କର ଆଶା ମଉଳି ଯାଇଛି। ବର୍ତ୍ତମାନ ସେମାନେ କ'ଣ କରିବେ ତାକୁ ନେଇ ଉଠିଛି ପ୍ରଶ୍ନ । ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପରିବାର କଂଗ୍ରେସ ଛାଡି ବିଭିନ୍ନ ରାଜନୈତିକ ଦଳକୁ ଯାଇ ଶେଷରେ ଗତ କିଛି ମାସ ପୂର୍ବରୁ କଂଗ୍ରେସକୁ ଫେରିଥିଲେ। ତାଙ୍କ ପରିବାର ପକ୍ଷରୁ ଟିକେଟ ପାଇଁ ଜୋରଦାର ଲବି କରାଯାଇଥିଲା, ଯାହାକୁ ନେଇ ହେମା ଏବଂ ତାଙ୍କ ପୁଅ ଶିଶିର ପ୍ରାର୍ଥୀ ହେବା ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଥିଲା। ହେଲେ ସେମାନଙ୍କର କୌଣସି ରଣକୌଶଳ କାମ ଦେଇ ନ ଥିଲା । ଏମ୍‌ପି ସପ୍ତଗିରିଙ୍କ ପସନ୍ଦର ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ ଗୁଣପୁର ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ହୋଇଛନ୍ତି।

## ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ

କଂଗ୍ରେସ ଗୁଣପୁରରେ ଯୁବନେତା ସତ୍ୟଜିତ୍ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଛି। ସେହିପରି ଭାଜପା ପୂର୍ବତନ ବିଧାୟକ ତଥା ଦଳଡିଆଁ କରିଥିବା ବିଜେଡିର ତ୍ରିନାଥ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସରେ ପ୍ରାର୍ଥୀ ଘୋଷଣା ହେବା ପରେ ଆଶାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିନେ ଦୁଇ ଦିନ ମଧ୍ୟରେ ସେମାନଙ୍କର ପଦକ୍ଷେପ କ'ଣ ହେବ ସେ ଉପରେ ସୂଚନା ଦିଆଯିବ ବୋଲି ଜିଲା ସଭାପତି ବିଜୟ କୁମାର ଗମାଙ୍ଗ କହିଛନ୍ତି। ସେପଟେ ଏଥର ମଧ୍ୟ ଭାଜପା ଦଳଡିଆଁଙ୍କୁ ଗୁରୁତ୍ୱ ଦେଇଛି । ଏଥରକୁ ମିଶାଇ ୩ ଥର ଦଳଡିଆଁଙ୍କୁ ପ୍ରାର୍ଥୀ କରିଛି ଭାଜପା। ୨୦୧୯ରେ ବିଜେଡିରୁ ଆସିଥିବା ଅଶ୍ୱିନୀ ଗମାଙ୍ଗ, ୨୦୧୪ରେ ବିଜେଡିରୁ ଆସିଥିବା ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ ଏବଂ ୨୦୨୪ ନିର୍ବାଚନ ପାଇଁ ବିଜେଡିରୁ ଆସିଥିବା ତ୍ରିନାଥ ଗମାଙ୍ଗ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ଦଳ ନେତୃବୃନ୍ଦଙ୍କ ପକ୍ଷରୁ ଦଳରେ ଥିବା ନେତାଙ୍କୁ ପ୍ରାର୍ଥୀ କରାଯିବ ବୋଲି ଦମ୍ଭୋକ୍ତି କରାଯାଉଥିଲା, କିନ୍ତୁ ସେପରି ହେଲା ନାହିଁ। ଅନେକ ଆଶାୟୀ ଥିଲେ ମଧ୍ୟ ଦଳ ତ୍ରିନାଥଙ୍କ ଉପରେ ଆସ୍ଥା ପ୍ରକଟ କରିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କଂଗ୍ରେସରେ ଜିଲା ସଭାପତି ବିଜୟ ଗମାଙ୍ଗଙ୍କ ସମେତ ତାଙ୍କ ପୁଅ ଅଭିନାଶ ଗମାଙ୍ଗ ଓ ଭାସ୍କର ଜାଗରେଙ୍ଗା ପ୍ରମୁଖ ଆଶାୟୀ ଥିଲେ, କିନ୍ତୁ ସତ୍ୟଜିତଙ୍କୁ ପ୍ରାର୍ଥୀ କରିବା ପରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଜେଡି ପକ୍ଷରୁ ପୂର୍ବରୁ ଗତ ଦୁଇଥରର ପରମ୍ପରାକୁ ଭଙ୍ଗକରି ରିପିଟ ହୋଇଛନ୍ତି ବିଧାୟକ ରଘୁନାଥ ଗମାଙ୍ଗ। ସିପିଆଇଏମଏଲ ଲିବରେଶନ ପକ୍ଷରୁ ଗୁଣପୁର ବିଧାନସଭା ଦାବି କରାଯାଉଥିଲା, କିନ୍ତୁ ସେପରି ହେଲା ନାହିଁ। ତେଣୁ ସେମାନେ ମଧ୍ୟ ତାଙ୍କର ପ୍ରାର୍ଥୀ ଭାବେ ଅନାସିମ ଶବରଙ୍କ ନାଁକୁ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ଘୋଷଣା କରିଛନ୍ତି। ଏପରି ୪ ରାଜନୈତିକ ଦଳ ପକ୍ଷରୁ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହେବା ପରେ ଭୋଜିଭାତ ସହ କର୍ମୀ ସମ୍ମିଳନୀ କରି ରଘୁନାଥ ଗମାଙ୍ଗ ପ୍ରଚାର ଆରମ୍ଭ କରିଛନ୍ତି ।

# କଂଗ୍ରେସ ଛାଡ଼ିଲେ ଗଣେଶ୍ୱର

**କେନ୍ଦ୍ରାପଡ଼ା, ୨।୪ (ଜଗନ୍ନାଥ ଧଳ)**



ଗଣେଶ୍ୱର ବେହେରା

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ମିଡିଆ ପ୍ରଭାରୀ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମଙ୍ଗଳବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ଏକ ଚିଠି ମାଧ୍ୟମରେ ସେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଜଣାଇଛନ୍ତି। ତାଙ୍କର ଏହି ଇସ୍ତଫା ଜିଲା କଂଗ୍ରେସ ପ୍ରତି ପରୋକ୍ଷରେ ଏକ ବଡ଼ ଧରଣର ଆଘାତ ଆଣିଛି। ଦୀର୍ଘଦିନ କଂଗ୍ରେସରେ ରହି ସେ ବିଧାୟକ ଓ ମନ୍ତ୍ରୀ ହୋଇଥିଲେ। ଚଳିତ ନିର୍ବାଚନ ପୂର୍ବରୁ ଦଳୀୟ ସଙ୍ଗଠନକୁ ମଜଭୁତ କରୁଥିବା ବେଳେ ଏହି ଇସ୍ତଫା ରାଜନୈତିକ ହଟଚମଟ ସୃଷ୍ଟି କରିଛି। ସେ ବିଜେଡିରେ ଯୋଗଦେବେ ବୋଲି ନିକଟତମ ମହଲରୁ ସୂଚନା ମିଳିଛି। ତେବେ କେଉଁ ରାଜନୈତିକ ଦଳରେ ଯୋଗଦେଉଥିବା ପ୍ରଶ୍ନରେ ସେ ଚୁପ ରହିଛନ୍ତି। ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫାକୁ ନେଇ ପ୍ରତିକ୍ରିୟାରେ ସେ କହିଛନ୍ତି ଦଳ ତାଙ୍କୁ ଅଣଦେଖା କରି ଆସୁଥିଲା। କଂଗ୍ରେସ ଦଳର ଭଲ ପାଇଁ ପୂର୍ବରୁ ସେ ବହୁ କାର୍ଯ୍ୟ କରିଛନ୍ତି। ମାତ୍ର ବିଭିନ୍ନ ସମୟରେ ଦଳ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇନାହିଁ। ତେବେ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ଥିବା ସମସ୍ୟାର ସମାଧାନ ପାଇଁ କଂଗ୍ରେସ ଛାଡୁଥିବା ସେ କହିଛନ୍ତି। ଏଥିସହ ସେ ମତ ରଖିଛନ୍ତି ଯେ, ପୂର୍ବ ପରି ନିର୍ବାଚନମଣ୍ଡଳୀର ଦାବି ସମ୍ପର୍କରେ ତାଙ୍କ ସ୍ୱର ତୀବ୍ର ରହିବ। ଏଥିପାଇଁ ବିଧାନସଭାରେ ଉପସ୍ଥିତି ଆବଶ୍ୟକ। ସ୍ଥାନୀୟ ଲୋକ ଓ ଶୁଭେଚ୍ଛୁଙ୍କ ପରାମର୍ଶ ମାନି ଦଳ ଛାଡୁଥିବା ସେ ପ୍ରକାଶ କରିଛନ୍ତି। ତେବେ ଗଣେଶ୍ୱରଙ୍କ ଇସ୍ତଫା ନେଇ ଜିଲା ମିଡିଆ ପ୍ରଭାରୀ ପ୍ରଫୁଲ୍ଲ ଦାସ କହିଛନ୍ତି, ଏହା ବିଶେଷ କିଛି କ୍ଷତି ପହଞ୍ଚାଇବ ନାହିଁ। ଗଣେଶ୍ୱର ଦଳ ଛାଡିବା ନେଇ ଗତ ବର୍ଷକ ପୂର୍ବରୁ ଆଲୋଚନା ହେଉଥିଲା। ଚଳିତ ନିର୍ବାଚନରେ ପ୍ରାର୍ଥୀମାନେ ଭଲ ଭୋଟ ସଂଗ୍ରହ କରିବେ ବୋଲି ସେ ମତ ଦେଇଛନ୍ତି।

## ଭାଜପା ବିଧାନସଭା ପ୍ରାର୍ଥୀ ତାଲିକା

| | | | |
|---|---|---|---|
| ପଦମପୁର | ଗୋବର୍ଦ୍ଧନ ଭୁଏ | ଉମରକୋଟ | ନିତ୍ୟାନନ୍ଦ ଗଣ୍ଡ |
| ବିଜେପୁର | ସନତ୍ କୁମାର ଗର୍ତ୍ତିଆ | ନବରଙ୍ଗପୁର | ଗୌରୀଶଙ୍କର ମାଝୀ |
| ବରଗଡ଼ | ଅଶ୍ୱିନୀ କୁମାର ଷଡ଼ଙ୍ଗୀ | ଲାଞ୍ଜିଗଡ଼ | ରମେଶ ମାଝୀ |
| ଅତାବିରା | ନୀହାର ରଞ୍ଜନ ମହାନନ୍ଦ | ଜୁନାଗଡ଼ | ମନୋଜ କୁମାର ମେହେର |
| ଭଟ୍‌ଲୀ | ଇରାଶିଷ୍ ଆଚାର୍ଯ୍ୟ | ଧର୍ମଗଡ଼ | ସୁଧୀର ପାଟ୍ଟଯୋଶୀ |
| ବ୍ରଜରାଜନଗର | ସୁରେଶ ପୂଜାରୀ | ଭବାନୀପାଟଣା | ପ୍ରଦୀପ୍ତ କୁମାର ନାୟକ |
| ଝାରସୁଗୁଡ଼ା | ଟଙ୍କଧର ତ୍ରିପାଠୀ | ନର୍ଲା | ଅନିରୁଦ୍ଧ ପ୍ରଧାନ |
| ତଳସରା | ଭବାନୀ ଶଙ୍କର ଭୋଇ | ବାଲିଗୁଡା | କଳ୍ପନା କହଁର |
| ସୁନ୍ଦରଗଡ଼ | କୁସୁମ ଟେଟେ | ଜି. ଉଦୟଗିରି | ମାନଗୋବିନ୍ଦ ପ୍ରଧାନ |
| ବୀରମିତ୍ରପୁର | ଶଙ୍କର ଓରାମ | ଫୁଲବାଣୀ | ଉମା ମଲ୍ଲିକ |
| ରଘୁନାଥପାଲି | ଦୁର୍ଗା ଚରଣ ତନ୍ତି | କନ୍ଧମାଳ | କହ୍ନେଇ ଚରଣ ଡାଙ୍ଗ |
| ରାଜଗାଙ୍ଗପୁର | ନରସିଂହ ମିଞ୍ଜ୍ | ବୌଦ୍ଧ | ସରୋଜ ପ୍ରଧାନ |
| ବଣାଇଁ | ସେବତୀ ନାୟକ | ବଡ଼ମ୍ବା | ସମ୍ବିତ ତ୍ରିପାଠୀ |
| କୁଚିଣ୍ଡା | ରବିନାରାୟଣ ନାଏକ | ବାଙ୍କୀ | ତୁଷାରକାନ୍ତ ଚକ୍ରବର୍ତ୍ତୀ |
| ରେଙ୍ଗାଲି | ନାଉରୀ ନାୟକ | ଆଠଗଡ଼ | ଅଭୟ ବାରିକ |
| ସମ୍ବଲପୁର | ଜୟନାରାୟଣ ମିଶ୍ର | ଚୌଦ୍ୱାର କଟକ | ନୟନ କିଶୋର ମହାନ୍ତି |
| ରେଢ଼ାଖୋଲ | ଦେବେନ୍ଦ୍ର ମହାପାତ୍ର | ନିଆଳି | ଛବି ମଲ୍ଲିକ |
| ଦେବଗଡ଼ | ସୁବାସ ଚନ୍ଦ୍ର ପାଣିଗ୍ରାହୀ | କଟକ ସଦର | ପ୍ରକାଶ ଚନ୍ଦ୍ର ସେଠୀ |
| ଆନନ୍ଦପୁର | ଆଲୋକ କୁମାର ସେଠୀ | ମାହାଙ୍ଗା | ସୁମନ୍ତ କୁମାର ଘଡ଼େଇ |
| କେନ୍ଦୁଝର | ମୋହନ ଚରଣ ମାଝୀ | ପାଟକୁରା | ତେଜେଶ୍ୱର ପରିଡ଼ା |
| ଯଶୀପୁର | ଗଣେଶରାମ ସିଂହ ଖୁଣ୍ଟିଆ | ଆଳି | କୃଷ୍ଣଚନ୍ଦ୍ର ପଣ୍ଡା |
| ଉଦଳା | ଭାସ୍କର ମଢ଼େଇ | ମହାକାଳପଡ଼ା | ଦୁର୍ଗା ପ୍ରସନ୍ନ ନାୟକ |
| ବଡ଼ସାହି | ସନାତନ ବିଜୁଳି | ପାରାଦୀପ | ସମ୍ପଦ ସ୍ୱାଇଁ |
| ବାରିପଦା | ପ୍ରକାଶ ସୋରେନ | ତିର୍ତ୍ତୋଲ | ରାଜକିଶୋର ବେହେରା |
| ମୋରଡ଼ା | କୃଷ୍ଣଚନ୍ଦ୍ର ମହାପାତ୍ର | ନିମାପଡ଼ା | ପ୍ରଭାତୀ ପରିଡ଼ା |
| ଜଳେଶ୍ୱର | ବ୍ରଜ ପ୍ରଧାନ | ପୁରୀ | ଜୟନ୍ତ ଷଡ଼ଙ୍ଗୀ |
| ବାଲେଶ୍ୱର | ମାନସ କୁମାର ଦତ୍ତ | ବ୍ରହ୍ମଗିରି | ଉପାସନା ମହାପାତ୍ର |
| ରେମୁଣା | ଗୋବିନ୍ଦ ଚନ୍ଦ୍ର ଦାସ | ସତ୍ୟବାଦୀ | ଓମ୍ ପ୍ରକାଶ ମିଶ୍ର |
| ସୋର | ରାଜେନ୍ଦ୍ର ଦାସ | ପିପିଲି | ଆଶ୍ରିତ ପଟ୍ଟନାୟକ |
| ସିମୁଳିଆ | ପଦ୍ମଲୋଚନ ପଣ୍ଡା | ଜୟଦେବ | ଅରବିନ୍ଦ ଢାଲି |
| ଭଦ୍ରକ | ସିତାଂଶୁ ଶେଖର ମହାପାତ୍ର | ଭୁବନେଶ୍ୱର ମଧ୍ୟ | ଜଗନ୍ନାଥ ପ୍ରଧାନ |
| ଧାମନଗର | ସୂର୍ଯ୍ୟବଂଶୀ ସୂରଜ | ଭୁବନେଶ୍ୱର ଉତ୍ତର | ପ୍ରିୟଦର୍ଶୀ ମିଶ୍ର |
| ଚାନ୍ଦବାଲି | ମନମୋହନ ସାମଲ | ଭୁବନେଶ୍ୱର ଏକାମ୍ର | ବାବୁ ସିଂହ |
| ବିଞ୍ଝାରପୁର | ବବିତା ମଲ୍ଲିକ | ଜଟଣୀ | ବିଶ୍ୱରଞ୍ଜନ ବଡ଼ଜେନା |
| ବଡ଼ଚଣା | ଅମର କୁମାର ନାୟକ | ଚିଲିକା | ପୃଥ୍ୱୀରାଜ ହରିଚନ୍ଦନ |
| ଧର୍ମଶାଳା | ସ୍ମୃତିରେଖା ପହି | ରଣପୁର | ତାପସ ରଞ୍ଜନ ମାର୍ଥା |
| ଯାଜପୁର | ଗୌତମ ରାୟ | ଖଣ୍ଡପଡ଼ା | ଦୁଷ୍ମନ୍ତ ସ୍ୱାଇଁ |
| କୋରେଇ | ଆକାଶ ଦାସ ନାୟକ | ଦଶପଲ୍ଲା | ରାଘବ ମଲ୍ଲିକ |
| ସୁକିନ୍ଦା | ପ୍ରଦୀପ ବଳସାମନ୍ତ | ନୟାଗଡ଼ | ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ |
| ଢେଙ୍କାନାଳ | କୃଷ୍ଣଚନ୍ଦ୍ର ପାତ୍ର | ଭଞ୍ଜନଗର | ପ୍ରଦ୍ୟୁମ୍ନ କୁମାର ନାୟକ |
| କାମାକ୍ଷାନଗର | ଶତ୍ରୁଘ୍ନ ଜେନା | ପୋଲସରା | ଗୋକୁଳାନନ୍ଦ ମଲ୍ଲିକ |
| ପରଜଙ୍ଗ | ବିଭୂତି ଭୂଷଣ ପ୍ରଧାନ | କବିସୂର୍ଯ୍ୟନଗର | ପ୍ରତାପ ଚନ୍ଦ୍ର ନାୟକ |
| ପାଲଲହଡ଼ା | ଅଶୋକ ମହାନ୍ତି | ଖଲ୍ଲିକୋଟ | ପୂର୍ଣ୍ଣଚନ୍ଦ୍ର ସେଠୀ |
| ତାଳଚେର | କାଳନ୍ଦି ଚରଣ ସାମଲ | ଛତ୍ରପୁର | କୃଷ୍ଣଚନ୍ଦ୍ର ନାୟକ |
| ଅନୁଗୋଳ | ପ୍ରତାପ ଚନ୍ଦ୍ର ପ୍ରଧାନ | ଆସିକା | ସରୋଜ ପାଢ଼ୀ |
| ଛେଣ୍ଡିପଦା | ଅଗସ୍ତି ବେହେରା | ସୋରଡ଼ା | ନୀଳମଣି ବିଷୋଇ |
| ଆଠମଲ୍ଲିକ | ସଞ୍ଜୀବ ସାହୁ | ହିଞ୍ଜିଳି | ଶିଶିର ମିଶ୍ର |
| ବୀରମହାରାଜପୁର | ରଘୁନାଥ ଜଗଦଲା | ଗୋପାଳପୁର | ବିଭୂତି ଭୂଷଣ ଜେନା |
| ସୋନପୁର | ପ୍ରମୋଦ ମହାପାତ୍ର | ବ୍ରହ୍ମପୁର | କେ. ଅନିଲ କୁମାର |
| ଲୋଇସିଂହା | ମୁକେଶ ମହାଲିଙ୍ଗ | ଦିଗପହଣ୍ଡି | ସିଦ୍ଧାନ୍ତ ମହାପାତ୍ର |
| ପାଟଣାଗଡ଼ | କନକ ବର୍ଦ୍ଧନ ସିଂହଦେଓ | ଚିକିଟି | ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ |
| ବଲାଙ୍ଗୀର | ଗୋପାଳଜୀ ପାଣିଗ୍ରାହୀ | ପାରଳାଖେମୁଣ୍ଡି | କେ. ନାରାୟଣ ଦେଓ |
| ଟିଟିଲାଗଡ଼ | ନବୀନ ଜୈନ | ଗୁଣପୁର | ତ୍ରିନାଥ ଗମାଙ୍ଗ |
| କଣ୍ଟାବାଞ୍ଜି | ଲକ୍ଷ୍ମଣ ବାଗ୍ | କୋରାପୁଟ | ରଘୁରାମ ମାଛ |
| ନୂଆପଡ଼ା | ଅଭିନନ୍ଦନ କୁମାର ପଣ୍ଡା | ପଟ୍ଟାଙ୍ଗୀ | ଚୈତନ୍ୟ ହନ୍ତାଳ |
| ଖଡ଼ିଆଳ | ହିତେଶ କୁମାର ବଗର୍ତ୍ତି | ମାଲକାନଗିରି | ନରସିଂହ ମାଡ଼କାମୀ |

## କଂଗ୍ରେସ ବିଧାନସଭା ପ୍ରାର୍ଥୀ ତାଲିକା

| | |
|---|---|
| ପଦ୍ମପୁର | ଟଙ୍କଧର ସାହୁ |
| ବିଜେପୁର | କିଶୋର ଦଫାଦାର |
| ବରଗଡ଼ | ବୀପନ କୁମାର ଦାଶ |
| ଭଟ୍‌ଲୀ | ବ୍ରହ୍ମା ମହାକୁଡ଼ |
| ବ୍ରଜରାଜନଗର | କିଶୋର ଚନ୍ଦ୍ର ପଟେଲ |
| ତଳସରା | ପ୍ରବୋଧ ତର୍କି |
| ସୁନ୍ଦରଗଡ଼ | ସୁଧାରାଣୀ ରାଉଡ଼ିଆ |
| ରଘୁନାଥପାଲି | ଗୋପାଳ ଦାସ |
| ରାଉରକେଲା | ବୀରେନ୍ଦ୍ର ନାଥ ପଟ୍ଟନାୟକ |
| ରାଜଗାଙ୍ଗପୁର | ସି.ଏସ୍. ରାଜେନ ଏକ୍କା |
| ଲୋଇସିଙ୍ଗା | ଓମ୍‌ପ୍ରକାଶ କୁମାର |
| ପାଟଣାଗଡ଼ | ଅନିଲ ମେହେର |
| ବଲାଙ୍ଗୀର | ସମରେନ୍ଦ୍ର ମିଶ୍ର |
| କଣ୍ଟାବାଞ୍ଜି | ସନ୍ତୋଷ ସିଂ ସାଲୁଜା |
| ନୂଆପଡ଼ା | ଶରତ ପଟ୍ଟନାୟକ |
| ଉମରକୋଟ | ସନରାଜ ଗଣ୍ଡ |
| ଝରିଗାଁ | ହାରାବତୀ ଗଣ୍ଡ |
| ନବରଙ୍ଗପୁର | ଦିଲୀପ ପ୍ରଧାନୀ |
| ଡାବୁଗାଁ | ଡ. ଲିପିକା ମାଝି |
| ଲାଞ୍ଜିଗଡ଼ | ବଳଭଦ୍ର ମାଝି |
| ଜୁନାଗଡ଼ | ତୁଲେଶ୍ୱର ନାୟକ |
| ଧର୍ମଗଡ଼ | ରଶ୍ମିରେଖା ରାଉତ |
| ଭବାନୀପାଟଣା | ସାଗର ଚରଣ ଦାସ |
| ନର୍ଲା | ଭକ୍ତ ଚରଣ ଦାସ |
| ବାଲିଗୁଡ଼ା | ସୁରଦ ପ୍ରଧାନ |
| ଜି. ଉଦୟଗିରି | ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ |
| ଫୁଲବାଣୀ | ପ୍ରତିଭା କହଁର |
| କନ୍ଧମାଳ | ମନୋଜ କୁମାର ଆଚାର୍ଯ୍ୟ |
| ବୌଦ୍ଧ | ନବ କୁମାର ମିଶ୍ର |
| ଭଞ୍ଜନଗର | ପ୍ରଶାନ୍ତ କୁମାର ବିଶୋଇ |
| ପୋଲସରା | ଅଗସ୍ତି ବରାଡ଼ |
| କବିସୂର୍ଯ୍ୟନଗର | ଚିରଞ୍ଜିବୀ ବିଶୋଇ |
| ସୋରଡ଼ା | ହରିକ୍ରିଷ୍ଣ ରଥ |
| ସାନଖେମୁଣ୍ଡି | ରମେଶ ଚନ୍ଦ୍ର ଜେନା |
| ଚିକିଟି | ରବୀନ୍ଦ୍ର ନାଥ ଦ୍ୟାନ ସାମନ୍ତରାୟ |
| ମୋହନା | ଦାଶରଥି ଗମାଙ୍ଗ |
| ପାରଳାଖେମୁଣ୍ଡି | ବିଜୟ ପଟ୍ଟନାୟକ |
| ଗୁଣୁପୁର | ସତ୍ୟଜିତ ଗମାଙ୍ଗ |
| ବିଷମକଟକ | ନୀଳମାଧବ ହିକ୍କା |
| ରାୟଗଡ଼ା | କାଡ୍ରାକା ଆଲାପାସ୍ୱାମୀ |
| ଲକ୍ଷ୍ମୀପୁର | ପବିତ୍ର ସାଉନ୍ତା |
| କୋଟପାଡ଼ | ଅନାମ ଦିଆନ |
| ଜୟପୁର | ତାରାପ୍ରସାଦ ବାହିନୀପତି |
| କୋରାପୁଟ | କୃଷ୍ଣଚନ୍ଦ୍ର କୁଲଦୀପ |
| ପଟାଙ୍ଗି | ରାମଚନ୍ଦ୍ର କାଡ଼ାମ |
| ମାଲକାନଗିରି | ମାଲା ମାଢ଼ି |
| ଚିତ୍ରକୋଣ୍ଡା | ମଙ୍ଗୁ ଖିଲ |

# ଉଦଳାରେ ଭାଜପା ପ୍ରାର୍ଥୀ ଭାସ୍କରଙ୍କୁ ବିରୋଧ

**ଉଦଳା,୨।୪(ସନ୍ତୋଷ କୁମାର ବାଛିନୀ)**

ଉଦଳା ବିଧାନସଭା କନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ଭାସ୍କର ମଢ଼େଇଙ୍କୁ ଭାଜପା ପ୍ରାର୍ଥୀ ଘୋଷଣା କରିବା ପରେ ସାମ୍ନାକୁ ଆସିଛି ଗୋଷ୍ଠୀ କନ୍ଦଳ। ଏନେଇ ଅଡୁଆରେ ପଡ଼ିଛି ଦଳ। ମଙ୍ଗଳବାର ଭାସ୍କରଙ୍କ ନାମ ଘୋଷଣା ହେବା ପରେ ଦଳରେ ତାଙ୍କୁ ତୀବ୍ର ବିରୋଧ କରାଯାଇଛି। ଭାସ୍କରଙ୍କୁ ପ୍ରାର୍ଥୀ ନ କରିବା ପାଇଁ ଦଳର ବରିଷ୍ଠ ନେତା ଏବଂ କର୍ମୀ ଦାବି କରିଛନ୍ତି। ମଙ୍ଗଳବାର ଭାସ୍କର ଟିକେଟ ପାଇବା ଜାଣି କେତେଜଣ କର୍ମୀ ଉଦଳା ୧ନଂ. ୱାର୍ଡରେ ଏକଜୁଟ ହୋଇ ଭାସ୍କର ଗୋ ବ୍ୟାକ୍ ବୋଲି ନାରାବାଜି କରିଥିଲେ। ଏକ ବିକ୍ଷୋଭ ଶୋଭାଯାତ୍ରା ସପ୍ତେଶ୍ୱର ମନ୍ଦିର ନିକଟରୁ ବାହାରି ବଜାର ପରିକ୍ରମା କରିଥିଲା। ଏହି ବିକ୍ଷୋଭରେ ବରିଷ୍ଠ ଭାଜପା ନେତା କମଳ କୁମାର ଧଳ, ପ୍ରାଚ୍ୟ ସୁମନ ମହାନ୍ତିଙ୍କ ସମେତ ଅନ୍ୟ ନେତା ଏବଂ କର୍ମୀମାନେ ସାମିଲ ଥିଲେ। ଏ ନେଇ ବିଧାୟକ ପ୍ରାର୍ଥୀ ଭାସ୍କର ମଢେଇଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଉଲ୍ଲେଖଯୋଗ୍ୟ, ବିଧାୟକ ମଢ଼େଇ ୨୦୧୯ ନିର୍ବାଚନ ଜିତିବା ପରେ କୌଣସି ଉନ୍ନୟନ କାର୍ଯ୍ୟ କରି ନ ଥିବା ଏବଂ ଦଳୀୟ କର୍ମୀଙ୍କ ସହିତ ନ ଥିବା ଅଭିଯୋଗ ଆଣିଛନ୍ତି କର୍ମୀ। ଏହା ସହିତ ଯଦି ଭାସ୍କରଙ୍କ ଟିକେଟକୁ ବାତିଲ କରା ନ ଯାଏ ତେବେ ଦଳୀୟ କର୍ମୀ ଏବଂ ନେତା ଦଳ ବିରୋଧରେ ଯିବେ ବୋଲି ଚେତାବନୀ ଦେଇଛନ୍ତି।

# ଭାଜପା ପ୍ରାର୍ଥୀ ସ୍ମୃତିରେଖାଙ୍କୁ ବିରୋଧ

## ଧର୍ମଶାଳା ନିର୍ବାଚନମଣ୍ଡଳୀ

**ଭୁବନେଶ୍ୱର/ଧର୍ମଶାଳା, ୨।୪ (ସୁନିତ୍ ମିଶ୍ର/ ବଟକୃଷ୍ଣ ପରିଡ଼ା)**

ଭାଜପା ପକ୍ଷରୁ ମଙ୍ଗଳବାର ୧୧୨ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହେବା ପରେ ଟିକେଟରୁ ବଞ୍ଚିତ ହୋଇଥିବା ଅସନ୍ତୁଷ୍ଟ ପ୍ରାର୍ଥୀମାନେ ନିଜର ଜୋରଦାର ପ୍ରତିକ୍ରିୟା ଦେଖାଇବା ଆରମ୍ଭ କରିଦେଇଛନ୍ତି। ଯାଜପୁର ଜିଲା ଧର୍ମଶାଳା ବିଧାନସଭା ଆସନରୁ ସ୍ମୃତିରେଖା ପହିଙ୍କୁ ଭାଜପା ଟିକେଟ ଦେବାପରେ ଅନ୍ୟତମ ଆଶାୟୀ ହିମାଂଶୁ ଶେଖର ସାହୁଙ୍କ ହଜାର ହଜାର ସମର୍ଥକ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଧସେଇ ପଶି ବିକ୍ଷୋଭ କରିବା ସହ ହୋହଲ୍ଲା କରିଛନ୍ତି। ଏପରିକି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମହାଭାରତ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ହିମାଂଶୁଙ୍କ କେତେଜଣ ସମର୍ଥକ କହିଛନ୍ତି, ଯିଏ ଜିତିବ ତାଙ୍କୁ ଟିକେଟ ମିଳିବ ନା ଯିଏ ହାରିବ ସିଏ ଟିକେଟ ନେବେ। ଯିଏ ୪ ଜଣଙ୍କୁ ଧରି କ୍ୟାମ୍ପେନ କରୁଛନ୍ତି ତାଙ୍କୁ ଟିକେଟ ମିଳୁଛି। ଆମେ ହଜାର ହଜାର ଲୋକ କ୍ୟାମ୍ପେନ କରୁଛୁ ହେଲେ ଟିକେଟ ପାଉନୁ। ଏହା ଆମକୁ କଷ୍ଟ ଲାଗୁଛି। ଆଉ ଜଣେ ସମର୍ଥକ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଟଙ୍କା ନେଇ ଟିକେଟ ବିକ୍ରି କରି ଦେଇଥିବା ଅଭିଯୋଗ କରିଛନ୍ତି। ସେହିପରି ଆଉ ଜଣେ ସମର୍ଥକ କହିଛନ୍ତି, ଧର୍ମଶାଳାରେ ହିମାଂଶୁଙ୍କ ନେତୃତ୍ୱରେ ବହୁ ଲୋକ ଯୋଡି ହୋଇଛନ୍ତି। ଜଣେ ମହିଳା କର୍ମୀ ହିମାଂଶୁଙ୍କୁ ଟିକେଟ ନ ମିଳିଲେ ଆତ୍ମହତ୍ୟା କରିବାକୁ ଧମକ ଦେଇଛନ୍ତି।

ଅନ୍ୟପକ୍ଷରେ ଟିକେଟ ଘୋଷଣା ପରେ ସ୍ମୃତିରେଖାଙ୍କ ଶୁଭେଚ୍ଛୁଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ସେମାନେ ବାଜା ବଜାଇ, ବାଣ ଫୁଟାଇ ତାଙ୍କ ପ୍ରାର୍ଥିତ୍ୱକୁ ସ୍ୱାଗତ କରିଛନ୍ତି। ସ୍ମୃତିରେଖା ୨୦୧୯ ସାଧାରଣ ନିର୍ବାଚନରେ ଧର୍ମଶାଳାରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ୧୮ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏହାପରେ ୨ ବର୍ଷ ତଳେ ସେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ପ୍ରୟାସ ଚଳାଇଥିଲେ। ତାଙ୍କୁ ଦଳ ଟିକେଟ ପ୍ରଦାନ କରିଥିବାରୁ ସେ ଦଳୀୟ ନେତୃବୃନ୍ଦ ଓ ସାଧାରଣ କର୍ମୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଗତ ଡିସେମ୍ବରରେ ହିମାଂଶୁ ଶେଖର ସାହୁ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ସେ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସଭାସମିତି କରି ଭାଜପା କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିବାରେ ସହାୟକ ହୋଇଥିଲେ। ହିମାଂଶୁ ଭାଜପାରୁ ଟିକେଟ ପାଇବେ ବୋଲି ଆଶା ରଖିଥିଲେ। ହେଲେ ଦଳ ପକ୍ଷରୁ ସ୍ମୃତିରେଖାଙ୍କ ନାମ ଘୋଷଣା ପରେ ହିମାଂଶୁଙ୍କ ସମର୍ଥକଙ୍କ ମହଲରେ ନୈରାଶ୍ୟ ଖେଳିଯାଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଭାବେ ହିମାଂଶୁଙ୍କ ନାମ ଘୋଷଣା ହୋଇଥିଲେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହୋଇଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଭାଜପାରୁ ସ୍ମୃତିରେଖା ପ୍ରାର୍ଥୀ ହୋଇଥିବାରୁ ଏଠାରେ ବିଜେଡି ପ୍ରାର୍ଥୀଙ୍କ ବିଜୟ ସହଜ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତଦେଇଛନ୍ତି।



ରାଜ୍ୟ କାର୍ଯ୍ୟାଳୟରେ ହିମାଂଶୁ ସମର୍ଥକଙ୍କ ବିକ୍ଷୋଭ

# ଭାଜପାରେ ସନ୍ଧ୍ୟାବତୀ, ଲିଙ୍କନ

**ଭୁବନେଶ୍ୱର, ୨।୪(ସୁନିତ୍ ମିଶ୍ର)**

ଓଡ଼ିଶାର ବିକାଶ ପାଇଁ ଭାଜପା ଲଢ଼େଇ କରିବ। ରାଜ୍ୟର ପ୍ରତ୍ୟେକ ପ୍ରାନ୍ତରୁ ପ୍ରତିଦିନ ଅନେକ ହଜାର ସଂଖ୍ୟାରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନର ସଦସ୍ୟ, ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଭାଜପାରେ ଯୋଗଦାନ କରୁଛନ୍ତି। ମଙ୍ଗଳବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର କମିଶନ ଅଧ୍ୟକ୍ଷା ତଥା ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟା ସନ୍ଧ୍ୟାବତୀ ପ୍ରଧାନ ନିଜ ସମର୍ଥକଙ୍କ ଗହଣରେ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି । ସେହିପରି ବିଜୁ ମହିଳା ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦିକା ଲିଙ୍କନ ସୁବୁଦ୍ଧିଙ୍କ ନିଜ ସମର୍ଥକଙ୍କ ସହିତ ଭାଜପାରେ ମଧ୍ୟ ଯୋଗ ଦେଇଛନ୍ତି।

ଆଗ ତୁମେ ନିଜକୁ ପରିବର୍ତ୍ତନ କର । ତା'ପରେ ଦେଖିବ ଯେ, ପରିସ୍ଥିତି ମଧ୍ୟ ବଦଳି ଯାଇଛି । ... ଯେଉଁ ଚେତନା ତୁମ ଭିତରେ ଓ ତୁମ ଉପରେ କାର୍ଯ୍ୟ କରୁଛି– ତାହା ଆଡକୁ ନିଜକୁ ଖୋଲି ଧର । ପାରୁପର୍ଯ୍ୟନ୍ତ ସର୍ବଦା ସ୍ଥିର ଓ ପ୍ରଶାନ୍ତ ରୁହ । –ଶ୍ରୀମା



# ଲୋଭରୁ ଦୁର୍ଦ୍ଦଶା

ଭାରତରୁ ପ୍ରଯୁକ୍ତି ଡିଗ୍ରୀଧାରୀଙ୍କୁ ଉଚ୍ଚ ବେତନ ଲୋଭ ଦେଖାଇ ମାନବ ଚାଲାଣକାରୀ ଗୋଷ୍ଠୀ ବିଦେଶକୁ ପଠାଉଛନ୍ତି । ଏହାର ଏକ ଭୟଙ୍କର ପରିଣାମ ଏବେ ଦକ୍ଷିଣପୂର୍ବ ଏସୀୟ ଦେଶ କାମ୍ବୋଡିଆରେ ସାଇବର ଦାସତ୍ୱର ଶିକାର ହୋଇଥିବା ଭାରତୀୟ କର୍ମଜୀବୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ଖବର ମୁତାବକ କାମ୍ବୋଡିଆରେ ଏଭଳି ୫୦୦୦ ଭାରତୀୟ ଫସି ରହିଛନ୍ତି । ଏମାନଙ୍କୁ ପ୍ରଯୁକ୍ତିଭିତ୍ତିକ କାମ ଦେବା ଲୋଭ ଦେଖାଇ ଭାରତରୁ ନିଆଯିବା ପରେ ସେଠାରେ ସେମାନଙ୍କ ଇଚ୍ଛା ବିରୋଧରେ ସାଇବର ଅପରାଧ କାର୍ଯ୍ୟରେ ଲଗାଯାଉଛି । ଭାରତୀୟମାନଙ୍କୁ ୧୨ ଘଣ୍ଟା କାମ କରିବାକୁ ବାଧ୍ୟ କରାଯିବା ସହ ଟାର୍ଗେଟ ପୂରଣ ନ କଲେ ଖାଇବାକୁ କିମ୍ବା ବିଶ୍ରାମ ନେବାକୁ ଦିଆଯାଉନାହିଁ । ନିଯୁକ୍ତି ଦେବାରେ ସହାୟତା କରିଥିବା ର୍ୟାକେଟ ଅନ୍‌ଲାଇନ ଠକେଇରେ ଭାରତୀୟମାନଙ୍କଠାରୁ ଟଙ୍କା ଝଡ଼ାଇବା ପାଇଁ ଏହି କର୍ମଚାରୀଙ୍କୁ ନିୟୋଜିତ କରୁଛନ୍ତି । ଫସି ଯାଇଥିବା ଭାରତୀୟ କର୍ମଚାରୀମାନେ ଅନନ୍ୟୋପାୟ ହୋଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଓ ଟେକ୍ସଟ ମେସେଜ ମାଧ୍ୟମରେ ନିଜ ଦେଶର ଲୋକଙ୍କୁ ଠକି ଚାଲିଛନ୍ତି । ଏହିସବୁ ର୍ୟାକେଟ ଭାରତରେ ଗତ ୬ ମାସରେ ୫୦୦ କୋଟି ଟଙ୍କା ଲୁଟି ନେଇଥିବା ବିଷୟ ଏବେ ପଦାକୁ ଆସିଛି ।

ଭାରତ ଓ କାମ୍ବୋଡ଼ିଆ ମଧ୍ୟରେ ସମ୍ପର୍କ ବହୁ ପୁରାତନ । ଉଭୟ ଦେଶ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନର ସଦସ୍ୟ ଅଛନ୍ତି । କାମ୍ବୋଡିଆ ସହ ଭାରତ ୧୯୮୧ରେ କୂଟନୈତିକ ସମ୍ପର୍କ ସ୍ଥାପନ କରିବା ପରଠାରୁ ଦୁଇ ଦେଶ ମଧ୍ୟରେ ଉତ୍ତମ ବୁଝାମଣା ରହିଆସିଛି । ଏଠାରେ ବୌଦ୍ଧ ଧର୍ମାବଲମ୍ବୀ ସଂଖ୍ୟାଗରିଷ୍ଠ ଓ ହିନ୍ଦୁ ସଂଖ୍ୟାଲଘୁ । ହିନ୍ଦୁମାନଙ୍କ ପାଇଁ ଏହି ଦେଶ ସକାରାତ୍ମକ ମନେହୁଏ । କାମ୍ବୋଡିଆ ପାଇଁ ଭିଜା ପାଇବାରେ ଏହାର ଇ–ଭିଜା ସିଷ୍ଟମ ସବୁଠୁ ସୁବିଧାଜନକ । ଏହିସବୁ ବିଷୟ ଯୋଗୁ ଭାରତୀୟମାନେ ସହଜରେ କାମ୍ବୋଡିଆରେ ଚାକିରି ପାଇଁ ପ୍ରବେଶ କରିପାରୁଛନ୍ତି । ବେରୋଜଗାର ଓ ଏଭଳି ସୁବିଧାର ସୁଯୋଗ ନେଇ ମାନବ ଚାଲାଣକାରୀମାନେ ଫାଇଦା ଉଠାଉଥିବା ଦୃଷ୍ଟାନ୍ତ ବାରମ୍ବାର ଦେଖିବାକୁ ମିଳୁଛି ।

**ଭାରତରେ ଥିବା ଯୁବବର୍ଗଙ୍କ ଭିତରୁ କେତେକେ ଦେଶରେ କାମ ନ ପାଇ ମୋଟା ଅଙ୍କ ପାଇବା ଆଶାରେ ବିଦେଶ ଯିବାକୁ ଆଗ୍ରହୀ ହେଉଛନ୍ତି । ଏଭଳି ସୁଯୋଗକୁ ମାନବ ଚାଲାଣକାରୀ ଅନାଇ ବସିଥାଆନ୍ତି ।**

ଏଠାରେ ମନେପଡ଼େ କେନ୍ଦ୍ର ସରକାରଙ୍କ ଜଣେ ଅଧିକାରୀ ସାଇବର ଠକେଇର ଶିକାର ହୋଇ ଗତବର୍ଷ ୬୭ ଲକ୍ଷ ଟଙ୍କା ହରାଇବା ପରେ ପୋଲିସରେ ଅଭିଯୋଗ କରିଥିଲେ । ଓଡ଼ିଶାର ରାଉରକେଲା ପୋଲିସ ସାଇବର ଅପରାଧର ପର୍ଦ୍ଦାଫାଶ କରି ବେଆଇନ ଭାବେ ଯୁବକଙ୍କୁ କାମ୍ବୋଡିଆ ପଠାଉଥିବା ୮ ଜଣଙ୍କୁ ଗିରଫ କରିବା ପରେ ପ୍ରକୃତ ରହସ୍ୟ ସାମ୍ନାକୁ ଆସିଥିଲା । ତେବେ ଅଦ୍ୟାବଧି ଭାରତ ସରକାର ୨୫୦ ଜଣଙ୍କୁ ଉଦ୍ଧାର କରି ଦେଶକୁ ଫେରାଇ ଆଣିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି । ଜାତିସଂଘର ରିପୋର୍ଟ ମୁତାବକ, ୨୦୨୩ରେ କାମ୍ବୋଡିଆରେ ଅତିକମ୍‌ରେ ୧ ଲକ୍ଷ ଓ ମ୍ୟାନ୍‌ମାରରେ ୧ ଲକ୍ଷ ୨୦ ହଜାର ଲୋକଙ୍କୁ ବେଆଇନ ସାଇବର କାର୍ଯ୍ୟରେ ବାଧ୍ୟତାମୂଳକ ଭାବେ ନିୟୋଜିତ କରାଯାଇଥିଲା । ଏଣୁ ସ୍ଥିତିକୁ ଦେଖିଲେ ବହିର୍ବ୍ୟାପାର ମନ୍ତ୍ରଣାଳୟ ତଥ୍ୟଠାରୁ କାହିଁ ଅଧିକ ଭାରତୀୟ ଏଭଳି ମାନବଚାଲାଣକାରୀଙ୍କ ଫାଶରେ ପଡ଼ିଥିବେ ବୋଲି ମନେହୁଏ । ବର୍ତ୍ତମାନର କେନ୍ଦ୍ର ସରକାର ଭାରତର ଅର୍ଥ ବ୍ୟବସ୍ଥା ସୁଦୃଢ଼ ରହିଥିବା ବାରମ୍ବାର ଦାବି କରୁଛନ୍ତି । କିନ୍ତୁ ବାସ୍ତବତା ଦେଖିଲେ ଯୁବଶକ୍ତିର ଉପଯୁକ୍ତ ଉପଯୋଗର ଅଭାବ ପରିଲକ୍ଷିତ ହେଉଛି । ସୂଚିତ କରାଯାଇପାରେ ଯେ, ଭାରତର ବେରୋଜଗାର ହାର (୬.୮) ଚାଇନା (୫.୨) ଓ ବଂଲାଦେଶ(୪.୯)ଠାରୁ ଅଧିକ ରହିଥିବା ରିପୋର୍ଟ ପ୍ରକାଶ ପାଉଛି । ଗୋଟିଏ ସମୟ ଥିଲା କମ୍ ସଂଖ୍ୟକ ଭାରତୀୟ ବିଦେଶରୁ ପଢ଼ା ଓ ଗବେଷଣା ସାରି ଭାରତକୁ ଫେରି ଆସୁଥିଲେ । ଏବେ ଏହି ସଂଖ୍ୟା ଅନେକ ଗୁଣ ବଢ଼ିଯାଇଛି ଓ ପଢ଼ା ଶେଷ ପରେ କିଛି ଫେରୁଥିବା ବେଳେ ଅଧିକାଂଶ ସେଠାରେ ରହିଯାଉଛନ୍ତି । ଭାରତର ବେରୋଜଗାର ଓ କମ୍ ବେତନକୁ ଲକ୍ଷ୍ୟ କରି ସେମାନେ ଏଭଳି ପଦକ୍ଷେପ ନେଉଛନ୍ତି । ସେହିପରି ଭାରତରେ ଥିବା ଯୁବବର୍ଗଙ୍କ ଭିତରୁ କେତେକେ ଦେଶରେ କାମ ନ ପାଇ ମୋଟା ଅଙ୍କ ପାଇବା ଆଶାରେ ବିଦେଶ ଯିବାକୁ ଆଗ୍ରହୀ ହେଉଛନ୍ତି । ଏଭଳି ସୁଯୋଗକୁ ମାନବ ଚାଲାଣକାରୀ ଅନାଇ ବସିଥାଆନ୍ତି । ସଦ୍ୟ ରୁଷିଆ ସେନାରେ ଯୋଗ ଦେଇ ୟୁକ୍ରେନ ବିରୋଧରେ ଲଢ଼ିବାକୁ ଯାଇଥିବା ଯୁବକମାନେ ମଧ୍ୟ ଏହାର ଉଦାହରଣ । ସେମାନଙ୍କ ମଧ୍ୟରୁ କେତେ ଜଣଙ୍କ ମୃତ୍ୟୁ ଘଟିଥିବା ଖବର ନିକଟରେ ପ୍ରକାଶ ପାଇଥିଲା । ରୁଷିଆ ଓ କାମ୍ବୋଡିଆ ଘଟଣା ଏବେ ଭାରତୀୟ ବେରୋଜଗାର ସ୍ଥିତିକୁ ସୂଚାଉଥିବାରୁ ସରକାର ଏ ଦିଗରେ ସୁଚିନ୍ତିତ ପଦକ୍ଷେପ ନେବାର ସମୟ ଆସିଲାଣି ।

# ନିର୍ବାଚନ ଇସ୍ତାହାରରେ ଓଡ଼ିଶାର ଶିଳ୍ପ ବିକାଶ

ନଟବର ଖୁଣ୍ଟିଆ

ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ନୂତନ ଲୋକ ସଭା ଗଠନ ହେବ । ଓଡ଼ିଶାରେ ଲୋକ ସଭା ନିମନ୍ତେ ହେବା ସହ ରାଜ୍ୟ ବିଧାନସଭା ପାଇଁ ମଧ୍ୟ ନିର୍ବାଚନ ହେବ । ସେଥିପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସମରସଜ୍ଜା ଆରମ୍ଭ ହୋଇଗଲାଣି । କ୍ଷମତାକୁ ଆସିଲେ ରାଜନୈତିକ ଦଳଗୁଡ଼ିକ ଓଡ଼ିଶାର ବିକାଶକୁ କେଉଁ ବାଟରେ ନେବେ ତା'ର ସୁଚିନ୍ତିତ ପ୍ରସ୍ତାବ ରଖି ନିର୍ବାଚନ ଇସ୍ତାହାର ନାମରେ ଭୋଟରମାନଙ୍କ ପାଖକୁ ଯିବେ । ତାଙ୍କ ଦଳକୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଇବେ । ଆମ ରାଜ୍ୟର ଅର୍ଥନୈତିକ ସ୍ଥିତି ଯାହା ତାକୁ ଅନୁଧ୍ୟାନକଲେ ବିଭିନ୍ନ ସମସ୍ୟା ଦୃଷ୍ଟିକୁ ଆସେ । ବିଭିନ୍ନ କ୍ଷେତ୍ରରେ ବହୁ ସମସ୍ୟା ଅଛି । ଆମର ବଡ଼ ସମସ୍ୟା ହେଲା ବେକାରି । ରାଜ୍ୟରେ ଯଥେଷ୍ଟ ପ୍ରାକୃତିକ ସମ୍ପଦ ଥିଲେ ବି ସେସବୁର ଠିକ୍ ଉପଯୋଗ ନ ହେବାରୁ ଆମେ ନିଯୁକ୍ତି ସୁଯୋଗ ଯଥେଷ୍ଟ ସୃଷ୍ଟି କରିପାରି ନାହୁଁ । ଏହା ଯୋଗୁ ଆମ ବେକାର ଯୁବକ ଯୁବତୀ ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକ ଭାବେ ଯାଇ ପେଟ ପୋଷୁଛନ୍ତି ।

ଯେକୌଣସି ଦଳ କ୍ଷମତାକୁ ଆସୁ ନା କାହିଁକି ଆସିଲେ ଆମ ମତରେ ତା'ର ପ୍ରାଥମିକ କର୍ତ୍ତବ୍ୟ ବେକାରି ଦୂର ହେବା ଉଚିତ । ସେଥିପାଇଁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା ହେଲା ପ୍ରଥମ କର୍ତ୍ତବ୍ୟ । ଶିଳ୍ପ କ୍ଷେତ୍ର କଥା ବିଚାର କରିବା । ଆମ ରାଜ୍ୟରେ ଯେହେତୁ ଖଣିଜ ସମ୍ପଦ ମିଳୁଛି, ତାହାକୁ ଭିତ୍ତିକରି ଶିଳ୍ପ ସ୍ଥାପନ କରିବା ପାଇଁ ଶିଳ୍ପପତିମାନେ ଦେଶ ମଧ୍ୟରୁ ଓ ଦେଶ ବାହାରୁ ଆସି ଶିଳ୍ପ ସ୍ଥାପନ କରୁଛନ୍ତି । ସେହି ସବୁ ଶିଳ୍ପପତି ଆଧୁନିକ ଜ୍ଞାନକୌଶଳ ଓ ଅଟୋମେଟିକ ଯନ୍ତ୍ରପାତି ବ୍ୟବହାର କରି ଖୁବ୍ କମ୍ ଶ୍ରମିକ ଲଗାଇ ଉତ୍ପାଦନ କରୁଛନ୍ତି । ଯେତେ ପୁଞ୍ଜି ବିନିଯୋଗ କରୁଛନ୍ତି ସେହି ତୁଳନାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ । ତା' ସାଙ୍ଗକୁ ଖଣିଜ ଦ୍ରବ୍ୟରୁ ଯେଉଁ ସାମଗ୍ରୀ ଉତ୍ପାଦନ କରୁଛନ୍ତି ସେହିସବୁ ଇସ୍ପାତ ଓ ଆଲୁମିନିୟମ ଖଣ୍ଡ ବା ଇନ୍‌ଗଟ । ଏହା ସିଧାସଳଖ ସାଧାରଣ ଖାଉଟିଙ୍କ ପାଖକୁ ଯାଉନାହିଁ । ଏହି ଲୌହଖଣ୍ଡକୁ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପମାନେ କଞ୍ଚାମାଲ ରୂପେ ବ୍ୟବହାରକରି ବିଭିନ୍ନ ଖାଉଟି ଦ୍ରବ୍ୟ ଉତ୍ପାଦନ କରନ୍ତି । ସେସବୁ ଶିଳ୍ପରେ ତୁଳନାତ୍ମକ ଭାବେ କମ୍ ପୁଞ୍ଜିରେ ଅଧିକ ନିଯୁକ୍ତି ସୁବିଧା ସୃଷ୍ଟି କରନ୍ତି ଏବଂ ସେ ଉତ୍ପାଦକୁ ଖାଉଟିଙ୍କ ପାଖରେ ପହଞ୍ଚାଇବାକୁ ଯେଉଁ ଯୋଗାଣ ଚେନ୍ ଦରକାର ସେଥିରେ ମଧ୍ୟ ଲୋକ ନିଯୁକ୍ତି ପାଆନ୍ତି । ଇସ୍ପାତର ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ କ'ଣ ? କୃଷି କ୍ଷେତ୍ରରେ ବ୍ୟବହାର ହେଉଥିବା କୃଷି ଯନ୍ତ୍ରପାତି ଯଥା ପାଣିପମ୍ପ,ପାୱାର ଟିଲର, ଟ୍ରାକ୍ଟର ଆଦି ମେଶିନାରି



ଶିଳ୍ପ ; ସାଇକେଲ ,ମଟରସାଇକେଲ ,କାର୍, ଟ୍ରକ୍ ଆଦି ପରିବହନ ବାହନ ତିଆରି ; ଫ୍ରିଜ୍, ଶୀତତାପ ନିୟନ୍ତ୍ରଣ ପାଇଁ ମେଶିନ ଇତ୍ୟାଦି ତିଆରି କରିବାରେ ଅନେକ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଯେଉଁମାନଙ୍କର ମୁଖ୍ୟ କଞ୍ଚାମାଲ ଇସ୍ପାତ । ସେହିପରି ଗୃହ ନିର୍ମାଣ ପାଇଁ ଲୁହାଛଡ଼ ଏବଂ କବାଟ ଝରକା ଓ ଅନ୍ୟାନ୍ୟ ଆସବାବ ପତ୍ର ପାଇଁ କଣ୍ଟା,କବ୍‌ଜା,ଚାବି ଇତ୍ୟାଦି । ଆମ ରାଜ୍ୟରେ ଏସବୁ ଶିଳ୍ପ କାହିଁ ? ଯାହାବି ଅଛି ନାମକୁ ମାତ୍ର । ରାଜ୍ୟରେ ଉତ୍ପାଦନ ହେଉଥିବା ଇସ୍ପାତ ଖଣ୍ଡ ଅନ୍ୟ ରାଜ୍ୟ ଓ ବିଦେଶକୁ ରପ୍ତାନି ହୋଇ ଯାଉଛି । ସେଠି ଉପଯୋଗ ହୋଇ ଆମ ଖାଉଟିଙ୍କ ପାଖକୁ ଆସୁଛି । ଆମର ଏଠି ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ନ ଥିବାରୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ । ଆଲୁମିନିୟମ ଶିଳ୍ପରେ ସେହି ସ୍ଥିତି । ଆମର ଆଲୁମିନିୟମ ଖଣ୍ଡକୁ ନେଇ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ନ ଥିବାରୁ ବାହାର ରାଜ୍ୟକୁ ଓ ବିଦେଶକୁ ଯାଇ ଖାଉଟି ଦ୍ରବ୍ୟ ପ୍ରସ୍ତୁତ ହୋଇ ଆମ ପାଖକୁ ଆସୁଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ କିପରି ଇସ୍ପାତ ଓ ଆଲୁମିନିୟମ ଖଣ୍ଡକୁ ଉପଯୋଗକରି ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ମାଧ୍ୟମରେ ଖାଉଟିମାନେ ବ୍ୟବହାର କରିବା ଭଳି ଦ୍ରବ୍ୟ ତିଆରି ହେବ ସେଥିପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ରାଜ୍ୟର ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଇସ୍ତାହାରରେ ସ୍ଥାନିତ କରିବା ପାଇଁ ବିଚାରକୁ ନିଅନ୍ତୁ ।

ଖାଦ୍ୟ ପରେ ବସ୍ତ୍ର ମଣିଷ ପାଇଁ ଅତି ଦରକାରୀ । ବ୍ରିଟିଶ ଶାସନ କାଳରେ ଆମର ବୟନ ଶିଳ୍ପକୁ ଧ୍ୱଂସକରି ବ୍ରିଟେନର ମାଞ୍ଚେଷ୍ଟରରେ ଉତ୍ପାଦନ ହେଉଥିବା ବସ୍ତ୍ର ଆଣି ଆମ ଦେଶରେ ବିକ୍ରିକଲେ । ଆମ ବୁଣାକାର ବେକାର ହେଲେ, ଖାଇବାକୁ ପାଇଲେ ନାହିଁ । ଆମ ଦେଶରୁ ଅର୍ଥ ବ୍ରିଟେନକୁ ଚାଲିଗଲା । ଗାନ୍ଧିଜୀ ଖଦି ଆନ୍ଦୋଳନକରି ସୂତାକଟାରୁ ସ୍ୱାଧୀନତା ଆଣିଥିଲେ । ସୁତରାଂ ବୟନଶିଳ୍ପ କିପରି ଆମ ରାଜ୍ୟର ବେକାରି ଦୂର ଓ ଅର୍ଥନୈତିକ ବିକାଶ ପାଇଁ ଅତି ଆବଶ୍ୟକ ତାହା କହିବା ନିଷ୍ପ୍ରୟୋଜନ । ସ୍ୱାଧୀନତା ପରେ ପରେ ବୟନଶିଳ୍ପ ବିକାଶର ଗୁରୁତ୍ୱ ଉପଲବ୍ଧିକରି ଡ. ହରେକୃଷ୍ଣ ମହତାବ ଯେତେବେଳେ ପ୍ରଧାନମନ୍ତ୍ରୀ ଥିଲେ ଓଡ଼ିଶାରେ ଦୂରଦ୍ରଷ୍ଟା ବିଜୁ ପଟ୍ଟନାୟକ ତାଙ୍କୁ ପ୍ରଭାବିତକରି ଚୌଦ୍ୱାରଠାରେ ପ୍ରତିଷ୍ଠାକଲେ ଓଡ଼ିଶା ଟେକ୍ସଟାଇଲ ମିଲ୍ (ଓଟିଏମ୍) । ସେତେବେଳେ ପୂର୍ବ ଭାରତରେ ସବୁଠାରୁ ବଡ଼ ଲୁଗାକଳ ମାନ୍ୟତା ପାଇଥିଲା ଓଟିଏମ୍ । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ହଜାର ହଜାର ଲୋକଙ୍କୁ ନିଯୁକ୍ତି ଯୋଗାଇ ଥିଲା । ଓଡ଼ିଶା ଲୋକଙ୍କର ଅଧିକାଂଶ ବସ୍ତ୍ର ଆବଶ୍ୟକତା ମେଣ୍ଟାଉଥିଲା । ସେତେବେଳେ ଓଡ଼ିଶାରେ କପା ଉତ୍ପାଦନ ପର୍ଯ୍ୟାପ୍ତ ପରିମାଣରେ ହେଉ ନ ଥିଲା । ଆଜି ଓଟିଏମ୍ ଖତ ଖାଉଛି । ଶ୍ରମିକ ବେକାର । ଏବେ ଦକ୍ଷିଣ ପଶ୍ଚିମ ଓଡ଼ିଶାରେ ଅତି ଉଚ୍ଚ ମାନର କପା ଉତ୍ପାଦନ ହେଉଛି –ବାର୍ଷିକ ୩.୫ ଲକ୍ଷ ଟନ୍ । କିନ୍ତୁ ଓଡ଼ିଶାରେ ବୟନ ଶିଳ୍ପ ନାହିଁ ଆଉ ସୂତାକଳ ସବୁ ଅଚଳ । କପାଚାଷୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛି । ଆମେ ଶିଳ୍ପ ବିକାଶ ନାଁରେ କନ୍‌କ୍ଲେଭ କରି ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରୁଛୁ ଅଥଚ ଲୁଗାକଳ ଓ ସୂତାକଳ ପ୍ରତିଷ୍ଠା କରୁନାହୁଁ । କେବିକେ ଜିଲ୍ଲା ସମୂହର କପାଚାଷୀମାନେ ଲାଭଜନକ ମୂଲ୍ୟ ପାଇଁ ପାରୁନାହାନ୍ତି । ଆନ୍ଧ୍ରରୁ ବେପାରୀମାନେ ଆସି କମ୍ ଦାମ୍‌ରେ କପା ନେଇ ଜିନିଂ ମିଲ୍‌ରେ ମଞ୍ଜି ଛଡ଼ାଇ ସେହି ମଞ୍ଜିରୁ ତେଲ ବାହାର କରୁଛନ୍ତି ଏବଂ ପିଡ଼ିଆରୁ ଗୋଖାଦ୍ୟ ପ୍ରସ୍ତୁତ କରୁଛନ୍ତି ।

ଆମର ପ୍ରସ୍ତାବ ହେଲା କେବିକେ ଜିଲାଗୁଡିକ ମଧ୍ୟରୁ ଏକ ଉପଯୁକ୍ତ ସ୍ଥାନ ବାଛି ସେଠି ଏକ ଆଧୁନିକ ଲୁଗାକଳ ସ୍ଥାପନ ପାଇଁ ବିଚାର କରାଯାଉ । ଏହାଦ୍ୱାରା କପାଚାଷୀ ଲାଭବାନ୍ ହେବେ ଓ ନିଯୁକ୍ତି ସୁବିଧା ସୃଷ୍ଟିହେବ । ଦାଦନ ସମସ୍ୟା ବହୁ ପରିମାଣରେ ଦୂରହେବ । ଏହା ସାଙ୍ଗକୁ ସୂତାକଳ ରାଜ୍ୟର ବିଭିନ୍ନ ଜିଲାରେ ପ୍ରତିଷ୍ଠା କରାଯାଇ ବୁଣାକାରମାନଙ୍କୁ ସହଜ ଓ ଶସ୍ତାରେ ସୂତା ଯୋଗାଇ ଦିଆଯାଇପାରିବ ।

କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପାଇଁ କୃଷିଭିତ୍ତିକ ଛୋଟ ଛୋଟ ଶିଳ୍ପ ସ୍ଥାପନ ଲାଗି ରାଜନୈତିକ ଦଳଗୁଡ଼ିକ ବିଚାର କରନ୍ତୁ । ବିଲାତି ବାଇଗଣ ପ୍ରଚୁର ଅମଳ ହେଉଥିବା ଅଞ୍ଚଳରେ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରି ସସ୍, କେଚପ୍, ଆଚାର ଆଦି ପ୍ରସ୍ତୁତ ହେଉ । ସେହିପରି ଅନ୍ୟାନ୍ୟ ଫଳ ଓ ପରିବା ପାଇଁ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ବିଚାରକୁ ନିଆଯାଉ ।

ରାଜନୈତିକ ଦଳଗୁଡ଼ିକ ମାଗଣା ବାଣ୍ଟିବା ପ୍ରତିଯୋଗିତାରୁ ବିରତ ରହି ଆମ ସମ୍ପଦ ଓ ମାନବ ସମ୍ବଳକୁ ଉପଯୋଗକରି ଆବଶ୍ୟକ ଶିଳ୍ପ ସ୍ଥାପନକରି ନିଯୁକ୍ତି ସମ୍ଭାବନା ସୃଷ୍ଟି କରି ବେକାରି ଦୂର କରାଇବାକୁ ଉଦ୍ୟମ କରନ୍ତୁ ।

ସୂର୍ଯ୍ୟନଗର, ଭୁବନେଶ୍ୱର
ମୋ: ୯୯୩୭୯ ୫୧୨ ୬୨

# ଗଣତନ୍ତ୍ର ଓ ମତଦାତା

ଇପ୍ସିତା ମହାନ୍ତି

ସମ୍ବିଧାନ ସଭାରେ ମତଦାନ ଅଧିକାର ଏବଂ ନିର୍ବାଚନ ଉପରେ ଆଲୋଚନା ଚାଲିଥିବା ବେଳେ ପୂର୍ବ ପଞ୍ଜାବର ନିର୍ବାଚିତ ସଦସ୍ୟ ଠାକୁର ଦାସ ଭାର୍ଗବ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲେ, ଯାହା ଆଜି ପ୍ରାସଙ୍ଗିକ ମନେହୁଏ । ବୟସ୍କଙ୍କ ମତଦାନ ଅଧିକାରରେ ଏକ ସର୍ତ୍ତ ଯୋଡ଼ିବାକୁ ସେ ପରାମର୍ଶ ଦେଇଥିଲେ । ମତଦାତାଙ୍କ ସାକ୍ଷରତା ସହ ଏହି ସର୍ତ୍ତ ଜଡ଼ିତ ଥିଲା । ସେତେବେଳେ ଭାରତର ଜନସଂଖ୍ୟା ଥିଲା ମାତ୍ର ୩୩ କୋଟି । ସମ୍ବିଧାନ ସଭାର ଆକଳନ ଅନୁଯାୟୀ ଦେଶର ସାବାଳକ ତଥା ବୟସ୍କ ମତଦାତାଙ୍କ ସଂଖ୍ୟା ପ୍ରାୟ ୧୨କୋଟି ଥିଲା । ଅନେକ ଦୃଷ୍ଟିରୁ ଠାକୁର ଦାସ ଭାର୍ଗବଙ୍କ ଏହି ପରାମର୍ଶଟି ଉତ୍ତମ ହୋଇଥିଲେ ମଧ୍ୟ ସମ୍ବିଧାନ ସଭା ଦ୍ୱାରା ତାହା ପ୍ରତ୍ୟାଖ୍ୟାତ ହୋଇଥିଲା । କାରଣ ସେତେବେଳେ ଭାରତର ସାକ୍ଷରତା ହାର ଥିଲା ମାତ୍ର ୧୨ ପ୍ରତିଶତ ।

୧୯୫୦ ଜାନୁଆରୀ ୨୬ରେ ଭାରତ ସାର୍ବଭୌମ ସାଧାରଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଲା । ଏହା ପରେ ଭାରତ ଗୋଟିଏ ପରେ ଗୋଟିଏ ନିର୍ବାଚନର ସମ୍ମୁଖୀନ ହୋଇଛି । ଏଠାରେ ଜାତି, ଧର୍ମ ଏବଂ ଆଞ୍ଚଳିକବାଦର ସଂକୀର୍ଣ୍ଣ ମୂଳଦୁଆ କ୍ରମାଗତ ଭାବରେ ଶକ୍ତିଶାଳୀ ହୋଇ ଚାଲିଛି । ଏହି ବିଚାରଧାରାରେ ଏକ ମୌଳିକ ତ୍ରୁଟି ରହିଛି । ଆଜିର ବ୍ୟବସ୍ଥା ଏହାକୁ ପୂର୍ଣ୍ଣମାତ୍ରାରେ ସହଯୋଗ କରୁଛି ।

ନିୟମିତ ଅନ୍ତରାଳରେ ଦେଶରେ ନିର୍ବାଚନ ହେଉଛି, କିନ୍ତୁ ପରିତାପର ବିଷୟ ଏହି ବିଚାରଧାରା ଆଧାରରେ ହିଁ ଦେଶର ବୌଦ୍ଧିକ ସମାଜ ଓ ଗଣମାଧ୍ୟମ ବିତର୍କ କରନ୍ତି ଏବଂ ରାଜନୈତିକ ପଦକ୍ଷେପକୁ ସମର୍ଥନ କରନ୍ତି କିମ୍ବା ବିରୋଧ କରନ୍ତି । ଆଶା କରାଯାଉଛି ବିଦ୍ୱେଷ ଭାବକୁ ପ୍ରୋତ୍ସାହିତ କରୁଥିବା ରାଜନୀତି ସହ ସେମାନେ ନିଜ ଜାତି, ଧର୍ମ ଏବଂ ଆଞ୍ଚଳିକବାଦ ଚିନ୍ତାଧାରା ସହ ଜଡ଼ିତ ହୁଅନ୍ତୁ ଏବଂ ମତଦାନ କରନ୍ତୁ । ଅବଶ୍ୟ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଜାତି ଓ ଧର୍ମ ସମ୍ପର୍କିତ ଖୋଲା ଆଲୋଚନା ଉପରେ ନିଷେଧାଦେଶ ଜାରି କରିଛନ୍ତି । ଜାତି, ଧର୍ମ ଓ ଆଞ୍ଚଳିକବାଦ ମଣିଷକୁ ଏକାଠି କରାଏ ସତ, କିନ୍ତୁ ଏହି ସଂକୀର୍ଣ୍ଣତା ଭାବ ମଣିଷ ମଣିଷ ମଧ୍ୟରେ ବିଭେଦ ସୃଷ୍ଟିକରେ, ପାଚେରି ଠିଆ କରାଏ । ତଥାପି ରାଜନୈତିକ ଦଳଗୁଡ଼ିକ ଏହି ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ପାଇଁ ଉପାୟ ଖୋଜନ୍ତି । ଏଭଳି ସ୍ଥିତିରେ ପ୍ରଶ୍ନ ଉଠେ ; ଜାତି, ଧର୍ମ ଏବଂ ଆଞ୍ଚଳିକବାଦ ଦ୍ୱାରା ପ୍ରପୀଡ଼ିତ ଏକ ସରକାର ଏବଂ ଏଭଳି ଭିତ୍ତି ସମ୍ପନ୍ନ ସମାଜରୁ ଆମେ କିପରି ଏକ ସମାନତାଭିତ୍ତିକ ସମାଜ ଆଶା କରିବା ? ଏଥିରୁ ସ୍ପଷ୍ଟ ଯେ ଏହି କାରଣରୁ ନିର୍ବାଚିତ ପ୍ରତିନିଧି ଏବଂ ରାଜନୈତିକ ଦଳ ସର୍ବଦା ମତଦାତାଙ୍କ ମୌଳିକ ଆକାଂକ୍ଷା ପୂରଣ କରିବା ଚାପରେ ରହୁଛନ୍ତି ।

ଏହି ପରିପ୍ରେକ୍ଷୀରେ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଏକ ପ୍ରସିଦ୍ଧ ବାଣୀ ମନେପଡୁଛି । ସେ କହିଥିଲେ, ''ଗଣତନ୍ତ୍ର ହେଉଛି ସବୁଠାରୁ ନିକୃଷ୍ଟ ଶାସନ ପଦ୍ଧତି, ଯାହା ପୂର୍ବରୁ ଅନେକ ଥର ପରୀକ୍ଷିତ ହୋଇଛି ।'' ଚର୍ଚ୍ଚିଲ ଏହା ମଧ୍ୟ କହିଥିଲେ, ଅତି ସାଧାରଣ ମଣିଷଟିଏ ଭୋଟଦାନ କକ୍ଷରେ ପ୍ରବେଶକରି ଏକ ଛୋଟିଆ ପେନ୍‌ସିଲ ସାହାଯ୍ୟରେ ଖଣ୍ଡେ କାଗଜ ଟୁକୁଡ଼ା ଉପରେ ଛୋଟିଆ ଦାଗଟିଏ ଅଙ୍କନକରି ବିରାଟ ବଡ଼ ପରିବର୍ତ୍ତନ ଆଣିଥାଏ । ବାସ୍ତବରେ ଏହା ହିଁ ହେଉଛି ଗଣତନ୍ତ୍ରର ବୈଚିତ୍ର୍ୟ ତଥା ମହାନତା । ସାଧାରଣ ଜନତାଙ୍କ



ପ୍ରତ୍ୟକ୍ଷ ଏବଂ ବୃହତ୍ ଅଂଶଗ୍ରହଣ । ଦୁର୍ଭାଗ୍ୟର କଥା ସାଧାରଣ ଜନତାଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି କେବଳ ମତଦାନ ପର୍ଯ୍ୟନ୍ତ ସୀମିତ । ନିର୍ବାଚନ ହେଉଛି ଗଣତନ୍ତ୍ରର ମହାପର୍ବ । ନାଗରିକମାନେ ହେଉଛନ୍ତି ଗଣତନ୍ତ୍ରର ମୂଳଦୁଆ । ନିର୍ବାଚନରେ ମତଦାତା କେବଳ ଏକ ଉପାଦାନ ଭାବରେ ବିବେଚିତ ହେଉଛନ୍ତି । ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ ଥରେ କହିଥିଲେ, ''ଆମର ଲକ୍ଷ୍ୟ ଏପରି ହେବା ଉଚିତ ଯେପରି 'ସମାବେଶୀ' ଏବଂ 'ଗୁଣାତ୍ମକ ଅଂଶଗ୍ରହଣ' ସହ କୌଣସି ମତଦାତା ପଛରେ ପଡ଼ି ନ ଯିବେ ।'' କିନ୍ତୁ ମତଦାନରେ ଗୁଣାତ୍ମକ ଅଂଶଗ୍ରହଣ ବିଷୟ କ୍ରମାଗତ ଭାବରେ ପଛରେ ରହିଯାଉଛି ।

ମତଦାନରେ ଗୁଣାତ୍ମକ ଅଂଶଗ୍ରହଣର ପ୍ରଥମ ସର୍ତ୍ତ ହେଉଛି ମତଦାତା ଗୁଣବାନ୍ ହେବା ଆବଶ୍ୟକ । ସମ୍ବିଧାନ ସଭାର ସଦସ୍ୟ ଠାକୁର ଦାସ ଭାର୍ଗବ ଏହି ଗୁଣାତ୍ମକତାର ସନ୍ଧାନରେ ସାକ୍ଷରତା ଭଳି ସର୍ତ୍ତ ଉପରେ ଜୋର ଦେଇଥିଲେ । ଏହି ପରିପ୍ରେକ୍ଷୀରେ ମତଦାତାଙ୍କୁ ଗୁଣାତ୍ମକ ରୂପରେ ସୁଦୃଢ଼ କରାଇବା । ଗଣତନ୍ତ୍ରର ସୁରକ୍ଷା ପାଇଁ ମତଦାନ ଜରୁରୀ । ତଥାପି କୌଣସି ନିର୍ବାଚନରେ ହାରାହାରି ୬୫%ରୁ ଅଧିକ ମତଦାନ ହୁଏ ନାହିଁ । ତଥ୍ୟ କହୁଛି, ଶିକ୍ଷିତ ମତଦାତା ଏଥିପାଇଁ ଆଗ୍ରହୀ ନ ଥାନ୍ତି । କାରଣ ଯାହା ହେଉ ନା କାହିଁକି, ବାଧ୍ୟତାମୂଳକ ମତଦାନ ପାଇଁ ନିର୍ବାଚନ ଆୟୋଗକୁ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରିବାକୁ ହେବ । ନଚେତ୍ ଏଭଳି ମାନସିକତା ବଢ଼ି ଚାଲିବ । ମତଦାନରେ ମତଦାତାଙ୍କ ସଂଖ୍ୟା ବୃଦ୍ଧି ହେଲେ ତାହାକୁ ଗୁଣାତ୍ମକ ମତଦାନ କୁହାଯିବ ନାହିଁ । କାରଣ ଅଧିକାଂଶ ମତଦାନ ମୁଖ୍ୟତଃ ଜାତି, ଧର୍ମ ଓ ଆଞ୍ଚଳିକବାଦର ବିଚାରଧାରା ଉପରେ ଆଧାରିତ । ତେଣୁ ମତଦାତାଙ୍କୁ ଗୁଣାତ୍ମକ ରୂପରେ ସଚେତନ କରାଇବା ପାଇଁ ନିରନ୍ତର ଏବଂ ଗଭୀର ପ୍ରୟାସ ଜରୁରୀ । ମତଦାତାଙ୍କୁ ଏକଥା ମଧ୍ୟ ବୁଝାଇବାକୁ ହେବ ଯେ ଜାତି, ଧର୍ମ କିମ୍ବା ଆଞ୍ଚଳିକବାଦ ଭଳି ସଂକୀର୍ଣ୍ଣ ବିଚାରଧାରା ଆଧାରରେ ମତଦାନ କଲେ ସମ୍ବିଧାନର ବ୍ୟାପକ ଉଦ୍ଦେଶ୍ୟ ହାସଲ ହେବନାହିଁ ।

ଯଦି ମତଦାତା ପ୍ରଭାବିତ ହେବାକୁ ଚାହିଁବେ ନାହିଁ ତେବେ ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ସେମାନଙ୍କୁ ପ୍ରଭାବିତ କରିବେ କିପରି ? କିନ୍ତୁ ମତଦାତାଙ୍କ ଚିନ୍ତାଧାରାରେ ଗୁଣାତ୍ମକ ପରିବର୍ତ୍ତନ ଆଣିପାରିଲେ ଏହା ସମ୍ଭବ ହେବ । ଏଥିପାଇଁ ରାଜନୈତିକ ଦଳ ଅବା ପ୍ରାର୍ଥୀମାନଙ୍କଠାରୁ ଆଶା କରିବାର କୌଣସି ଅର୍ଥ ନାହିଁ । କାରଣ ପ୍ରଚଳିତ ବ୍ୟବସ୍ଥାରେ କ୍ଷମତା ପାଇଁ ସମସ୍ତେ ମତଦାତାଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରନ୍ତି । କେବଳ ସମସ୍ତ ରାଜନୈତିକ ଦଳ ଯଦି ଚାହିଁବେ ଏବଂ ସେମାନେ ଏହି ପ୍ରସଙ୍ଗରେ ସହମତ ହେବେ ; ତେବେ ଜାତି, ଧର୍ମ ଏବଂ ଆଞ୍ଚଳିକବାଦ ଭଳି ସଂକୀର୍ଣ୍ଣ ପ୍ରସଙ୍ଗ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇ ପାରିବ ନାହିଁ । କିନ୍ତୁ ଆଜିର ରାଜନୈତିକ ବିଚାରଧାରାରେ ନୈତିକତା ଯେପରି ଭାବେ ଧରାଶାୟୀ ହୋଇଛି, ତା'ଠାରୁ ଏପରି ଆଶା କରାଯାଇ ନ ପାରେ । ଏଭଳି ସ୍ଥିତିରେ କେବଳ ନିର୍ବାଚନ ଆୟୋଗଙ୍କଠାରୁ ହିଁ ଏହା ଆଶା କରାଯାଇପାରେ । ଆୟୋଗଙ୍କୁ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଉପରେ ଲଗାମ କଷିବାକୁ ପଡ଼ିବ । ମତଦାତାଙ୍କୁ ଗୁଣାତ୍ମକ ସ୍ତରୀୟ ତାଲିମ ଦେବା ପାଇଁ ନିର୍ବାଚନ ଆୟୋଗଙ୍କୁ ଏକ ଅଭିଯାନ ଚଳାଇବାକୁ ପଡ଼ିବ । କାରଣ ସଚେତନ ମତଦାତା ହିଁ ଗଣତନ୍ତ୍ରର ସୁରକ୍ଷା କବଚ ।

ବୈପାରିଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ବିହନ ଭଲ ହେଲେ ଅମଳ ଭଲ ହୋଇଥାଏ । ଏଥିପାଇଁ ଯେ କୌଣସି ଚାଷରେ ବିହନର ଗୁରୁତ୍ୱ ରହିଛି, ଯାହା ଉପଲବ୍ଧି କରିଛନ୍ତି ଆସାମର ମହାନ ଚନ୍ଦ୍ର ବୋରା । ସେ ଏକ ରାଇସ ଲାଇବ୍ରେରି କରିଛନ୍ତି ଓ ସେଥିରେ ୫୦୦ରୁ ଉର୍ଦ୍ଧ୍ୱ ପାରମ୍ପରିକ ଧାନ ବିହନ ରଖିଛନ୍ତି । କେବଳ ଏତିକି ନୁହେଁ, ସାରା ଦେଶରେ ଚାଷୀମାନଙ୍କୁ ସେ ମାଗଣାରେ ବିହନ ଦେଉଛନ୍ତି । ଏହି ଲାଇବ୍ରେରିକୁ ସେ ତାଙ୍କ ପିତାଙ୍କ ସ୍ମୃତିରେ ପ୍ରତିଷ୍ଠା କରିଛନ୍ତି । ତାଙ୍କ ପିତା କେମିକାଲମୁକ୍ତ ଚାଷ କରିବା ଲାଗି ସବୁବେଳେ ତାଙ୍କୁ ପରାମର୍ଶ ଦେଉଥିଲେ ଓ ସେ ତାହାକୁ ଆଧାର କରି ଚାଷ ମଧ୍ୟ ଆରମ୍ଭ କରିଥିଲେ । ବୋରା ଚାଷ କରିବା ସହ ଦେଶୀ ବିହନ ସଂରକ୍ଷଣ କରିବାରେ ଲାଗିଗଲେ । ତାଙ୍କ ପିତାଙ୍କ ଦେହାନ୍ତ ପରେ ବୋରା ଅନ୍ନପୂର୍ଣ୍ଣା ରାଇସ୍ ଲାଇବ୍ରେରି ଆରମ୍ଭ କରିଥିଲେ । ତାଙ୍କର ଜଣେ ସାଙ୍ଗଙ୍କ ସହ ବିଭିନ୍ନ ଗାଁକୁ ଯାଇ ସେ ୫୦୦ରୁ ଅଧିକ ଧାନ ବିହନ ସଂଗ୍ରହ କରିପାରିଛନ୍ତି । କେବଳ ଏତିକି ନୁହେଁ, ବହୁ ପରିବା ବିହନ ମଧ୍ୟ ସଂରକ୍ଷିତ କରି ରଖିଛନ୍ତି । ୨୦୦୮ରେ ସେ ଏହି ବିହନ ବ୍ୟାଙ୍କ ଗଠନ କରିଥିଲେ । ସେ ମଧ୍ୟ ଏକ ସିଡ୍ ସ୍କୁଲ ଖୋଲିଛନ୍ତି । ସେଠାରେ କିଭଳି ବିହନ ସଂରକ୍ଷିତ ରଖାଯିବ, ସେ ସମ୍ପର୍କରେ ଚାଷୀମାନଙ୍କୁ ଶିକ୍ଷା ଦେଉଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୩ ଏପ୍ରିଲ ୧୯୭୫

- ଉନ୍ନତ କିରାସିନି ଷ୍ଟୋଭ୍ ନମୁନା ଉଦ୍ଭାବନକାରୀଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ପେଟ୍ରୋଲିୟମ ଓ ରସାୟନ ବିଭାଗ ମନ୍ତ୍ରୀ କେ.ଡି. ମାଲବ୍ୟଙ୍କ ଘୋଷଣା ।
- ନେଦର୍ଲାଣ୍ଡର ଏକ ଶିଳ୍ପ ପ୍ରତିଷ୍ଠାନ ଭାରତକୁ ଦୁଇଟି ଟଗ ବା ବନ୍ଦରରେ ବ୍ୟବହୃତ ନୌକା ଯୋଗାଇବା ନେଇ ଏକ ଚୁକ୍ତି ସ୍ୱାକ୍ଷରିତ ।
- କାମ୍ବୋଡିଆର ପଳାତକ ରାଷ୍ଟ୍ରପତି ଲନ୍‌ନଲ୍ ଇଣ୍ଡୋନେସିଆର ପର୍ଯ୍ୟଟକ ଦ୍ୱୀପ ବାଲିରେ ପହଞ୍ଚିଥିବା ଜଣାଯାଇଛି ।

## ସୁଡୋକୁ

su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | 6 | 9 |
| | | 4 | 6 | | | 5 | 8 | |
| | | | | 4 | 5 | | | |
| 4 | | | 7 | | 3 | | | |
| | | 8 | | | | 9 | | |
| | | 7 | 1 | | | | | 8 |
| | | | | 2 | | | | |
| | 3 | 2 | | | | | | 4 |
| | 9 | 1 | | | 7 | 6 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 7 | 9 | 1 | 2 | 3 | 6 | 5 |
| 5 | 3 | 1 | 7 | 6 | 4 | 2 | 9 | 8 |
| 6 | 2 | 9 | 8 | 3 | 5 | 4 | 1 | 7 |
| 9 | 8 | 2 | 3 | 5 | 7 | 6 | 4 | 1 |
| 3 | 1 | 5 | 4 | 8 | 6 | 9 | 7 | 2 |
| 4 | 7 | 6 | 2 | 9 | 1 | 8 | 5 | 3 |
| 1 | 9 | 4 | 5 | 2 | 8 | 7 | 3 | 6 |
| 2 | 6 | 3 | 1 | 7 | 9 | 5 | 8 | 4 |
| 7 | 5 | 8 | 6 | 4 | 3 | 1 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରଭୁଙ୍କ ନାଁରେ ଶୋଷଣ

ମହାଶୟ,

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି । ଖୁଲମଖୋଲା ଅନ୍‌ଲାଇନରେ ବିକ୍ରି ହେଉଛି ପତିତପାବନ ବାନା । କେବଳ ବାନା ନୁହେଁ, ପୂର୍ବରୁ ଅନ୍‌ଲାଇନରେ ନିର୍ମାଲ୍ୟ, ଶୁଖିଲା ଭୋଗ ଓ ମହାପ୍ରସାଦ ବିକ୍ରିକୁ ନେଇ ସ୍ୱର ଉଠାଇଛନ୍ତି ସେବାୟତ । ଏବେ ଶ୍ରୀମନ୍ଦିର ନୀଳଚକ୍ରରେ ଆମାଜନ୍‌ରେ ପତିତପାବନ ବାନା ନାଁରେ ବାନା ବିକ୍ରି କରାଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । କମ୍ପାନୀ ଅନ୍‌ଲାଇନରେ ଏହା ଜଗନ୍ନାଥ ମନ୍ଦିର ପତିତପାବନ ବାନା ବୋଲି ଉଲ୍ଲେଖ କରିବ । ମୁଖ୍ୟ ଆଲୋଚନାର ବିଷୟ ହୋଇପଡ଼ିଛି ୨ଟି ରଙ୍ଗ ଅର୍ଥାତ୍ ହଳଦିଆ ଏବଂ ନାଲି ରଙ୍ଗରେ ଏହା ଉପଲବ୍ଧ । ଗଣମାଧ୍ୟମରେ ଶ୍ରୀମନ୍ଦିରର ଜଣେ ଚୂନରା ସେବକ ପ୍ରତିକ୍ରିୟାରେ କହିଛନ୍ତି, କେହି ଶ୍ରୀମନ୍ଦିର ପତିତପାବନ ବାନା କହି ଏହାକୁ ବିକ୍ରିକରିବା ଦୋଷାବହ । ନୀଳଚକ୍ର ଓ ଲାଗି ବାନାକୁ ଶ୍ରୀମନ୍ଦିର ଭିତରେ କେବଳ ମହାପ୍ରଭୁଙ୍କ ଚୂନରା ସେବକମାନେ ହିଁ ବିକ୍ରି କରିପାରିବେ । ଏହା ଶ୍ରୀମନ୍ଦିର ବାନା ନା ବାହାରର ତାହାର ସଠିକତା କ'ଣ ଅଛି । ଅନେକ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଉଛନ୍ତି ଶ୍ରୀମନ୍ଦିରର କର୍ମଚାରୀ । କାରଣ ଏଥିରେ ଏହି ପ୍ରତୀକ ପାଇଁ ଯେଉଁ ମୂଲ୍ୟ ରଖାଯାଇଛି, ତାହା ବାସ୍ତବରେ ବିକ୍ରି ହେଉଥିବା ମୂଲ୍ୟଠାରୁ ଢେର ଅଧିକ । ଅନୁସନ୍ଧାନରୁ ଜଣାଯାଏ, ଏହି ବାନାର ମୂଲ୍ୟ ୪୯୯, ୯୯୯, ୧,୪୪୯ ଟଙ୍କା ଓ ୨,୧୯୯ ଟଙ୍କା ରଖାଯାଇଛି । ମନ୍ଦିର ଭିତରେ ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଏକ ପ୍ରକାର ଶୋଷଣ କରାଯାଇଛି । ଆମାଜନ୍ କମ୍ପାନୀ ପାଖରେ ଏହା ପହଞ୍ଚିଲା କିପରି ? ତାହାକୁ ଅନୁମତି ଦେଇଛି କିଏ । ଏହା ରାଜ୍ୟବାସୀଙ୍କ ଦୃଷ୍ଟିଗୋଚର ହେବା ଦରକାର ।

–ଦେବଭକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

## ଚିରନ୍ତନୀ

ତୁମେ କହ ତାକୁ ମିଛ କଳପନା କେବଳ ଭ୍ରମ
ଜୀବନେ ଯାହା ମୋ ଏକଇ ସତ୍ୟ ନିକଟତମ
ତୁମ ଯାନ ମାନ ଅଟ୍ଟାଳିଠାରୁ ଅଧିକ ସତ
ସେହି ସେ ମାନସୀ ଚିର ଆରାଧନା ରାଧିକା ମମ ।

–(ମାନସୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପଞ୍ଜୀକୃତ ୧୨, ବେଆଇନ ୫୦ କ୍ରଶର

- ଶ୍ରମିକଙ୍କ ଜୀବନର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା
- ମୃତକଙ୍କ ପରିବାରବର୍ଗଙ୍କୁ ମିଳୁନି ନ୍ୟାୟ
- ରଫାଦଫା ହେଉଛି କାରଖାନା ଆଇନ, ନିୟମାବଳୀ

ଯାଜପୁର,୨।୪(ହର୍ଷବର୍ଦ୍ଧନ ବେହେରା) :

ଗରିବ ଲୋକଙ୍କ ଜୀବନକୁ ବିପଦରେ ପକାଇ ପ୍ରଭାବଶାଳୀ ଲୋକ ମୁନାଫା ଅର୍ଜନ କରୁଛନ୍ତି। ଏଥିରେ ପୋଲିସ ପ୍ରଶାସନ କେବଳ ସହଯୋଗ କରୁନାହାନ୍ତି ବରଂ ଆଖିବୁଜି ଦେଉଛନ୍ତି। ଏଭଳି ଉଦାହରଣ ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ବିଭିନ୍ନ କ୍ରଶର ଏବଂ କଳାପଥର ଖାଦାନଗୁଡିକରେ ଦେଖିବାକୁ ମିଳିଛି। କାରଖାନା ଆଇନ ୧୯୪୮ର ଧାରା ୨୧, ୨୨, ୨୩, ୨୪, ୩୦, ୩୧, ୩୬ ଓ ୮୫ ଅନୁଯାୟୀ କ୍ରଶରଗୁଡିକରେ କାର୍ଯ୍ୟରତ ଶ୍ରମିକମାନଙ୍କ ସୁରକ୍ଷା ବ୍ୟବସ୍ଥା ଓ ନୀତି ପରାହତ ହୋଇଛି। ଏଠାରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣା ଘଟି ମୃତ୍ୟୁ ହେଲେ ସେମାନଙ୍କ ଜୀବନର ମୂଲ୍ୟ ୫୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ତାଙ୍କ ପରିବାର ଲୋକଙ୍କୁ ଦେଇ ମାମଲା ରଫାଦଫା କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ବିନା ପଞ୍ଜିକରଣରେ ଏଠାରେ ୫୦ରୁ ଊର୍ଦ୍ଧ୍ୱ ଷ୍ଟୋନ କ୍ରଶର ଚାଲିଥିବାରୁ ସରକାରଙ୍କ ନୀତି ଅନୁସାରେ ଶ୍ରମିକ ଓ ତାଙ୍କ



ଧର୍ମଶାଳା ଅଞ୍ଚଳରେ ବେଆଇନ କ୍ରସର।

ପରିବାରବର୍ଗ ଲାଭ ପାଉନାହାନ୍ତି ବୋଲି ମତ ପ୍ରକାଶ ପାଇଛି।

ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ସର୍ବମୋଟ ୩୭୨ଟି ପଞ୍ଜିକୃତ କ୍ରଶର ରହିଛି। ସେଥିରେ ସର୍ବାଧିକ ୭୧୦୮ ଜଣ ଶ୍ରମିକଙ୍କୁ ନିୟୋଜନ କରିବା ପାଇଁ ସନନ୍ଦ ପ୍ରଦାନ କରାଯାଇଛି। କିନ୍ତୁ ବାସ୍ତବରେ ଏହାର ବହୁ ଗୁଣ ଅଧିକ କ୍ରଶର ବେଆଇନ ଭାବେ ଚାଲିଛି। ଯାଜପୁର ଜିଲାକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏହି ଜିଲାରେ ସରକାରୀ ଭାବେ ୩୦।୧।୨୦୨୪ ସୁଦ୍ଧା ୧୨ଟି କ୍ରଶର ପଞ୍ଜିକୃତ ହୋଇଛି। ଏଥିରେ ୨୨୭ ଜଣ କର୍ମଚାରୀ ନିୟୋଜନ ଅଛନ୍ତି। କିନ୍ତୁ ବାସ୍ତବରେ କେବଳ ମେଗା କ୍ରଶର ପ୍ରାୟ ୩୦ଟି ରହିଛି। ଅନ୍ୟ ଛୋଟ ବଡ କ୍ରସର ୪୦ରୁ ଊର୍ଦ୍ଧ୍ୱ ରହିଥିବା ଜଣାପଡିଛି। ଏହି କ୍ରଶରଗୁଡିକରେ ସରକାରଙ୍କ କୌଣସି ନୀତି ପାଳନ କରାଯାଉନାହିଁ। ଓଡ଼ିଶା କାରଖାନା ନିୟମାବଳୀ ୧୯୫୦ର ନିୟମ ୬୨ଏଚ୍ ଅନୁଯାୟୀ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ବ୍ୟକ୍ତିଗତ ସୁରକ୍ଷା ସାଜସରଞ୍ଜାମ(ପିପିଇ କିଟ) ବ୍ୟବସ୍ଥା ହେଉନାହିଁ। ସଂପୃକ୍ତ ନୀତିକୁ ଠିକ୍ ଭାବେ ଅନୁପାଳନ କରୁ ନ ଥିବା କ୍ରଶର କର୍ତ୍ତୃପକ୍ଷଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଗତ ୧୭ ତାରିଖରେ ରାହାଡପୁର କଳାପଥର ଖାଦାନ ନିକଟସ୍ଥ ଶିବ ଶକ୍ତି ଷ୍ଟୋନ କ୍ରଶରରେ କାମ କରୁଥିବା ସମୟରେ ପଶ୍ଚିମବଙ୍ଗ ରାଜ୍ୟର ବାଙ୍କୁଡା ଜିଲା ବରିକୁଳ ଅଞ୍ଚଳର ଶ୍ୟାମସୁନ୍ଦର ହାଁସଦା(୩୦) ନାମଙ୍କ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ହେଲେ ଆଇନ ଅନୁସାରେ କ୍ରଶର ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ଶ୍ରମିକଙ୍କ ପରିବାରବର୍ଗଙ୍କୁ କିଛି ଅର୍ଥ ଦେଇ ସନ୍ତୁଷ୍ଟ କରାଯାଇଥିଲା ବୋଲି ଚର୍ଚ୍ଚା ହେଉଛି। ଆମ ରାଜ୍ୟର ଜଣେ ଶ୍ରମିକ ଅନ୍ୟ ରାଜ୍ୟରେ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁ ଘଟିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଉଛି। କିନ୍ତୁ ଏଠାରେ ଅନ୍ୟ ରାଜ୍ୟର ଶ୍ରମିକଙ୍କ ଜୀବନର ମୂଲ୍ୟ ତୁଚ୍ଛ ବୋଲି ମନେ କରାଯାଉଛି। ଏହି କ୍ରମରେ ଆମ ରାଜ୍ୟର ଶ୍ରମିକଙ୍କ ମୂଲ୍ୟ ଅନ୍ୟ ରାଜ୍ୟରେ କାହିଁକି ଗୁରୁତ୍ୱ ମିଳିବ ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଗତ ୨୦୨୧ ଜାନୁଆରୀରେ ଧର୍ମଶାଳା ତହସିଲ ଏବଂ ଫେବୃଆରୀରେ ଦର୍ପଣ ତହସିଲ ଅଞ୍ଚଳରେ ବେଆଇନ ପଥର ଭଙ୍ଗା କ୍ରଶରଗୁଡ଼ିକ ଉଚ୍ଛେଦ ହୋଇଥିଲା। ପରିବେଶ ନିୟମ ଓ ସାଇଟିଂ କ୍ରାଇଟେରିଆ ବର୍ହିଭୁତ କରି ବିନା ପ୍ରମାଣପତ୍ରରେ ଚାଲୁଥିବା ପଥର ଭଙ୍ଗା କ୍ରଶରଗୁଡ଼ିକୁ ଉଚ୍ଛେଦ ଓ ସିଲ୍ କରିବାର କେଇଦିନ ଯାଇଛି କି ନାହିଁ ପୁଣି ଏକାଧିକ ବେଆଇନ କ୍ରଶର ଆରମ୍ଭ ହୋଇଥିଲା। ବେଆଇନ କ୍ରଶର ପାଇଁ ଏକାଧିକ କଳାପଥର ଖାଦାନରୁ ବିପୁଳ କୋଟି ଟଙ୍କାର କଳାପଥର ଉତ୍ତୋଳନ ଜାରି ରହିଛି। ପରବର୍ତ୍ତୀ ସମୟରେ ଶ୍ରମିକଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି କ୍ରଶର ୟୁନିଟ ସ୍ଥାପନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥି ସକାଶେ ଜମି ଯୋଗାଇ ଦେବାକୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। କ୍ରଶର ୟୁନିଟ ପାଇଁ ଆରୁହାଠାରେ ଭିତ୍ତିପ୍ରସ୍ତର ସ୍ଥାପନ ସହ ରାସ୍ତା ନିର୍ମାଣ ଶେଷ ହୋଇଛି। କିନ୍ତୁ ବେଆଇନ କ୍ରଶରଗୁଡିକରୁ ମାସିକ ଚାନ୍ଦା ବନ୍ଦ ହୋଇଯିବାର ଆଶଙ୍କା କରି କ୍ରଶର ୟୁନିଟ୍ ନିର୍ମାଣ ଦାୟିତ୍ୱ ରହିଥିବା ଅଧିକାରୀ ନୀରବ ରହୁଛନ୍ତି। ଏଭଳିସ୍ଥିତିରେ ପ୍ରଶାସନର ପ୍ରସ୍ତାବିତ କ୍ରଶର ୟୁନିଟ ନିର୍ମାଣରେ ବିଳମ୍ବ ହେଉଥିବାରୁ ଶ୍ରମିକଙ୍କ ଅକାଳରେ ଜୀବନ ଯାଉଥିବା ସହ ବେଆଇନ କଳାପଥର ଉତ୍ତୋଳନକୁ ସୁହାଉଛି ବୋଲି ମତପ୍ରକାଶ ପାଇଛି।

# ଯାଜପୁର ଡାକ ବିଭାଗର ପ୍ରତିଷ୍ଠା ଦିବସ

ଯାଜପୁର ସଦର,୨।୪ (ସମର ବିଜୟ ଶରଣ):

ଯାଜପୁର ଡାକ ବିଭାଗ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଏହାର ଚତୁର୍ଥ ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଡାକ ଅଧୀକ୍ଷକ ସୁଭ୍ରକାଶ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପିଏଲ୍‌ଆଇର ଡେପୁଟି ମ୍ୟାନେଜର ସତ୍ୟବାଦୀ ବିଶ୍ୱାଳ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଡାକ ଅଧୀକ୍ଷକ ସର୍ବେଶ୍ୱର ମିଶ୍ର ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ସେକ୍ ମହମ୍ମଦ ନୋମାନ ଯୋଗ ଦେଇ ଡାକ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ଓ ସୁଯୋଗର ଲାଭ କିଭଳି ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିବ ସେ ସମ୍ବନ୍ଧରେ କହିଥିଲେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ଡାକ ବିଭାଗ ସୁବିଧା କିଭଳି ପହଞ୍ଚି ପାରିବ ତା' ଉପରେ ଗୁରୁତ୍ୱଦେବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଯାଜପୁର ପୋଷ୍ଟାଲ ଡିଭିଜନ ଓଡ଼ିଶାର ଏକ ନମ୍ବର ହେଇପାରିବ ବୋଲି ମତ ପ୍ରକାଶ ପାଇଥିଲା।

ସମ୍ବର୍ଦ୍ଧନା ଉତ୍ସବରେ ଜିଲାରେ ଥିବା ବିଭିନ୍ନ ଗ୍ରାମାଞ୍ଚଳ ଡାକଘର, ଉପ ଡାକଘର, ମୁଖ୍ୟ ଡାକଘରର ପରିଚାଳକ, ପୋଷ୍ଟାଲ ଆସିଷ୍ଟାଣ୍ଟ, ପୋଷ୍ଟମ୍ୟାନ, ଏମଟିଏସ, ଗ୍ରାମୀଣ ଡାକ ସେବକମାନଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଡାକ ଘରର ଏଏସ୍‌ପି ସଞ୍ଜୟ କୁମାର, ଏଏସ୍‌ପି ହରିଶଙ୍କର ସୁବୁଦ୍ଧି, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ପ୍ରବନ୍ଧକ ଚିନ୍ତାମଣି ପାଗଳ, ପୋଷ୍ଟାଲ ଇନ୍ସପେକ୍ଟର କୁମାର ପ୍ରସାଦ ଜେନା, ପୋଷ୍ଟଲ ଆସିଷ୍ଟାଣ୍ଟ ସୁଧାଂଶୁ ଶେଖର ସେଠୀ, ଅମିୟ ପାଢ଼ୀ, ଜେପି ନାୟକ ଓ ଅମିୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଯାଜପୁର ଡାକ ବିଭାଗର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିମାନେ।

# ଓଡ଼ିଶାର ମହା ମନୀଷୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଚଣ୍ଡିଖୋଲ,୨।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ଭାଷା ଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ପରିଚିତ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁମାନଙ୍କ ଅବଦାନ ରହିଛି, ସେହି ମହା ମନିଶୀମାନଙ୍କ ସମାଜ ପ୍ରତି ଭୂମିକା ଗୁରୁତ୍ୱପୂର୍ଣ୍ଣ। ବଡ଼ଚଣା ବ୍ଲକ ସାଉଡିଆ ପଞ୍ଚାୟତ ଅନ୍ତର୍ଗତ ବାଲିକୁଦା ମଙ୍ଗଳା ମଣ୍ଡପଠାରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଯୁଗାନ୍ତର ସାଂସ୍କୃତିକ ପରିଷଦ ପକ୍ଷରୁ ପାଳିତ ଓଡ଼ିଶା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଡ. ହରିହର କାନୁନଗୋ ଏକଥା ପ୍ରକାଶ କରିଛନ୍ତି। ବିଶିଷ୍ଟ କବି ପ୍ରଭାକର ଶତପଥୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି କିଶୋର ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଯାଜପୁର ଜିଲାର ବିଚିତ୍ରାନନ୍ଦ ଦାସ ଓ ବ୍ରଜ ସୁନ୍ଦର ଦାସଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପରିଷଦ ସଦସ୍ୟ ଉମାକାନ୍ତ ବଳ, ରାମଚନ୍ଦ୍ର ସାମଲ, ଦିନବନ୍ଧୁ ବେହେରା, ରାଜେନ୍ଦ୍ର ନାରାୟଣ ରାୟ, ସୁରମୋହନ ମହାପାତ୍ର, ଅର୍ଜୁନ ଚରଣ ରାଉତ, ତ୍ରିଲୋଚନ ସେନାପତି, ପ୍ରସନ୍ନ ଶତପଥୀ ଓ ଶୁକଦେବ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କୁ ପ୍ରାକ୍ତନ ସାଂସଦ ମୋହନ ଜେନା ସ୍ମୃତି ସମ୍ମାନ, ମୁଖ୍ୟ ବକ୍ତାଙ୍କୁ ଶିକ୍ଷାବିତ ଅଶୋକ ମହାପାତ୍ର ସ୍ମୃତି ସମ୍ମାନ, ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡା. ରାଜକିଶୋର ପଣ୍ଡାଙ୍କୁ ସାମାଜିକ କର୍ମୀ ରତିକାନ୍ତ ପ୍ରଧାନ ସ୍ମୃତି ସମ୍ମାନ, ଅଖିଳ ଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କୁ ସାମାଜିକ କର୍ମୀ ଗୋପୀନାଥ ବଳ ସ୍ମୃତି ସମ୍ମାନ, ଡାକ୍ତର ଆଦ୍ୟା ଅନିନ୍ଦିତାଙ୍କୁ ଇଞ୍ଜିନିୟର ଉନ୍ମେଷ ସାମଲ ସ୍ମୃତି ସମ୍ମାନ, ବାଲୁକା ଶିଳ୍ପୀ ଚିତ୍ରସେନ ବେହେରାଙ୍କୁ ସରସ୍ୱତୀ ଦେବୀ ସ୍ମୃତି ସମ୍ମାନ, ଡାକ୍ତରୀ ଛାତ୍ର ରଜନୀକାନ୍ତ ପରିଡ଼ାଙ୍କୁ ଇଞ୍ଜିନିୟର ଅଂଶୁମାନ ବେହେରା ସ୍ମୃତି ସମ୍ମାନ, ଆଦର୍ଶ ଶିକ୍ଷକ ଗଙ୍ଗାଧର ମହାନ୍ତିଙ୍କୁ ମନୋରମା ନାୟକ ସ୍ମୃତି ସମ୍ମାନ, ସ୍ତମ୍ଭକାର ମିହିର ପ୍ରତାପ ଦାସଙ୍କୁ ନାରାୟଣ ସାମନ୍ତରାୟ ସ୍ମୃତି ସମ୍ମାନ, ବର୍ଷିୟାନ ଶିକ୍ଷାବିତ କୁଳମଣି ଶୁକ୍ଳଙ୍କୁ ପଣ୍ଡିତ ବୈଷ୍ଣବ ନନ୍ଦ ସ୍ମୃତି ସମ୍ମାନ, ସାହିତ୍ୟିକ ବ୍ରଜମୋହନ ସାମଲଙ୍କୁ ନିରାକାର ଜେନା ସ୍ମୃତି ସମ୍ମାନ, କବି ମହେଶ୍ୱର ଜେନା ସାମନ୍ତଙ୍କୁ ମହନି ଚରଣ ଭୂୟାଁ ସ୍ମୃତି ସମ୍ମାନ ଓ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ଶାନ୍ତିଙ୍କୁ ଶୁକଦେବ ଜେନା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରିଷଦ ସଦସ୍ୟ ଖଗେଶ୍ୱର ଜେନା, ରତ୍ନାକର ଜେନା, ଶ୍ରୀଧର ଖୁଣ୍ଟିଆ, ଉପେନ୍ଦ୍ର କୁମାର ମାହୁନ୍ତ ଓ ଗଯାଧର ସେଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ସମ୍ପାଦକ ଡ. ଭାଗ୍ୟଧର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଜିତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। କବି ପୀତାମ୍ବର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ଅମ୍ରିତା ସିଂହ, ବନ୍ଦନା ମହାପାତ୍ର ଓ ପଙ୍କଜିନୀ ଉପାଧ୍ୟାୟ କବିତା ସଂଯୋଜନା କରିଥିଲେ।

# ଚୋରି ଧରାଇବା ସନ୍ଦେହରେ ମାଡ଼

ରସୁଲପୁର,୨।୪(ରଞ୍ଜିତ ରାଉତ):

କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ବଣ୍ଟରା ଗ୍ରାମର ଚନ୍ଦ୍ରମାଧବ ମିଶ୍ରଙ୍କୁ ତାଙ୍କ ସାହିର ଏକ ପରିବାର ଲୋକେ ସଂଘବଦ୍ଧ ଭାବରେ ମାଡ ମାରିବା ସହ ତାଙ୍କ ସୁନାଚେନ୍ ଛିଣ୍ଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୁକ୍ତ ପରିବାରକୁ ଏକ ଚୋରି ମାମଲାରେ ଚନ୍ଦ୍ରମାଧବ ଧରାଇ ଦେଇଥିବା ସନ୍ଦେହକରି ଏହି ଆକ୍ରମଣ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ନେଇ ପୋଲିସ ମାମଲା ରୁଜୁ କରି ନ ଥିବା ଅଭିଯୋଗ ହେଉଛି। ଅଭିଯୋଗ ମୁତାବକ, ୨୦୨୩ରେ ଅଭିଯୁକ୍ତ ପରିବାର ଲୋକେ ବିଦ୍ୟୁତ ଖୁଣ୍ଟ ବେଆଇନ ଭାବରେ ଚାଲାଣ କରୁଥିବା ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଚନ୍ଦ୍ରମାଧବଙ୍କ ସଂପୃକ୍ତି ରହିଛି ବୋଲି ଅଭିଯୁକ୍ତଙ୍କ ପରିବାର ଲୋକେ ସନ୍ଦେହକରି ଆସୁଥିଲେ। ସୋମବାର ରାତି ପ୍ରାୟ ୮ଟାରେ ଅଭିଯୋଗକାରୀ ଚନ୍ଦ୍ରମାଧବ ଗାଁର ମନ୍ଦିର ପାଖକୁ ବୁଲିବାକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ପରିବାର ଲୋକେ ତାଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ବିଦ୍ୟୁତ୍ ସମାଗ୍ରୀ ଚୋରି ଘଟଣାରେ ଆମକୁ ଧରାଇ ଦେଇଥିବା କହି ପରିବାର ପକ୍ଷରୁ ଶ୍ୟାମସୁନ୍ଦର ଦାସ, ବସନ୍ତ ଦାସ ଚନ୍ଦ୍ରମାଧବଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏହି ସୁଯୋଗରେ ଅନ୍ୟ ଜଣେ ଭାଇ ସୁକାନ୍ତ ଦାସ ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଥିଲେ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ୨୪ ଘଣ୍ଟା ବିତି ସାରିଥିବାସତ୍ତ୍ୱେ ପୋଲିସ ପକ୍ଷରୁ ଏଯାଏ କୌଣସି ମାମଲା ରୁଜୁ କରାଯାଇ ନ ଥିବା କୁହାଯାଉଛି। ଅଭିଯୋଗପତ୍ର ପୋଲିସର ହସ୍ତଗତ ହୋଇଛି। ତଦନ୍ତ ଜାରି ରହିଛି, ଘଟଣାର ସତ୍ୟାସତ୍ୟ ଦିଗକୁ ଅନୁଧ୍ୟାନ କରିବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଏସ୍.ଆଇ ହେମଲତା ଦାସ ସୂଚନା ଦେଇଛନ୍ତି।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୬୮ ବିଜ୍ଞାପନ ତା:୧୯।୦୩।୨୦୨୪

No. CAD-5: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରମୁଣ୍ଡା ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏମ୍.ଆଇ.ଜି.–୧୬୧ (MIG-161)ଟିକୁ ୧. ଶ୍ରୀମତୀ ପ୍ରିୟଙ୍କା ନାୟକ, ସ୍ୱାମୀ: ଶୁଭ୍ରକାନ୍ତ ନାୟକ, ୨. ଶ୍ରୀ ବିବେକାନନ୍ଦ ନାୟକ, ପିତା: ପ୍ରଭାକର ନାୟକ, ସା/ପୋ.: ବାଲିପାଟଣା, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ୧. ଶ୍ରୀମତୀ ପ୍ରିୟଙ୍କା ନାୟକ, ୨. ଶ୍ରୀ ବିବେକାନନ୍ଦ ନାୟକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରୀତା ମହାନ୍ତି, ସ୍ୱାମୀ: ବିରେଶ ମହାନ୍ତି, ସା.: ପ୍ଲଟ ନଂ. ୮୦୮, ବୁଦ୍ଧରାଜ ମେଡ଼ିକାଲ ଲେନ୍, ଗୋବିନ୍ଦ ପ୍ରସାଦ, ପୋ: ବୁଦ୍ଧେଶ୍ୱରୀ କଲୋନୀ, ଥାନା: ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0011/2425

REQUIREMENT OF BUILDING / HOUSE FOR THE PURPOSE OF GARRISON ENGINEER OFFICE, BHUBANESWAR

Garrison Engineer (I) (CG) Office requires accommodation for hiring of Office of Garrison Engineer (I) (CG) Bhubaneswar with approximately floor area measuring 10000 to 30000 Sqft. on rental basis for a period of 03 years with effect from 18 Aug. 2024 in Bhubaneswar city.

The building preferably be surrounded by boundary wall which must be in good condition. The building should be in well connected by road for access. All electrical and plumbing fitments / fixture must be in good and working condition. Adequate and proper water supply must be available. The property should be free from any litigation / dispute at the time of hiring. The interested property owners will submit their property details with valid ownership documents in the following address within 30 days from the date of publication of advertisement.

The Defence Estates Officer
Govt. of India, Ministry of Defence
Defence Estates Office, Odisha Circle
163, Prachi Enclave, Chandrasekharpur
Bhubaneswar, Odisha- 751016
Tele.: 0674-2747631, 345,
E-mail- deobhub-stats@nic.in

# ଖବର ପ୍ରସାରଣ ପରେ ହଟିଲା ନେତାଙ୍କ ହୋର୍ଡିଂ

ବ୍ରହ୍ମବରଦା,୨।୪(ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତର ବିଭିନ୍ନ ଛକ, ବଜାର ଓ ବିଦ୍ୟାଳୟ ଫାଟକ ସମ୍ମୁଖରେ ନିର୍ବାଚନୀ ଆଇନ ଉଲ୍ଲଂଘନ କରୁଥିବା ନେତା ଓ ଆଶାୟୀ ପ୍ରାର୍ଥୀଙ୍କ ଶୁଭେଚ୍ଛା ବ୍ୟାନର, ପ୍ରଚାର ଫଟୋ ଓ ହୋର୍ଡିଂ ବିଭିନ୍ନ ସ୍ଥାନରେ ଲାଗି ରହିଥିଲା। ଏନେଇ ମଙ୍ଗଳବାର ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍‌ପରତା ଦେଖାଯାଇଛି। ନେତାଙ୍କ ଶୁଭେଚ୍ଛା ବ୍ୟାନର, ପ୍ରଚାର ଫଟୋ ଓ ହୋର୍ଡିଂକୁ ହଟେଇ ଦିଆଯାଇଛି। ଏନେଇ ବ୍ରହ୍ମବରଦା ଗ୍ରାମବାସୀ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

ପୂର୍ବ ତଟ ରେଳପଥ
DRM/Engg/KUR/23-24/E-Tender/146, ଡା.25.03.2024ରିଖ
(1) e-Tender-hq-kur-461-2023, ଡା.19.03.2024ରିଖ
223.16 ଲକ୍ଷ, EMD (₹) : 2,61,600.00 ।
(2) e-Tender-hq-kur-462-2023, ଡା.19.03.2024ରିଖ
KP-7 KP-8 KASR KP-11
178.40 ଲକ୍ଷ, EMD (₹) : 2,39,200.00 ।
(3) e-tender-hq-kur-463-2023, ଡା.19.03.2024ରିଖ
03 bay
45.63 ଲକ୍ଷ, EMD (₹) : 91,300.00 ।
ଡା.10.04.2024 ରିଖ 1500
www.ireps.gov.in
PR-1200/O/23-24

# ପାଣିକୋଇଲି ମିଳନ ଉତ୍ସବ ଉଦ୍‌ଯାପିତ



ପାଣିକୋଇଲି,୨।୪(ବିକାଶ ମଲ୍ଲିକ):

ପାଣିକୋଇଲି ମେଲଣ କମିଟି ପକ୍ଷରୁ ଆୟୋଜିତ ୩୯ତମ ପାଣିକୋଇଲି ମିଳନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ୧୨ ବିମାନ ଅଂଶଗ୍ରହଣ କରିଥିଲେ। ପାଣିକୋଇଲି ଥାନପତି, ପଥରପଦା, କାଜିପାଟଣା ଆଦି ବିମାନ ସମ୍ମୁଖରେ ମଧ୍ୟ ରାତ୍ରରୁ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କୁ ନେଇ ମେଲୋଡି ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଭିଡ ଜମିଥିଲା। ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆମେ ବିପଦରେ ସାଥି', ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ ଓ ସୀତାରାମ ସେବା ସମିତି ପକ୍ଷରୁ ଜଳଛତ୍ର ଖୋଲାଯାଇଥିଲା।

ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ଓ ଏସଆଇସିଇ କମ୍ପ୍ୟୁଟର ସଂସ୍ଥା ପକ୍ଷରୁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲାଯାଇଥିଲା। ସବୁଠୁ ନିଆରା କାର୍ଯ୍ୟକ୍ରମ ପାଣିକୋଇଲି ମେଲଣର ରଙ୍ଗଖେଳ ଥିଲା। ଯୁବତୀଯୁବକଙ୍କ ମଧ୍ୟରେ ଅବିର ଖେଳ ନିଆରା ହୋଇଥିଲା। ଏହାକୁ ବଜାୟ ରଖିବା ପାଇଁ ପାଣିକୋଇଲି ବଜାରର ୪ ଦିଗରୁ ଅର୍ଥାତ୍ ପୂର୍ବ ଦିଗରୁ ପାଣିକୋଇଲି ଥାନପତି ଗୋପୀନାଥ ଜୀଉ, ପଶ୍ଚିମ ଦିଗରୁ କାଜିପାଟଣା ରାଧାକାନ୍ତ ଜୀଉ, ଉତ୍ତର ଦିଗରୁ ପଥରପଦା ମଦନମୋହନ ଜୀଉ ଓ ଦକ୍ଷିଣ ଦିଗରୁ ଅଳତିରି ରାଧାକାନ୍ତ ଜୀଉ ସଂକୀର୍ତ୍ତନ ମାଧ୍ୟମରେ ବିଜେ କରିଥିଲେ। ଚାରି ଠାକୁରଙ୍କ ସମେତ ସମସ୍ତ ବିମାନ ତାରିଣୀ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ କମିଟି ପକ୍ଷରୁ ବିଦାକି ଦେଇ ଚଳିତ ବର୍ଷ ପାଇଁ ବିଦାୟ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟମଣି ପଣ୍ଡା, ସନ୍ତୋଷ ବେହେରା, ମଦନମୋହନ ବେହରା, ଶ୍ୟାମସୁନ୍ଦର ବାରିକ, ଶ୍ରୀଧର ଦାସ ପ୍ରମୁଖ ପରିଚଳନା କରିଥିଲେ। କମିଟି ପକ୍ଷରୁ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ନିର୍ମଳ ମଲ୍ଲିକ, ଘନଶ୍ୟାମ ପଣ୍ଡା, ଅଜୟ ମଲ୍ଲିକ, ନିମାଇଁ ମଲ୍ଲିକ, ବେଣୁଧର ଖଣ୍ଡାଇ ଓ ବିଜନ ଧଳଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପାଣିକୋଇଲି ପୋଲିସ ପକ୍ଷରୁ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନେତୃତ୍ୱରେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଅତିଥିଭାବେ ସାମାଜିକ କର୍ମୀ ଶରତ ଚନ୍ଦ୍ର ଦାଶ, ନୃସିଂହ ଚରଣ ଦଳାଇ, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, ସୂର୍ଯ୍ୟମଣି ପଣ୍ଡା ଓ ଗୋଳେଇପୁର ସରପଞ୍ଚ ସସ୍ମିତା ମାଝି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
PAY FOR 1, GET 1 FREE

WANTED
Salesman required for reputed Jewellery Showroom, Experienced more preferable
Send your resume on hwjjus@yahoo.com

REQUIRED
Mecatech Mould & Die Pvt. Ltd.
1. Lathe Operator.
2. CAD / CAM Engineer.
3. CNC Operator.
Freshers can be apply.
Mob.: 7509278970, 6370240078
mecatech5678@gmail.com

REQUIRED
Smart dynamic female candidate require for Back Office job in our Farm Viswakarma. Candidate must have knowledge of tally.
Contact number: 9937890090

APPOINTMENT
ଭୁବନେଶ୍ୱରରେ ଘରକାମ ପାଇଁ
ମହିଳା କର୍ମୀ ଆବଶ୍ୟକ
ଖାଇବା ରହିବା ଛଡ଼ା ମାସିକ ଦରମା ୮ ହଜାର ରୁ ୧୦ ହଜାର।
ଯୋଗାଯୋଗ
Mob : 8336937795

ଡ୍ରାଇଭର କମ୍ କେୟାର ଟେକର ଆବଶ୍ୟକ
ଆକର୍ଷଣୀୟ ଦରମା, ରହିବା, ଖାଇବା ଫ୍ରି ସହ ଅନ୍ୟାନ୍ୟ ସୁବିଧା ଅଛି।
ସ୍ଥାନ– ଫୁଲନଖରା, ଭୁବନେଶ୍ୱର
ବୟସ–୨୫ ବର୍ଷରୁ ୪୦ ବର୍ଷ
ଯୋଗ୍ୟତା–ସପ୍ତମରୁ ଊର୍ଦ୍ଧ୍ୱ
ଯୋଗାଯୋଗ ନଂ.
8240221494, 7982492860

FOREST PROJECT COORDINATOR
M.Sc.(Forestry)/B.Sc.(Forestry) with Experience to work in Sundargarh. Rs. 20,000/- P.M + D.A.
Contact - 9937527247

See Career Appointment on every Wednesday & Saturday

କୃଷି ସହାୟକ
ଜୈବିକ କୃଷିର ସିଧାସଳଖ ଚାଷୀମାନଙ୍କୁ ଅବଗତ କରାଇ ତା'ର ପ୍ରସାର ପାଇଁ ଆବଶ୍ୟକ।
ସମ୍ପର୍କ ମୋବାଇଲ:
9337084518

WALK-IN-INTERVIEW
A Civil Engg. Construction Co. Requires Experienced (Govt. Building Project) for its ongoing Project in Cuttack Project Manager, Project Engineer, Billing Engineer, Quality Engineer, Foreman, Supervisor, Store Incharge, Electrical Engineer.
Interested candidates walk-in interview on 4, 5 & 11 April 2024 onwards, Time : 9 am to 6 pm, at
SNS INFRACON PVT. LTD.
C/o. National Law University (NLU), Cuttack, Mob. No. 8750016677

# ଜଗତ୍‌ସିଂହପୁର-କାଳଖ ରାସ୍ତା ୨ ଲେନ୍ ବିଶିଷ୍ଟ ହେଉ

ଜଗତ୍‌ସିଂହପୁର, ୨।୪ (ପ୍ରମୋଦ କୁମାର ନାୟକ)




- ସରକାରଙ୍କ ସମେତ ୪ ଜିଲାର ଲୋକେ ଲାଭବାନ ହେବେ
- ପର୍ଯ୍ୟଟନ କ୍ଷେତ୍ରକୁ ଗମନାଗମନରେ ସୁବିଧା ହେବ

ଜଗତ୍‌ସିଂହପୁର-ଚାରିଛକ ଭାୟା ପହଙ୍ଗା-କାଳଖ ରାସ୍ତାର ଉନ୍ନତୀକରଣ ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ଏଥିମଧ୍ୟରେ ଚାରିଛକ-ପହଙ୍ଗା-ଏରଡ଼ା ରାସ୍ତା ପ୍ରଶସ୍ତୀକରଣ ତଥା ନବୀକରଣ ନେଇ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। କିନ୍ତୁ ଜଗତ୍‌ସିଂହପୁର-କାଳଖ ରାସ୍ତା ପୂର୍ବପରି ସଙ୍କୁଚିତ ହୋଇରହିଛି। ଯେଉଁ କାରଣରୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ତେଣୁ ସରକାର ତୁରନ୍ତ ଏହି ରାସ୍ତାକୁ ୨ ଲେନ ବିଶିଷ୍ଟ କଲେ ୪ ଜିଲାର ଲୋକଙ୍କ ସମେତ ପର୍ଯ୍ୟଟନ କ୍ଷେତ୍ରକୁ ଗମନାଗମନର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଦାବି ହେଉଛି ।

ଜଗତ୍‌ସିଂହପୁର-ଚାରିଛକ ରାସ୍ତାକୁ ରାଜ୍ୟ ରାଜପଥରେ ଅନ୍ତର୍ଭୁକ୍ତ କରାଗଲେ ଜଗତ୍‌ସିଂହପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲାର ଲକ୍ଷାଧିକ ଲୋକ ଉପକୃତ ହେବା ସହ ରାଜ୍ୟ ସରକାର ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ଦର୍ଶାଯାଇଛି, ଜଗତ୍‌ସିଂହପୁର ଓ କଟକ ଜିଲାର ସୀମାନ୍ତବର୍ତ୍ତୀ କାଳଖ ନିକଟରେ ଦେବୀ ନଦୀରେ ଏକ ପୋଲ ଏହି ରାସ୍ତାର ଗୁରୁତ୍ୱ ବଢ଼ାଇ ଦେଇଛି। ସେଠାରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ଯେଉଁ ଦାବି ହୋଇ ଆସୁଥିଲା ତାହା ବାସ୍ତବ ରୂପ ନେଇଛି। ଏବେ ଲୋକେ ଜଗତ୍‌ସିଂହପୁରରୁ ଉପରୋକ୍ତ ୪ଟି ଜିଲାକୁ ଯାତାୟାତ କରିବା ପାଇଁ କାଳଖ ପୋଲ ବେସ୍ ସହାୟକ ହେଉଛି। କାରଣ ପୁରୀରୁ ଜଗତ୍‌ସିଂହପୁର ଯାତାୟାତ ପାଇଁ ଦୂରତା କମିଯାଇଛି। ଏଥିସହ ଶତାଧିକ ଗ୍ରାମର ଲୋକେ ଉପକୃତ ହେବେ। ପୂର୍ବରୁ ଆଳିପିଙ୍ଗଳରୁ କାଳଖ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ କମ୍ ସଂଖ୍ୟକ ଗ୍ରାମର ଲୋକ ଯାତାୟାତ କରୁଥିଲେ। ତେଣୁ ଏହି ରାସ୍ତା ସଙ୍କୁଚିତ ସାଙ୍ଗକୁ ଖାଲଖମାରେ ପରିପୂର୍ଣ୍ଣ ଥିଲା। ଏରଡ଼ା-କାଳଖ ପୋଲ ହୋଇଯିବା ଦ୍ୱାରା ଏହି ରାସ୍ତା ମରାମତି କରାଯାଇଛି। ଏହାଦ୍ୱାରା କଟକ ଜିଲା ନିଆଳି ବ୍ଲକ ଅନ୍ତର୍ଗତ ଶାସନପଦା, ଏକବେରୁଆଁ, ନାଟୀ, କାଳଖ, ପହଙ୍ଗା, ତାମ୍ପଡ଼ା, ମାଧବ ଦେଇ ଚନ୍ଦ୍ରମଉଳୀ ଓ ଚାରିଛକ ପର୍ଯ୍ୟନ୍ତ ଲମ୍ବିଥିବା ୨୫ କିଲୋମିଟର ଏହି ରାସ୍ତାରେ ଏବେ ପ୍ରତ୍ୟହ ବହୁ ସଂଖ୍ୟକ ଲୋକଙ୍କ ଯାତାୟାତ ସମ୍ଭବ ହେଉଛି। ନିଆଳି ବ୍ଲକ ସମେତ ଖୋର୍ଦ୍ଧା ଜିଲାର ବାଲିପାଟଣା ଓ ପୁରୀ ଜିଲାର ବହୁ ସଂଖ୍ୟକ ଲୋକେ ଜଗତ୍‌ସିଂହପୁର, ପାରାଦୀପ, ମା'ସାରଳା ପୀଠ, ଗୋରେଖନାଥ ପୀଠ ସମେତ ଜଗତ୍‌ସିଂହପୁର ଜିଲାର ଏକାଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯାତାୟାତ କରୁଛନ୍ତି। କିନ୍ତୁ ଦୁଃଖର କଥା ଜଗତ୍‌ସିଂହପୁରରୁ ଚାରିଛକ ପର୍ଯ୍ୟନ୍ତ ସଂଯୁକ୍ତ ଏହି ରାସ୍ତାଗୁଡିକରେ ଯାତାୟାତରେ ଅନେକ କିଛି ବାଧକ ସାଜୁଛି। ବିଶେଷକରି ଅଧିକାଂଶ ସ୍ଥାନରେ ଖାଲଖମା ସାଙ୍ଗକୁ ସଙ୍କୁଚିତ ରାସ୍ତା ଗମନାଗମନରେ ଅସୁବିଧା ସୃଷ୍ଟି କରୁଛି। ଏପରିକି ୨ଟି ଚାରିଚକିଆ ଯାନ ପରସ୍ପରକୁ ଅତିକ୍ରମ କରିବା ମଧ୍ୟ କଷ୍ଟକର ହୋଇପଡୁଛି। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ରାଜ୍ୟ ରାଜପଥ ଯୋଜନାରେ ଅନ୍ତର୍ଭୁକ୍ତ ସହ ୨ ଲେନ୍ କରାଯିବା ଜରୁରୀ। ଏନେଇ ସର୍ବେକ୍ଷଣ ସହ ଖର୍ଚ୍ଚ ଅଟକଳ କରାଗଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ପହଙ୍ଗା ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନାଗରିକ ବିଦ୍ୟାଧର ରାଉତ, ବିପିନ ବିହାରୀ ବାରିକ, ପ୍ରଭାସ କୁମାର ସ୍ୱାଇଁ, ବଟକୃଷ୍ଣ ମଲ୍ଲିକ, ଏକବେରୁଆ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ସିଠାଲୋ ସରପଞ୍ଚ କବିତା ମହାପାତ୍ର, ଏରଡ଼ା ଗ୍ରାମର ସଞ୍ଜୟ କୁମାର ବିଶ୍ୱାଳ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସରୋଜ କୁମାର ନାୟକ ଓ ଯୋରକୂଳର ପ୍ରଶନ୍ନ କୁମାର ଭୂୟାଁ ପ୍ରମୁଖ ଦାବି କରିଛନ୍ତି ।

## ଗୋଟିଏ ରାତିରେ ୩ ମନ୍ଦିର, ଦୋକାନରୁ ଚୋରି

ବାଲିକୁଦା, ୨।୪(ତାପସ ସ୍ୱାଇଁ)

ବାଲିକୁଦା ଥାନା ଅଡ଼ଙ୍ଗା ପଞ୍ଚାୟତ ଅନ୍ତର୍ଗତ ଦେବଗ୍ରାମରେ ସୋମବାର ରାତିରେ ୩ ମନ୍ଦିର ଓ ଗୋଟିଏ ଦୋକାନରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ କନକେଶ୍ୱର ମହାଦେବ ମନ୍ଦିର ଲୁହା କବାଟ ତାଲା ଭାଙ୍ଗି ଭିତରେ ପଶିବା ସହ ଠାକୁରଙ୍କ ହୁଣ୍ଡି ବାକ୍ସରୁ ଦାନ ଅର୍ଥ ସହ ଦୁଇଟି ଘଣ୍ଟ ଓ ଠାକୁରଙ୍କ ସୁନା ଓ ରୁପା ଅଳଙ୍କାର ଆଦି ଚୋରି କରିନେଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ପାଖାପାଖି ୧ ଲକ୍ଷ ଟଙ୍କା ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି । ଏନେଇ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ସତ୍ୟଜିତ୍ ମହାନ୍ତି ବାଲିକୁଦା ଥାନାକୁ ଖବର ଦେବାପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ସେହିପରି ସ୍ଥାନୀୟ ଅଞ୍ଚଳରେ ଥିବା ୨ଟି ତ୍ରିନାଥ ମନ୍ଦିରରୁ ମଧ୍ୟ ସମାନ ଢଙ୍ଗରେ ଚୋରି ହୋଇଛି । ଏଥିସହ କନକେଶ୍ୱରଙ୍କ ପାଦଦେଶରେ ଥିବା ଗିରିଜା ଭୂଷଣ ମହାନ୍ତିଙ୍କ ଏକ ମନୋହରି ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମଧ୍ୟ ବିଭିନ୍ନ ଜିନିଷପତ୍ର ସମେତ ସେଠାରେ ଥିବା ଅଢ଼େଇ ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି ।

## ୨ ଫେରାର ଅଭିଯୁକ୍ତ ଗିରଫ

କୁଜଙ୍ଗ, ୨।୪ (ମନୋଜ ପ୍ରଧାନ)


ଗିରଫ ୨ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ଅଭୟଚାନ୍ଦପୁର ପୋଲିସ ମଙ୍ଗଳବାର ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁର ଗଗନ ଡାଲୁଆ ଓ ଅନ୍ୟଜଣେ ଉକ୍ତ ଗ୍ରାମର ବିଶ୍ୱ ପ୍ରକାଶ ଦାସ ଓରଫ ଧନୀ। ଉଭୟେ ପ୍ରାୟ ବର୍ଷେ ପୂର୍ବରୁ ଏକ ସାଇଣ୍ଡର ମେଶିନ ଓ ଟ୍ରାକ୍ଟରର ହାଇଡ୍ରୋଲିକ ଚୋରି କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏନେଇ ଥାନାରେ ମାମଲା (ନଂ. ୩୦୫/୨୩, ୨୬୮/୨୩ ଓ ୨୬୯/୨୩) ରୁଜୁ କରିବା ପରେ ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଥିଲେ। ବର୍ଷେପରେ ଗଗନ ଓ ବିଶ୍ୱପ୍ରକାଶ ଗାଁକୁ ଫେରିଥିବା ଖବରପାଇ ପୋଲିସ ଚଢ଼ାଉ କରି ସେମାନଙ୍କୁ ଧରିଥିବା ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି।

## କଂଗ୍ରେସ ନେତାଙ୍କ ବିୟୋଗରେ ସର୍ବଦଳୀୟ ଶୋକସଭା

ଜଗତ୍‌ସିଂହପୁର, ୨।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକର ବରିଷ୍ଠ କଂଗ୍ରେସ ନେତା, ସାମାଜିକ କର୍ମୀ ହେମନ୍ତ କୁମାର ସ୍ୱାଇଁଙ୍କ ଏକାଦଶାହ ଉପଲକ୍ଷେ ଉପଲକ୍ଷେ ତାଙ୍କ ପୈତୃକ ଗ୍ରାମ କଲିଅଦାଠାରେ ଏକ ସର୍ବଦଳୀୟ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ବିଷ୍ଣୁ ଚରଣ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ପ୍ରଦେଶ କଂଗ୍ରେସ ସମ୍ପାଦକ ବିପ୍ଲବ ଚୌଧୁରୀ, ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ନଗରକଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବରିଷ୍ଠ ନେତା ପ୍ରସନ୍ନ କୁମାର ସାମନ୍ତରାୟ, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ମାନସ କୁମାର ରଥ, ଭାଗ୍ୟଧର ସ୍ୱାଇଁ, ଅବନୀକାନ୍ତ ମହାରଣା, ଅଦ୍ୱୈତ କୁମାର ଜେନା, ସମିତି ସଭ୍ୟ ହିମାଂଶୁ ଶେଖର ପରିଡ଼ା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଆଶିଷ କୁମାର ମହାପାତ୍ର, ହେମନ୍ତ କୁମାର ମଲ୍ଲିକ, ନୃସିଂହ ନାୟକ ଓ ସ୍ଥାନୀୟ ସରପଞ୍ଚ ଭ୍ରମରବର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ହେମନ୍ତ କୁମାର ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ।



ଶୋକସଭାରେ ଯୋଗଦେଇଥିବା ବିଭିନ୍ନ ଦଳର କର୍ମୀ ଏବଂ ଅନ୍ୟମାନେ।

## ଭାଜପା ପାରାଦୀପ ପ୍ରାର୍ଥୀ ସମ୍ପଦଙ୍କୁ ସମ୍ବର୍ଦ୍ଧନା


କୁଜଙ୍ଗର ଦଳୀୟ କାର୍ଯ୍ୟାଳୟରେ ସମର୍ଥକଙ୍କ ସହ ସମ୍ପଦ ସ୍ୱାଇଁ।

କୁଜଙ୍ଗ, ୨।୪(ମନୋଜ ପ୍ରଧାନ)

ଆଗାମୀ ୨୦୨୪ ବିଧାନସଭା ନିର୍ବାଚନ ନିମନ୍ତେ ପାରାଦୀପ ନିର୍ବାଚନ ମଣ୍ଡଳୀ ପାଇଁ ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ପଦ ସ୍ୱାଇଁଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯିବା ପରେ ଦଳୀୟ ଶିବିରରେ ଆନନ୍ଦରଲହରି ଖେଳିଯାଇଛି। ଭାଜପାର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ କୁଜଙ୍ଗର ଦଳୀୟ କାର୍ଯ୍ୟାଳୟରେ ବାଜା ବଜାଇ, ବାଣ ଫୁଟାଇ ଉତ୍ସବ ମନାଇଥିଲେ। ସନ୍ଧ୍ୟାରେ ସମ୍ପଦ କାର୍ଯ୍ୟାଳୟରେ ପହଞ୍ଚିବା କ୍ଷଣି ତାଙ୍କୁ ସ୍ୱାଗତ କରାଯିବା ସହ ଅଭିନନ୍ଦନ ଜଣାଇଥିଲେ। ଖାଲି ସେତିକି ନୁହେଁ ଦଳୀୟ ସମର୍ଥକଙ୍କ ସହ ଅନ୍ୟ ଦଳର ସମର୍ଥକ ଏଥିରେ ସାମିଲ ହୋଇଥିଲେ। ଆଗାମୀ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ମୋଦି ସରକାରଙ୍କ ବିକଶିତ ଭାରତର ସ୍ୱପ୍ନ ଓ ଜନ କଲ୍ୟାଣକାରୀ ଯୋଜନା ଭାଜପାକୁ ବିଜୟୀ କରିବାରେ ସହାୟକ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସନ୍ଧ୍ୟାରେ ମା'ଶାରଳାଙ୍କ ଦର୍ଶନ କରିବା ପରେ ପ୍ରଚାର ଅଭିଯାନ ଜୋରଦାର କରିବେ ବୋଲି ସମ୍ପଦ କହିଛନ୍ତି। ଏହି ଅବସରରେ ଦଳର ସମସ୍ତ ମଣ୍ଡଳ ସଭାପତିଙ୍କ ସମେତ ବରିଷ୍ଠ ନେତା ତଥା ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଦୁଷ୍ମନ୍ତନାଥ ଶର୍ମା, ଅକ୍ଷୟ ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରାଉନ୍‌ସୁଗାର ବିକ୍ରି ଘଟଣାରେ ୨ ଗିରଫ

ପାରାଦୀପ, ୨।୪(ଶରତ ରାଉତ)

ପାରାଦୀପ ଲକ୍‌ଥାନା ପୋଲିସ ମଙ୍ଗଳବାର ବ୍ରାଉନ୍‌ସୁଗାର ବିକ୍ରି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରଦୀପ ମନ୍ତ୍ରୀ ଓ ରମାକାନ୍ତ ସ୍ୱାଇଁ। ଉଭୟଙ୍କଠାରୁ ୧୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୧୫୨/୨୪) ରୁଜୁ ହୋଇଛି।

## କେଲୁଅ ନଦୀରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

କାଏମା, ୨।୪(ଶିବପ୍ରସାଦ ମହାନ୍ତି)

କେଲୁଅ ନଦୀରେ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ଧର୍ମଶାଳା ଥାନା ଦେଓଦା ପଞ୍ଚାୟତ ସ୍ୱାଇଁସାହି ଗ୍ରାମର ନନ୍ଦ ବିଶ୍ୱାଳଙ୍କ ପୁଅ ରାହୁଲ(ଝୁଲୁକା)। ସୋମବାର ମଧ୍ୟାହ୍ନରେ ସେ ଗାଧୋଇବାକୁ ଯାଇଥିବା ସମୟରେ ନଦୀରେ ବୁଡ଼ି ଯାଇଥିଲେ। ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ରାତି ପର୍ଯ୍ୟନ୍ତ ପାଇ ନ ଥିଲେ। ଅଗ୍ନିଶମ ବାହିନୀ ମଙ୍ଗଳବାର ପୁଣି ଖୋଜା ଖୋଜି କରି ମଧ୍ୟାହ୍ନ ପ୍ରାୟ ୨ଟାରେ କେଲୁଅ ନଦୀର ନିରଘାଟ ନିକଟରୁ ଝୁଲୁକାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ନନ୍ଦଙ୍କ ପରିବାର ଅତ୍ୟନ୍ତ ଗରିବ। ତାଙ୍କର ଅଣ୍ଟା ଅସୁବିଧା ଯୋଗୁ ସେ ଘରେ ବସି ରହିଛନ୍ତି। ପରିବାରରେ ୫ ସଦସ୍ୟ। ଝୁଲୁକା ମଜୁରିଆ ଭାବେ କାମ କରି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଦୁଖେ କଷ୍ଟେ ଚାଲିଯାଆନ୍ତି। ସେ ଠିକ୍‌ରେ ଶୁଣି ପାରୁ ନ ଥିଲେ। ହାତଠାର ବୁଝି କାମ କରୁଥିଲେ। ତେଣୁ ରୋଜଗାରିଆ ପୁଅର ମୃତ୍ୟୁ ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ୨୪ ଲିଟର ମଦ ଜବତ : ୨ ଗିରଫ

**କୁଜଙ୍ଗ, ୨।୪(ମନୋଜ ପ୍ରଧାନ):** ଚୋରାମଦ ବିକ୍ରି ଅଭିଯୋଗରେ ଅଭୟ ଚାନ୍ଦପୁର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଡାଳିମ୍ବପୁର ଗ୍ରାମର ଜିତନ ତରାଇ ଓ ପାରାଦୀପ ଲକ୍ ଅନ୍ତର୍ଗତ ପାରାଦୀପଗଡ ଗ୍ରାମର ରାଜେଶ ତରାଇ। ଉଭୟଙ୍କଠାରୁ ୨୪ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଜିତନ ଓ ରାଜେଶ ତୈଳ ବିଶୋଧନାଗାର ୪ ନମ୍ବର ଫାଟକ ନିକଟରେ ଚୋରା ବିଦେଶୀ ମଦ ବିକ୍ରି କରୁଥିବାବେଳେ ପୋଲିସ ହାବୁଡରେ ପଡ଼ିଥିଲେ। ଏନେଇ ପୋଲିସ ମାମଲା (ନଂ. ୮୮/୨୪) ରୁଜୁ କରିଥିବା ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି।

## ଚୋରି ଧରାଇବା ସନ୍ଦେହରେ ମାଡ଼

### ସୁନାଚେନ ଛଡ଼ାଇ ନେଇଥିବା ଅଭିଯୋଗ

**ରସୁଲପୁର, ୨।୪(ରଞ୍ଜିତ ରାଉତ):** କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ବଷ୍ଟରା ଗ୍ରାମର ଚନ୍ଦ୍ରମାଧବ ମିଶ୍ରଙ୍କୁ ତାଙ୍କ ସାହିର ଏକ ପରିବାର ଲୋକେ ସଂଘବଦ୍ଧ ଭାବରେ ମାଡ ମାରିବା ସହ ତାଙ୍କ ସୁନାଚେନ୍ ଛିଣ୍ଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୁକ୍ତ ପରିବାରକୁ ଏକ ଚୋରି ମାମଲାରେ ଚନ୍ଦ୍ରମାଧବ ଧରାଇ ଦେଇଥିବା ସନ୍ଦେହକରି ଏହି ଆକ୍ରମଣ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ନେଇ ପୋଲିସ ମାମଲା ରୁଜୁ କରି ନ ଥିବା ଅଭିଯୋଗ ହେଉଛି। ଅଭିଯୋଗ ମୁତାବକ, ୨୦୨୩ରେ ଅଭିଯୁକ୍ତ ପରିବାର ଲୋକେ ବିଦ୍ୟୁତ ଖୁଣ୍ଟ ବେଆଇନ ଭାବରେ ଚାଲାଣ କରୁଥିବା ନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଚନ୍ଦ୍ରମାଧବଙ୍କ ସଂପୃକ୍ତି ରହିଛି ବୋଲି ଅଭିଯୁକ୍ତଙ୍କ ପରିବାର ଲୋକେ ସନ୍ଦେହକରି ଆସୁଥିଲେ। ସୋମବାର ରାତି ପ୍ରାୟ ୮ଟାରେ ଅଭିଯୋଗକାରୀ ଚନ୍ଦ୍ରମାଧବ ଗାଁର ମନ୍ଦିର ପାଖକୁ ବୁଲିବାକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ପରିବାର ଲୋକେ ତାଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ବିଦ୍ୟୁତ୍ ସମାଗ୍ରୀ ଚୋରି ଘଟଣାରେ ଆମକୁ ଧରାଇ ଦେଇଥିବା କହି ପରିବାର ପକ୍ଷରୁ ଶ୍ୟାମସୁନ୍ଦର ଦାସ, ବସନ୍ତ ଦାସ ଚନ୍ଦ୍ରମାଧବଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏହି ସୁଯୋଗରେ ଅନ୍ୟ ଜଣେ ଭାଇ ସୁକାନ୍ତ ଦାସ ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଥିଲେ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ୨୪ ଘଣ୍ଟା ବିତି ସାରିଥିବାସତ୍ତ୍ୱେ ପୋଲିସ ପକ୍ଷରୁ ଏଯାଏ କୌଣସି ମାମଲା ରୁଜୁ କରାଯାଇ ନ ଥିବା କୁହାଯାଉଛି। ଅଭିଯୋଗପତ୍ର ପୋଲିସର ହସ୍ତଗତ ହୋଇଛି। ତଦନ୍ତ ଜାରି ରହିଛି, ଘଟଣାର ସତ୍ୟାସତ୍ୟ ଦିଗକୁ ଅନୁଧ୍ୟାନ କରିବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଏସ୍.ଆଇ ହେମଲତା ଦାସ ସୂଚନା ଦେଇଛନ୍ତି।

## ଭଡ଼ା କାଟି ମାଲିକଙ୍କୁ ଧମକ ଦେଉଛି ପରିବହନ ସଂସ୍ଥା

**କାଳିଆପାଣି, ୨।୪(ଅସିତ ମହାନ୍ତ):** କ୍ରୋମାଇଟ ଖଣି ଅଞ୍ଚଳ ଟ୍ରକ ମାଲିକମାନେ ଭୁକ୍ତା ପରିବହନ ସଂସ୍ଥାର ପରିବହନ କରି ଭଡ଼ା ପାଇନାହାନ୍ତି। ତେଣୁ ସେମାନେ ଉକ୍ତ ସଂସ୍ଥା ବିରୋଧରେ ମଙ୍ଗଳବାର କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, କ୍ରୋମାଇଟ ଖଣି ଅଞ୍ଚଳରେ ଭୁକ୍ତା ପରିବହନ ସଂସ୍ଥା ଟାଟା ଖଣିରୁ କ୍ରୋମ ପରିବହନ କରୁଛି। ପରିବହନ ସଂସ୍ଥା ଭଡ଼ାରୁ ଟିଡିଏସ୍ ବାବଦକୁ ୨% ପ୍ରତିଶତ କାଟିବା ବଦଳରେ ୩.୫% କାଟି ଭଡ଼ା ପ୍ରଦାନ କରୁଛି। ମିନେରାଲ ଟ୍ରକ ମାଲିକ ସଂଘ ସହ ଚୁକ୍ତି ଅନୁଯାୟୀ ପେମେଣ୍ଟ ସ୍ଲିପ ଡିପୋଜିଟ କରିବାର ୫ ଦିନ ମଧ୍ୟରେ ପେମେଣ୍ଟ କରିବା କଥା। ହେଲେ ମାସମାସ ଗଡ଼ାଇ ଇଚ୍ଛା ଅନୁଯାୟୀ ମେମେଣ୍ଟ ପ୍ରଦାନ କରୁଛି। ଯଦି କୌଣସି ଟ୍ରକ ମାଲିକ ପେମେଣ୍ଟ ବିଷୟରେ ବୁଝିବାକୁ ଚାହିଁଲେ ସଂସ୍ଥା ଉତ୍ତର ଦେବା ଆମ କାମ ନୁହେଁ ବୋଲି କହି ଧମକ ଦେଉଥିବା ମାଲିକମାନେ ଅଭିଯୋଗ କରିଛନ୍ତି। କୋଳିପଶି ଟ୍ରକ ମାଲିକ ସଂଘ ପ୍ରତିନିଧି ବୈକୁଣ୍ଠ ମହାନ୍ତ, ଆଶିଷ ଜେନା, ମିତିଲାଲ ମହାନ୍ତ ଓ ଦଶରଥ ମହାନ୍ତଙ୍କ ସମେତ ବହୁ ଟ୍ରକ ମାଲିକ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଛନ୍ତି। ଏନେଇ ଭୁକ୍ତା ପରିବହନ ସଂସ୍ଥା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୬୮ — ବିଜ୍ଞାପନ — ତା: ୧୯।୦୩।୨୦୨୪

No. CAD-5: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରମୁଣ୍ଡା ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏମ୍.ଆଇ.ଜି.-୧୬୧ (MIG-161)ଟିକୁ ୧. ଶ୍ରୀମତୀ ପ୍ରିୟଙ୍କା ନାୟକ, ସ୍ୱାମୀ: ଶୁଭ୍ରକାନ୍ତ ନାୟକ, ୨. ଶ୍ରୀ ବିବେକାନନ୍ଦ ନାୟକ, ପିତା: ପ୍ରଭାକର ନାୟକ, ସା/ପୋ.: ବାଲିପାଟଣା, ଥାନା: ପଟ୍ଟାମୁଣ୍ଡାଇ, ଜିଲା: କେନ୍ଦ୍ରାପଡ଼ାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ୧. ଶ୍ରୀମତୀ ପ୍ରିୟଙ୍କା ନାୟକ, ୨. ଶ୍ରୀ ବିବେକାନନ୍ଦ ନାୟକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରୀତା ମହାନ୍ତି, ସ୍ୱାମୀ: ବିରେଶ ମହାନ୍ତି, ସା.: ପ୍ଲଟ ନଂ. ୮୦୮, ବୁଦ୍ଧରାଜ ମେଡ଼ିକାଲ ଲେନ୍, ଗୋବିନ୍ଦ ପ୍ରସାଦ, ପୋ: ବୁଦ୍ଧେଶ୍ୱରୀ କଲୋନୀ, ଥାନା: ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0011/2425

REQUIREMENT OF BUILDING / HOUSE FOR THE PURPOSE OF GARRISON ENGINEER OFFICE, BHUBANESWAR

Garrison Engineer (I) (CG) Office requires accommodation for hiring of Office of Garrison Engineer (I) (CG) Bhubaneswar with approximately floor area measuring 10000 to 30000 Sqft. on rental basis for a period of 03 years with effect from 18 Aug. 2024 in Bhubaneswar city.

The building preferably be surrounded by boundary wall which must be in good condition. The building should be in well connected by road for access. All electrical and plumbing fitments / fixture must be in good and working condition. Adequate and proper water supply must be available. The property should be free from any litigation / dispute at the time of hiring. The interested property owners will submit their property details with valid ownership documents in the following address within 30 days from the date of publication of advertisement.

The Defence Estates Officer
Govt. of India, Ministry of Defence
Defence Estates Office, Odisha Circle
163, Prachi Enclave, Chandrasekharpur
Bhubaneswar, Odisha- 751016
Tele.: 0674-2747631, 345,
E-mail- deobhub-stats@nic.in

ପୂର୍ବ ତଟ ରେଳପଥ
ଫାଇଲ ନଂ. DRM/Engg/KUR/23-24/E-Tender/146, ତା.25.03.2024ରିଖ
(1) ଟେଣ୍ଡର ସଂ. e-Tender-hq-kur-461-2023, ତା.19.03.2024ରିଖ
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ରେତଙ୍ଗ କଲୋନୀଠାରେ କ୍ଷତିଗ୍ରସ୍ତ ସଡ଼କ, କଲଭର୍ଟ ଏବଂ ଡ୍ରେନ୍‌ଗୁଡ଼ିକର ପ୍ରସ୍ତାବିତ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 223.16 ଲକ୍ଷ, EMD (₹) : 2,61,600.00 ।
(2) ଟେଣ୍ଡର ସଂ. e-Tender-hq-kur-462-2023, ତା.19.03.2024ରିଖ
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ମୋଟାରି(MWQ) ଷ୍ଟେସନ ଠାରେ KP-7 ଠାରୁ KP-8 ପର୍ଯ୍ୟନ୍ତ ପ୍ରବେଶ ପଥର ମରାମତି ଏବଂ କଣାସ ରୋଡ୍(KASR) ରେଳ ଷ୍ଟେସନ ଠାରେ KP-11 ଠାରୁ ବର୍ତ୍ତମାନର ବୁକିଙ୍ଗ୍ କାଉଣ୍ଟର ପର୍ଯ୍ୟନ୍ତ, ଟୋ ୱାଲ ପାରାଲେଲ୍ ଠାରୁ ପ୍ଲାଟଫର୍ମ 1 ସାଇଡ୍ ପ୍ରବେଶ ପଥ ପର୍ଯ୍ୟନ୍ତ ପ୍ରସ୍ତାବିତ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 178.40 ଲକ୍ଷ, EMD (₹) : 2,39,200.00 ।
(3) ଟେଣ୍ଡର ସଂ. e-tender-hq-kur-463-2023, ତା.19.03.2024ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ ଠାରେ 03 bay ପ୍ଲାଟଫର୍ମ ସେଲ୍ଟରର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 45.63 ଲକ୍ଷ, EMD (₹) : 91,300.00 ।
ଶେଷ ହେବା ଅବଧି : 08(ଆଠ) ମାସ (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 04(ଚାରି) ମାସ (କ୍ରମ ସଂ. 3 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.04.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-1208/O/23-24

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Salesman required for reputed Jewellery Showroom, Experienced more preferable
Send your resume on hwjjus@yahoo.com

REQUIRED
Mecatech Mould & Die Pvt. Ltd.
1. Lathe Operator.
2. CAD / CAM Engineer.
3. CNC Operator.
Freshers can be apply.
Mob.: 7509278970, 6370240078
mecatech5678@gmail.com

REQUIRED
Smart dynamic female candidate require for Back Office job in our Farm Viswakarma. Candidate must have knowledge of tally.
Contact number:
9937890090

APPOINTMENT
ଭୁବନେଶ୍ୱରରେ ଘରକାମ ପାଇଁ
ମହିଳା କର୍ମୀ ଆବଶ୍ୟକ
ଖାଇବା ରହିବା ଛଡ଼ା ମାସିକ ଦରମା ୮ ହଜାରରୁ ୧୦ ହଜାର।
ଯୋଗାଯୋଗ
Mob : 8336937795

ଡ୍ରାଇଭର କମ୍ କେୟାର ଟେକର ଆବଶ୍ୟକ
ଆକର୍ଷଣୀୟ ଦରମା, ରହିବା, ଖାଇବା ଫ୍ରି ସହ ଅନ୍ୟାନ୍ୟ ସୁବିଧା ଅଛି ।
ସ୍ଥାନ– ଫୁଲନଖରା, ଭୁବନେଶ୍ୱର
ବୟସ–୨୫ ବର୍ଷରୁ ୪୦ ବର୍ଷ
ଯୋଗ୍ୟତା–ସପ୍ତମରୁ ଊର୍ଦ୍ଧ୍ୱ
ଯୋଗାଯୋଗ ନଂ.
8240221494, 7982492860

FOREST PROJECT COORDINATOR
M.Sc.(Forestry)/B.Sc.(Forestry) with Experience to work in Sundargarh. Rs. 20,000/- P.M + D.A.
Contact - 9937527247

See Career Appointment on every Wednesday & Saturday

କୃଷି ସହାୟକ
ଜୈବିକ କୃଷିର ସିଧାସଳଖ ଚାଷୀମାନଙ୍କୁ ଅବଗତ କରାଇ ତା'ର ପ୍ରସାର ପାଇଁ ଆବଶ୍ୟକ।
ସମ୍ପର୍କ ମୋବାଇଲ:
9337084518

WALK-IN-INTERVIEW
A Civil Engg. Construction Co. Requires Experienced (Govt. Building Project) for its ongoing Project in Cuttack Project Manager, Project Engineer, Billing Engineer, Quality Engineer, Foreman, Supervisor, Store Incharge, Electrical Engineer.
Interested candidates walk-in interview on 4, 5 & 11 April 2024 onwards, Time : 9 am to 6 pm, at
SNS INFRACON PVT. LTD.
C/o. National Law University (NLU), Cuttack, Mob. No. 8750016677

**ସଂକ୍ଷେପରେ**

## ଗାଡ଼ି ଧକ୍କାରେ ଭଉଣୀ, ଭାଇ ମୃତ

ବୋଲଗଡ଼,୨।୪(ଦେବବ୍ରତ ହୋତା): ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ଚୁଡ଼ା ଗ୍ରାମ ଗେଡିମୁଣ୍ଡିଆ ଛକ ନିକଟ ୫୭ ନମ୍ବର ଜାତୀୟ ରାଜପଥରେ ସୋମବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଗାଡ଼ି ଧକ୍କାରେ ଭଉଣୀ, ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ଅଧୀନ ବାଉଁସିଆପଡ଼ା ନିକଟ ବନମାଳିପୁର ଅଞ୍ଚଳର ରମେଶ ଚନ୍ଦ୍ର ମଲ୍ଲିକ (୪୦) ଓ ସସ୍ମିତା ମଲ୍ଲିକ(୩୬)। ସୂଚନା ମୁତାବକ, ସସ୍ମିତା ଓ ରମେଶ ରାତି ପ୍ରାୟ ୧୧ଟାରେ ବାଇକ୍‌ରେ ଭୁବନେଶ୍ୱରରୁ ଗ୍ରାମ ଅଭିମୁଖେ ଫେରୁଥିଲେ। ଗେଡିମୁଣ୍ଡିଆ ଛକ ନିକଟରେ ଏକ ଗାଡ଼ି ଦ୍ରୁତଗତିରେ ଆସି ଧକ୍କାଦେବାରୁ ସେମାନଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହା ପରେ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ପଳାଇଥିଲା। ଖବରପାଇ ବୋଲଗଡ଼ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ମଙ୍ଗଳବାର ସକାଳେ ମୃତା ସସ୍ମିତାଙ୍କ ସ୍ୱାମୀ ଦୀନବନ୍ଧୁ ମଲ୍ଲିକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୮୦/୨୪) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଉପ ନୀରିକ୍ଷିକା ଲିଲି ପାଢ଼ୀ ସୂଚନା ଦେଇଛନ୍ତି

## ବିଦ୍ୟା ସଂସ୍କାର ଉତ୍ସବ

ପାରଳାଖେମୁଣ୍ଡି, ୨।୪ (ଗିରିଧାରୀ ପରିଛା)

ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ନୂତନ ଶିକ୍ଷା ବର୍ଷ ଶୁଭାରମ୍ଭରେ ଅବସରରେ ପ୍ରଥମ ଦିନ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ଗାୟତ୍ରୀ ଯଜ୍ଞ ଆୟୋଜନ କରାଯାଇଥିଲା। ପିଲାମାନେ ଶୁଦ୍ଧବସ୍ତ୍ର ପରିଧାନ କରି ଫୁଲ, ଧୂପ, ଦୀପ ଧରି ବିଦ୍ୟାଳୟକୁ ଆସିଥିଲେ। ଗାୟତ୍ରୀ ପରିବାରର ଉମାଚରଣ ପଟ୍ଟନାୟକ ତଥା କର୍ମକର୍ତ୍ତା ଦେବୀ ପ୍ରସାଦ ପଟ୍ଟନାୟକ ସହଯୋଗରେ ବିଦ୍ୟାଳୟରେ ଗାୟତ୍ରୀ ହୋମ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଗୁରୁମା ପୁଷ୍ପାଞ୍ଜଳି ପଲେଇ ଓ ସରୋଜ ବରାଡ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ତଥା ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସଫଳ ହୋଇଥିଲା।

# ନୟାଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳିଲେ ବିଦ୍ୟାର୍ଥୀ

ଓଡଗାଁ,୨।୪(ଆଦର୍ଶ କୁମାର ପଟ୍ଟନାୟକ)



ଜିଲା ପ୍ରତିଷ୍ଠା ଦିବସ ଉତ୍ସବରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ।

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିର ଓଡ଼ିଶା ଦିବସ ପାଳନ ସହିତ ୮୯ ତମ ପୋଲିସ ପ୍ରତିଷ୍ଠା ଦିବସ ଏବଂ ୩୧ତମ ନୟାଗଡ଼ ଜିଲା ପ୍ରତିଷ୍ଠା ଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି । ଓଡ଼ିଶା ଭାଷାଗତ ରାଜ୍ୟ ଭାବେ ୧୯୩୬ ଏପ୍ରିଲ ୧ରେ ଜନ୍ମଲାଭ କରିଥିଲା ବେଳେ ସେଦିନ ପ୍ରଥମ କରି ଓଡ଼ିଶା ପୋଲିସ ବିଭାଗ ସୃଷ୍ଟି ହୋଇଥିଲା। ଯେଉଁମାନଙ୍କ ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟ ପରାଣୟତା ପାଇଁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପ୍ରାପ୍ତ ହୋଇଥିଲା ସେହି ଯୋଗଜନ୍ମାଙ୍କ ବିଷୟରେ ବିଦ୍ୟାର୍ଥୀମାନେ ଆଲୋକପାତ କରିଥିଲେ। ନୟାଗଡ଼ ଜିଲା ଗଠନର ପୃଷ୍ଠଭୂମିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତତ୍କାଳୀନ ବିଧାୟକ ଭାଗବତ ବେହେରାଙ୍କ ସହିତ ଅନ୍ୟମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଓଡ଼ଗାଁ ଥାନାରେ ଆଇଆଇସି ରଶ୍ମି ରଞ୍ଜନ ସାହୁଙ୍କ ସହିତ ସମସ୍ତ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ଫୁଲ ଚନ୍ଦନ ସହିତ ସିନ୍ଦୂର ଟିକା ଲଗାଇ ହାତରେ ରକ୍ଷାବନ୍ଧନ କରିଥିଲେ।

# କଂଗ୍ରେସର ପ୍ରାର୍ଥୀ ଘୋଷଣା ପରେ କର୍ମୀ ଉତ୍ସାହିତ



ଅମୀର ଚାନ୍ଦ ନାୟକ



ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ

ଦାରିଙ୍ଗବାଡି,୨।୪ (ଅରୁଣ ସାହୁ )

ଜି. ଉଦୟଗିରି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ କଂଗ୍ରେସ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା କରିଥିବା ବେଳେ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଭାବେ ଅମୀର ଚାନ୍ଦ ନାୟକଙ୍କୁ ଦଳ ଘୋଷଣା କରିଛି। ଏହା ଘୋଷଣା ପରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

କଂଗ୍ରେସର ବିଧାୟକ ପ୍ରାର୍ଥୀ ଟିକାବାଲି ବ୍ଲକ ପାଡାଙ୍ଗି ପଞ୍ଚାୟତ ଅଞ୍ଚଳରେ। ସେ ଥରେ ଟିକାବାଲି ବ୍ଲକରେ ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କ ସ୍ତ୍ରୀ ଦୁଇ ଦୁଇ ଥର ବ୍ଲକ ଉପାଧ୍ୟକ୍ଷା ଭାବେ ନିର୍ବାଚନ ଜିତିଛନ୍ତି। ସେହିପରି କଂଗ୍ରେସର ଏମ୍‌ପି ପ୍ରାର୍ଥୀ ଅମୀର ଚାନ୍ଦ ନାୟକଙ୍କୁ ଦଳୀୟ ଟିକେଟ ମିଳିବା ପରେ ବ୍ଲକର ନିଜ ଅଞ୍ଚଳ ତାଲୁଙ୍ଗିଆ ପଞ୍ଚାୟତ ସମେତ ବ୍ରାହ୍ମଣୀଗାଁରେ କଂଗ୍ରେସ କର୍ମୀଙ୍କ ମନରେ ଉତ୍ସାହ ଦେଖାଦେଇଛି। କେବଳ ଅମୀରଙ୍କ ଅଞ୍ଚଳ ଦାରିଙ୍ଗବାଡିରେ ଏହି ଉତ୍ସାହ ସୀମିତ ରହିନାହିଁ କାରଣ କନ୍ଧମାଳରେ ବିଜେଡି ଓ ଭାଜପା ଅନ୍ୟ ଜିଲାର ପ୍ରାର୍ଥୀଙ୍କୁ ଟିକେଟ ଦେଇଥିବାରୁ ଜନ ଅସନ୍ତୋଷ ଦେଖାଦେଇଥିବା ବେଳେ ଏଥିରେ କଂଗ୍ରେସ ଜିଲାରୁ ପ୍ରାର୍ଥୀ ଦେଇଥିବାରୁ ଜିଲାରେ ଅମୀରଙ୍କୁ ନେଇ ଅନେକ ଅଙ୍କକଷା କରାଯାଉଛି। ଅମୀର ଓଡ଼ିଶା ସରକାରଙ୍କ ବାଣିଜ୍ୟକର ବିଭାଗର ଆସିଷ୍ଟାଣ୍ଟ କମିଶନର ଭାବେ ଅବସର ନେଇଛନ୍ତି। ସେ ଉଚ୍ଚ ଶିକ୍ଷିତ ହୋଇଥିବାରୁ ଅଞ୍ଚଳର ବିକାଶ ପାଇଁ କାମ କରିବେ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

# ଟ୍ରାନ୍ସଫର୍ମର ସ୍ଥାନାନ୍ତର ଦାବିରେ ଧାରଣା

## ବାରମ୍ବାର ଏଷ୍ଟିମେଟ୍ ସତ୍ତ୍ୱେ କରାଯାଉନି ସ୍ଥାନାନ୍ତର



ନୟାଗଡ଼,୨।୪(ଲୋକନାଥ ମିଶ୍ର): ଟ୍ରାନ୍ସଫର୍ମର ସ୍ଥାନାନ୍ତର ଦାବିରେ ନୟାଗଡ଼ ବ୍ଲକର ଘଡୁଆଳ ବାସିନ୍ଦା ଟିପିସିଓଡିଏଲର ନୟାଗଡ଼ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦେଇଛନ୍ତି । ଟ୍ରାନ୍ସଫର୍ମର ବସିବା ପାଇଁ ଏଷ୍ଟିମେଟ୍ କରାଯିବା ଓ ତୁରନ୍ତ କାମ ଆରମ୍ଭ ହେବାର ପ୍ରତିଶ୍ରୁତି ମିଳିବା ପରେ ପ୍ରାୟ ୪ ଘଣ୍ଟା ପରେ ଧାରଣା ହଟିଥିଲା । ଘଡୁଆଳ ଗାଁରେ ଲୋ ଭୋଲଟେଜ କାରଣରୁ ଫ୍ୟାନ ବୁଲୁ ନ ଥିବାବେଳେ ଲାଇଟ୍ ଡିମ୍ ରହୁଛି । ଗାଁ ନିକଟସ୍ଥ ନଦୀ ବନ୍ଧ ଓ ପୋଖରୀ ପାଖରେ ପରିତ୍ୟକ୍ତ ସ୍ଥାନରେ ରହିଥିବା ଟ୍ରାନ୍ସଫର୍ମର ବର୍ଷା ଋତୁରେ ପାଣି ଘେରରେ ରହୁଛି । ଅନ୍ୟ ଋତୁରେ କଣ୍ଟା ଝୁଞ୍ଚ ହୋଇ ପଡି ରହୁଛି। ଏହାର ସ୍ଥାନ ସଫେଇ କରାଯାଉ ନାହିଁ। ବିଦ୍ୟୁତ୍ ସମସ୍ୟା ଦେଖାଦେଲେ ଏହାର ମରାମତି ପାଇଁ ୪ରୁ ୫ଦିନ ଲାଗୁଛି । ପରିତ୍ୟକ୍ତ ଅଞ୍ଚଳରୁ ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରାୟ ୮ ବର୍ଷ ହେଲା ଦାବି କରି ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି । ଏହାର ପ୍ରତିବାଦରେ ଗ୍ରାମବାସୀ ଧାରଣା ଦେଇଥିଲେ। ଏନେଇ ଘଡୁଆଳ ସରପଞ୍ଚ ସଂଯୁକ୍ତାରାଣୀ ମହାପାତ୍ର କୁହନ୍ତି, ଗତ ୮ ବର୍ଷ ହେଲା ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଆମ୍ଭେ ଚେଷ୍ଟା କରି ଆସିଛୁ । ଆମ ଦାବିକୁ ବିଦ୍ୟୁତ୍ ବିଭାଗ ଗୁରୁତ୍ୱ ଦେଉ ନ ଥିବାରୁ ଆମେ ଆନ୍ଦୋଳନକୁ ଓହ୍ଲାଇଥିଲୁ । ଏବେ ପୁଣି ପ୍ରତିଶ୍ରୁତି ପାଇ ଫେରୁଛୁ । ଦାବି ପୂରଣ ନ ହେଲେ ପୁଣି ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ଘେରିବୁ ବୋଲି ସେ ଚେତାବନୀ ଦେଇଛନ୍ତି ।

## ସିଆର୍‌ପିଏଫ୍ ବାଟାଲିୟନର ସ୍ଥାପନା ଦିବସ

ଫୁଲବାଣୀ,୨।୪(ରାକେଶ କୁମାର ରାଉତ) ବାଲିଗୁଡ଼ା ସିଆର୍‌ପିଏଫ୍ ୧୨୭ ବାଟାଲିୟନର ସ୍ଥାପନା ଦିବସ ପାଳିତ ହୋଇଯାଇଛି । କମାଣ୍ଡାଣ୍ଟ ଯତୀନ୍ଦର ପାଲ ସିଂ, ୟୁନିଟ୍ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଏହି ଉତ୍ସବରେ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରଥମେ ଫୋର୍ସରେ କାର୍ଯ୍ୟକରି ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆଥ୍‌ଲେଟିକ୍ସ, ଭଲିବଲ୍, ଚିତ୍ରାଙ୍କନ ପ୍ରତିଯୋଗିତା ୟୁନିଟ୍ ଦ୍ୱାରା ଆୟୋଜିତ ହୋଇଥିଲା।

## ଡ୍ରେସ୍ ଆଇରନ ବେଳେ ଯୁବକଙ୍କ ମୃତ୍ୟୁ

ଚକାପାଦ, ୨।୪(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଲାଇନ ପଡା ନିକଟସ୍ଥ ଅଣ୍ଟୁଗୁଡ଼ା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ଗ୍ରାମର ପଦ୍ମଚରଣ ପ୍ରଧାନ ଡ୍ରେସ୍ ଆଇରନ କରୁଥିବା ବେଳେ କୌଣସି କାରଣ ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଘଟଣାସ୍ଥଳରେ ଲାଇନ୍‌ପଡା ଫାଣ୍ଡି ଅଧିକାରୀ ବିଷ୍ଣୁ ଚରଣ କହଁର ପହଞ୍ଚି ମୃତଦେହ ଜବତ କରିଛି ।

## ଜି.ଉଦୟଗିରି ଭାଜପା ପ୍ରାର୍ଥୀ ମାନଗୋବିନ୍ଦ ପ୍ରଧାନ

ଦାରିଙ୍ଗବାଡି/ଜି.ଉଦୟଗିରି, ୨।୪(ଅରୁଣ ସାହୁ/ଶିଶିର ପଟ୍ଟନାୟକ)



ଜି. ଉଦୟଗିରି ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ମଙ୍ଗଳବାର ପ୍ରାର୍ଥୀ ଘୋଷଣା ହୋଇଯାଇଛି। ଦଳ ପକ୍ଷରୁ ମାନଗୋବିନ୍ଦ ପ୍ରଧାନଙ୍କୁ ଦ୍ୱିତୀୟ ଥର ପାଇଁ ପ୍ରାର୍ଥୀ ଘୋଷଣା କରିଛି। ପୂର୍ବରୁ ଦଳ ୨୦୧୪ରେ ମାନଗୋବିନ୍ଦଙ୍କୁ ପ୍ରାର୍ଥୀ କରିଥିଲା। ସେହି ସମୟରେ କଂଗ୍ରେସର ଯାକବ ପ୍ରଧାନ ମୋଟ ୪୫ହଜାର ୯୫୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେଡି ପ୍ରଦୀପ କୁମାର ପ୍ରଧାନଙ୍କୁ ପ୍ରାର୍ଥୀ କରିଥିଲା ଓ ସେ ଯାକବ ପ୍ରଧାନଙ୍କଠାରୁ ପ୍ରାୟ ୧୦ ହଜାର ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଭାଜପାର ମାନଗୋବିନ୍ଦ ପ୍ରଧାନ ତୃତୀୟ ସ୍ଥାନରେ ରହିଥିଲେ ଓ ସେ କଂଗ୍ରେସଠାରୁ ୨୧ ହଜାର ୬ ଶହ ଭୋଟ ବ୍ୟବଧାନରେ ରହିଥିଲେ। ତେବେ ମାନଗୋବିନ୍ଦ ଦଳର ଜଣେ ଶୃଙ୍ଖଳିତ କର୍ମକର୍ତ୍ତା ହୋଇଥିବା ବେଳେ ଦଳ ତାଙ୍କୁ ପୁଣି ଥରେ ଆସ୍ଥାପ୍ରକଟ କରି ଟିକେଟ ଦେଇଛି। ଏବେ ମାନଗୋବିନ୍ଦ ପ୍ରଧାନ ଦଳର ଜିଲା ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ମାନଗୋବିନ୍ଦଙ୍କ ଟିକେଟ ଘୋଷଣା ହୋଇଯିବା ପରେ ଭାଜପା କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

## ଗଜପତି ଜିଲାରେ ୬.୩୦ରୁ ୧୦.୩୦ ସ୍କୁଲ

ପାରଳାଖେମୁଣ୍ଡି, ୨।୪(ଗିରିଧାରୀ ପରିଛା) ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସକାଳ ୭ରୁ ୧୧ ପର୍ଯ୍ୟନ୍ତ ସ୍କୁଲ ଚାଲିବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଗଜପତି ଜିଲ୍ଲାରେ ଜିଲାପାଳ ସକାଳ ୬ଟା୩୦ରୁ ୧୦ଟା୩୦ ପର୍ଯ୍ୟନ୍ତ ସ୍କୁଲ ଖୋଲା କରିଛନ୍ତି। ଜିଲାରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଜିଲାପାଳ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

# ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ଜଣେ ଗିରଫ

ଦଶପଲ୍ଲା,୨।୪(ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲା ବ୍ଲକର ଡ୍ୟାମ୍ ଛକ ନିକଟ ରାସ୍ତାପାର୍ଶ୍ୱରେ ଥିବା ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ବନ ବିଭାଗ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିଙ୍କ ନାମ ବିକ୍ରମ ଘଡ଼େଇ । ତାଙ୍କ ଘର ଡ୍ୟାମ ଛକରେ । ଜଙ୍ଗଲରେ ନିଆଁ ଲାଗିବା ଫଳରେ ତାହା ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ଦିଗକୁ ମାଡ଼ି ଯାଇଥିଲା । ଖବର ପାଇ ଦଶପଲ୍ଲା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ବନବିଭାଗ ତରଫରୁ ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ମଙ୍ଗଳବାର ତାଙ୍କୁ ଦଶପଲ୍ଲା କୋର୍ଟକୁ ଚାଲାଣ କରାଯାଇଥିଲା ବୋଲି ଦଶପଲ୍ଲା ରେଞ୍ଜର ସୁଦର୍ଶନ ଦେହୁରୀ ସୂଚନା ଦେଇଛନ୍ତି ।

# ଚାରଣ ପ୍ରାଦେଶିକ ସମ୍ମିଳନୀ ଉଦ୍‌ଯାପିତ



ଶରଣକୁଳ,୨।୪(ଦୀପକ କର)

ନୟାଗଡ଼ ଜିଲାର ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଚଡ଼େୟାପଲ୍ଲୀ ଗ୍ରାମରେ ଚାଲିଥିବା ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ୪୭ତମ ପ୍ରାଦେଶିକ ସମ୍ମିଳନୀ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ସାରା ଓଡ଼ିଶାର ବିଭିନ୍ନ ଜିଲାରୁ ୫ଶହରୁ ଉର୍ଦ୍ଧ୍ୱ ଚାରଣ ସଦସ୍ୟ ଯୋଗ ଦେଇଥିଲେ। ସକାଳେ ସାମୂହିକ ସ୍ୱାଧ୍ୟାୟ ପରେ ଚାରଣମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିମାନରେ ବାନା ବୈରଖ, ଖୋଳ, ତାଳ, ଘଣ୍ଟଘଣ୍ଟି, ଛତି, ତ୍ରାସ ଓ କୀର୍ତ୍ତନ ସହ ଚଡ଼େୟାପଲ୍ଲୀ, ଅଭିମାନପୁର, ଗୋଡ଼ିପଲ୍ଲୀ ଗ୍ରାମ ପରିକ୍ରମା କରିଥିଲେ। ଗୋଡ଼ିପଲ୍ଲୀରେ ଚାରଣମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପରେ କୀର୍ତ୍ତନ ସଭାସ୍ଥଳକୁ ଫେରି ଆସିବାପରେ ବ୍ରାହ୍ମଣମାନଙ୍କ ମନ୍ତ୍ରଉଚ୍ଚାରଣ ସହ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଦଳପତି ପ୍ରାଧ୍ୟାପକ ଡ.ଗୋପାଳ ଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱରର ଅବସରପ୍ରାପ୍ତ କୁଳପତି ଡ.କୁମରବର ଦାଶ ଯୋଗଦେଇଥିଲେ। ଉଦଯାପନୀ ସଭାରେ ଶରଣକୁଳ ଅଞ୍ଚଳର ବରିଷ୍ଠ କବି, ଗାଳ୍ପିକ, ପ୍ରାବନ୍ଧିକ ତଥା ଚାରଣ ଗୋଷ୍ଠୀର ଯୁଗ୍ମ ସମ୍ପାଦକ ଡ.ସୁରେଶ ଚନ୍ଦ୍ର ବରାଡଙ୍କୁ ତାଙ୍କର କବି ପ୍ରତିଭା ପାଇଁ 'ମାଟିର କବି' ସମ୍ମାନ ଓ ବରିଷ୍ଠ ଖବରଦାତା ସତ୍ୟ ନାରାୟଣ ମିଶ୍ରଙ୍କୁ 'ବିପନ୍ନ ବନ୍ଧୁ' ସମ୍ମାନରେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଦ୍ୱିପ୍ରହରରେ ଅନୁଷ୍ଠାନର ସାମ୍ବିଧାନିକ ବୈଠକ ଦଳପତି ଡ.ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ପ୍ରବଚନ ସଭାରେ ଡ଼. ସୁରେଶ ଚନ୍ଦ୍ର ବରାଡ଼ଙ୍କ କବିତା ପୁସ୍ତକ 'ମାତୃ ବନ୍ଦନା' ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ସାଧାରଣ ସମ୍ପାଦକ ହରିଶ୍ଚନ୍ଦ୍ର ସାହୁ ସଭାକୁ ସଂଯୋଜନା କରିଥିଲାବେଳେ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା ସମସ୍ତ ବ୍ୟବସ୍ଥାର ନିରୀକ୍ଷଣ ଓ ନିୟନ୍ତ୍ରଣ କରିଥିଲେ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୬୮ | **ବିଜ୍ଞାପନ** | ତା:୧୯।୦୩।୨୦୨୪

No. CAD-5: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରମୁଣ୍ଡା ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏମ୍.ଆଇ.ଜି.–୧୬୧ (MIG-161)ଟିକୁ ୧. ଶ୍ରୀମତୀ ପ୍ରିୟଙ୍କା ନାୟକ, ସ୍ୱାମୀ: ଶୁଭ୍ରକାନ୍ତ ନାୟକ, ୨. ଶ୍ରୀ ବିବେକାନନ୍ଦ ନାୟକ, ପିତା: ପ୍ରଭାକର ନାୟକ, ସା/ପୋ.: ବାଲିପାଟଣା, ଥାନା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ୧. ଶ୍ରୀମତୀ ପ୍ରିୟଙ୍କା ନାୟକ, ୨. ଶ୍ରୀ ବିବେକାନନ୍ଦ ନାୟକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରୀତା ମହାନ୍ତି, ସ୍ୱାମୀ: ବିରେଶ ମହାନ୍ତି, ସା.: ପ୍ଲଟ ନଂ. ୮୦୮, ବୁଦ୍ଧରାଜ ମେଡ଼ିକାଲ ଲେନ୍, ଗୋବିନ୍ଦ ପ୍ରସାଦ, ପୋ: ବୁଦ୍ଧେଶ୍ୱରୀ କଲୋନୀ, ଥାନା: ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0011/2425



**REQUIREMENT OF BUILDING / HOUSE FOR THE PURPOSE OF GARRISON ENGINEER OFFICE, BHUBANESWAR**

Garrison Engineer (I) (CG) Office requires accommodation for hiring of Office of Garrison Engineer (I) (CG) Bhubaneswar with approximately floor area measuring 10000 to 30000 Sqft. on rental basis for a period of 03 years with effect from 18 Aug. 2024 in Bhubaneswar city.

The building preferably be surrounded by boundary wall which must be in good condition. The building should be in well connected by road for access. All electrical and plumbing fitments / fixture must be in good and working condition. Adequate and proper water supply must be available. The property should be free from any litigation / dispute at the time of hiring. The interested property owners will submit their property details with valid ownership documents in the following address within 30 days from the date of publication of advertisement.

The Defence Estates Officer
Govt. of India, Ministry of Defence
Defence Estates Office, Odisha Circle
163, Prachi Enclave, Chandrasekharpur
Bhubaneswar, Odisha- 751016
Tele.: 0674-2747631, 345,
E-mail- deobhub-stats@nic.in



**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ. DRM/Engg/KUR/23-24/E-Tender/146, ତା.25.03.2024ରିଖ

(1) ଟେଣ୍ଡର ସଂ. e-Tender-hq-kur-461-2023, ତା.19.03.2024ରିଖ
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ରେଡଙ୍ଗ କଲୋନୀଠାରେ କ୍ଷତିଗ୍ରସ୍ତ ସଡ଼କ, କଲଭର୍ଟ ଏବଂ ଡ୍ରେନ୍‌ଗୁଡ଼ିକର ପ୍ରସ୍ତାବିତ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 223.16 ଲକ୍ଷ, EMD (₹) : 2,61,600.00 ।

(2) ଟେଣ୍ଡର ସଂ. e-Tender-hq-kur-462-2023, ତା.19.03.2024ରିଖ
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ମୋଟାରି(MWQ) ଷ୍ଟେସନ ଠାରେ KP-7 ଠାରୁ KP-8 ପର୍ଯ୍ୟନ୍ତ ପ୍ରବେଶ ପଥର ମରାମତି ଏବଂ କଣାସ ରୋଡ଼(KASR) ରେଳ ଷ୍ଟେସନ ଠାରେ KP-11 ଠାରୁ ବର୍ତ୍ତମାନର ବୁକିଙ୍ଗ୍ କାଉଣ୍ଟର ପର୍ଯ୍ୟନ୍ତ, ଟୋ ୱାଲ ପାରାଲେଲ୍ ଠାରୁ ପ୍ଲାଟଫର୍ମ 1 ସାଇଡ୍ ପ୍ରବେଶ ପଥ ପର୍ଯ୍ୟନ୍ତ ପ୍ରସ୍ତାବିତ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 178.40 ଲକ୍ଷ, EMD (₹) : 2,39,200.00 ।

(3) ଟେଣ୍ଡର ସଂ. e-tender-hq-kur-463-2023, ତା.19.03.2024ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନ ଠାରେ 03 bay ପ୍ଲାଟଫର୍ମ ସେଲ୍ଟରର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 45.63 ଲକ୍ଷ, EMD (₹) : 91,300.00 ।

ଶେଷ ହେବା ଅବଧି : 08(ଆଠ) ମାସ (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 04(ଚାରି) ମାସ (କ୍ରମ ସଂ. 3 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.04.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସ ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ଼
PR-1208/O/23-24



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Salesman required for reputed Jewellery Showroom, Experienced more preferable
Send your resume on hwjjus@yahoo.com

**REQUIRED**
Mecatech Mould & Die Pvt. Ltd.
1. Lathe Operator.
2. CAD / CAM Engineer.
3. CNC Operator.
Freshers can be apply.
Mob.: 7509278970, 6370240078
mecatech5678@gmail.com

**REQUIRED**
Smart dynamic female candidate require for Back Office job in our Farm Viswakarma. Candidate must have knowledge of tally.
Contact number:
9937890090

**APPOINTMENT**
ଭୁବନେଶ୍ୱରରେ ଘରକାମ ପାଇଁ
ମହିଳା କର୍ମୀ ଆବଶ୍ୟକ
ଖାଇବା ରହିବା ଛଡ଼ା ମାସିକ ଦରମା ୮ ହଜାର ରୁ ୧୦ ହଜାର।
ଯୋଗାଯୋଗ
Mob : 8336937795

**ଡ୍ରାଇଭର କମ୍ କେୟାର ଟେକର ଆବଶ୍ୟକ**
ଆକର୍ଷଣୀୟ ଦରମା, ରହିବା, ଖାଇବା ଫ୍ରି ସହ ଅନ୍ୟାନ୍ୟ ସୁବିଧା ଅଛି ।
ସ୍ଥାନ– ଫୁଲନଖରା, ଭୁବନେଶ୍ୱର
ବୟସ–୨୫ ବର୍ଷରୁ ୪୦ ବର୍ଷ
ଯୋଗ୍ୟତା–ସପ୍ତମରୁ ଉର୍ଦ୍ଧ୍ୱ
ଯୋଗାଯୋଗ ନଂ.
8240221494, 7982492860

**FOREST PROJECT COORDINATOR**
M.Sc.(Forestry)/B.Sc.(Forestry) with Experience to work in Sundargarh. Rs. 20,000/- P.M + D.A.
Contact - 9937527247

See Career Appointment on every Wednesday & Saturday

**କୃଷି ସହାୟକ**
ଜୈବିକ କୃଷିର ସିଧାସଳଖ ଚାଷୀମାନଙ୍କୁ ଅବଗତ କରାଇ ତା'ର ପ୍ରସାର ପାଇଁ ଆବଶ୍ୟକ।
ସମ୍ପର୍କ ମୋବାଇଲ:
9337084518

**WALK-IN-INTERVIEW**
A Civil Engg. Construction Co. Requires Experienced (Govt. Building Project) for its ongoing Project in Cuttack Project Manager, Project Engineer, Billing Engineer, Quality Engineer, Foreman, Supervisor, Store Incharge, Electrical Engineer.
Interested candidates walk-in interview on 4, 5 & 11 April 2024 onwards, Time : 9 am to 6 pm, at
SNS INFRACON PVT. LTD.
C/o. National Law University (NLU), Cuttack, Mob. No. 8750016677

## ସଂକ୍ଷେପରେ

### ଯୁବତୀଙ୍କ ଅଶ୍ଲୀଳ ଫଟୋ ଭାଇରାଲ: ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ପାଣିକୋଇଲି, ୨।୪(ବିକାଶ ମଲ୍ଲିକ)

ଯୁବତୀଙ୍କୁ ପ୍ରେମ କରିବା ଓ ଶାରିରୀକ ସମ୍ପର୍କ ସ୍ଥାପନ କରିବା ପରେ ତାଙ୍କର ଅଶ୍ଳୀଳ ଫଟୋକୁ ଭାଇରାଲ କରିବା ଘଟଣାରେ ପୋଲିସ ଅଭିଯୁକ୍ତ ପ୍ରେମିକକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏହି ଥାନା ଅନ୍ତର୍ଗତ ଏକ ଗାଁର ଅଭିଯୋଗକାରିଣୀଙ୍କୁ ୨୦୧୪ ମସିହାରେ ଗାଁର ତାଙ୍କ ସମ୍ପର୍କୀୟ ଭାଇ କୌଶଳକ୍ରମେ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲେ। ଏହାର କିଛି ଫଟୋ ନିଜ ମୋବାଇଲରେ ଉଠାଇ ନେଇଥିଲେ। ତେବେ ଯୁବତୀ ଜଣକ ପରେ ଏହାକୁ ବିରୋଧ କରିବା ସହ ଏ ସମ୍ପର୍କରେ ଘରେ ଜଣାଇଥିଲେ। ପରେ ଗାଁର ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଏହାର ସମାଧାନ କରାଯାଇଥିଲା। ପରେ ଅଭିଯୁକ୍ତ ଯୁବକ ଅନ୍ୟତ୍ର ବିବାହ କରି ଯାଇଥିଲେ। ଘଟଣାର ୧୦ ବର୍ଷ ପରେ ଅଭିଯୁକ୍ତ ଉକ୍ତ ଯୁବତୀଙ୍କୁ ତା ମୋବାଇଲରେ ରଖିଥିବା ଫଟୋ ଭାଇରାଲ କରିଦେବ ବୋଲି ବ୍ଲାକମେଲିଂ କରିଆସୁଥିଲା। ତେବେ ମାର୍ଚ୍ଚ ୩୧ ତାରିଖରେ ସେ ଉକ୍ତ ଯୁବତୀଙ୍କ ନିକଟକୁ ୧୦ ବର୍ଷ ତଳର ଅଶ୍ଳୀଳ ଫଟୋ ଗୁଡ଼ିକୁ ପଠାଇବା ସହ ଭିଡିଓ କଲିଂ କରି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏ ନେଇ ଯୁବତୀ ଜଣକ ପରିଦିନ ପାଣିକୋଇଲି ଥାନାରେ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଅଭଯୋଗକୁ ଭିତ୍ତିକରି ପୋଲିସ ନଂ. ୧୭୭/୨୪ରେ ଏକ ମାମଲା ରୁଜୁ କରିବା ସହ ନାବାଳିକାକୁ ବଳାତ୍କାର ଓ ଆଇଟି କେସ୍‌ରେ ଗିରଫ କରି କୋର୍ଟ ଚାଲାଣ କରିଛି।

### ସାନତ୍ରିଲୋଚନପୁର ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟରେ ଓଡ଼ିଶା ଦିବସ

ଯାଜପୁର ଟାଉନ,୨।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଯାଜପୁର ବ୍ଲକ ଜାଫରପୁର ପଞ୍ଚାୟତ ସାନତ୍ରିଲୋଚନପୁର ଗ୍ରାମରେ ଥିବା ସାନତ୍ରିଲୋଚନପୁର ପ୍ରକଳ୍ପ ଉଚ୍ଚ ଉ.ପ୍ରା. ବିଦ୍ୟାଳୟରେ ସୋମବାର ଓଡ଼ିଶା ଦିବସ ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ସରପଞ୍ଚ ସାଗରୀକା ପାତ୍ର, ସାମାଜିକ କର୍ମୀ ପ୍ରକାଶ କୁମାର ତ୍ରିପାଠୀ, ଜିତେନ୍ଦ୍ର କୁମାର ପରିଡ଼ା, ସିଆରସିସି ଜନ୍ମେଜୟ ଲୋଙ୍କା ପ୍ରମୁଖ ଯୋଗଦେଇ ଉତ୍କଳର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ବରପୁତ୍ରମାନଙ୍କର ଭୂମିକା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଏହି ଅବସରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଓ କ୍ରୀଡ଼ାରେ ଭାଗନେଇ ସଫଳ ଅର୍ଜନ କରିଥିବା ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

# କୋରେଇ, ଧର୍ମଶାଳା ଭାଜପାରେ ବିଦ୍ରୋହ

### ୬ ବିଧାନସଭା ପାଇଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ

ଯାଜପୁର,୨।୪(ହର୍ଷବର୍ଦ୍ଧନ ବେହେରା) :


ଆକାଶ ଦାସନାୟକ


ବିଶ୍ୱଜିତ୍ ନାୟକ


ଆଲେକ୍‌ଜାଣ୍ଡାର ଦାସ


ହିମାଂଶୁ ଶେଖର ସାହୁ


ସ୍ମୃତିରେଖା ପହି

ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ରୁ ୬ ବିଧାନସଭା ଆସନ ପାଇଁ ଭାଜପାର ପ୍ରାର୍ଥୀ ଘୋଷଣା ପରେ ବିଦ୍ରୋହ ମୁଣ୍ଡ ଟେକିଛି। ନିଜ ନିଜ ମଧ୍ୟରେ ଏହା ସାଂଘାତିକ ରୂପ ନେବାରେ ଲାଗିଛି। ବିଶେଷକରି କୋରେଇ ଓ ଧର୍ମଶାଳା ବିଧାନସଭା ଆସନରେ ଭାଜପା ଉପରେ ବିଦ୍ରୋହର ଛିଟା ପଡିଛି, ଯାହାକି ସମୀକରଣକୁ ଓଲଟପାଲଟ କରିଦେଇ ପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ପୋଷଣ କରୁଛନ୍ତି।

ଯାଜପୁର ଜିଲାର ଲୋକ ସଭା ଓ ୭ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଜୁନ୍ ୧ରେ ମତଦାନ କରାଯିବ। ଏଥିପାଇଁ ମେ' ୧୪ ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ୧୫ରେ ଯାଞ୍ଚ କରାଯିବ। ମେ' ୧୭ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ହୋଇଥିବାବେଳେ ସେହିଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ କରାଯିବ। ଏହି କ୍ରମରେ ବରୀକୁ ବାଦ୍ ଦେଲେ ଭାଜପାର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇସାରିଛି। ବହୁଚର୍ଚ୍ଚିତ କୋରେଇ ଆସନ ପାଇଁ ଭାଜପା ପୂର୍ବତନ ବିଧାୟକ ଆକାଶ ଦାସନାୟକଙ୍କୁ ପ୍ରାର୍ଥୀ କରିଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ସୂଚନା ମିଳିଛି। ଏହିକ୍ରମରେ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବିଶ୍ୱଜିତ ନାୟକ ଗୋଷ୍ଠୀ ବିରୋଧ କରିବାକୁ ଆଗେଇ ଆସିଛି। କୋରେଇ ଭାଜପାରେ ପୂର୍ବରୁ ଦଳୀୟ ଟିକେଟ୍ ପାଇବା ପାଇଁ ବିଶ୍ୱଜିତ୍ ଓ ଆଲେକଜାଣ୍ଡାର ଦାସଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା। ନିଜେ ନିଜର ବଳ କଷିବାକୁ ସଭା, ସମିତି ଓ ଶୋଭାଯାତ୍ରା ଆୟୋଜନ କରୁଥିଲେ। ଏପରି କି ସୋମବାର ବିଶ୍ୱଜିତ୍ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ନିଜ ସପକ୍ଷରେ ଟିକେଟ୍ ଲବି କରିଥିଲେ। ଏଥିରେ କୋରେଇ ଭାଜପାର ସମସ୍ତ ମଣ୍ଡଳ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଆଲୋଚନା କରିଥିଲେ। ଅନ୍ୟପକ୍ଷେ ବିଜେଡି ଛାଡି ଭାଜପାରେ ଯୋଗଦେଇ ଘୋଷିତ ପ୍ରାର୍ଥୀ ଆକାଶଙ୍କୁ ଅନ୍ୟତମ ଦାବିଦାର ଆଲେକଜାଣ୍ଡାରଙ୍କ ସମର୍ଥନ କରିବା ନେଇ ଆଶଙ୍କା ରହିଛି। ସେ ସ୍ୱାଧୀନ ଭାବେ ଲଢ଼ିବେ ବୋଲି ତାଙ୍କ ସମର୍ଥକମାନେ କହି ବୁଲୁଛନ୍ତି। ଏହାକୁ ଆକାଶଙ୍କ ସମର୍ଥକମାନେ ଭାଜପା ଏକ ଶୃଙ୍ଖଳିତ ପରିବାର ଓ କୋରେଇ ମା'ମାଟିର ସ୍ୱାଭିମାନ ପାଇଁ ସମସ୍ତେ ମିଳିମିଶି ଶାସକ ଦଳ ପ୍ରାର୍ଥୀଙ୍କୁ ହରାଇବାକୁ ଉଦ୍ୟମ କରିବାର ସମୟ ଆସିଛି ବୋଲି ମତ ଦେଉଛନ୍ତି। ଏହାସହ କୋରେଇ ବିଜେଡିରେ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ବିଜେଡି ପ୍ରାର୍ଥୀ ଏଯାଏ ଘୋଷଣା ହୋଇ ନ ଥିବାରୁ ପୂର୍ବତନ କୋରେଇ ବିଧାୟକ ତଥା ବର୍ତ୍ତମାନର ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ସମର୍ଥକମାନେ ଦାସ ପରିବାରଙ୍କୁ ବିରୋଧ କରିବାକୁ ଅଣ୍ଟା ଭିଡିଛନ୍ତି। କୋରେଇରେ ଦାସ ପରିବାରର କୌଣସି ସଦସ୍ୟଙ୍କୁ ଟିକେଟ ମିଳିଲେ ସାମୂହିକ ଭାବେ ବିରୋଧ କରାଯିବ ବୋଲି ଘୋଷଣା କରିଛନ୍ତି। କଂଗ୍ରେସରେ ମଧ୍ୟ ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡ଼ା, ବିଦ୍ୟାଧର ମହାନ୍ତି ପ୍ରମୁଖ ଟିକେଟ୍ ପାଇଁ ଲାଗି ପଡିଛନ୍ତି।

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଭାଜପାରୁ ସ୍ମୃତିରେଖା ପହି ଟିକେଟ୍ ପାଇବା ପରେ ବିଭିନ୍ନ ମତପ୍ରକାଶ ପାଇଛି। ଏହି ନିର୍ବାଚନମଣ୍ଡଳୀରେ ଏକପ୍ରକାର ଶୂନଶାନ ହୋଇଯାଇଛି। କୌଣସି ସ୍ଥାନରେ କର୍ମୀମାନଙ୍କ ମଧ୍ୟରେ ସେତେଟା ଉତ୍ସାହ ପରିଲକ୍ଷିତ ହୋଇନାହିଁ। ଗତ କିଛି ମାସ ହେଲା ହିମାଂଶୁ ଶେଖର ସାହୁ(ଲିକୁ) ଭାଜପାର ସଙ୍ଗଠନକୁ ମଜଭୁତ କରିବା ଲକ୍ଷ୍ୟରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସେ ଟିକେଟ୍ ପାଇଁ ପ୍ରବଳ ଦାବିଦାର ଥିଲେ। ଏପରି କି ତାଙ୍କୁ ଟିକେଟ୍ ମିଳିଲେ ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ(ଜିତୁ)ଙ୍କ ସହ କଡା ଟକ୍କର ହେବ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ପହିଙ୍କ କାର୍ଯ୍ୟକ୍ରମ ସେତେଟା ସକ୍ରିୟ ନ ଥିବା ଜଣା ପଡୁଥିଲା। ଏହିକ୍ରମରେ ପହିଙ୍କୁ ଟିକେଟ୍ ମିଳିବା ପରେ ଏହା ଶାସକ ଦଳ ପକ୍ଷରୁ ଫିକ୍ସିଂ ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ପହିଙ୍କୁ ଭାଜପା ଟିକେଟ୍ ମିଳିବା ପରେ ବିଧାୟକ ଜିତୁଙ୍କ ପାଇଁ ନିର୍ବାଚନ ବୈତରଣୀ ପାର ହେବା ଏକପ୍ରକାର ସହଜ ହୋଇଯାଇଛି ବୋଲି ଚର୍ଚ୍ଚା ହେଉଛି। ତେଣୁ ମଙ୍ଗଳବାର ଲିକୁଙ୍କ ପ୍ରାୟ ୨ ହଜାର ସମର୍ଥକ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଏକତ୍ରିତ ହୋଇ ନିଷ୍ପତ୍ତି ପରିବର୍ତ୍ତନ କରିବା ସହ ଟିକେଟ୍ ଲବି ଜୋର କରିଛନ୍ତି। ଭାଜପାରେ ଏଭଳି ଭାବେ ବିଦ୍ରୋହ ରାଜ୍ୟ ନେତାଙ୍କ ପାଇଁ ଚିନ୍ତାରଣ କାରଣ ହୋଇଛି।

### ଯାଜପୁର ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ

ଯାଜପୁର ଟାଉନ,୨।୪ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଯାଜପୁର ବରିଷ୍ଠ ନଗରିକ ସଂଘର ବରିଷ୍ଠ ଭବନଠାରେ ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ସଂଘର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ଏପ୍ରିଲ ୧୩ ନବ ବର୍ଷ ତଥା ପଣା ସଂକ୍ରାନ୍ତିଙ୍କୁ ବରିଷ୍ଠ ଭବନଠାରେ ଥିବା ଶିବ ମନ୍ଦିର ପ୍ରାଙ୍ଗଣରେ ପାଳନ କରାଯିବାକୁ ସ୍ଥିର କରାଗଲା। ଉକ୍ତ ଦିନ ପଥିକମାନଙ୍କୁ ପଣା ବଣ୍ଟନ ଓ ଜଳ ଦାନ କରାଯିବାକୁ ମଧ୍ୟ ସ୍ଥିର କରାଯାଇଛି। ସମସ୍ତ ସଭ୍ୟ ଉପସ୍ଥିତ ରହି ଓଡ଼ିଆ ନବ ବର୍ଷକୁ ସ୍ୱାଗତ କରିବାକୁ ଅନୁରୋଧ କରାଯାଇଥିଲା । ଖରାରେ ବରିଷ୍ଠ ନାଗରିକମାନେ ବାହାରକୁ ନ ଯିବାକୁ ଅନୁରୋଧ କରାଯାଇଥିଲା। ଉକ୍ତ ବୈଠକକୁ ସମ୍ପାଦକ ପ୍ରବୋଧ କୁମାର ନାୟକ ପରିଚାଳନା କରିଥିଲେ। ବରିଷ୍ଠ ସଭ୍ୟ ଗଦାଧର ରାଉତ, ସହ-ସମ୍ପାଦକ ବୃନ୍ଦାବନ ମିଶ୍ର, କ୍ଷୀରୋଦ ଚନ୍ଦ୍ର ପାଠୀ, ପ୍ରଦୀପ କୁମାର ଦାସ, ଧନଞ୍ଜୟ କେଶରୀ ରାଉତରାୟ, ମଧୁସୂଦନ ମହାନ୍ତି, ଶିଶିର କୁମାର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଗୋପୀନାଥ ସେଠୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଣବ ପ୍ରକାଶଙ୍କୁ ପ୍ରାର୍ଥୀ କରିବାକୁ ଦାବି


ଖବରଦାତା ସମ୍ମିଳନୀରେ ବିଜେଡି ନେତାମାନେ।

### କୋରେଇ ବିଜେଡିର ଖବରଦାତା ସମ୍ମିଳନୀ

କୋରେଇ,୨।୪(ଚନ୍ଦ୍ରକାନ୍ତ ପତି):

ଯାଜପୁର ଜିଲା କୋରେଇ ବିଜେଡି ପକ୍ଷରୁ ଷଠିପୁର ସ୍ଥିତକଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲା ମହିଳା ବିଜେଡି ସଭାନେତ୍ରୀ ସବିତା ରାଉତ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, କୋରେଇ ଯୁବ ବିଜେଡି ସଭାପତି ସୌଭାଗ୍ୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଚଳିତ ସାଧାରଣ ନିର୍ବାଚନରେ ରାଜ୍ୟ ବିଜେଡି ସଙ୍ଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ କରିବାକୁ ଦାବି କରିଛନ୍ତି। ଏହାସହିତ କୋରେଇ ଅଞ୍ଚଳର କେତେଜଣ ବ୍ୟକ୍ତି ନିଜକୁ ବିଜେଡି ନେତା ଭାବେ ଅଭିହିତ କରି ପ୍ରେସ ବିବୃତି ମାଧ୍ୟମରେ କୋରେଇରେ ଦଳୀୟ କନ୍ଦଳ ସୃଷ୍ଟି କରିବାକୁ ମସୁଧା କରୁଛନ୍ତି। କୋରେଇ ବିଧାନସଭା କ୍ଷେତ୍ରରେ ଏହି ବ୍ୟକ୍ତିଙ୍କ କାର୍ଯ୍ୟଧାରାକୁ ସମ୍ମିଳନୀରେ ଦୃଢ଼ ବିରୋଧ କରାଯାଇଛି। ଏଥିରୁ କ୍ଷାନ୍ତ ନ ହେଲେ, ଆଗାମୀ ଦିନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

ପ୍ରଣବଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ କୋରେଇ ବିଜେଡି କର୍ମୀ ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ଦିବଂଗତ ନେତା ଅଶୋକ ଦାସ କୋରେଇ ବିଧାନସଭା କ୍ଷେତ୍ରରେ ଜନତା ଦଳ ସଂଗଠନର ମୁଖ୍ୟ ସଂସ୍ଥାପକ ଥିଲେ। ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ କୋରେଇରେ ୬ଥର ବିଧାୟକ ହେବା ସହ ରାଜ୍ୟ ରାଜନୀତିରେ କୋରେଇର ଗାରିମା ବୃଦ୍ଧି କରିଥିଲେ। ଅଶୋକଙ୍କ ଆବର୍ତ୍ତମାନରେ କୋରେଇର ବିଜେଡି କର୍ମୀ ତାଙ୍କ ପୁତ୍ର ପ୍ରଣବଙ୍କୁ ପ୍ରତିନିଧିତ୍ୱ କରିବା ପାଇଁ ଦାବି କରିଛନ୍ତି। ଏହି ଦାବିକୁ ମୁଖ୍ୟମନ୍ତ୍ରୀ ବିଚାର କରୁଥିବାବେଳେ, କେତେଜଣ ଆତ୍ମ ଘୋଷିତ ବିଜେଡି ନେତା ବିରୋଧୀ ଦଳର ହାତବାରିସୀ ହୋଇ ପ୍ରେସ ବିବୃତି ଦେବା ସହ କୋରେଇ ରାଜନୀତିରେ ଧାରଧାରୁ ନ ଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଟିକେଟ ଲବି କରୁଥିବା ଲକ୍ଷ୍ୟ କରାଯାଉଛି। ଆଗାମୀ ଦିନରେ କୋରେଇର ବିଜେଡି କର୍ମୀ ଏହି ଷଡ଼ଯନ୍ତ୍ରକାରୀଙ୍କୁ ଉଚିତ ଜବାବ ଦେବେ ବୋଲି ଖବରଦାତା ସମ୍ମିଳନୀରେ କର୍ମୀମାନେ କହିଛନ୍ତି।

ଅନ୍ୟପକ୍ଷରେ ଗତ ସୋମବାର କୋରେଇର ପୂର୍ବତନ ବିଧାୟକ ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇଙ୍କ କେତେଜଣ ସମର୍ଥକ ଯାଜପୁର ରୋଡ୍‌ସ୍ଥିତ ବ୍ରାହ୍ମଣୀ ହୋଟେଲରେ ଖବରଦାତା ସମ୍ମିଳନୀ କରି ଯାଜପୁରର ଅଶୋକ ଦାସଙ୍କ ପରିବାରକ ବିରୋଧ କରିଥିଲେ। ତାଙ୍କ ପରିବାରର କୌଣସି ସଦସ୍ୟଙ୍କୁ କୋରେଇରୁ ପ୍ରାର୍ଥୀ କରାଗଲେ କୋରେଇ ବିଜେଡିରେ ଫାଟ ସୃଷ୍ଟି ହେବ ବୋଲି ସେମାନେ ପ୍ରକାଶ କରିଥିଲେ।

### କେଲୁଅ ନଦୀରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

କାଏମା,୨।୪(ଶିବପ୍ରସାଦ ମହାନ୍ତି):



କେଲୁଅ ନଦୀରେ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ଧର୍ମଶାଳା ଥାନା ଦେଓଦା ପଞ୍ଚାୟତ ସ୍ୱାଇଁସାହି ଗ୍ରାମର ନନ୍ଦ ବିଶ୍ୱାଳଙ୍କ ପୁଅ ରାହୁଲ(ଯୁଲୁକା)। ସୋମବାର ମଧ୍ୟାହ୍ନରେ ସେ ଗାଧୋଇବାକୁ ଯାଇଥିବା ସମୟରେ ନଦୀରେ ବୁଡ଼ି ଯାଇଥିଲେ। ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ରାତି ପର୍ଯ୍ୟନ୍ତ ପାଇ ନ ଥିଲେ। ଅଗ୍ନିଶମ ବାହିନୀ ମଙ୍ଗଳବାର ପୁଣି ଖୋଜା ଖୋଜି କରି ମଧ୍ୟାହ୍ନ ପ୍ରାୟ ୨ଟାରେ କେଲୁଅ ନଦୀର ନିରଘାଟ ନିକଟରୁ ଯୁଲୁକାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ନନ୍ଦଙ୍କ ପରିବାର ଅତ୍ୟନ୍ତ ଗରିବ। ତାଙ୍କର ଅଣ୍ଟା ଅସୁବିଧା ଯୋଗୁ ସେ ଘରେ ବସି ରହିଛନ୍ତି। ପରିବାରରେ ୫ ସଦସ୍ୟ। ଯୁଲୁକା ମଜୁରିଆ ଭାବେ କାମ କରି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଦୁଖେ କଷ୍ଟେ ଚାଲିଯାଆନ୍ତି। ସେ ଠିକ୍‌ରେ ଶୁଣି ପାରୁ ନ ଥିଲେ। ହାତଠାର ବୁଝି କାମ କରୁଥିଲେ। ତେଣୁ ରୋଜଗାରିଆ ପୁଅର ମୃତ୍ୟୁ ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ନିବେଦନ କରିଛନ୍ତି।

# ପରିବହନ ସଂସ୍ଥା ବିରୋଧରେ ଗାଡ଼ି ମାଲିକଙ୍କ ଅଭିଯୋଗ

### ଭଡ଼ା କାଟି ମାଲିକଙ୍କୁ ଧମକ ଦେଉଛି ସଂସ୍ଥା

କାଳିଆପାଣି,୨।୪(ଅସିତ ମହାନ୍ତ):

କ୍ରୋମାଇଟ ଖଣି ଅଞ୍ଚଳ ଟ୍ରକ ମାଲିକମାନେ ଭୁକ୍ତା ପରିବହନ ସଂସ୍ଥାର ପରିବହନ କରି ଭଡ଼ା ପାଇନାହାନ୍ତି। ତେଣୁ ସେମାନେ ଉକ୍ତ ସଂସ୍ଥା ବିରୋଧରେ ମଙ୍ଗଳବାର କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି, କ୍ରୋମାଇଟ ଖଣି ଅଞ୍ଚଳରେ ଭୁକ୍ତା ପରିବହନ ସଂସ୍ଥା ଟାଟା ଖଣିରୁ କ୍ରୋମ ପରିବହନ କରୁଛି। ପରିବହନ ସଂସ୍ଥା ଭଡ଼ାରୁ ଟିଡିଏସ୍ ବାବଦକୁ ୨% ପ୍ରତିଶତ କାଟିବା ବଦଳରେ ୩.୫% କାଟି ଭଡ଼ା ପ୍ରଦାନ କରୁଛି। ମିନେରାଲ ଟ୍ରକ ମାଲିକ ସଂଘ ସହ ଚୁକ୍ତି ଅନୁଯାୟୀ ପେମେଣ୍ଟ ସ୍ଲିପ ଡିପୋଜିଟ କରିବାର ୫ ଦିନ ମଧ୍ୟରେ ପେମେଣ୍ଟ କରିବା କଥା। ହେଲେ ମାସମାସ ଗଡ଼ାଇ ଇଚ୍ଛା ଅନୁଯାୟୀ ମେମେଣ୍ଟ ପ୍ରଦାନ କରୁଛି। ଯଦି କୌଣସି ଟ୍ରକ ମାଲିକ ପେମେଣ୍ଟ ବିଷୟରେ ବୁଝିବାକୁ ଚାହିଁଲେ ସଂସ୍ଥା ଉତ୍ତର ଦେବା ଆମ କାମ ନୁହେଁ ବୋଲି କହି ଧମକ ଦେଉଥିବା ମାଲିକମାନେ ଅଭିଯୋଗ କରିଛନ୍ତି। କୋଲିପଶି ଟ୍ରକ ମାଲିକ ସଂଘ ପ୍ରତିନିଧି ବୈକୁଣ୍ଠ ମହାନ୍ତ, ଆଶିଷ ଜେନା, ମିତିଲାଲ ମହାନ୍ତ ଓ ଦଶରଥ ମହାନ୍ତଙ୍କ ସମେତ ବହୁ ଟ୍ରକ ମାଲିକ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଛନ୍ତି। ଏନେଇ ଭୁକ୍ତା ପରିବହନ ସଂସ୍ଥା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ଗାଡ଼ିମାଲିକମାନେ ଥାନାଧିକାରୀଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

# ବାଲିସାହି ମେଳଣ ଉଦ୍‌ଯାପିତ


ମେଳନରେ ସାମିଲ ହୋଇଥିବା ଦୋଳ ବିମାନ।

ଜେନାପୁର,୨।୪(ଅଶୋକ ଦାସ):

ଧର୍ମଶାଳା ବ୍ଲକ ଅଧୀନ ବାଘୁଆ ବ୍ରାହ୍ମଣୀ ଦେବୀ ଆଞ୍ଚଳିକ ମେଳଣ କମିଟି ଆନୁକୂଲ୍ୟରେ ୫୨ତମ ବାଲିସାହି ମେଳଣ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣ ସୋମବାର ରାତିରେ ଆରମ୍ଭ ହୋଇ ମଙ୍ଗଳବାର ସକାଳେ ଉଦ୍‌ଯାପିତ ହୋଇଛି। ମେଳଣରେ ଥାନାପତି ଭାବେ ମୁରାରୀପୁରର ମୁରଲୀଧର ଜୀଉ ସାମିଲ ହୋଇଥିଲେ। ଅନ୍ୟ ବିମନଗୁଡ଼ିକ ମଧ୍ୟରେ ନୂଆହାଟର ରାଧାକୃଷ୍ଣଜୀଉ, ନାରାୟଣପୁର, କୃଷ୍ଣପଶି, ବଉଳମାଳ, ଅଭୟପୁର, ବାଟିଜଙ୍ଗା, ନରସିଂହପୁର ଓ ମିର୍ଜାପୁର ଆଦି ୯ ବିମାନ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ବିମାନ ନେଇ ଆସିଥିବା ଶ୍ରଦ୍ଧାଳୁ ହରିଗୀତ ତାଳେତଳେ ଭଜନ କୀର୍ତ୍ତନ କରିବା ସହ ଅବିରରେ ହୋଲି ଖେଳିଥିଲେ।

ବିମାନଗୁଡ଼ିକୁ ମେଳଣ ପଡ଼ିଆରୁ ମା'ବ୍ରାହ୍ମଣୀ ଦେବୀଙ୍କ ପୀଠ ପରିସରକୁ ଅଣାଯାଇଥିଲା। ପରେ ଭୋଗ ନୈବେଦ୍ୟ ସହ ଦକ୍ଷିଣା ଦିଆଯାଇଥିଲା। କମିଟି ସଭାପତି ବଟକୃଷ୍ଣ ପଣ୍ଡା, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ବାଇଧର ସାହୁ, ପାଣ୍ଡବ ଚରଣ ବେହେରା, ରଘୁନାଥ ପ୍ରଧାନ, କୈଳାସ ଚନ୍ଦ୍ର ରାଉତ, ଦୁଷ୍ମନ୍ତ ବଳ, ପ୍ରତାପ ପ୍ରଧାନ, ପ୍ରଫୁଲ୍ଲ ସାହୁ, ପ୍ରବିତ୍ର ସାହୁ ଓ ଶତ୍ରୁଘ୍ନ ସାହୁଙ୍କ ସମେତ କମିଟିର ସମସ୍ତ ସଭ୍ୟ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ମେଳଣରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଜେନାପୁର ଥାନା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

# ଘଡ଼େଇ, ଦାସ ପରିବାର ମଧ୍ୟରେ ଶୀତଳ ଯୁଦ୍ଧ

### କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀ

ଯାଜପୁର ରୋଡ,୨।୪ (ପବିତ୍ର ରଞ୍ଜନ ମହାନ୍ତି) :


ପ୍ରଣବ ପ୍ରକାଶ ଦାସ


ପ୍ରୀତିରଞ୍ଜନ ଘଡ଼ାଇ

ଯାଜପୁର ଜିଲାର କୋରେଇ ନିର୍ବାଚନ ମଣ୍ଡଳୀରେ ଦାସ ଓ ଘଡେଇ ପରିବାରଙ୍କ ମଧ୍ୟରେ ନିଜର ପତିଆରା ଜାହିର କରିବା ପାଇଁ ଶୀତଳ ଯୁଦ୍ଧ ଆରମ୍ଭ ହୋଇଛି । କୋରେଇ ଯାଜପୁର ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀ । ବିଗତ ଦିନରେ ଏହି ଦୁଇ ପରିବାର ଏହି ନିର୍ବାଚନ ମଣ୍ଡଳୀରୁ ସେମାନଙ୍କର ରାଜନୈତିକ ଜୀବନ ଆରମ୍ଭ କରି ରାଜ୍ୟ ରାଜନୀତିରେ ନିଜର ପତିଆରା ସୃଷ୍ଟି କରି ପାରିଛନ୍ତି। ଚଳିତ ବିଧାନସଭା ନିର୍ବାଚନରେ ସ୍ୱର୍ଗତ ଅଶୋକ ଦାସଙ୍କ ପୁତୁରା ଭବ ପ୍ରସାଦ ଦାସ କୋରେଇରୁ ବିଜେଡିର ପ୍ରାର୍ଥୀ ହେବାପାଇଁ ଏକ ପ୍ରକାର ସିଦ୍ଧାନ୍ତ ହୋଇଥିବାର ଚର୍ଚ୍ଚା ଜୋର ଧରିଛି । ଏହାକୁ ପ୍ରତିହତ କରିବା ପାଇଁ ଘଡେଇ ପରିବାର କୋରେଇରେ କେତେଜଣ ବିଜେଡି କର୍ମୀଙ୍କୁ ନେଇ ଗୋଟି ଚାଳନା ଆରମ୍ଭ କରିଛନ୍ତି । ବ୍ୟାସନଗରଠାରେ ହୋଇଥିବା ଖବରଦାତା ସମ୍ମିଳନୀରେ ଏହା ପ୍ରତିଫଳନ ହୋଇଛି । ସ୍ୱାଭିମାନ ପାଇଁ କୋରେଇ ମାଟିର ପୁଅକୁ ବିଜେଡି ପ୍ରାର୍ଥୀ କରିବା ପାଇଁ କନିଷ୍ଠ ଘଡେଇଙ୍କ ସମର୍ଥକମାନେ ଖବରଦାତା ସମ୍ମିଳନୀରେ ଦାସ ପରିବାରକୁ ଦୃଢ଼ ବିରୋଧ କରିବା ସହ ତୀବ୍ର ସମାଲୋଚନା କରିଥିଲେ ।

ସୂଚନାଯୋଗ୍ୟ,ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଘଡେଇ ଏହି ନିର୍ବାଚନ ମଣ୍ଡଳୀରୁ ଦୁଇ ଥର ବିଧାୟକ ହୋଇ କୋରେଇକୁ ଛାଡି ସୁକିନ୍ଦାକୁ ବାଛିଥିଲେ । ଏହାପରେ ୨୦୦୯ରେ ତାଙ୍କର ପୁତ୍ର ପ୍ରୀତରଞ୍ଜନ ଘଡ଼ାଇ (ଡାନି )ବିଜେଡିରୁ ବିଧାୟକ ହୋଇ ପ୍ରଥମ ଥର ପାଇଁ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଅନ୍ୟପକ୍ଷେ ଅଶୋକ ଦାସ କୋରେଇରେ ଲଗାତାର ଭାବେ ୫ ଥର ବିଧାୟକ ନିର୍ବାଚିତ ହୋଇଥିଲେ । ଏଣୁ ଏହି ଦୁଇ ପରିବାରର ଦବଦବା ଏହି ନିର୍ବାଚନ ମଣ୍ଡଳୀରେ ରହିଆସିଛି । ଏହି ଦୁଇ ପରିବାର କୋରେଇକୁ ହାତଛଡା କରିବାକୁ ଚାହୁଁ ନାହାନ୍ତି । ଯାହା ଫଳରେ କୋରେଇର ରାଜନୀତି ବୁଢିଆଣୀ ଜାଲରେ ଛନ୍ଦି ହୋଇପଡିଛି । ଦୁଇ ପରିବାର ସମର୍ଥକ ଥିବାରୁ କୋରେଇର ନେତୃତ୍ୱ ନେଉଥିବା ନୂଆ ନେତାମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହା ସେମାନଙ୍କ ପାଇଁ ବୁମେରାଂ ସଦୃଶ ହେଉଛି । ଦାସ ପରିବାର ହସ୍ତକ୍ଷେପ ଯୋଗୁ ୨୦୧୪ରେ ଡାନିଙ୍କୁ କୋରେଇ ବଦଳରେ ସୁକିନ୍ଦାକୁ ପଠାଗଲା ବୋଲି ଘଡେଇଙ୍କ ସମର୍ଥକମାନେ ଅଭିଯୋଗ କରୁଛନ୍ତି। କୋରେଇରୁ ବିଜେଡି ସିନେତାରାକା ଆକାଶ ଦାସନାୟକଙ୍କୁ ପ୍ରାର୍ଥୀ କରିଥିଲା। ୨୦୧୯ରେ ଆକାଶଙ୍କୁ ବାଦ୍ ଦେଇ ଅଶୋକ ବଳଙ୍କୁ ବିଜେଡି ପାର୍ଥୀ କରିଥିଲା। ଏହାପରେ ଦଳର ସାଙ୍ଗଠନିକ ସମ୍ପାଦକ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) କୋରେଇ ରାଜନୀତିକୁ ନିଜ ଅକ୍ତିଆରରେ ରଖିବାରେ ସଫଳ ହୋଇଥିଲେ । ଜିଲା ପରିଷଦ ସଭ୍ୟ ଓ ପଞ୍ଚାୟତ ସମିତି ଅଧକ୍ଷା, ଜିଲାପରିଷଦ ଅଧକ୍ଷା ତାଙ୍କ ସୁପାରିଶରେ ନିର୍ବାଚିତ ହୋଇଥିଲେ । ଏବେ ବିଜେଡି ଟିକେଟ୍ ହାସଲ କରିବାକୁ ଦୁଇ ପରିବାର ଚାହୁଁ ଥିବାରୁ କୋରେଇ ରାଜନୀତିରେ ଉଭୟ ପରିବାର ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି । କେଉଁ ପରିବାର ଏଥିରେ ବାଜିମାତ ମାରିବ ତାହା ସମୟ କହିବ ବୋଲି ମତ ପ୍ରକାଶ ପାଇଛି।

# ଅସହ୍ୟ ଗୁଳୁଗୁଳିରେ ଲୋକେ ଆଉଟୁ ପାଉଟୁ

## ଅଘୋଷିତ ବିଦ୍ୟୁତ୍ କାଟ ସମସ୍ୟା ବଢ଼ାଉଛି

ପଟ୍ଟାମୁଣ୍ଡାଇ, ୨।୪ (କଳ୍ପତରୁ ନାୟକ)



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କୁ ଅତିଷ୍ଠ କରିଦେଉଛି। ଦିନରେ ତାତି ଓ ରାତିରେ ଗୁଳୁଗୁଳିରେ ଲୋକେ ଆଉଟୁ ପାଉଟୁ ହେଉଥିବାରୁ ବିଦ୍ୟୁତ୍‌ର ଆବଶ୍ୟକତା ବଢ଼ିଯାଇଛି। ହେଲେ ଦିନକୁ ୧୦ରୁ ୧୫ ଥର ବିଦ୍ୟୁତ୍ ବିଭ୍ରାଟ ଚିନ୍ତାର ବିଷୟ ହୋଇଥିବା ବେଳେ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବିଦ୍ୟୁତ୍ ଉପଭୋକ୍ତା ୟୁନିୟନ ସଭାପତି ଭୀମସେନ ପରିଡ଼ା, ଲଳିତ ଧଳ, ବିଜୟ ଦାସ, ସୁରେନ୍ଦ୍ର ପରିଡ଼ା ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ସହରକୁ ଛାଡ଼ିଦେଲେ ଗ୍ରାମାଞ୍ଚଳରେ କିଛିଦିନ ହେଲା ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ସକାଳୁ ବିଳମ୍ବିତ ରାତି ମଧ୍ୟରେ ବହୁବାର ଲାଇନ ଯାଉଥିବାରୁ ଲୋକେ ଗରମରୁ ତ୍ରାହି ପାଇପାରୁ ନାହାନ୍ତି। ଏପରି କି ରାତିରେ ଯାଉଥିବା ବିଦ୍ୟୁତ୍ ସକାଳ ପର୍ଯ୍ୟନ୍ତ ଆସୁ ନ ଥିବା ଅନେକ ଉପଭୋକ୍ତା ଅଭିଯୋଗ କରୁଛନ୍ତି। ପୂର୍ବରୁ ଲୋ ଭୋଲଟେଜ ଉପଭୋକ୍ତାମାନଙ୍କୁ ଅସୁବିଧାରେ ପକାଉଥିବା ବେଳେ ଏବେ ଅଘୋଷିତ ପାୱାର କଟ୍ ସମସ୍ୟା ବଢ଼ାଇ ଦେଇଛି। ସକାଳୁ ପ୍ରବଳ ତାତି ଆରମ୍ଭ ହୋଇଯାଉଥିବା ବେଳେ ରାତିବେଳା ଗୁଳୁଗୁଳି ଜନଜୀବନକୁ ଅଥୟ କରିଦେଉଛି। ଏପରି କ୍ଷେତ୍ରରେ ବିଦ୍ୟୁତ୍ ବିଭାଗର ଦାୟିତ୍ୱ ଅଧିକ ବଢ଼ିଯିବା କଥା। କିନ୍ତୁ ଆବଶ୍ୟକ ରକ୍ଷଣାବେକ୍ଷଣର ଅଭାବ, ଠିକ୍ ଭାବେ ମରାମତି କାର୍ଯ୍ୟ କରା ନ ଯିବା ଦ୍ୱାରା ଏପରି ବାରମ୍ବାର ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହେଉଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ତାହାକୁ ବଦଳାଯାଉନାହିଁ। କେତେକ ସ୍ଥାନରେ ଦୀର୍ଘଦିନର ପୁରୁଣା ତାରଗୁଡ଼ିକୁ ପରିବର୍ତ୍ତନ କରାଯାଉନାହିଁ। ଦୀର୍ଘବର୍ଷ ତଳର ଖୁଣ୍ଟ ଓ ତାରରେ ସେବା ଯୋଗାଇ ଦିଆଯାଉଥିବାରୁ ବିଭିନ୍ନ ସ୍ଥାନରେ ତାହା ଭାଙ୍ଗୁଛି ତ କେବେ ପୁଣି ଛିଣ୍ଡି ଯାଉଛି। ତେବେ ତାହାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା ପରିବର୍ତ୍ତେ ସେହି ତାର ଓ ଖୁଣ୍ଟକୁ ଯୋଡ଼ାଯୋଡ଼ି କରି କାମ ଚଳାଇ ଦିଆଯାଉଥିବା ଲୋକେ ଅଭିଯୋଗ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ଧ୍ୟାନ ଦେଉନାହାନ୍ତି। ତେଣୁ ଏହା ବିଦ୍ୟୁତ୍ ବିଭ୍ରାଟର କାରଣ ହେଉଛି। ଏ ନେଇ ତୁରନ୍ତ ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରୀଷ୍ମର ପ୍ରକୋପ ଜାରି ରହିଥିବା ବେଳେ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସେବା ଆବଶ୍ୟକ ଅନୁଯାୟୀ ମିଳି ପାରୁନାହିଁ। ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ କର୍ତ୍ତୃପକ୍ଷ ଯେପରି ତତ୍ପରତା ଦେଖାଉଛନ୍ତି, ଯଦି ସେବା ପ୍ରଦାନ କ୍ଷେତ୍ରରେ ସେପରି ଦେଖାନ୍ତେ, ତାହାହେଲେ ଲୋକଙ୍କୁ ଏପରି ହନ୍ତସନ୍ତ ହେବାକୁ ପଡ଼ନ୍ତା ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କାର୍ଯ୍ୟ କରୁଥିବା କର୍ମଚାରୀମାନେ କୌଣସି ନିରାପଦ ଉପକରଣ ବ୍ୟବହାର କରୁନାହାନ୍ତି। ବିଦ୍ୟୁତ୍ ବିଭାଗ ମିଟର ରିଡିଂ ଓ ବିଲ୍ ଆଦାୟ କରୁଥିବା କର୍ମଚାରୀମାନେ ଟିପିସିଓଡିଏଲ ପରିଚୟ ପତ୍ର ନ ରଖି ସିଧା ଘରେ ପଶି ବିଭିନ୍ନ ଉପକରଣ ବାବଦରେ ଧମକାଉଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବିଦ୍ୟୁତ୍ ବିଭାଗ ସହ ନିର୍ବାହୀ ଯନ୍ତ୍ରୀ ସ୍ମୃତିରଞ୍ଜନ ରଥଙ୍କୁ ପଚାରିବାରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ପରିଚୟ ପତ୍ର ଓ ସେଫ୍ଟି(ନିରାପଦ) ଉପକରଣ ସମସ୍ତ କର୍ମଚାରୀଙ୍କୁ ଯୋଗାଇ ଦିଆଯାଇଛି। ମାତ୍ର ଯେଉଁମାନେ ତାହାକୁ ବ୍ୟବହାର କରୁନାହାନ୍ତି, ତାଙ୍କ ଉପରେ ଟିପିସିଓଡିଏଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟ ପକ୍ଷରୁ ଯେଉଁମାନେ ବିଲ୍ ଆଦାୟ କରିବାକୁ ଓ ମିଟର ରିଡିଂ କରିବାକୁ ଯାଉଛନ୍ତି ସେମାନଙ୍କୁ ଉପଭୋକ୍ତା ଅନୁମତି ନ ଦେବାକୁ କହିଛନ୍ତି। ବର୍ତ୍ତମାନ ଛୋଟମୋଟ ମରାମତି କାର୍ଯ୍ୟ ଚାଲିଛି। ସେଥିପାଇଁ ବିଦ୍ୟୁତ୍ କାଟ ସମସ୍ୟା ଦେଖାଦେଇଛି। ଏହାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି। ଯଦି କାହାର କିଛି କମ୍ପ୍ଲେନ ଦେବାରେ ଅଛି ୧୯୧୨କୁ ଫୋନ କରିବାକୁ ସେ କହିଛନ୍ତି।

# ୩ ପ୍ରତିଭାଙ୍କୁ ପବିତ୍ର ପ୍ରଧାନ ମେଧାବୃତ୍ତି ସମ୍ମାନ



ସ୍ମୃତି କମିଟି ପକ୍ଷରୁ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କେନ୍ଦ୍ରାପଡ଼ା, ୨।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଛୋଟି ମଙ୍ଗଳପୁର ଗ୍ରାମର ସାମାଜିକ କର୍ମୀ ପବିତ୍ର କୁମାର ପ୍ରଧାନଙ୍କର ମଙ୍ଗଳବାର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ବ୍ଲକ ଅଞ୍ଚଳର ୩ ଛାତ୍ରୀଙ୍କୁ ପବିତ୍ର ପ୍ରଧାନ ମେଧାବୃତ୍ତି ସମ୍ମାନ ଦିଆଯାଇଛି। ଏହି ସମ୍ମାନରେ ରାମଚଣ୍ଡି ଶିକ୍ଷା ନିକେତନର ଦଶମ ଶ୍ରେଣୀ ଛାତ୍ରୀ ପ୍ରୀତିଶ୍ରୀ ରାଉତ, ନବମ ଶ୍ରେଣୀର ଛାତ୍ରୀ ସୋନାଲି ନାୟକ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀ ଅର୍ଚ୍ଚିତା ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି। କମିଟି ପକ୍ଷରୁ ସମସ୍ତଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ ଉତ୍କଳ କେଶରୀ ପ୍ରଧାନ, ଯଯାତି କେଶରୀ ପ୍ରଧାନ, ନାରାୟଣ ବଳ ଓ ବାସୁଦେବ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀକୁ ମିଳୁନାହାନ୍ତି ପ୍ରାର୍ଥୀ

କେନ୍ଦ୍ରାପଡ଼ା, ୨।୪ (ଜଗନ୍ନାଥ ଧଳ)

ଚଳିତ ସାଧାରଣ ନିର୍ବାଚନ ଆସନ୍ତା ଜୁନ ୧ରେ କେନ୍ଦ୍ରାପଡ଼ା ଜିଲାରେ ଅନୁଷ୍ଠିତ ହେବ। କଂଗ୍ରେସ ଅଦ୍ୟାବଧି କୌଣସି ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ତାଲିକ ପ୍ରକାଶ କରିନାହିଁ। ତେବେ ଇତିମଧ୍ୟରେ ଜିଲାର ୫ ବିଧାନସଭା କ୍ଷେତ୍ରରୁ ବିଜେଡି ୪ଟି ଓ ଭାଜପା ୩ଟି ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି। ମାତ୍ର କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀରେ କୌଣସି ପ୍ରାର୍ଥୀଙ୍କ ନାମ ନାହିଁ। ଜିଲାର ଏହି ସଂରକ୍ଷିତ ଆସନ ଏଥିମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୧୧୭୯୪୧ ଓ ମହିଳାଙ୍କ ସଂଖ୍ୟା ୧୧୦୬୪୬। ଚଳିତ ସାଧାରଣ ନିର୍ବାଚନରେ ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରୁ କେହି ମହିଳା ନାହାନ୍ତି। ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳ ମହିଳା କାର୍ଡ ଖେଳିବେ ବୋଲି ଆଲୋଚନା ହେଉଛି। ଅପରପକ୍ଷରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ସମୀକରଣକୁ ବଦଳାଇ ଦେଇଛି। ଦିନେ ଦୁଇଦିନ ମଧ୍ୟରେ ସେ ବିଜେଡିରେ ଯୋଗଦେବା ସମ୍ଭାବନା ଅଧିକ ହୋଇଛି।



ଏବେ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ପାଇଁ ହଟ୍ ସିଟ୍ ସାବ୍ୟସ୍ତ ହେବାକୁ ଯାଉଛି। ଏପରି ଘଟଣା ଗତ ୨୦୧୯ ନିର୍ବାଚନରେ ମଧ୍ୟ ଦେଖିବାକୁ ମିଳିଥିଲା। ଶେଷ ମୁହୂର୍ତ୍ତରେ ବିଜେଡି ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ଆଣି ପ୍ରାର୍ଥୀ କରିଥିଲା। ଏହି ଆସନରେ ଭୋଟରଙ୍କ ସଂଖ୍ୟା ୨୨୮୫୯୬। ବିଜେଡି ଏହି ନିର୍ବାଚନମଣ୍ଡଳୀରେ ଗଣେଶ୍ୱରଙ୍କୁ ପ୍ରାର୍ଥୀ କଲେ କଂଗ୍ରେସ ଓ ଭାଜପା ପକ୍ଷରୁ ଟକ୍କର ଦେବା ଚକ୍କରରେ ରହିବେ। ଏଥିପାଇଁ ଦଳବଦଳ କରି ବିଜେଡିର ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ଭାଜପା ଓ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ କଂଗ୍ରେସରୁ ପ୍ରାର୍ଥୀ ହେଉଥିବା ଆଲୋଚନା ଜାରି ରହିଛି।



ମହାକାଳପଡ଼ା ବ୍ଲକ ଅଧୀନ ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ ୩ ପ୍ଲାଟୁନ ଅର୍ଦ୍ଧସାମରିକ ବାହିନୀ ଓ ପୋଲିସର ଛପାଲି, ପ୍ରଭାକରପୁର, ଖାରିନାସୀ ମତ୍ସ୍ୟ ଜେଠିରେ ସାଧାରଣ ନିର୍ବାଚନ ସୁରକ୍ଷା ଦୃଷ୍ଟିରୁ ମଙ୍ଗଳବାର ଫ୍ଲାଗମାର୍ଚ୍ଚ କରାଯାଉଛି।

# ଆଳିର ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ହେଲେ କୃଷ୍ଣଚନ୍ଦ୍ର ପଣ୍ଡା

ରାଜକନିକା, ୨।୪ (ସଞ୍ଜୟ କୁମାର ଦାଶ)



କିଛିଦିନ ପୂର୍ବେ ଭାଜପା ତା'ର ଲୋକସଭା ପ୍ରାର୍ଥୀ ତାଲିକା ଘୋଷଣା କରିଥିବା ବେଳେ, ମଙ୍ଗଳବାର ବିଧାନସଭା ପ୍ରାର୍ଥୀ ତାଲିକା ବିଧିବଦ୍ଧ ଭାବେ ଘୋଷଣା କରିଛି। ଏହିକ୍ରମରେ ଆଳି ନିର୍ବାଚନମଣ୍ଡଳୀରୁ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ଭାଜପା ଟିକେଟ ମିଳିଛି। ପଣ୍ଡାଙ୍କୁ ଟିକେଟ ମିଳିବା ପରେ ନିର୍ବାଚନମଣ୍ଡଳୀର ରାଜକନିକା ଓ ଆଳି ଉଭୟ ଦୁଇଟି ବ୍ଲକର କର୍ମୀମାନଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ପ୍ରକାଶ ପାଇଛି। ବାଜା ବଜାଇ, ବାଣ ଫୁଟାଇ ମିଠା ବାଣ୍ଟିବା ସହ ନିଜନିଜ ମଧ୍ୟରେ ଖୁଆଖୋଇ ହୋଇଥିଲେ। ପଣ୍ଡା ଟିକେଟ ପାଇବା ପରେ ନିର୍ବାଚନମଣ୍ଡଳୀର ମହିଳା, ବୟୋଜ୍ୟେଷ୍ଠ ଓ ଯୁବଗୋଷ୍ଠୀଙ୍କ ମୋ ପ୍ରତି ଭଲ ପାଇବା ଥିଲା ଏବଂ ଅଛି ବୋଲି କହିବା ସହ ଏଥର ନିର୍ବାଚନ ବୈତରଣୀରେ ପାର ପାଇଁ ଭୋଟର ଭାଇଭଉଣୀ ସହଯୋଗ କରିବେ ବୋଲି ଦୃଢ ବିଶ୍ୱାସ କରିଛନ୍ତି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ସଭାପତି କିଶୋର ପଣ୍ଡା, ପୂର୍ବତନ ବିଧାୟକ(ଆଳି) ଦୋଳଗୋବିନ୍ଦ ନାୟକ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଥିଲେ।

# ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରେ ମହୋତ୍ସବ

## ବାଲିଆ ମଧୁସାଗର ମହୋତ୍ସବ

ଡେରାବିଶ, ୨।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ମଧୁସାଗର ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମହୋତ୍ସବ କମିଟିର ସଭାପତି ଡା. ବିଶ୍ୱ ପ୍ରକାଶ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଇଂ. ମୁରଲୀଧର ସେଠୀ ଯୋଗଦେଇ ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମହୋତ୍ସବ ସହାୟକ ହୋଇଥାଏ ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଯୋଗଦେଇ ଯେଉଁ ଅଞ୍ଚଳର ସଂସ୍କୃତି ଯେତେ ମହାନ୍ ସେହି ଅଞ୍ଚଳର ସାମାଜିକ ବ୍ୟବସ୍ଥା ସେତେ ସୁଦୃଢ଼ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. କଳ୍ପନା ମଲିକ, ଡା. ସ୍ନେହଲତା କାନୁନ୍‌ଗୋ, ଡ. ରତିକାନ୍ତ କାନୁନ୍‌ଗୋ ଓ ଉମେଶ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟିର ସମ୍ପାଦକ ଦେବକୀନନ୍ଦନ ମିଶ୍ର ସ୍ୱାଗତ ଭାଷଣ, ଯୁଗ୍ମ ସମ୍ପାଦକ ମଦନ ମୋହନ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ୨୦୨୪ର ମଧୁସାଗର ସ୍ମରଣିକା ଉନ୍ମୋଚନ କରିଥିଲେ। ସାଂସ୍କୃତିକ ସଙ୍ଗଠକ ଶରତ ଚନ୍ଦ୍ର ପଣ୍ଡା, ଗଜେନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ପତି, ନନ୍ଦିତା ଦାସଙ୍କ ଦ୍ୱାରା ବାଲିଆ ଉଚ୍ଚବିଦ୍ୟାଳୟ ଓ ରାଧାକାନ୍ତ ଜୀଉ ଉଚ୍ଚବିଦ୍ୟାଳୟ ବଡ଼ଗାଁର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ନାଟିକା ଦର୍ଶକମାନଙ୍କର ବେଶ୍ ଉପଭୋଗ୍ୟ ହୋଇଥିଲା। ଶେଷରେ ନିରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ମଧୁସାଗର ସ୍ମରଣିକାଙ୍କୁ ଉନ୍ମୋଚନ କରୁଛନ୍ତି।

# ବନ୍ଧପଡ଼ା, ରାଜପୁର ପଞ୍ଚାୟତ ବିଜେଡିର ସାଙ୍ଗଠନିକ ବୈଠକ



ବୈଠକରେ ବିଜେଡି ନେତା ଓ କର୍ମୀମାନେ।

ରାଜନଗର, ୨।୪ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବିଜେଡି କାର୍ଯ୍ୟାଳୟରେ ବନ୍ଧପଡା ଓ ରାଜପୁର ପଞ୍ଚାୟତ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ନଂ. ଜୋନ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବନ୍ଧପଡା ଓ ରାଜପୁର ପଞ୍ଚାୟତର ସମସ୍ତ ୱାର୍ଡର ସକ୍ରିୟ ସଦସ୍ୟାସଦସ୍ୟମାନେ ଯୋଗଦେଇ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଜୁନ ୧ ରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ଏହି ଦୁଇ ପଞ୍ଚାୟତରୁ ବିଜେଡିର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି କିପରି ସବୁଠୁ ଅଧିକ ଭୋଟ ପାଇବେ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଆମ୍ବାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ବିଜୟ ନାୟକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବ୍ଲକ ବିଜେଡି ମୁଖପାତ୍ର କୈଳାସ ଚନ୍ଦ୍ର ମହାନ୍ତି, ରାଜ୍ୟ ଛାତ୍ର ବିଜେଡିର ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ସରପଞ୍ଚ ପୁଷ୍ପଲତା ପାତ୍ର, ପଞ୍ଚାୟତ ସଭାପତି ନଳିନୀ ନାଥ, ରାଜେନ୍ଦ୍ର ରାଉତ, ନିମାଇଁ ଚରଣ ରାଉତ, ଶ୍ରୀନିବାସ ରାଉତ ପ୍ରମୁଖ ଶତାଧିକ ସକ୍ରିୟ କର୍ମୀମାନେ ଯୋଗଦେଇଥିଲେ।

# ପୁନର୍ବାସ ପକ୍ଷରୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ

କେନ୍ଦ୍ରାପଡ଼ା, ୨।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଅଟିଜିମ୍ (ସ୍ୱପରାୟଣତା) ଦିବସ ମଙ୍ଗଳବାର ପାଳନ କରାଯାଇଛ। ମୁଖ୍ୟ ଉପଦେଷ୍ଟା କଥାକାର ଡ. ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୁପାଲି ପ୍ରିୟଦର୍ଶନୀ ନାୟକ, ଅକ୍ୟୁପେଶନାଲ୍ ଥେରାପିଷ୍ଟ ଗୁଞ୍ଜନ ସ୍ମିତା ବେହେରା, ଫିଜିଓ ଥେରାପିଷ୍ଟ ରଚିତା ଜେନା, ଅଧ୍ୟାପିକା ସବିତା ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ସ୍ୱପରାୟଣତାର ଅଭାବ ସାମାଜିକ ସୁରକ୍ଷା ପ୍ରତି ବିପଦ। ତେବେ ଉପଯୁକ୍ତ ଥେରାପି ଚିକିତ୍ସା, ପିତାମାତା ବା ଅଭିଭାବକଙ୍କ ସହ ଭାବ ବିନିମୟ, ଉପଯୁକ୍ତ ପାରିପାର୍ଶ୍ୱିକ ସ୍ଥିତି ଏଥିରେ ସୁଧାର ଆଣିବ। ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀମାନେ ଏହାକୁ ଏକ ଜଟିଳ ବିକାଶଜନିତ ସମସ୍ୟା ବୋଲି ଜ୍ଞାତ ହେବାକୁ ପଡ଼ିବ। ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ଓ ଧୈର୍ଯ୍ୟ ସହକାରେ ଅପେକ୍ଷା କରି କାର୍ଯ୍ୟ କରିବାକୁ ଏହି ଅବସରରେ ଅତିଥିମାନେ ପରାମର୍ଶ ଦେଇଥିଲେ। ଏଥିପାଇଁ ଅନୁଷ୍ଠିତ ଆଲୋଚନାରେ ଅଧ୍ୟାପିକା ସବିତା ଦାସ, ଅଧ୍ୟାପିକା ସୌମ୍ୟକାନ୍ତି ମିଶ୍ର, ଡେମୋନଷ୍ଟ୍ରେଟର ଆରତୀ ଚୌଧୁରୀ, ଶିକ୍ଷାବିତ୍ ସ୍ୱପ୍ନାଂଶୁ କୁମାର ଦାସ, ଶ୍ରୀଧର ଭୋଳ, ହିମାଂଶୁ ଜେନା ପ୍ରମୁଖ ଭାଗ ନେଇଥିଲେ। ପୁର୍ନବାସ ଅନୁଷ୍ଠାନର ସଭ୍ୟ କ୍ଷୀରୋଦ କର, ଶେଷଦେବ ଦାସ, ବ୍ରଜସୁନ୍ଦର ଦାସ, କାଉନ୍‌ସିଲର ସଞ୍ଜୀବ ଜେନା, ରଞ୍ଜନ ସ୍ୱାଇଁ, ମନୋଜ କୁମାର ବିଶ୍ୱାଳ, ବଂଶୀଧର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# କୃଷିଭିତ୍ତିକ ଜିଲାରେ ନାହିଁ ଆଦର୍ଶ କୃଷି ଉଦ୍ୟାନ

କେନ୍ଦ୍ରାପଡ଼ା, ୨।୪ (ଜଗନ୍ନାଥ ଧଳ)

- ନୋଳସାହିର ୬୦ ଏକରରେ ହୋଇଥାନ୍ତା ପ୍ରକଳ୍ପ
- ୯ ବର୍ଷ ପୂର୍ବେ ୨ କୋଟି ହୋଇଥିଲା ବ୍ୟୟବରାଦ
- ନଡ଼ିଆ ଗଛ ରୋପଣ ଅନିୟମିତତାର ତଦନ୍ତ ହେଉ

ରାଜ୍ୟର ପ୍ରତି ଜିଲାରେ ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ହୋଇଛି। ଉଦ୍ୟାନ କୃଷି ମିଶନ ଅଧୀନରେ ଉଦ୍ୟାନରେ ଉନ୍ନତ ଧରଣର ଆମ୍ବ, ନଡ଼ିଆ, ପିଜୁଳି, ଅମୃତଭଣ୍ଡା, ସପୁରି ଆଦି ସହ ଫୁଲ ଚାରା ଘରୋଇ ବଗିଚା ପାଇଁ ସୁଲଭ ମୂଲ୍ୟରେ ଚାଷୀ ପାଉଛନ୍ତି। ତେବେ କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଏହି ଉଦ୍ୟାନ ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ଅଦ୍ୟାବଧି ସଫଳ ହୋଇନାହିଁ। ଏପରି ପ୍ରକଳ୍ପ ପାଇଁ ଗତ ୯ବର୍ଷ ପୂର୍ବେ ଉଦ୍ୟମ ଆରମ୍ଭ ହୋଇଥିଲା। କୃଷି ଉଦ୍ୟାନ ପାଇଁ ଡେରାବିଶ ବ୍ଲକ ନୋଳସାହିଠାରେ ୬୦ ଏକର ଜମି ଚିହ୍ନଟ ହୋଇଥିଲା। ପ୍ରାଚୀର ଓ ଫଳ ଫୁଲ ପାଇଁ ୨ କୋଟି ଟଙ୍କା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବ୍ୟୟ ବରାଦ ହୋଇଥିଲା। ଏହାସତ୍ତ୍ୱେ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯାଇ ପାରିନାହିଁ। ପ୍ରଶାସନିକ ଅସହଯୋଗ ଯୋଗୁ ପ୍ରକଳ୍ପକୁ ଆରମ୍ଭ ପୂର୍ବରୁ ମାରି ଦିଆଗଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ, ଚାଷୀ ଓ କୃଷକ ନେତାମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ, ବିଧୁଭୂଷଣ ମହାପାତ୍ର, ସାମାଜିକ କର୍ମୀ ମନୋଜ ନାୟକ, ବୁଦ୍ଧିଜୀବୀ ପ୍ରଭାତ ପରିଡ଼ା, ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି ଯେ, ଖଣି ଓ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ଜିଲାର ସମତଳ ଓ ଉର୍ବର ମାଟି, ପରିବେଶ, ପ୍ରବାହିତ ୭ ନଦୀ ସହ ଉପଯୁକ୍ତ ପରିମାଣର ବର୍ଷା ଜଳ ବିଭିନ୍ନ ପ୍ରକାର ଫଳ, ଫୁଲ, ପନିପରିବା ପରି ଅର୍ଥକରୀ ଫସଲ ପାଇଁ ଉପଯୁକ୍ତ। ଫସଲ ପାଇଁ ଆବଶ୍ୟକ ପରିବେଶ ଥିଲେ ମଧ୍ୟ ଚାଷୀଙ୍କ ପାଇଁ ଉନ୍ନତ ଚାରା, ବୈଜ୍ଞାନିକ ପଦ୍ଧତିର ତାଲିମ, ସରକାରୀ ରିହାତିରେ କୃଷି ଯନ୍ତ୍ରପାତି ଯୋଗାଣ ଆଦି ସମସ୍ୟା ସୃଷ୍ଟି କରିଛି। ଏସବୁର ସମାଧାନ ଜିଲାର ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ଦ୍ୱାରା କିଛି ମାତ୍ରାରେ ସମାଧାନ ହୋଇପାରିଥାନ୍ତା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନୋଳସାହିଠାରେ ଚିହ୍ନଟ ୬୦ ଏକର ଜମିରେ ଆଦର୍ଶ କୃଷି ଉଦ୍ୟାନ ପାଇଁ ପ୍ରାଥମିକ ସ୍ତରରେ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିସହ ଭିତ୍ତିଭୂମି ପ୍ରତିଷ୍ଠା, ଚାରିପାଖରେ ପାଚେରି ନିର୍ମାଣ, ଉନ୍ନତ କିସମର ଚାରା ସୃଷ୍ଟି ପାଇଁ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ତେବେ କୌଣସି କାରଣରୁ ଏହି ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ସମ୍ଭବ ହୋଇପାରିନାହିଁ। ଅପରପକ୍ଷରେ ଗ୍ରାମାଞ୍ଚଳରେ ଫଳ ଚାରା ରୋପଣ ନାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଗତ ୫ ବର୍ଷ ମଧ୍ୟରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା ଦର୍ଶାଯାଇଛି। ଯାହା ଏବେ ତଦନ୍ତ ପରିସରକୁ ଆସିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି।



ନୋଳସାହିରେ ପ୍ରସ୍ତାବିତ କୃଷି ଉଦ୍ୟାନ ସ୍ଥାନ।

## ସଂକ୍ଷେପରେ

### ୮ ଗ୍ରାମର ଦଣ୍ଡଯାତ୍ରା ଆରମ୍ଭ

ଶେରଗଡ, ୨।୪(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକର ୮ଟି ଗ୍ରାମରେ ୧୩ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ମଙ୍ଗଳବାର ସକାଳେ ପାରମ୍ପରିକ ପୂଜାର୍ଚ୍ଚନା ପରେ ସଂକଳ୍ପ କରାଯାଇ ଦଣ୍ଡୁଆମାନଙ୍କ ସମ୍ମିଳନୀ ପରେ ପୁରୋହିତ, ପାଟ ଦଣ୍ଡୁଆ ପୂଜାର୍ଚ୍ଚନା କରିବା ପରେ ନିଜ ଗ୍ରାମରେ ଧୂଳିଦଣ୍ଡ ସମାପନ ପରେ ସନ୍ଧ୍ୟା ଆରତୀ କରାଯାଇ ଥିଲା। ବୁଧବାରଠାରୁ କାମନା ଦଣ୍ଡ କରିବା ନିମନ୍ତେ ବିଭିନ୍ନ ଗ୍ରାମକୁ ଯିବେ। ୧୩ ଦିନ ଯାତ୍ରା ପରେ କାମନା ଦଣ୍ଡଯାତ୍ରା ସାରି ପୁଣି ସଂକ୍ରାନ୍ତି ଦିନ ଗ୍ରାମକୁ ଫେରି ମେରୁଯାତ୍ରା କରିବାର ବିଧି ରହିଛି। ଏଥି ନିମନ୍ତେ ୮ ଟି ଗ୍ରାମ ଚଳଚଞ୍ଚଳ ହୋଇ ଉଠିଛି। ଉକ୍ତ ଗ୍ରାମଗୁଡିକ ମଧ୍ୟରେ ଖିରିଡା, ବନ୍ଧାଗୁଡା, ବରମୁଣ୍ଡଳୀ, ଆମ୍ବୁଆବାଡି, ଡିଙ୍କି ଶାଳ, ଧବଳପୁର, ଅଲାରିଗଡ, ମିହିରକଣା, ରହିଛି। ସେହିପରି କୁଲାଗଡ ମା'ଙ୍କ ଦଣ୍ଡଯାତ୍ରା ମଧ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଉକ୍ତ ଦଣ୍ଡରେ ୧୦୦୦ ରୁ ଅଧିକ ଦଣ୍ଡୁଆ ସାମିଲ ହୋଇଥିବା ବେଳେ କୁଲାଗଡ ଆଜି ଲୋକାରଣ୍ୟ ହୋଇଥିଲା ମାଁ ଙ୍କୁ ଦେଖିବାକୁ ପ୍ରବଳ ଭିଡ ପରିଲିଖିତ ହୋଇଥିଲା

### ଭାଜପାରୁ ଲଢ଼ିବେ କୃଷ୍ଣଚନ୍ଦ୍ର ନାୟକ



ଛତ୍ରପୁର, ୨।୪ (ଦିଲୀପ ସାମଲ)

ଭାରତୀୟ ଜନତା ପାର୍ଟି ପକ୍ଷରୁ ଛତ୍ରପୁର ବିଧାନସଭା ପାଇଁ କୃଷ୍ଣଚନ୍ଦ୍ର ନାୟକଙ୍କୁ ଟିକେଟ ମିଳିଛି । ଏନେଇ ଭାଜପା ପକ୍ଷରୁ ଘୋଷଣା ହେବା ପରେ ଭାଜପା କାର୍ଯ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି । ଗତ କିଛି ଦିନ ତଳେ ବିଜେଡିରୁ ସୁବାସ ବେହେରାଙ୍କୁ ଟିକେଟ ପ୍ରଦାନ କରାଯାଇଛି। ତେବେ ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ଜନତା ପାର୍ଟି ପକ୍ଷରୁ କୃଷ୍ଣଚନ୍ଦ୍ର ନାୟକଙ୍କୁ ଟିକେଟ ପ୍ରଦାନ କରାଯାଇଛି । ଏହା ପରେ କୃଷ୍ଣ କେନ୍ଦ୍ରୀୟ ନେତା, ଦଳୀୟ ନେତା ଓ ରାଜ୍ୟ ସଭାପତି ମନମୋହନ ସାମଲ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସୂଚନାଥାଉ କି, ଗତ ସାଧାରଣ ୨୦୧୪ ନିର୍ବାଚନରେ କୃଷ୍ଣ ସିପିଆଇ ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜୟ ବରଣ କରିଥିଲେ। ପରେ ସେ ଭାଜପାରେ ଯୋଗଦେଇଥିଲେ । ସେ ଭାଜପା ଏସସି ସେଲର ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କାରି ବିଧାୟକ ଟିକେଟ ପ୍ରଦାନ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ଦୁଇ ଭଉଣୀ

## ମା' ତାରାତାରିଣୀଙ୍କ ଦ୍ୱିତୀୟପାଳି ଚୈତ୍ର ମଙ୍ଗଳବାର ଯାତ୍ରା

ପୁରୁଷୋତ୍ତମପୁର,୨।୪(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟ ଦେବୀ ମା' ତାରାତାରିଣୀଙ୍କ ଦ୍ୱିତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରାରେ ଲକ୍ଷାଧିକ ଭକ୍ତ ସମାଗମ ହୋଇଛନ୍ତି। ସମଗ୍ର ରତ୍ନଗିରି ପାହାଡ ଚତୁଃପାର୍ଶ୍ୱ ଲୋକାରଣ୍ୟ ହୋଇପଡିଥିଲା। ଏହି ପାଳିରେ ରାତ୍ର ୧.୨୫ରୁ ମନ୍ଦିର ଦ୍ୱାର ଫିଟାଯାଇ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇ ମା' ତାରାତାରିଣୀ ଦୁଇ ଭଉଣୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜ୍ଜିତ କରାଯାଇଥିଲା। ଭୋର ୪.୩୦ରେ ସାହାଣ ମେଲା ହୋଇ ମା' ତାରାତାରିଣୀ ମହାଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହା ସହ ରାତ୍ର ୩ଟାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଆସି ତଦାରଖ କରିଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଦେବୋତ୍ତର ବିଭାଗୀୟ ଛତ୍ରପୁର ସର୍କଲ ବିଭାଗୀୟ ଇନ୍ସପେକ୍ଟର



ମା ତାରାତାରିଣୀ

ପୁଷ୍ପିତା ବେହେରା, ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଢ୍ଡୀ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଯାତ୍ରା ପରିଚାଳନା କରିଥିବା ବେଳେ ସେବାୟତ ସଂଘ ସଭାପତି ତପନ କୁମାର ରଣା, ସେବାୟତ ବାପୁଜୀ ରଣା, ଧ୍ରୁବ ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ। ଏହି ପାଳିରେ ଲକ୍ଷାଧିକ ଭକ୍ତଙ୍କ ଭିଡ ଜମିଥିଲା। ମାନସିକଧାରୀ ଭକ୍ତମାନେ ପାହାଡ଼ ପାଦଦେଶରେ ଖୋଲାଯାଇଥିବା ଚାରି ଗୋଟି ମୁଣ୍ଡନ ଶାଳାରେ ନିଜ ନିଜର ଶିଶୁଙ୍କୁ ମୁଣ୍ଡନ କରାଇ କେହି ୯୯୯ ପାହାଚ ଚଢ଼ି ପାହାଡ଼ ଉପରକୁ ଯିବା ସହ ଅନ୍ୟ କେହି ବସ ଓ ରୋପ ୱେ ମାଧ୍ୟମରେ ମଧ ପାହାଡ ଉପରକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ। ମାତ୍ର ପ୍ରଚଣ୍ଡ ଖରା ହେଉଥିବା ବେଳେ ଆବଶ୍ୟକ ପାନୀୟ ଜଳର ଅଭାବ ସାଙ୍ଗକୁ ପାହାଡ ଉପରେ ମହିଳା ଭକ୍ତମାନଙ୍କ ଲାଗି ଶୌଚାଳୟର ସମସ୍ୟାକୁ ନେଇ ମହିଳାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭକ୍ତମାନେ ପାହାଡ ତଳୁ ପାହାଡ ଉପର ମା'ଙ୍କ ମନ୍ଦିରକୁ ଯିବାଲାଗି ୨୦ ଗୋଟି ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଥିଲା। ଯାତ୍ରାରେ ବହୁ ପରିମାଣରେ ଚୋରି ହେଉଥିବା କାରଣରୁ ଚଳିତବର୍ଷ ସାଦା ପୋଷାକରେ ପୋଲିସ କର୍ମଚାରୀମାନଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଥିଲା।

# ଖମ୍ବେଶ୍ୱରୀ ପୀଠରେ ଚୈତ୍ର ମଙ୍ଗଳବାର

ଆସିକା,୨।୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ସହରର ଆରାଧ୍ୟ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ଚୈତ୍ର ଦ୍ୱିତୀୟ ମଙ୍ଗଳବାର ଉପଲକ୍ଷେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋରରୁ ଦେବୀଙ୍କ ପୀଠରେ ପୂଜକଙ୍କ ଦ୍ୱାରା ମଙ୍ଗଳ ଆଳତୀ, ଅବକାଶ, ମଇଲମ ଓ ସ୍ୱତନ୍ତ୍ର ବେଶ କରାଯାଇ ପୂଜାର୍ଚ୍ଚନା ହୋଇଥିଲା । ଜିଲା ଓ ଜିଲା ବାହାରୁ ମାନସିକଧାରୀମାନେ ମା' ପୀଠରେ ସେମାନଙ୍କ ଶିଶୁଙ୍କୁ ମୁଣ୍ଡନ କରିଥିଲେ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ଆଇନ ଶୃଙ୍ଖଳା



ରକ୍ଷା ଲାଗି ମନ୍ଦିର ଓ ମନ୍ଦିର ସଂଲଗ୍ନ ବିଭିନ୍ନ ରାସ୍ତାରେ ପୋଲିସ ମୁତୟନ ହୋଇଥିଲେ।

# ସୋରଡ଼ାରେ ଦଣ୍ଡଯାତ୍ରା ଶୁଭାରମ୍ଭ

ସୋରଡା,୨।୪ (ଲମ୍ବୋଦର ପାଣିଗ୍ରାହୀ)

ପାରମ୍ପରିକ ସୋରଡା ଅଞ୍ଚଳରେ ୧୫ରୁ ଉର୍ଦ୍ଧ୍ୱ ଦଣ୍ଡଦଳଙ୍କ ଦଣ୍ଡଯାତ୍ରା ମଙ୍ଗଳବାର ଶୁଭାରମ୍ଭ ହୋଇଛି। ସବୁ ଶୈବ ପୀଠ, କାଳିମନ୍ଦିରରେ ଏଥିପାଇଁ ଭିଡ ସହ ସାଜସଜା ହୋଇଥିବା ବେଳେ ମଙ୍ଗଳବାର ମଧ୍ୟାହ୍ନରୁ ଢୋଲ, ମହୁରି, କାହାଳି, ଶଙ୍ଖ ଶୁଭିବା ସହ ଆଧ୍ୟାତ୍ମିକ ବାତାବରଣ ଦେଖାଦେଇଛି। ସୋରଡାରେ ସାନ ପୁଞ୍ଜା, ବଡପୁଞ୍ଜା, ଖାରିଗୁଡା ପୁଞ୍ଜା ହୁକୁମାରେ ୩ଟି ପୁଞ୍ଜା, ବଡଗଡରେ ୨ ମୋଟୋ ଓ ଲାଠିପଡା, ତିନିଖଣ୍ଡିଆ, ରଗଡା, ପାଲକାଟ, ସୁରମଣି, ଖଜୁରୀପଲି, ସିଦ୍ଧପୁରରେ ଗୋଟିଏ ଲେଖାଏଁ ଦଳ ରହିଛି। ୧୫ ଦଳରେ ୫୦୦୦ରୁ ଉର୍ଦ୍ଧ୍ୱ ମାନସିକଧାରୀ ଯୋଗଦେଇଛନ୍ତି। ମଙ୍ଗଳବାରଠାରୁ ପ୍ରଚଣ୍ଡ ତାତିରେ ଅଗ୍ନି ଓ ଧୂଳି ଦଣ୍ଡ ପ୍ରଦର୍ଶନ ସହ ରାତିରେ ପୌରାଣିକ ନାଟକ, ସାମାଜିକ ନାଟକ ପ୍ରଦର୍ଶନ ଆରମ୍ଭ ହୋଇଛି। ସମସ୍ତ କାଳି ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ହୋମ, ସଂକଳ୍ପ ପୂଜା ଅନୁଷ୍ଠିତ ହୋଇଛି। ଖାରିଗୁଡା କାଳି ମନ୍ଦିରରେ ଅପରାହ୍ନରେ ଅଞ୍ଚଳର ବିଶିଷ୍ଟ ପୁରୋହିତ ସାହିତିକ, ନାଟ୍ୟକାର ପଣ୍ଡିତ ରାଧାକୃଷ୍ଣ ଦାଶଶର୍ମାଙ୍କ ଦ୍ୱାରା ହୋମପୂଜା ମନ୍ତ୍ର ଉଚ୍ଚାରଣରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବଡପୁଞ୍ଜାରେ ଦୁର୍ଗା ଚରଣ ଶତପଥୀ, ପ୍ରଭାତ କୁମାର ପାଢୀ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି।

# ରାଜନାପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଚାଲୁ କରିବା ଦାବି

ଛତ୍ରପୁର, ୨।୪(ଦିଲ୍ଲୀପ ସାମଲ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଲିଙ୍ଗୀ ପଞ୍ଚାୟତର ରାଜନାପଲ୍ଲୀ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଗେଦଲପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଯୋଗ କରାଯାଇଛି। ଯାହାଦ୍ୱାରା ରାଜନାପଲ୍ଲୀ ଗ୍ରାମର ଛାତ୍ରୀଛାତ୍ରମାନେ ନାହିଁ ନଥିବା ଅସୁିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ମଙ୍ଗଳବାର ରାଜନାପଲ୍ଲୀ ଗ୍ରାମର ବହୁ ଜନସାଧାରଣ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ରାଜନାପଲ୍ଲୀରୁ ଗେଦଲପଲ୍ଲୀ ଗ୍ରାମକୁ ଯିବା ରାସ୍ତାରେ ଦୁଇଟି ମସାଣି ଥିବା ଯୋଗୁଁ ପିଲାମାନେ ବିଦ୍ୟାଳୟକୁ ଯିବା ଆସିବା କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଉକ୍ତ ରାସ୍ତାରେ ବହୁ ହିଂସ୍ର ଜନ୍ତୁମାନେ ବୁଲୁଥିବାରୁ ଉକ୍ତ



ସ୍ମାରକପତ୍ର ଦେବାକୁ ଯାଇଥିବା ଗ୍ରାମବାସୀ।

ରାସ୍ତା ଦେଇ ବିଦ୍ୟାଳୟକୁ ଯିବା ଆସିବା କରିବା ବିପଦଜନକ ବୋଲି ଗ୍ରାମବାସୀ ଉକ୍ତ ସ୍ମାରକ ପତ୍ରରେ ଦର୍ଶାଇଛନ୍ତି। ଏଣୁ ରାଜନାପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଚାଲୁ କରିବା ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ରାଜନାପଲ୍ଲୀ ଗ୍ରାମର ରାମଚନ୍ଦ୍ର ପଢିଆରି, ମୋହନ ପଢିଆରି, ଚକ୍ରଧର ପଢିଆରି, ଆଦିକନ୍ଦ ପଢିଆରି, ସିମାଞ୍ଚଳ ପଢିଆରି, ତ୍ରିନାଥ ପଢିଆରି, ଦିଲ୍ଲୀପ କୁମାର ସାହୁ, ରଘୁନାଥ ସାହୁ, ମନୋଜ କୁମାର ମହାନ୍ତିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ମାମଲା, ସ୍ୱାମୀ ଜେଲ ଗଲେ

ଦିଗପହଣ୍ଡି,୨।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ନିମଖଣ୍ଡିପେଣ୍ଠ ପଞ୍ଚାୟତ ପନାଡ ଗ୍ରାମରେ ସ୍ତ୍ରୀଙ୍କୁ ଗଳାଚିପି ହତ୍ୟାଉଦ୍ୟମ ମାମଲାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମନୋରଞ୍ଜନ ମହାପାତ୍ର। ଦିଗପହଣ୍ଡି ଥାନା ମାମଲା ନଂ. ୧୪୯/୨୪ରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି। ପୋଲିସର ସୂଚନା ପ୍ରକାରେ ଅଭିଯୁକ୍ତଙ୍କ ସ୍ତ୍ରୀ ଆରତୀ ମହାପାତ୍ର ୧୦ ବର୍ଷ ପୂର୍ବେ ମନୋରଞ୍ଜନଙ୍କୁ ବିବାହ କରିଥିଲେ। ମନୋରଞ୍ଜନ ବାହାର ରାଜ୍ୟରେ କାମ କରୁଥିବା ବେଳେ ସ୍ତ୍ରୀ ଆରତୀ ଗାଁରେ ରହି ଆଶାକର୍ମୀ ଭାବେ କାର୍ଯ୍ୟ କରନ୍ତି। ବିଭିନ୍ନ ସମୟରେ ମନୋରଞ୍ଜନ ମଦପିଇ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ଆରତୀଙ୍କୁ ଟଙ୍କା ଦାବି କରିବା ସହ ନ ଦେଲେ ମାଡ ମାରି ଆସୁଥିବା ଏତଲାରେ ଦର୍ଶାଯାଇଛି। ଏପରିକି ସୋମବାର ଅଭିଯୁକ୍ତ ତାଙ୍କ ସ୍ତ୍ରୀ ଆରତୀଙ୍କ ଗଳାଚିପି ତାଙ୍କୁ ହତ୍ୟାଉଦ୍ୟମ କରିବା ସହ ପରବର୍ତ୍ତୀ ସମୟରେ ପେଟ୍ରୋଲ ଢାଳି ମାରିଦେବାକୁ ଧମକ ଦେବାପରେ ବାଧହୋଇ ସେ ପୋଲିସରେ ଏତଲା ଦେଇଥିବା କହିଛନ୍ତି।

# ଦୁର୍ଘଟଣାରେ ଆହତଙ୍କ ଉଦ୍ଧାରକାରୀଙ୍କୁ ପୁରସ୍କୃତ କଲେ ଏସ୍‌ପି

ରାମଗିରି,୨।୪
(ବୃନ୍ଦାବନ ଗୌଡ଼)

ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତର ଜଣେ ପରୋପକାରୀ ବ୍ୟକ୍ତିତ୍ୱଙ୍କୁ ଗଜପତି ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ କୁମାରୀ ଏସ୍. ପୁରସ୍କୃତ କରିଛନ୍ତି। ସେ ହେଲେ ରାମଗିରି ପଞ୍ଚାୟତର ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀ। ରାମଗିରି ଅଞ୍ଚଳରେ ଯେ କୌଣସି ସ୍ଥାନରେ ସଡ଼କ ଦୁର୍ଘଟଣା ଘଟିଲେ ରାଜେନ୍ଦ୍ର ବିଳମ୍ବ ନ କରି ସେଠାରେ ପହଞ୍ଚି ଆହତମାନଙ୍କୁ ତୁରନ୍ତ ଚିକିତ୍ସା ତଥା ନିକଟ ଚିକିତ୍ସାଳୟରେ ଆବଶ୍ୟକୀୟ ସେବା ବନ୍ଦୋବସ୍ତ କରି ମୂଲ୍ୟବାନ ଜୀବନ ବଞ୍ଚାଇଥାନ୍ତି। ଏପରିକି ଜିଲାରେ ଘଟିଥିବା ସଡ଼କ ଦୁର୍ଘଟଣାରେ ଆହତମାନଙ୍କୁ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ ସାହାଯ୍ୟ ଯୋଗାଇ ଦେବାରେ ସେ ସକ୍ରିୟ ରହିଥାନ୍ତି। ତାଙ୍କର ଏପରି କାର୍ଯ୍ୟ ଓ ସେବା ମନୋଭାବ ପାଇଁ ଜିଲା ସୁରକ୍ଷା ସମିତି ପକ୍ଷରୁ ଏସ୍‌ପିଙ୍କ ତରଫରୁ ମାନପତ୍ର ସହ ଚେକ ପ୍ରଦାନ କରି ସମ୍ମାନିତ କରାଯାଇଛି। ରାଜେନ୍ଦ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ରାମଗିରି ହାଟପଦାର କେତେଜଣ ଯୁବ



ରାଜେନ୍ଦ୍ରଙ୍କୁ ଏସ୍‌ପି ପୁରସ୍କୃତ କରୁଛନ୍ତି।

ବ୍ୟବସାୟୀ ମୋ ସହ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ନେଉ। ଆବଶ୍ୟକ ହେଲେ ଆହତଙ୍କୁ ଆର୍ଥିକ ସହାୟତା ଦେଇ ଅଧିକା ଚିକିତ୍ସା ପାଇଁ ପାରଳାଖେମୁଣ୍ଡି କିମ୍ବା ବ୍ରହ୍ମପୁର ପଠେଇବା ପାଇଁ କରୁ ବୋଲି କହିଛନ୍ତି।

# ବିଜେଡିରେ ମିଶିଲେ ମୋହନା ନିର୍ବାଚନମଣ୍ଡଳୀର କଂଗ୍ରେସ, ଭାଜପା ନେତା

ଭୁବନେଶ୍ୱର,୨।୪(ଅନିଲ ଦାସ)

ଗଜପତି ଜିଲା ଅନ୍ତର୍ଗତ ମୋହନା ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଏବଂ ନିର୍ବାଚିତ ପ୍ରତିନିଧି ମଙ୍ଗଳବାର ଶଙ୍ଖଭବନଠାରେ ମନ୍ତ୍ରୀ ତଥା ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟ ସଭା ସଦସ୍ୟ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା ଓ କଂଗ୍ରେସ କର୍ମୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ ଉଭୟ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି । ଭାଜପା ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ମୋହନା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ଅତନୁ ଓ ସସ୍ମିତ କହିଛନ୍ତି । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିବା ନେତାମାନେ କହିଛନ୍ତି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସେମାନେ ସୁଚାରୁରୂପେ ତୁଲାଇବେ। ଦଳରେ ଗ୍ରହଣ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସେମାନେ କୃତଜ୍ଞତା ଜଣାଇଛନ୍ତି। ଜିଲା ସଭାପତି ଜଗବନ୍ଧୁ ଦାସ, ରତୁରାଜ ସାହୁ, ନୂଆଗଡ଼ ବ୍ଲକ କଂଗ୍ରେସ ଜିଲା ପରିଷଦ ସଦସ୍ୟ ରାଜୀବ ଦୋରା, ନୂଆଗଡ଼ ବ୍ଲକ ଉପାଧ୍ୟକ୍ଷ ନିହିମିଆ ରାଇତା, ପୂର୍ବତନ ସରପଞ୍ଚ ଜୟସେନ ଦୋରା, ନାଏବ ସରପଞ୍ଚ ଯୋଶେଫ ଗମାଙ୍ଗ, ୱାର୍ଡମେମ୍ବର ଅସୀମା ଗମାଙ୍ଗ, ପ୍ରଶାନ୍ତ ମଣ୍ଡଳ, ସୁରତା ରାଇତା, ପୀତାମ୍ବର ନାୟକ, ରାଜେନ୍ଦ୍ର ଦଳବେହେରା, ରାଜେଶ ମଣ୍ଡଳ, ମଧୁ ମଣ୍ଡଳ, ସରପଞ୍ଚ ଉଦୀପା ମଣ୍ଡଳ, ପୂର୍ବତନ ଭାଜପା ଜିଲା ପରିଷଦ ସଦସ୍ୟା ନନ୍ଦିନୀ ସାମଲ, ଭାଜପା ନେତା ହରିଚନ୍ଦ୍ର ବୁମଲା, ପ୍ରଫୁଲ୍ଲ କୁମାର ରାଇତା, ଲବାଗୋ ଦଳାଇ, ଆୟୁଷ୍ମାନ ପରିଚ୍ଛା, ପୂର୍ବତନ ସରପଞ୍ଚ ତାରିଣୀ ନାୟକ, ଭାଜପା କର୍ମୀ ମୋହନା ଗୌଡ଼ଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

### ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

ଆସିକା,୨।୪(ସୁରେନ୍ଦ୍ର ନାଥ ସାହୁ)



ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଭାବେ ଗଞ୍ଜାମ ଅତିରିକ୍ତ ଜିଲାପାଳ ପ୍ରମୋଦ କୁମାର ପୃଷ୍ଟି ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲାପାଳ ଦାୟିତ୍ୱ ସହ ସେ ଚିନି ଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ରହିବେ । ପୂର୍ବରୁ ଏଠାରେ ଥିବା ପରିଚାଳନା ନିର୍ଦ୍ଦେଶକ ଗାୟିତ୍ରଦତ୍ତ ନାୟକଙ୍କ ଭୁବନେଶ୍ୱରସ୍ଥିତ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥାର ଡେପୁଟି ମ୍ୟାନେଜର ଭାବେ ବଦଳି ହେବା ପରେ ପୃଷ୍ଟିଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ସେ ଚିନିଶିଳ୍ପର ସାମଗ୍ରିକ ବିକାଶ ଦିଗରେ ଯଥାସାଧ୍ୟ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି।

# ୮ମ ବାଟାଲିୟନରେ ପୋଲିସ ପ୍ରତିଷ୍ଠା ଦିବସ

ଭଞ୍ଜନଗର/ଛତ୍ରପୁର,୨।୪
(ବାବୁଲା ପ୍ରଧାନ/ସନ୍ତୋଷ ପାଢ଼ୀ)

ଭଞ୍ଜନଗର ନିକଟସ୍ଥ ତନରଡ଼ା ଆଇଆର୍‌ବି ୮ମ ସ୍ୱତନ୍ତ୍ର ବାଟାଲିୟନରେ ସୋମବାର ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ କମାଣ୍ଡିଙ୍ଗ ଅଫିସର ହୃଷୀକେଶ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସଆଇ ରବୀନ୍ଦ୍ର କୁମାର ନନ୍ଦ, ଏଏସଆଇ ଜଗନ୍ନାଥ ତିୱାରୀ, ହାବିଲଦାର କୁମାର ନାୟକ, ପ୍ରଭୁଦତ୍ତ ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡେପୁଟି କମାଣ୍ଡିଙ୍ଗ ଅଫିସର ଲଳିତ କୁମାର ବାଗ୍, ଆସିଷ୍ଟାଣ୍ଟ କମାଣ୍ଡିଙ୍ଗ ଅଫିସର ରଞ୍ଜିତ ବର୍ଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ୟାରେଡ୍‌କୁ ଆସିଷ୍ଟାଣ୍ଟ କମାଣ୍ଡିଙ୍ଗ ଅଫିସର ମନୋରଞ୍ଜନ ତରାଇ, ଅତିସ୍ କୁମାର ସାହୁ ପରିଚାଳନା କରିଥିଲେ।

ସେହିପରି ଛତ୍ରପୁର ନିକଟ ଅଗସ୍ତିନୂଆଗାଁ ଛକଠାରେ ଥିବା ଅଷ୍ଟମ ବାଟାଲିୟନ ପରିସରରେ କମାଣ୍ଡାଣ୍ଟ ଶାରଦା ପ୍ରସନ୍ନ ଦାସ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ । ପ୍ୟାରେଡ କମାଣ୍ଡର ଦେବାଶିଷ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ୟାରେଡ ପରିଚାଳନା ହୋଇଥିଲା । ଉତ୍ତମ କାର୍ଯ୍ୟ କରିଥିବା ଜମାଦାର ଉଜ୍ଜଳ ଶବର, ହାବିଲଦାର ରୋଶନ କୁମାର ପଣ୍ଡା, ସିପାହୀ ସୁରେନ୍ଦ୍ର କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କମାଣ୍ଡାଣ୍ଟ ପ୍ରଫୁଲ୍ଲ କୁମାର ସିଂ, ସୁବେଦାର ରଞ୍ଜିତ କୁମାର ଲେଙ୍କା, ପ୍ରଫୁଲ୍ଲ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରଖନାଥଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଗଞ୍ଜାମ,୨।୪(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ଗୋଖରକୁଦା ଗ୍ରାମରେ ବାବା ଗୋରଖନାଥ ମହାଦେବ, ଗ୍ରାମଦେବୀ ମା' ପଦ୍ମାବତୀ ଠାକୁରାଣୀ ଓ ବୀର ହନୁମାନ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭରେ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋଖରକୁଦା ଗ୍ରାମ ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମର ହଜାର ହଜାର ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଗଞ୍ଜାମ ସହର ସନ୍ନିକଟ ଦାମୋଦରପୁର ଗ୍ରାମ ପୁଣ୍ୟତୋୟା ଋଷିକୁଲ୍ୟା ନଦୀରୁ ପୂର୍ଣ୍ଣକୁମ୍ଭ ମସ୍ତକରେ ଧାରଣ କରି ଏକ ସାମୂହିକ କଳସ ଯାତ୍ରାରେ ବାହାରିଥିଲେ। ବାଦ୍ୟ ବାଜଣା ସାଙ୍ଗକୁ ମହିଳାମାନଙ୍କ ହୁଳହୁଳି ଓ ପୁରୁଷ ଶ୍ରଦ୍ଧାଳୁଙ୍କ ହର ହର ମହାଦେବ ଧ୍ୱନି ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଉକ୍ତ କଳସ ଯାତ୍ରା ଗଞ୍ଜାମ ସହର ମୁଖ୍ୟରାସ୍ତା ଦେଇ



କଳସ ଯାତ୍ରା।

ଗ୍ରାମର ଯଜ୍ଞ ସ୍ଥଳ ଅଭିମୁଖେ ଯାଇଥିଲା। ଯଜ୍ଞ ସ୍ଥଳରେ ୨୪ ପ୍ରହର ନାମଯଜ୍ଞ ନିମନ୍ତେ ପଣ୍ଡିତ ଅଶୋକ କୁମାର ଶତପଥୀ ଓ ପୁରୋହିତ ଶଶି ଭୂଷଣ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘୃତଯଜ୍ଞ, ନାମଯଜ୍ଞ ଓ ଅନ୍ନଯଜ୍ଞ ସହ ଗ୍ରାମବାସୀଙ୍କ ସହଯୋଗରେ ଦେବ କାର୍ଯ୍ୟ ସମ୍ପନ୍ନ ହେବାକୁ ଯାଉଛି। ଏହା ଆସନ୍ତା ୬ତାରିଖରେ ସମାପିତ ହେବାର କାର୍ଯ୍ୟକ୍ରମ ରହିଛି।

### କାର, ଟ୍ରାକ୍ଟର ସହ ୧୯୭ କେଜି ଗଞ୍ଜେଇ ଜବତ, ୩ ଗିରଫ

ମୋହନା, ୨।୪ (ମନ୍ମଥନାଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ପୋଲିସ କମଳାପୁର ଛକରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଟ୍ରାକ୍ଟରରୁ ୧ କୁଇଣ୍ଟାଲ ୯୭ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଚାଲାଣରେ ସଂପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୋହନାର ରାମକୃଷ୍ଣ ସାହୁ (୪୦), ସୁଶାନ୍ତ ସାହୁ (୩୪)। ଦୁହେଁ ସମ୍ପର୍କରେ ଶଳା ଭିଣୋଇ ବୋଲି ଜଣାପଡିଛି। ଅନ୍ୟ ଜଣେ ଅଭିଯୁକ୍ତ ହେଲେ ଅଡବା ଥାନା ବମପଦା ଗାଁର ସନ୍ତୋଷ ଜାନୀ (୨୮)। ପୋଲିସ ଏକ କାର ଓ ଟ୍ରାକ୍ଟର ଘଟଣା ସ୍ଥଳରୁ ଜବତ କରିଛି। ଅଭିଯୁକ୍ତମାନେ ମୋହନା ଅଞ୍ଚଳରୁ ଗଞ୍ଜେଇ ନେଇ ବ୍ରହ୍ମପୁର ଅଭିମୁଖେ ଚାଲାଣ କରୁଥିବା ବେଳେ ପୋଲିସ କମଳାପୁର ଛକ ନିକଟରେ ଚଢାଉ କରି ଏହି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ପୋଲିସ ନଂ ୮୨/୨୪ ରେ ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ବିକାଶର ଅନ୍ଧାରରେ କିମ୍ବସିଂ ଗ୍ରାମ

ଆର.ଉଦୟଗିରି,୨।୪ (ମନୋଜ କୁମାର ପାଢୀ):

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନଗାଁ ପଞ୍ଚାୟତର କିମ୍ବସିଂ ଗ୍ରାମବାସୀଙ୍କୁ ଆଜି ମୌଳିକ ସୁବିଧା ମିଳିପାରିନାହିଁ। ଜୀବନଯାପନ ବିକାଶର ଧାରାର ଅପହଞ୍ଚରେ ଏବଂ ଅନ୍ଧକାରରେ ରହିଛି ଏହି ଗ୍ରାମ। ବିକାଶ ଏମାନଙ୍କ ପାଇଁ ସାତ ସପନ ପାଲଟିଛି। ବହୁ ଦୁଃଖ କଷ୍ଟରେ ଜୀବନ ବିତାଇ ଆସୁଥିବା ଏହି ଗ୍ରାମବାସୀ ସମସ୍ତ ସମସ୍ୟାକୁ ପ୍ରଶାସନର ଦୃଷ୍ଟିକୁ ବାରମ୍ବାର ନେଇ ଥିବା ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଗ୍ରାମବାସୀ ଜଣାଇଛନ୍ତି। ବର୍ତ୍ତମାନ ଏହି ଗ୍ରାମର ଜଣେ ବୃଦ୍ଧା ହଠାତ ଗୁରୁତର ହେବାରୁ ତାଙ୍କୁ ପ୍ରାୟ ୯ କିମିରୁ ଉର୍ଦ୍ଧ୍ୱ ବଣପାହାଡ଼ ଘେରା ରାସ୍ତାରେ ଦୋଳା ଦ୍ୱାରା କାନ୍ଧରେ ବୋହି ନେବାକୁ ପଡିଲା ବୋଲି ଏହି ଗ୍ରାମବାସୀ କହିଛନ୍ତି। ବିଦ୍ୟୁତ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଜଳ ଭଳି ମୁଖ୍ୟ ସମସ୍ୟା ଭିତରେ କାଳାତିପାତ କରୁଛନ୍ତି ଏହି ଗ୍ରାମର ଲୋକମାନେ। ଗ୍ରାମର ୩୦



ଘର ସମେତ ତିଳିରଙ୍ଗ ଗ୍ରାମର ୯ ଘର, ବଡିଅର ଗ୍ରାମର ୯ ଘର, ଦଳ ସାହି ଗ୍ରାମର ୧୦ ଘର ଆଦି ରହିଛି। ପାହାଡ଼ ଘେରା ଦୁର୍ଗମ ଅଞ୍ଚଳ ହେତୁ ରାସ୍ତାଘାଟ ନ ଥିବା ଯୋଗୁଁ ଲୋକେ ପାହାଡ଼ ଚଢି ଯାତାୟାତ କରିଥାନ୍ତି। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦୋଳିରେ କନ୍ଧେଇ ଜରୁରୀ ସ୍ୱାସ୍ଥ୍ୟସେବା କରିଥାନ୍ତି। ଅଙ୍ଗନବାଡି କେନ୍ଦ୍ର ନାହିଁ, ସ୍କୁଲ ନାହିଁ, ବିଦ୍ୟୁତ ନାହିଁ, ନଦୀ ଝରଣାରୁ ପାଣି ଆଣନ୍ତି। ପ୍ରତି କ୍ଷେତ୍ରରେ ଅନଗାଁ ପଞ୍ଚାୟତ ପର୍ଯ୍ୟନ୍ତ ୯ କିମି ପାଦରେ ଚାଲି ଚାଲି ରାମଗିରି କିମ୍ବା ଆର. ଉଦୟଗିରିକୁ ଯାଇ ଜୀବନଜୀବିକା, ବଜାର ଘାଟ କରନ୍ତି ଗ୍ରାମବାସୀ।

# ଗଣିତରେ ଫସି ରହିଛନ୍ତି ଆଶାୟୀ

**ବରୀ ନିର୍ବାଚନ ମଣ୍ଡଳୀ**

- ବିଜେଡି, ଭାଜପା, କଂଗ୍ରେସ ପାଉନି ପ୍ରାର୍ଥୀ
- ହାଇକମାଣ୍ଡଙ୍କୁ ଡର ଦଳଡିଆଁ ପ୍ରକ୍ରିୟା

ଯାଜପୁର/ବରୀ(ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ),୨।୪ :

ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଦଳଗୁଡ଼ିକ ଉପଯୁକ୍ତ ପ୍ରାର୍ଥୀ ପାଉନାହାନ୍ତି। କିମ୍ବା ଏଠାରେ ଗୋଟିଏ ଦଳ ପାଇଁ ଏକାଧିକ ପ୍ରାର୍ଥୀ ଥିବାରୁ ଦଳଡିଆଁ ଆଶଙ୍କା କରି ସେ ପ୍ରଥମେ, ଆମେ ପରେ ନୀତିରେ ପ୍ରାର୍ଥୀ ଦେବାର ନିଷ୍ପତ୍ତି ନେଇଥିବାରୁ ବରୀରେ ଏଯାଏ ପ୍ରାର୍ଥୀ ଚୟନ ହୋଇ ପାରିନାହିଁ। ଏହି କ୍ରମରେ ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀମାନେ ଆଶା ଆଶଙ୍କାରେ ରହିଛନ୍ତି। ବିଜେଡି ପୂର୍ବରୁ ବରୀ,କୋରେଇ ଓ ବଡ଼ଚଣାକୁ ବାଦ୍ ଦେଇ ଜିଲାର ଅନ୍ୟ ସମସ୍ତ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ସାରିଛି। ମଙ୍ଗଳବାର ଭାଜପା ବରୀକୁ ବାଦ୍ ଦେଇ ପ୍ରାର୍ଥୀ ଘୋଷଣା କରିଛି । କଂଗ୍ରେସ ବରୀ ଆସନରେ ବି ପ୍ରାର୍ଥୀ ଦେଇନାହିଁ । ତେଣୁ ବରୀରେ କାହା ମୁଣ୍ଡ ଉପରେ ରହିବ ଶଙ୍ଖ, ପଦ୍ମ ଓ ହାତ ଚିହ୍ନ, ଟିକେଟ୍ ରେସରେ କିଏ ମାରିବ ବାଜି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉପରୋକ୍ତ ଦଳ ପୁରୁଣା ହେଭିୱେଟଙ୍କୁ ଭରସା କରିବ ନା ନୂଆ ଚେହେରାଙ୍କୁ ନିର୍ବାଚନୀ ମଇଦାନକୁ ଓହ୍ଲାଇବ ତାକୁ ନେଇ ତର୍ଜମା ଚାଲିଛି । ଏଭଳି ଗଣିତରେ ବିଭିନ୍ନ ଦଳର ହାଇକମାଣ୍ଡ ନେତାମାନେ ଫସି ରହିଛନ୍ତି କି ବୋଲି ପ୍ରଶ୍ନ ଉଠିଛି।

ମୁଣ୍ଡ ଉପରେ ଆସନ୍ନ ନିର୍ବାଚନ। ଭାଜପା ଜିଲାର ଲୋକସଭା ଏବଂ ୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ସାରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାର୍ଥୀ ପ୍ରଚାରକୁ ତୀବ୍ର କରୁଥିବାବେଳେ ବରୀ ବହୁ ପଛରେ ପଡ଼ି ଯାଇଛି। ବରୀ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ କାହାକୁ ଅପେକ୍ଷା କରିଛି କି ବୋଲି ପ୍ରଶ୍ନ ଉଠିଛି। ଦଳ ଭିତରେ ଯେଉଁମାନେ ଆଶାୟୀ ସେମାନଙ୍କୁ ଦଳ ଟିକେଟ୍ ଦେବ ନା ଆମଦାନୀ ନେତା ସନ୍ଧାନରେ ରହିଛନ୍ତି ବୋଲି ଭୋଟରମାନେ ପ୍ରଶ୍ନ କରୁଛନ୍ତି। ବରୀ ଆସନ ପାଇଁ ଗତ ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ବିଜେଡିରୁ ସୁନନ୍ଦା ଦାସ ଏବଂ ଭାଜପାର ବିଶ୍ୱରଞ୍ଜନ ମଲିକଙ୍କ ମଧ୍ୟରେ ହାରଜିତର ବ୍ୟବଧାନ ମାତ୍ର ୪୦୬୨ ରହିଥିଲା। କିନ୍ତୁ ଏବେ ପରିସ୍ଥିତି ବଦଳି ଯାଇଛି।



ହାରିଥିବା ଭାଜପା ନେତା ବିଶ୍ୱରଞ୍ଜନ ଏବେ ବିଜେଡି ଶିବିରରେ ଆଶାୟୀ ଅଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ତଥା ବିଜେଡିରୁ ଭାଜପାକୁ ଯାଇଥିବା ଦେବାଶିଷ ନାୟକ ଭାଜପା ଟିକେଟ୍ ଆଶାୟୀ ରହିଛନ୍ତି। ଏହାସହ ଭାଜପାକୁ କଂଗ୍ରେସରୁ ଲମ୍ଫ ମାରିଥିବା ଉମେଶ ଜେନା ଆଶା ଛାଡ଼ି ନାହାନ୍ତି। ବରୀ ନିର୍ବାଚନ ମଣ୍ଡଳୀରେ ୩ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା କରା ନ ଯିବା ପଛରେ ଆଶାୟୀ ପ୍ରାର୍ଥୀ ଦଳ ବଦଳ କରିବାର ସମ୍ଭାବନା ରହିଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବରୀ ନିର୍ବାଚନ ମଣ୍ଡଳୀରେ ଶାସକ ଦଳରୁ ବର୍ତ୍ତମାନର ବିଧାୟିକା ସୁନନ୍ଦା ଦାସଙ୍କୁ ପ୍ରାର୍ଥୀ କରିବା କିମ୍ବା ନୂଆ ମୁହଁକୁ ସୁଯୋଗ ଦେବ ତାହା ଅସ୍ପଷ୍ଟ ରହିଛି। ଭାଜପା ଓ କଂଗ୍ରେସ ଏହି ଆସନରୁ ଦଳୀୟ ପ୍ରାର୍ଥୀ ଘୋଷଣା ନ କରିବା ପଛରେ ଦଳ ଡିଆଁ ପ୍ରାର୍ଥୀଙ୍କୁ କଂଗ୍ରେସ ଓ ଭାଜପା ଅଧିକ ଗୁରୁତ୍ୱ ଦେବ ବୋଲି ଆଶା କରାଯାଉଛି। ବିଧାୟିକା ସୁନନ୍ଦା ଦାସ ଶାସକ ଦଳୀୟ ଟିକେଟ୍ ପୁନଶ୍ଚ ହାତେଇବାର ଆଶାବାଦୀ ଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ରାଜ୍ୟ ବିଜେଡି ସମ୍ପାଦକ ବିଶ୍ୱ ରଞ୍ଜନ ମଲିକ ମଧ୍ୟ ଶାସକ ଦଳରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ତାଙ୍କର ବହୁ ସମର୍ଥକ ମତ ରଖିଛନ୍ତି। ଅପରପକ୍ଷେ ଯୁବ ସାମାଜିକ କର୍ମୀ ସଞ୍ଜୀବ ଜେନା, ଅଶୋକ ବେହେରା, ୨୧ନଂ. ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସାମାଜିକ କର୍ମୀ ବିଭୁ ପ୍ରସାଦ ରଥ ମଧ୍ୟ ଶାସକ ଦଳରୁ ପ୍ରାର୍ଥୀ ହେବାକୁ ଆଶାବାଦୀ ଅଛନ୍ତି। ବରୀରେ ଶାସକ ଦଳରୁ ଲଗାତାର ଭାବେ ୪ ଥର ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ଦେବାଶିଷ ନାୟକ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ତାଙ୍କ ବ୍ୟତୀତ ଉମେଶ ଜେନା ଓ ପ୍ରାକ୍ତନ ନୌସେନା ଅଧିକାରୀ କବିର ଦାସ ମଧ୍ୟ ଭାଜପାରୁ ପ୍ରାର୍ଥୀ ହେବାକୁ ଆଶାୟୀ ରହିଛନ୍ତି। କଂଗ୍ରେସ ତରଫରୁ ଯୁବ ନେତା ଅମରେଶ ପରିଡ଼ା ପ୍ରାର୍ଥୀ ହେବାକୁ ଦାବି କରିଛନ୍ତି। ଜିଲାର ଏକମାତ୍ର ବରୀ ନିର୍ବାଚନ ମଣ୍ଡଳୀ ପାଇଁ କାହାକୁ ଟିକେଟ୍ ଦିଆଯିବ ତାହା ପ୍ରମୁଖ ଦଳଗୁଡ଼ିକର ଅଙ୍କ ଛିଣ୍ଡୁ ନ ଥିବାରୁ ଭୋଟର, ନେତା ଦ୍ୱନ୍ଦ୍ୱରେ ରହିଛନ୍ତି।


ସେଲ୍ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବାନନ୍ଦ



@ ମନ୍ଦାକିନୀ



@ ବିଶ୍ୱରଞ୍ଜନ



@ ନୀଳମାଧବ



@ ସୁନାକର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଗହୀରମଥାରୁ ଗିଲ୍‌ନେଟର ବୋଟ୍ ଜବତ, ୧୭ ମତ୍ସ୍ୟଜୀବୀ ଗିରଫ



ଜବତ ଗିଲ୍‌ନେଟର ବୋଟ୍ ଓ ଗିରଫ ମତ୍ସ୍ୟଜୀବୀ ।

ରାଜନଗର,୨।୪(ଭାସ୍କର ରାଉତରାୟ)

ବିରଳ ଅଲିଭରିଡଲେ କଇଁଛଙ୍କ ଅନ୍ତର୍ଜାତୀୟ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଗିଲନେଟର ବୋଟ ଜବତ କରିବା ସହ ୧୭ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣାଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ବିରଳ ଅଲିଭରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପଇଁତରା ମାରୁଥିବା ବେଳେ କୂଳଠାରୁ ୫ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ମା’ ଶ୍ରାବଣୀ ନାମକ ଗିଲନେଟର ବୋଟକୁ ଜବତ କରିଥିଲା। ଜବତ ଗିଲନେଟର ବୋଟରୁ ୩ଟି ଭିଏଚ୍‌ଏଫ୍, ଗୋଟିଏ ଫିସ୍ ଫାଇଣ୍ଡର, ୩ଟି ନେଟ ଜବତ କରାଯାଇଛି। ଗିଲନେଟରରେ ଥିବା ଅଶୋକ ମଣ୍ଡଳ, ଶଙ୍କର ଗିରି, ମାଧବ ମଲ୍ଲିକ, ଶୁକଦେବ ମଣ୍ଡଳ, ବାବୁ ମଣ୍ଡଳ, ଭାଗୀରଥ ମଣ୍ଡଳ, ମୁରଲୀଧର ମଲ୍ଲିକ, ଭୋଳାନାଥ ଲାୟା, ସନାତନ ଦାସ, ପରିମଳ ଲାୟା, ରାମ ଖିଲାର, ସୁପେନ୍ ସର୍ଦ୍ଦାର, ରାଜେନ୍ଦ୍ର ମଣ୍ଡଳ, ରତନ କର, ନିର୍ମଳ ସର୍ଦ୍ଦାର, ସନ୍ନ୍ୟାସୀ ମାଇତି, ଶୁକଦେବ ଦାସ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଅର୍ଥ ନାହିଁ, କଂଗ୍ରେସରୁ ଲଢ଼ିବେନି ଲଲାଟେନ୍ଦୁ

ଜଗତ୍‌ସିଂହପୁର,୨।୪(ପ୍ରମୋଦ କୁମାର ନାୟକ)

**ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ**

- ତାଙ୍କ ଗତିକୁ ନେଇ ବଢ଼ୁଛି ଚର୍ଚ୍ଚା
- ଭୋଟ ବ୍ୟାଙ୍କ ଉପରେ ବିଜେଡି, ଭାଜପା ନେତାଙ୍କ ନଜର

ଏକଦା ଓଡ଼ିଶାରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ସ୍ୱର୍ଗତ ବାସୁଦେବ ମହାପାତ୍ରଙ୍କ ନାଁ ଥିଲା। ବିଶେଷକରି ଜଗତ୍‌ସିଂହପୁର ଜିଲାର ସେ ଜଣେ ଲୋକପ୍ରିୟ ନେତା ଥିଲେ। ସେ ୩ଥର ଅର୍ଥାତ୍ ୧୯୭୧, ୧୯୭୪ ଓ ୧୯୮୦ ସାଧାରଣ ନିର୍ବାଚନରେ ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ହୋଇ ପାରିଥିଲେ। ମହାପାତ୍ରଙ୍କ ପୁଅ ହିସାବରେ ଲଲାଟେନ୍ଦୁ ମହାପାତ୍ର (ଜିତୁ) ୧୯୯୫ ସାଧାରଣ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଧାୟକ ହେବାର ଗୌରବ ହାସଲ କରିଥିଲେ। ସେତେବେଳେ ତାଙ୍କୁ ୫୪,୧୩୭ ଖଣ୍ଡ ଅର୍ଥାତ୍ ୪୯.୧୩% ଭୋଟ ମିଳିଥିଲା। ତା’ପରେ ଜନତା ଦଳ ନେତା ଉମେଶ ସ୍ୱାଇଁ କଂଗ୍ରେସରେ ମିଶି ପ୍ରାର୍ଥୀ ହେବାରୁ ଜିତୁଙ୍କ ରାଜନୈତିକ ଜୀବନରେ ନୂଆ ମୋଡ଼ ସୃଷ୍ଟି ହୋଇଥିଲା। ସେ ଦଳୀୟ ପ୍ରାର୍ଥୀ ହେବାରୁ ବଞ୍ଚିତ ହୋଇଥିଲେ। କିନ୍ତୁ କଂଗ୍ରେସ ଦଳ ସହ ଜଡ଼ିତ ହୋଇଥିଲେ। ଦୀର୍ଘବର୍ଷ ପରେ ଅର୍ଥାତ୍ ୨୦୧୪ରେ

କଂଗ୍ରେସ ତାଙ୍କୁ ନବଗଠିତ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ କରିଥିଲା। ଏହି ନିର୍ବାଚନରେ ସେ ୩୯,୯୮୧ ଅର୍ଥାତ୍ ୨୧.୯୮% ଭୋଟପାଇ ହାରିଯାଇଥିଲେ। ଅନୁରୂପ ଭାବେ ୨୦୧୯ରେ ମଧ୍ୟ ଦଳ ତାଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରି



ଲଲାଟେନ୍ଦୁ ମହାପାତ୍ର

ଟିକେଟ୍ ଦେଇଥିଲା। ଏହି ନିର୍ବାଚନରେ ମହାପାତ୍ରଙ୍କୁ ୪୯,୨୩୧ ଖଣ୍ଡ ଅର୍ଥାତ ୨୫.୫୩% ଭୋଟ୍ ମିଳିଥିଲେ ସୁଦ୍ଧା ପୁନର୍ବାର ହାରି ଯାଇଥିଲେ। କିନ୍ତୁ ଭଲ ଭୋଟ ପାଇଥିଲେ। କଂଗ୍ରେସର ଦୁର୍ବଳ ସମୟରେ ମହାପାତ୍ର ନିର୍ବାଚନମଣ୍ଡଳୀରେ ପାଖାପାଖି ୫୦ ହଜାର ଭୋଟ ପାଇବା ଆଲୋଚନାର ବିଷୟ ହୋଇଥିଲା। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନରେ ସେ କଂଗ୍ରେସ ଟିକେଟ୍‌ରେ ପ୍ରାର୍ଥୀ ହେବାକୁ ଚାହୁଁ ନ ଥିବା ଧରିତ୍ରୀକୁ ସ୍ୱତନ୍ତ୍ର ଭାବେ କହିଛନ୍ତି। ସେ କହିଛନ୍ତି, ଦୀର୍ଘବର୍ଷ କଂଗ୍ରେସରେ ରହି ଲୋକଙ୍କ ସେବା ସାଙ୍ଗକୁ ସଙ୍ଗଠନ କରିଛନ୍ତି। କିନ୍ତୁ ଏବେ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ିବା ପାଇଁ ହେଲେ ଅଧିକ ଅର୍ଥ ଆବଶ୍ୟକ, ଯାହା ତାଙ୍କ ପକ୍ଷେ କଷ୍ଟକର। ତେଣୁ ସେ ଦଳ ରାଜ୍ୟ ପ୍ରଭାରୀ ଡ. ଅଜୟ କୁମାରଙ୍କୁ ପ୍ରାର୍ଥୀ ହେବାକୁ ଚାହୁଁ ନ ଥିବା ସ୍ପଷ୍ଟ କରିଛନ୍ତି। ଯଦି ସେ କଂଗ୍ରେସରୁ ପ୍ରାର୍ଥୀ ହେବେନି ତେବେ ତାଙ୍କ ଗତି କୁଆଡେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରଘୁନନ୍ଦନ ଦାସ ୫୩.୮୩% ଭୋଟ ପାଇ ବିଜୟୀ ହୋଇଥିଲେ। ଏହି ନିର୍ବାଚନରେ ରାଜ୍ୟର ଜଣାଶୁଣା ନେତା ସ୍ୱର୍ଗତ ଡ. ଦାମୋଦର ରାଉତ ବିଜେଡି ଛାଡ଼ି ଭାଜପାରୁ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ଡ. ରାଉତ ମାତ୍ର ୩୭,୬୧୧ ଅର୍ଥାତ୍ ୧୯.୫% ଭୋଟ୍ ପାଇଥିବା ବେଳେ ମହାପାତ୍ରଙ୍କୁ ତାଙ୍କଠାରୁ ଯଥେଷ୍ଟ ଅଧିକ ମିଳିଥିଲା। ଏହି ଭୋଟ ବ୍ୟାଙ୍କ ଉପରେ ଉଭୟ ବିଜେଡି ଓ ଭାଜପା ନେତାଙ୍କ ଆଖି ପଡ଼ିଛି। ଏନେଇ ଉଭୟ ଦଳ ପକ୍ଷରୁ ମହାପାତ୍ରଙ୍କୁ ନିଜଆଡ଼କୁ ନେବା ପାଇଁ କସରତ ଚାଲିଥିବା କୁହାଯାଉଛି। କିନ୍ତୁ ମହାପାତ୍ର କେଉଁ ଦଳରେ ମିଶିବେ ତା’ଉପରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି। ଏଭଳି ସ୍ଥିତିରେ ମହାପାତ୍ର ଦଳ ବଦଳ କରୁଛନ୍ତି କି ରାଜନୀତିରୁ ସନ୍ନ୍ୟାସ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

## ବିଞ୍ଝାରପୁରରେ ପୁରୁଣା ପ୍ରତିଦ୍ୱନ୍ଦ୍ୱୀଙ୍କ ଲଢ଼େଇ

ସିଂହପୁର,୨।୪ (ଅନଙ୍ଗ ଉଦୟ ବେଉରିଆ):

ଯାଜପୁର ଜିଲାର ବିଞ୍ଝାରପୁର ସଂରକ୍ଷିତ ବିଧାନସଭା ଆସନ ପାଇଁ ଭାଜପା ପୁଣି ଥରେ ବବିତା ମଲ୍ଲିକଙ୍କ ଉପରେ ଭରସା କରିଛି। ଫଳରେ ଏଠାରେ ପୁରଣା ପ୍ରତିଦ୍ୱନ୍ଦୀଙ୍କ ଲଢ଼େଇ ଦେଖିବାକୁ ମିଳିବା ସ୍ପଷ୍ଟ ହୋଇଛି। ବିଞ୍ଝାରପୁର ଭାଜପାରେ ବବିତା ମଲ୍ଲିକ ଓ ଅମୀୟ ମଲ୍ଲିକ ଦୁଇ ପ୍ରମୁଖ ଆଶାୟୀ ରହିଥିବାବେଳେ ଦଳ ବବିତାଙ୍କୁ ବିଧାନସଭା ପ୍ରାର୍ଥୀ ଘୋଷଣା ପରେ ତାଙ୍କ ଶିବିରରେ ଉତ୍ସାହ ଖେଳିଯାଇଛି। ଅନ୍ୟପକ୍ଷରେ ଅମୀୟଙ୍କୁ ନିରାଶ ହେବାକୁ ପଡ଼ିଛି। ଅମୀୟ ଗତ ନିର୍ବାଚନରେ ଭାଜପା ପକ୍ଷରୁ ଯାଜପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହୋଇ ବିଜେଡିଠାରୁ ପରାସ୍ତ ହୋଇଥିଲେ। ଚଳିତ ନିର୍ବାଚନରେ ଅମୀୟ ବିଞ୍ଝାରପୁର ବିଧାନସଭା ଆସନ ପାଇଁ ଲବି କରିଥିଲେ ମଧ୍ୟ ତାଙ୍କୁ ଉଭୟ ଲୋକ ସଭା ଓ ବିଧାନସଭା ଆସନ କେଉଁଠି ବି ଦଳ ଭରସା କରିପାରିନାହିଁ। ପ୍ରାର୍ଥୀ ଘୋଷଣା ପରେ ଅମୀୟ ଓ ତାଙ୍କ ସମର୍ଥକମାନେ ଦଳର ନିଷ୍ପତ୍ତିକୁ ଗ୍ରହଣ କରି ବବିତାଙ୍କ ପାଇଁ ଅଣ୍ଟା ଭିଡିବେ ନା ଅନ୍ୟ ବିକଳ୍ପ ଖୋଜିବେ



ବବିତା ମଲ୍ଲିକ ଓ ପ୍ରମିଳା ମଲ୍ଲିକ।

ତା’ ଉପରେ ଭାଜପା ନେତୃମଣ୍ଡଳୀ ଦୃଷ୍ଟି ରଖିଛନ୍ତି। ଯଦି ଅମୀୟ ବବିତାଙ୍କୁ ସମର୍ଥନ କରି ଦଳୀୟ ନିଷ୍ପତ୍ତିକୁ ଗ୍ରହଣ କରନ୍ତି ତେବେ ବିଞ୍ଝାରପୁରରେ ବିଜେଡି ଓ ଭାଜପା ମଧ୍ୟରେ ଘମାଘୋଟ ଲଢ଼େଇ ଦେଖିବାକୁ ମିଳିବ ବୋଲି କୁହାଯାଉଛି।

୨୦୦୯ରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ସହ ବବିତା କଂଗ୍ରେସରୁ ନିର୍ବାଚନ ଲଢ଼ିଥିବାବେଳେ ୨୦୧୪ରେ ମଧ୍ୟ ପ୍ରମିଳାଙ୍କ ସହ ବବିତା କଂଗ୍ରେସରୁ ଲଢ଼ିଥିଲେ। ୨୦୧୯ରେ ପୁଣି ଥରେ ପ୍ରମିଳାଙ୍କ ସହ ବବିତା ଭାଜପାରୁ ଟିକେଟ ପାଇ ନିର୍ବାଚନ ଲଢ଼ିଥିଲେ। ଗତ ନିର୍ବାଚନରେ ବବିତା ୨୧ ହଜାର ଭୋଟ ବ୍ୟବଧାନରେ ପ୍ରମିଳାଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଚଳିତ ଥର ବବିତାଙ୍କ ଦୃଢ଼ ନେତୃତ୍ୱ ଓ ସଂଗଠନ ଲଢ଼େଇକୁ ଆହୁରି ଶକ୍ତ କରିବ ବୋଲି କୁହାଯାଉଛି।

## ଦିଅଁ ଦର୍ଶନ ନାଁରେ ଧ୍ରୁବ, ଅଂଶୁମାନ୍‌ଙ୍କ ଶକ୍ତି ପ୍ରଦର୍ଶନ

ପଟ୍ଟାମୁଣ୍ଡାଇ,୨।୪(କଳ୍ପତରୁ ନାୟକ)

ରାଜ୍ୟର କେନ୍ଦ୍ରାପଡ଼ା ଲୋକସଭା ଆସନର ବିଜେଡି ପ୍ରାର୍ଥୀ ଭାବେ ଟାଣୁଆ ଯୁବନେତା ଅଂଶୁମାନ ମହାନ୍ତି ଓ ରାଜନଗର ବିଧାନସଭା ଆସନର ପ୍ରାର୍ଥୀ ଭାବେ ଅଭିଜ୍ଞ ବିଧାୟକ ଧ୍ରୁବ ସାହୁଙ୍କ ନାମ ଘୋଷଣା କରିଥିଲା। ପ୍ରଥମ ଥର ପାଇଁ ଉଭୟ ଅଂଶୁମାନ ଓ ଧ୍ରୁବ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଧାୟକ ପ୍ରତାପ ଜେନାଙ୍କ ସହ ମଙ୍ଗଳବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଆସି ବିଭିନ୍ନ ଦେବଦେବୀ ଦର୍ଶନ କରିଛନ୍ତି। ହଜାର ହଜାର ବିଜେଡି କର୍ମୀ ବିଶାଳ ଶୋଭାଯାତ୍ରାରେ ଧ୍ରୁବ ଓ ଅଂଶୁମାନଙ୍କୁ ବିଭିନ୍ନ ଦେବଦେବୀ ମନ୍ଦିରକୁ ପାଛୋଟି ନେଇ ସମଗ୍ର ପଟ୍ଟାମୁଣ୍ଡାଇକୁ ବସ୍ତୁତଃ ଦୁଲୁକାଇ ଦେଇଛନ୍ତି। ଧ୍ରୁବ ଓ ଅଂଶୁମାନଙ୍କ ମିଳିତ ବିଶାଳ ଶୋଭାଯାତ୍ରା ପରେ ପଟ୍ଟାମୁଣ୍ଡାଇର ରାଜନୈତିକ ବାତାବରଣ ସରଗରମ ହୋଇଉଠିଛି। ଦେବଦେବୀ ଦର୍ଶନ ଅଳରେ ଧ୍ରୁବ ଓ ଅଂଶୁମାନ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ କର୍ମଭୂମି ତଥା ଅଣକଂଗ୍ରେସ ରାଜନୀତିର ଅଭେଦ୍ୟ ଦୁର୍ଗ କେନ୍ଦ୍ରାପଡ଼ା ଜିଲା

**ଭବ୍ୟ ସ୍ୱାଗତ, ବିଶାଳ ଶୋଭାଯାତ୍ରାରେ ଦୁଲୁକିଲା ପଟ୍ଟାମୁଣ୍ଡାଇ**

ବିଶେଷକରି ପଟ୍ଟାମୁଣ୍ଡାଇ ଅଞ୍ଚଳ ଆଗାମୀ ସାଧାରଣ ନିର୍ବାଚନ ଦୃଷ୍ଟିରୁ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି। ତେବେ ମଙ୍ଗଳବାର ସନ୍ଧ୍ୟାରେ ଦିଅଁ ଦର୍ଶନ ନାଁରେ ଧ୍ରୁବ ଓ ଅଂଶୁମାନ ଶକ୍ତି ପ୍ରଦର୍ଶନ କରିଛନ୍ତି। ଜିଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରତାପ ଜେନା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଆରତ ରଞ୍ଜନ ବିଶ୍ୱାଳ ସହିତ ଧ୍ରୁବ ଓ ଅଂଶୁମାନ ପଟ୍ଟାମୁଣ୍ଡାଇ ବାଇପାସ ବିଜୁ ପଟ୍ଟନାୟକ ଛକଠାରେ ପହଞ୍ଚିବା ପରେ ଖୋର୍ଦ୍ଧା ବିଜେଡି ପର୍ଯ୍ୟବେକ୍ଷକ ମିଟୁ ଦାଶ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲା ଯୁବ ବିଜେଡି ସମ୍ପାଦକ ଅଶୋକ ଧଳ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଯଦୁମଣି ଦାଶ, ପ୍ରଦୀପ ପ୍ରଧାନ, ନିମାଇ କର, ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଅବିନାଶ ଲେଙ୍କା, ଜିଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ,



ଜଗନ୍ନାଥଙ୍କୁ ଦର୍ଶନ କରି ପ୍ରତାପ ଜେନା, ଅଂଶୁମାନ ମହାନ୍ତି,ଧ୍ରୁବ ସାହୁ ଫେରୁଛନ୍ତି ।

ସନାତନ ବିଶ୍ୱାଳ, ବ୍ରଜବନ୍ଧୁ ଦାଶ, କାଉନସିଲର ଗୋପୀବଲ୍ଲଭ ନାୟକ, ସ୍ୱରୁପା ନନ୍ଦ ସାମଲ ଓ ମଳୟ ଓଝା, ବ୍ଲକ ବିଜେଡି ଉପସଭାପତି ସୁବାସ ଦାଶ ଓ ସୁରେନ୍ଦ୍ର ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ହଜାର ହଜାର ବିଜେଡି କର୍ମୀ, ସମର୍ଥକ ଓ ଜନସାଧାରଣ ବାଜା ବାଣ ସହ ପୁଷ୍ପଗୁଚ୍ଛ ଦେଇ ଉଭୟ ନେତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜିଲା ପର୍ଯ୍ୟବେକ୍ଷକ ବିଧାୟକ ଜେନାଙ୍କ ସହ ଧ୍ରୁବ ଓ ଅଂଶୁମାନ ବାଇପାସ ବିଜୁ ପଟ୍ଟନାୟକ ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମ୍ବିଧାନ ପ୍ରଣେତା ଡ. ଭି.ଆର. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରାରେ ବେଲତଳ ସିଦ୍ଧ ଭୋଳିବାବା ମଠକୁ ଦିଅଁ ଦର୍ଶନ କରିଥିଲେ। ପୋଖରୀଆପଡ଼ା ପତିତପାବନ ମନ୍ଦିରରେ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ, ସମ୍ପାଦକ ନରହରି ଲେଙ୍କା ଓ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଭବ୍ୟ ସ୍ୱାଗତ କରିବା ପରେ ନେତୃମଣ୍ଡଳୀ ପତିତପାବନଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ମୁଖ୍ୟ ପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ପ୍ରତାପ ଜେନା, ଧ୍ରୁବ ଓ ଅଂଶୁମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଦ୍ୱୟ ପ୍ରଭୁ ହରପାର୍ବତୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରଠାରେ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧ୍ୟକ୍ଷ ପର୍ଶୁରାମ ଷଣ୍ଢ ଓ ଉପଦେଷ୍ଟା କିରଣ କୁମାର ଭୂୟାଁ ଭବ୍ୟ ସ୍ୱାଗତ କରିଥିଲେ। ଏଠାରେ ପ୍ରଭୁ ଶ୍ରୀରାମ, ହନୁମାନଜୀଉ ଓ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶେଷରେ ତନୁପୁର ଗ୍ରାମର ବିଭିନ୍ନ ଦେବଦେବୀ ମନ୍ଦିର, ବାଲିପଡ଼ା ହନୁମାନ ମନ୍ଦିର ଓ କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିରକୁ ଯାଇ ପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

# ବିଜେଡିର ପୁରୁଣା ଚେହେରାକୁ ଭାଜପାର ନୂଆମୁହଁ

ନୟାଗଡ଼/ରଣପୁର,୨।୪(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ): ଲୋକସଭା ଓ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ସବୁ ରାଜନୈତିକ ଦଳ ରଣନୀତି ବଦଳାଇବାରେ ଲାଗିଛନ୍ତି । ନିଜ ପ୍ରାର୍ଥୀଙ୍କ ବିଜୟ ପାଇଁ ଭାଜପା ନୟାଗଡ଼ ଜିଲାର ୪ ନିର୍ବାଚନ ମଣ୍ଡଳୀରେ ନୂଆ ମୁହଁ ଦେଇ ଭୋଟରଙ୍କୁ ଆକର୍ଷିତ କରିବାକୁ ପଦକ୍ଷେପ ନେଇଛି । ଅନ୍ୟପକ୍ଷେ ବିଜେଡି ଖଣ୍ଡପଡା ନିର୍ବାଚନ ମଣ୍ଡଳୀକୁ ଛାଡିଦେଲେ ରଣପୁର, ନୟାଗଡ଼ ଓ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ପୁରୁଣା ଚେହେରାକୁ ସ୍ଥାନ ଦେଇ ବାଜି ମାରିବାକୁ ଗୋଟି ଚାଳନା କରିଛି । କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା କରିବାରେ ପଛରେ ପଡିଥିବାବେଳେ ସବୁ ନିର୍ବାଚନମଣ୍ଡଳରେ ନୂଆ ମୁହଁ ଦେଇ ଭୋଟରଙ୍କୁ ନିଜ ସପକ୍ଷକୁ ନେବା ପାଇଁ କସରତ ଜାରି ରଖିଥିବା ଚର୍ଚ୍ଚା ହେଉଛି ।

ଜିଲାରେ ନୟାଗଡ଼, ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲା ଆଦି ୪ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି । ୪ ବିଧାନସଭା ନିର୍ବାଚନମଣ୍ଡଳୀକୁ ଶାସକ ଦଳ ବିଜେଡି ନିଜ ଦଖଲରେ ରଖି ନିଜର ଦବଦବା ଜାରି ରଖିଛି । ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କୁ ବିଜେଡି ବହିଷ୍କାର କରିବା ପରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଦଳ କାହାରିକୁ ଟିକେଟ ଦେଇ ନାହିଁ । ଏଠାରେ କିଏ ଟିକେଟ ପାଇବ ସେନେଇ ଜଣାପଡି ନ ଥିଲେ ହେଁ ଭାଜପା ପ୍ରଚାରରେ ଆଗୁଆ ରହିଛି । ଅନ୍ୟ ୩ ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରଚାରରେ ଆଗୁଆ ଅଛି । ୨୦୨୪ ନିର୍ବାଚନରେ ଜିଲାର ୪ ନିର୍ବାଚନ ମଣ୍ଡଳୀରେ ବିଜେଡି ଅଦଳ ବଦଳ ଅଥବା ନୂଆ ମୁହଁ ଦେଇପାରେ ବୋଲି ଚର୍ଚ୍ଚା ଧରୁଥିଲା । ହେଲେ ଚର୍ଚ୍ଚାକୁ ପଛରେ ପକାଇ ବିଜେଡି ନୟାଗଡ଼ରେ ଅରୁଣ କୁମାର ସାହୁ, ରଣପୁରରେ ସତ୍ୟ ନାରାୟଣ ପ୍ରଧାନ ଓ ଦଶପଲ୍ଲାରେ ରମେଶ କୁମାର ବେହେରାଙ୍କୁ ପ୍ରାର୍ଥୀ କରିଛି । ୩ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଦେଇ ସାରିବା ପରେ ଧିରେ ଧିରେ ଅନ୍ତଃକନ୍ଦଳ ବଢ଼ିବାରେ ଲାଗିଛି । ବହୁ ଦିନ ଧରି କ୍ଷମତାରେ ରହିବା ପରେ ବିବାଦ ବଢ଼ିବା ସାଧାରଣ ଘଟଣା ହୋଇଥିଲେ ହେଁ ପ୍ରାର୍ଥୀ କିପରି ଏହାକୁ ମୁକାବିଲା କରୁଛନ୍ତି ତାହା ସମୟ କହିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି । ଏଭଳିସ୍ଥଳେ ଭାଜପା ନୂଆ ମୁହଁ ଦେଇ ବିଜେଡିକୁ ଟକ୍କର ଦେବାକୁ ଉଦ୍ୟମ କରିଛି ।



ଦୁଷ୍ମନ୍ତ ସ୍ୱାଇଁ



ପ୍ରତ୍ୟୁଷା ରାଜେଶ୍ୱରୀ ସିଂ



ରାଘବ ମଲିକ



ତାପସ ରଞ୍ଜନ ମାର୍ଥା

ଭାଜପା ରଣପୁରରେ ତାପସ ରଞ୍ଜନ ମାର୍ଥା, ଦଶପଲ୍ଲାରେ ରାଘବ ମଲିକ, ନୟାଗଡ଼ରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଖଣ୍ଡପଡ଼ାରେ ଦୁଷ୍ମନ୍ତ ସ୍ୱାଇଁଙ୍କୁ ପ୍ରାର୍ଥୀ କରିଛି । ରଣପୁରରେ ପୂର୍ବତନ ମନ୍ତ୍ରୀ ତଥା ସର୍ବଭାରତୀୟ ଭାଜପା ମହିଳା ମୋର୍ଚ୍ଚାର ପୂର୍ବତନ ସଭାପତି ସୁରମା ପାଢ଼ୀ ଭାଜପା ବିଜେଡି ମେଣ୍ଟରେ ବିଜୟୀ ହୋଇ ସମବାୟ ମନ୍ତ୍ରୀ ହେବାରେ ସକ୍ଷମ ହୋଇଥିଲେ । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ୩ଥର ବିଧାୟକ ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିଲେ । ଏଠାରେ ଭାଜପା ସଙ୍ଗଠନ ଦୁର୍ବଳ ହୋଇ ଚାଲିଥିବାବେଳେ ଜନାର୍ଦ୍ଦନ ଦଳବେହେରା ଟିକେଟ୍ ପାଇଁ ସଙ୍ଗଠନ କରୁଥିଲେ । ଦ୍ୱିତୀୟ କଳିରେ ରଣପୁର ବ୍ଲକ୍ ଚେୟାରମ୍ୟାନଙ୍କ ସ୍ୱାମୀ ତଥା ଭାଜପାର ଜିଲା ସଭାପତି ତାପସ ରଞ୍ଜନ ମାର୍ଥା ବାଜି ମାରି ପ୍ରାର୍ଥୀ ହୋବାରେ ସକ୍ଷମ ହୋଇଛନ୍ତି।

- ପ୍ରାର୍ଥୀ ଘୋଷଣା ପରେ ବଦଳୁଛି ରଣନୀତି
- ପଛରେ ପଡିଛି କଂଗ୍ରେସର ପ୍ରାର୍ଥୀ ଚୟନ

ଯୁବନେତା ତାପସ କିପରି ଭୋଟରଙ୍କୁ ଆପଣେଇବାରେ ସଫଳ ହେଉଛନ୍ତି ତାକୁ ଲୋକମାନେ ଅପେକ୍ଷା କରିଛନ୍ତି । ନୟାଗଡ଼ରେ ଭାଜପା ସଙ୍ଗଠନ କରିଥିବା ଇରାନୀ ରାୟ ବିଜେଡିରେ ମିଶିବା ପରେ ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଟିକେଟ ହାତେଇବାରେ ସଫଳ ହୋଇଛନ୍ତି । ତେବେ ଲଗାତର ୪ ଥର ବିଜୟୀ ହୋଇ ଆସୁଥିବା ବିଜେଡି ବିଧାୟକ ଅରୁଣ କୁମାର ସାହୁଙ୍କୁ ସେ କିଭଳି ମୁକାବିଲା କରୁଛନ୍ତି ତା'ଉପରେ ରାଜନୈତିକ ସମୀକ୍ଷକମାନେ ତର୍ଜମା କରୁଛନ୍ତି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଯୁବ ଭାଜପା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଓ ଅର୍ଚ୍ଚନା ଦାସ ଆଶାୟୀ ଥିବାବେଳେ ୨୦୧୯ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିବା ଦୁଷ୍ମନ୍ତ ସ୍ୱାଇଁ ଦଳରେ ମିଶି ଟିକେଟ ହାତେଇ ନେଇଛନ୍ତି । ଦୁଷ୍ମନ୍ତଙ୍କ ପାଇଁ ଦଳୀୟ ନେତା କେତେ ସହଯୋଗ କରୁଛନ୍ତି ସେ ସମ୍ପର୍କରେ କୌଣସି ସ୍ପଷ୍ଟ ଚିତ୍ର ମିଳିନାହିଁ। ଦଶପଲ୍ଲାରେ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଟିକେଟ୍ ଲବିରେ ଥିବାବେଳେ ଶିକ୍ଷକ ନେତା ରାଘବ ମଲିକ ଟିକେଟ୍ ପାଇଛନ୍ତି । ରାଘବ ମଲିକ ସଙ୍ଗଠନ କରି ଟିକେଟ୍ ହାସଲ କରିବାରେ ସକ୍ଷମ ହୋଇଛନ୍ତି ।

# ମାଙ୍କଡ଼ଙ୍କ ଦୌରାତ୍ମ୍ୟ, ୬ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ

## ଗଛ ଭାଙ୍ଗି ୧୧ କେଭି ତାରରେ ପଡି ବିଦ୍ୟୁତ ଖୁଣ୍ଟ ବଙ୍କା

ଖଣ୍ଡପଡ଼ା,୨।୪(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ ଫକୀରଅତବୁଦ୍ଧି ପାଟଣା ଗ୍ରାମରେ ମାଙ୍କଡ଼ଙ୍କ ଦୌରାତ୍ମ୍ୟ ଯୋଗୁ ଏକ ସଜନାଗଛ ଭାଙ୍ଗି ନିକଟସ୍ଥ ୧୧ କେଭି ଲାଇନରେ ପଡି ବିପଦ ସୃଷ୍ଟି କରିଥିଲା । ଏଥିପାଇଁ ୬ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା ।

ମଙ୍ଗଳବାର ଅପରାହ୍ନରେ ମାଙ୍କଡ଼ ପଲ ଦୌଡାଦୌଡି ସହ ଏ ଗଛରୁ ସେଗଛ ଡିଆଁ ଡେଁଇ କରୁଥିଲେ। ରାସ୍ତା କଡରେ ଥିବା ଏକ ବଡ଼ ସଜନା ଗଛକୁ ମାଙ୍କଡ ଡେଇଁବା ଫଳରେ ଗଛଟି ଭାଙ୍ଗି ପଡି ୧୧ କେଭି ବିଦ୍ୟୁତ ଲାଇନରେ ପଡିବା ସହ ସଂପୃକ୍ତ ବିଦ୍ୟୁତ ଖୁଣ୍ଟଟି ନଇଁ ପଡିଥିଲା । କେବୁଲ ଲାଇନ ଯୋଗୁ ବିଦ୍ୟୁତ୍ ଲାଇନ ତଳେ ରହିଥିବା ଦୋକାନ ଘର ତଥା ରାସ୍ତାରେ ଯାଉଥିବା ଲୋକମାନେ ଏହି ଅଘଟଣରୁ ଅଳ୍ପକେ ରକ୍ଷା ପାଇଥିଲେ । ତେବେ ଗ୍ରୀଷ୍ମ ପ୍ରବାହ ବେଳେ ମଧ୍ୟାହ୍ନରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିଲା । ଖବର ପାଇ ବିଦ୍ୟୁତ୍ କର୍ମଚାରୀମାନେ ସରବରାହ ବନ୍ଦ କରି ଦେଇଥିଲେ। ଦୀର୍ଘ ସମୟ ବିଦ୍ୟୁତ୍ ଲାଇନକୁ ମରାମତି କରାଯାଇଥିବା ବେଳେ ଅପରାହ୍ନ ପ୍ରାୟ ସାଢେ ୫ଟାରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା ।

# ଓଡ଼ଗାଁ, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

## ଓଡଗାଁ ସିଏଚ୍‌ସି କ୍ରମାଗତ ଭାବେ ୪ର୍ଥ ଥର ପୁରସ୍କୃତ



ଓଡ଼ଗାଁ,୨।୪(ଆଦର୍ଶ କୁମାର ପଟ୍ଟନାୟକ ): ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍‌ର ଓଡ଼ଗାଁ ଓ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୨୦୨୨-୨୩ ବର୍ଷ ନିମନ୍ତେ ରାଜ୍ୟସ୍ତରୀୟ କାୟାକଳ୍ପ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି । ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କ୍ରମାଗତ ଭବେ ୪ର୍ଥ ଥର ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କ ଦ୍ୱାରା ଏହି ପୁରସ୍କାର ପାଇବା ପାଇଁ ବିବେଚିତ ହୋଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ଜୈବ ଆବର୍ଜନା ଓ ବର୍ଜ୍ୟ ବସ୍ତୁ ପରିଚାଳନା, ପରିଷ୍କାର ପରିଚ୍ଛନ୍ନତା, ସୁନ୍ଦର ପରିବେଶ,ଉଦ୍ୟାନ, ଔଷଧୀୟ ଉଦ୍ୟାନ, ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା, ସମ୍ମିଳିତ କାର୍ଯ୍ୟ ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ନଥିପତ୍ର ଯାଞ୍ଚ କରାଯାଇ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ତେବେ ଏହି ସମସ୍ତ ସର୍ତ୍ତାବଳୀକୁ ପୂରଣ କରି ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ର ୪ ବର୍ଷରେ ୪ ଲକ୍ଷ ଟଙ୍କା ପୁରସ୍କାର ପାଇଥିବାରୁ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ଦୀପକ ବଳ, ଡା.ନୀଲାଞ୍ଜନ ଦାସ, ଡା.ସମ୍ବିତ ପ୍ରସାଦ,ଡା.କୁମାରୀ ଶୁଭସ୍ମିତା ମହାନ୍ତି ଡା.ବୈଜୟନ୍ତୀ ଜେନା,ଡା.ପ୍ରଣତୀ ମିଶ୍ରଙ୍କ ସହିତ ସମସ୍ତ କର୍ମଚାରୀ ଏଥିପାଇଁ ଖୁସିବ୍ୟକ୍ତ କରିଛନ୍ତି ।

# ମାସେ ପରେ ବି ଧରାପଡିଲେ ନାହିଁ ଲୁଟେରା

## ଖଳିସାହି ୨.୩ ଲକ୍ଷ ଟଙ୍କା ଲୁଟ୍ ଘଟଣା

ଖଣ୍ଡପଡ଼ା,୨।୪(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଣ କରି ନିକଟସ୍ଥ ଜଳଖିଆ ଦୋକାନକୁ ଯାଉଥିବା ବେଳେ ୨ଜଣ ଲୁଟେରା ମଙ୍ଗରାଜପୁର ଗ୍ରାମର ଅର୍ଜୁନ ସାହୁଙ୍କ ଠାରୁ ୨.୩ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଗତ ଫେବୃୟାରୀ ୨୭ ତାରିଖ ମଧ୍ୟାହ୍ନ ୧୨ଟା ସମୟରେ ଲୁଟେରାମାନେ ଜନଗହଳିପୂର୍ଣ୍ଣ ଖଳିସାହି ବଜାରରେ ଏଭଳି କାଣ୍ଡ ଘଟାଇ ଫେରାର ହୋଇଯାଇଥିଲେ । ଏ ସମ୍ପର୍କରେ ଅର୍ଜୁନ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ନାମକୁ ଏକ ମାମଲା ରୁଜୁ କରିଛି । ଇତିମଧ୍ୟରେ ୧ ମାସ ବିତିଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ ସମ୍ପର୍କରେ ଟେର ନ ପାଇବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଲୁଟେରାମାନେ ଅର୍ଜୁନଙ୍କଠାରୁ ଟଙ୍କା ଲୁଟ କରିବାର ଦୃଶ୍ୟ ସିସିଟିଭି ଫୁଟେଜରେ ମହଜୁଦ ଥିଲେ ହେଁ ପାରିପାର୍ଶିକ ତଥ୍ୟକୁ ଆଧାର କରି ଖଣ୍ଡପଡ଼ା ପୋଲିସ ତଦନ୍ତରେ ଆଉ ପାଦେ ହେଲେ ଆଗେଇ ନ ଥିବାରୁ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପଶ୍ନବାଚୀ ସୃଷ୍ଟି ହେଉଛି । ଖଣ୍ଡପଡ଼ା ଥାନାଠାରୁ ମାତ୍ର ୩ କି.ମି ଦୁରରେ ଅବସ୍ଥିତ ଖଳିସାହି ବଜାରରେ ଲୁଟେରାମାନେ ଲୁଟ୍ ପାଟ୍ କରିବାକୁ ସାହାସ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀମାନେ ଏ ନେଇ ଭୟଭୀତ ହୋଇ ପଡିଛନ୍ତି । ଘଟଣାରେ ସମ୍ପୃକ୍ତ ଲୁଟେରାଙ୍କୁ ଗିରଫ କରିବାରେ ଖଣ୍ଡପଡ଼ା ପୋଲିସ ବିଫଳ ହୋଇଥିବା ବେଳେ ଏଥିପ୍ରତି ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ଦାବି ହେଉଛି । ଘଟଣା ସମ୍ପର୍କରେ ଖଣ୍ଡପଡ଼ା ଏସ୍‌ଡିପିଓ ବିମଳକୁମାର ବାରିକଙ୍କୁ ପଚାରିବାରେ ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ପକ୍ଷରୁ ତଦନ୍ତ ଚାଲୁ ରହିଥିବା ନେଇ ସେ ସୂଚନା ଦେଇଛନ୍ତି ।

# କାର ଧକ୍କାରେ ସାଇକେଲ ଚାଳକ ମୃତ

ଦଶପଲ୍ଲା,୨।୪( ପ୍ରକାଶ କୁମାର ପାଣି ): ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଦଶପଲ୍ଲା ବ୍ଲକର ସୁବଳୟା ନିକଟରେ ଏକ ସାଇକେଲକୁ କାର ଧକ୍କା ଦେବାରୁ ସାଇକେଲ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତ ଚାଳକଙ୍କ ନାମ ବସନ୍ତ ଦାସ (୫୨) । ତାଙ୍କ ଘର ସୁବଳୟା ଗ୍ରାମରେ। ବସନ୍ତ ସାଇକେଲରେ ଟମାଟୋ ଧରି ବିକ୍ରୟ କରିବା ନିମନ୍ତେ ଯାଉଥିବା ବେଳେ ନୟାଗଡ଼ରୁ ଦଶପଲ୍ଲା ଅଭିମୁଖେ ଆସୁଥୁବା ଏକ କାର ତାଙ୍କୁ ଧକ୍କାଦେଇଥିଲା । ବସନ୍ତ ଗୁରୁତର ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଫରେ ନୟାଗଡ଼ ସ୍ଥାନାନ୍ତର କରାଯାଇଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ଅନ୍ୟପକ୍ଷେ କାରଟି ସାଇକେଲକୁ ଧକ୍କା ଦେଇ ଏକ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା । ଫଳରେ ସିମେଣ୍ଟ ଖୁଣ୍ଟ ଭାଙ୍ଗି ଥିବା ବେଳେ କାରର ସମ୍ମୁଖ ପାର୍ଶ୍ୱ ଚୁରମାର ହୋଇଛି । ଏହି ଦୁର୍ଘଟଣାରେ କାର ଡ୍ରାଇଭର ଆହତ ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ପୋଲିସ ଏକ ମାମଲା ରୁଜୁ କରି କାର ଡ୍ରାଇଭରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟକୁ ଚାଲାଣ କରିଛି ।

# ନିଖୋଜର ୬ ଦିନ ପରେ ଗଳିତ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ସଦସ୍ୟ

ଖଣ୍ଡପଡ଼ା,୨।୪(ଅଜୟ କୁମାର ମହାରଣା) ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ପଞ୍ଚାୟତ କୁସୁମୀ ବିଜୁସେତୁ ନିକଟରୁ ନିଖୋଜ ଥିବା ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ଗଳିତ ମୃତଦେହ ମଙ୍ଗଳବାର ଖଣ୍ଡପଡ଼ା ପୋଲିସ ଜବତ କରିଛି । ମୃତକ ହେଲେ ଭାପୁର ବ୍ଲକ୍ ଅଧୀନ ବଡସହରା ପଞ୍ଚାୟତ ଗୋପାଳପ୍ରସାଦ ଗ୍ରାମର ସୋମନାଥ ପଟ୍ଟନାୟକ(୭୦) । ତାଙ୍କ ମୃତଦେହକୁ ସ୍ଥାନୀୟ ପୋଲିସ ସେତୁ ନିକଟରେ ଥିବା କୁସୁମୀ ମାଳବନ୍ଧ ବୁଦାମୂଳରୁ ଜବତ କରିଛି । ତେବେ ସୋମନାଥଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ମୃତ ସୋମନାଥଙ୍କ ପୁଅ ନୀଳମାଧବ ପଟ୍ଟନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୨୭ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ ବାପା ଖଣ୍ଡପଡ଼ା ତଳ ଛକରେ ଥିବା ଏକ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଯୋଗାଣ ସଂସ୍ଥାକୁ ଖାତା ଅପ୍‌ଡେଟ କରିବା ନିମନ୍ତେ ସାଇକେଲରେ ଯାଇଥିଲେ । ଦୀର୍ଘ ସମୟ ପରେ ବି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଫୋନ କରିଥିଲେ । ତାଙ୍କ ସାଇକେଲ ହଜଯାଇଥିବା ଏବଂ ଏକ ଜଙ୍ଗଲ ଅଞ୍ଚଳରେ ସେ ସାଇକେଲର ସନ୍ଧାନ କରୁଥିବା କହିଥିଲେ । ଏହାପରେ ତାଙ୍କ ଫୋନ ସୁଇଚ୍‌ଅଫ୍ ହୋଇଯାଇଥିଲା । ପରେ ଗ୍ରାମବାସୀଙ୍କ ସହ ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିବା ପରେ ନିରାଶ ହୋଇଥିଲେ । ଏହାପରେ ଫତେଗଡ଼ ଥାନାରେ ଗତ ୨୭ ତାରିଖରେ ଏତଲା କରାଯାଇଥିଲା । ଅନ୍ୟପକ୍ଷେ ୬ଦିନ ପରେ ଅର୍ଥାତ୍ ସୋମବାର ରାତିରେ ମୃତ ସୋମନାଥଙ୍କ ସାଇକେଲକୁ ସେତୁ ନିକଟରେ ଠାବ କରାଯାଇଥିଲା । ମଙ୍ଗଳବାର ସକାଳୁ ଖୋଜାଖୋଜି ପରେ ମାଳବନ୍ଧ ନିକଟସ୍ଥ ବୁଦାମୂଳରେ ମୃତଦେହକୁ ପରିବାର ଲୋକେ ଚିହ୍ନଟ କରିଥିଲେ । ମୃତଦେହ ନିକଟରେ ଗ୍ୟାସ୍ ଖାତା, କିଛି ନଗଦ ଟଙ୍କା ଏବଂ ପିନ୍ଧିଥିବା ସାର୍ଟ ଓ ବେଲଟ ଆଦି ପଡିଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଲୁଟେରାମାନେ ଏଭଳି ନାରକୀୟକାଣ୍ଡ ଘଟାଇଥିବା ନେଇ ସ୍ଥାନୀୟ ବାସିନ୍ଦା ସନ୍ଦେହ ପ୍ରକଟ କରୁଛନ୍ତି । ଥାନାଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା ରୁଜୁ କରିଛି । ତେବେ ଫୋରେନସିକ ଲ୍ୟାବ୍ ରିପୋର୍ଟ ଆଧାରରେ ଘଟଣା ବାବଦରେ ସ୍ପଷ୍ଟ ସୂଚନା ମିଳିପାରିବ ବୋଲି ଏସ୍‌ଡିପିଓ ବିମଳ କୁମାର ବାରିକ କହିଛନ୍ତି । ତେବେ ଜଣେ ବରିଷ୍ଠ ନାଗରିକ ତଥା ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ହତ୍ୟା ଘଟଣା ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଉକ୍ତ ଘଟଣାରେ ସଂପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦେବାନନ୍ଦ



@ ମନ୍ଦାକିନୀ



@ ବିଶ୍ୱରଞ୍ଜନ



@ ନୀଳମାଧବ



@ ସୁନାକର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମିନୁ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା



ମିନୁ ପାଣିଗ୍ରାହୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

ଓଡ଼ଗାଁ,୨।୪(ଆଦର୍ଶ କୁମାର ପଟ୍ଟନାୟକ) ନୟାଗଡ଼ ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ ଆନୁକୂଲ୍ୟରେ ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣପଦକ ଗ୍ରହଣ କରିଥିବା ମିନୁ ପାଣିଗ୍ରାହୀଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି । ଅଧ୍ୟକ୍ଷ ଭାବଗ୍ରାହୀ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ସଭାପତି ଡ. ଗୋପୀନାଥ ସାହୁ ସଭାପତିତ୍ୱ କରିଥିଲେ । ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ,ଅବନୀକାନ୍ତ ପାତ୍ର,ସୁଷମା ମଞ୍ଜରୀ ପାଣିଗ୍ରାହୀ,ସୁଶାନ୍ତ କୁମାର ବିଶୋୟୀ, ବିଜୟାନନ୍ଦ ଶତପଥୀ ପ୍ରମୁଖ ମିନୁଙ୍କ ଛାତ୍ରୀ ଜୀବନର ସ୍ମୃତିଚାରଣ କରିଥିଲେ। ଏଥିସହିତ ପୁରୀସ୍ଥିତ ଶ୍ରୀଜଗନ୍ନାଥ ଯୋଗବେଦାନ୍ତ ସାଂସ୍କୃତିକ କେନ୍ଦ୍ରର ଅଧ୍ୟକ୍ଷ ଡ.ଆଲୋକ ସ୍ୱାଇଁ ଉକ୍ତ ଉତ୍ସବରେ ଯୋଗଦେଇ ନିଜର ଆଶୀର୍ବଚନ ପ୍ରଦାନ ସହ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ। ମିନୁଙ୍କୁ ମହାବିଦ୍ୟାଳୟର ସଭାପତି ପୁଷ୍ପଗୁଚ୍ଛ,ଉପଢ଼ୌକନ ସହିତ ମାନପତ୍ର ପ୍ରଦାନ କରି ସୁନ୍ଦର ଭବିଷ୍ୟତ କାମନା କରିଥିଲେ । କଲେଜର ଆଲୁମ୍‌ନି ତଥା ଖବରଦାତା ଗଣେଶ୍ୱର ସାହୁ ମିନୁ ବହୁ ଅଭାବ ଅନଟନ ମଧ୍ୟରେ ରହି ଉଚ୍ଚଶିକ୍ଷାରେ ସଫଳତା ହାସଲକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି କହିଥିଲେ। ଅଧ୍ୟକ୍ଷ ଭାବଗ୍ରାହୀ କର ଆଶୀର୍ବଚନ ପ୍ରଦାନ କରିବା ସହିତ ଅଧ୍ୟୟନ କରିବାକୁ ଚାହୁଁଥିବା ସମସ୍ତ ବର୍ଗର ବିଦ୍ୟାର୍ଥୀମାନଙ୍କ ପାଇଁ ମହାବିଦ୍ୟାଳୟର ଦ୍ୱାରା ସର୍ବଦା ଉନ୍ମୁକ୍ତ ରହିଛି ବୋଲି କହିଥିଲେ।

# ପ୍ରଫୁଲ୍ଲଙ୍କ ସହ ଲଢ଼ିବେ ସୀତାଂଶୁ

## ଭଦ୍ରକ ବିଧାନସଭା କ୍ଷେତ୍ର

ଭଦ୍ରକ,୨।୪(ସନାତନ ରାଉତ)

ଭଦ୍ରକ ବିଧାନସଭା କ୍ଷେତ୍ର ଲାଗି ଏଥର ନୂଆଁମୁହଁକୁ ଭରସା କରିଛି ଭାଜପା। ଜିଲାର ଜଣାଶୁଣା ସାମାଜିକ ସଙ୍ଗଠନ ଶହୀଦ ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର ଭାଜପାର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ। ଗତ ଜାନୁୟାରୀରେ ସୀତାଂଶୁ ଭାଜପାରେ ସାମିଲ ହେବା ପରେ ତାଙ୍କୁ ଟିକେଟ ମିଳିବ ବୋଲି ଚର୍ଚ୍ଚା ହେଉଥିଲା। ଆଗାମୀ ନିର୍ବାଚନରେ ଭଦ୍ରକ ବିଧାନସଭା ଆସନରେ ସୀତାଂଶୁ ଓ ବିଜେଡିର ଭେଟେରାନ ନେତା ପ୍ରଫୁଲ୍ଲ ସାମଲଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ବିଜେଡି ଭଣ୍ଡାରିପୋଖରୀ ବିଧାନସଭା ଆସନ ପାଇଁ ପ୍ରାର୍ଥୀ କରିଥିବା ବେଳେ ପ୍ରଫୁଲ୍ଲଙ୍କୁ ଭଦ୍ରକ ବିଧାନସଭା କ୍ଷେତ୍ର ଲାଗି ପ୍ରାର୍ଥୀ କରାଯାଇଛି। ପ୍ରଫୁଲ୍ଲ ପୂର୍ବରୁ ଭଦ୍ରକ ବିଧାନସଭା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ଏହା ତାଙ୍କର ପୁରୁଣା କ୍ଷେତ୍ର। ସମସ୍ତ ଦଳୀୟ ଅସନ୍ତୋଷର ଅନ୍ତଃ ଘଟାଇ ପ୍ରଫୁଲ୍ଲ ସମସ୍ତଙ୍କୁ ଏକତ୍ର କରି ନିର୍ବାଚନ ଲଢ଼ିବାକୁ ରଣନୀତି କରୁଥିବା ଦେଖାଯାଉଛି।

ଅପରପକ୍ଷେ ସୀତାଂଶୁ ଶହୀଦ ଭଗତସେନା ସଙ୍ଗଠନ ଜରିଆରେ ଗରିବ, ଅସହାୟଙ୍କୁ ସେବା ଯୋଗାଇ ଭଦ୍ରକବାସୀଙ୍କ ପ୍ରିୟଭାଜନ ହୋଇଥିବା ଲୋକେ କୁହାକୁହି ହେଉଛନ୍ତି। କଂଗ୍ରେସ ପକ୍ଷରୁ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇ ନ ଥିବାବେଳେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଲୋଚନା ହେଉଛି। ସୀତାଂଶୁଙ୍କୁ ବିଧାୟକ ପ୍ରାର୍ଥୀ ଘୋଷଣା ପରେ ଶହୀଦ ଭଗତ ସେନା ସହ ଯୁବ ସମର୍ଥକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଥିବାରୁ ସୀତାଂଶୁ ପ୍ରଧାନମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କୁ ଧନ୍ୟବାଦ ଜଣାଇବା ସହ ଭଦ୍ରକବାସୀ ତାଙ୍କ ପାଇଁ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି।


ସମର୍ଥକଙ୍କ ସହ ଭାଜପା ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ର।

# ବାପା ଏମ୍‌ପି, ଝିଅ ବିଧାୟିକା ପ୍ରାର୍ଥୀ

## ନବରଙ୍ଗପୁର କଂଗ୍ରେସ ରାଜନୀତିରେ ପରିବାରବାଦ

ନବରଙ୍ଗପୁର,୨।୪(ସଦାଶିବ ପ୍ରହରାଜ)

ଓଡ଼ିଶାର କେତେକ ଲୋକ ସଭା ଓ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବା ପରେ ପରିବାର ରାଜନୀତି ବିଷୟ ପଦାକୁ ଆସିଛି। ନବରଙ୍ଗପୁର ଜିଲା ଡାବୁଗାଁ ଅଞ୍ଚଳର ବାପ-ଝିଅଙ୍କ ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା ହେଉଛି। ଡାବୁଗାଁ ନିର୍ବାଚନମଣ୍ଡଳୀରେ ୩ ଥର ବିଧାୟକ ହୋଇଥିବା ଭୁଜବଳ ମାଝିଙ୍କୁ କଂଗ୍ରେସ ନବରଙ୍ଗପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଡାବୁଗାଁ ବିଧାନସଭା ଆସନ ନିମନ୍ତେ ଝିଅ ଲିପିକା ମାଝିଙ୍କ ନାମ ତାଲିକାରେ ସ୍ଥାନ ପାଇଛି । ଝିଅ ପାଇଁ ବାପା ନିଜ ସିଟ୍ ଛାଡିଥିବା ଆଲୋଚନା ହେଉଛି, ଯାହାକୁ ନେଇ ଡାବୁଗାଁ ରାଜନୀତିରେ ଭୁଜବଳଙ୍କ ଉତ୍ତରାଧିକାରୀ ଝିଅ ଲିପିକା ହେବା ନେଇ କଥା ଉଠିଛି। ତେବେ ବାପାଙ୍କ ଉତ୍ତରାଧିକାରୀ କିମ୍ବା ପରିବାରବାଦ କଥାକୁ ଲିପିକା ସ୍ପଷ୍ଟ ମନା କରିଦେଇଛନ୍ତି। ସେ ଜଣେ ଡାକ୍ତର ଓ ତାଙ୍କର ଲୋକଙ୍କ ପାଇଁ ସେବା ମନୋଭାବ ରହିଥିବା କହିଛନ୍ତି। ସେ ପିଲାବେଳୁ ରାଜନୀତିରେ ସକ୍ରିୟ ଥିବାରୁ ଡାବୁଗାଁ ବିଧାୟକ ପାଇଁ ଟିକେଟ ପାଇଥିବା କହିଛନ୍ତି।

ଡାବୁଗାଁ ନିର୍ବାଚନମଣ୍ଡଳୀରେ ଭୁଜବଳ ମାଝି (୨୦୦୦, ୨୦୦୯ ଓ ୨୦୧୪) ୩ ଥର ବିଧାୟକ ଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ବିଜେଡି ବିଧାୟକ ମନୋହର ରନ୍ଧାରୀଙ୍କଠାରୁ ୭,୩୭୩ ଭୋଟରେ ପରାସ୍ତ ହୋଇଥିଲେ । ତାଙ୍କ ଝିଅ ଲିପିକା ମାଝି ବର୍ତ୍ତମାନ ପାପଡ଼ାହାଣ୍ଡି ଜିଲା ପରିଷଦ ଜୋନ-୨ରେ ସଭ୍ୟା ଭାବେ ବିଜୟୀ ହୋଇ କଂଗ୍ରେସକୁ ତୃଣମୂଳସ୍ତରରେ ସୁଦୃଢ଼ କରିବାରେ ଲାଗିପଡିଛନ୍ତି ।

ସେହିଭଳି ଉମରକୋଟ ଆସନ ପାଇଁ ସନରାଜ ଗଣ୍ଡ, ନବରଙ୍ଗପୁର ଆସନ ପାଇଁ ଦିଲୀପ ପ୍ରଧାନୀ ଓ ଝରିଗାଁ ଆସନ ପାଇଁ ହରୋବତୀ ଗଣ୍ଡଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ଦିଲୀପ ତେନ୍ତୁଳିଖୁଣ୍ଟି ବ୍ଲକର ପାତ୍ରପୁଟ ପଞ୍ଚାୟତରେ ୨ ଥର ସରପଞ୍ଚ ଓ ଏବେ ସମିତି ସଭ୍ୟ ରହିଛନ୍ତି। ସେ ପୂର୍ବତନ ଏମ୍‌ପି ସ୍ୱର୍ଗତ ଖଗପତି ପ୍ରଧାନୀଙ୍କ ନାତି ଓ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ପୁତୁରା। ସନରାଜ ଜଣେ କୃଷକ ସଙ୍ଗଠନ କରି ଜିଲାରେ ବେଶ୍ ପରିଚୟ ସୃଷ୍ଟି କରିଥିଲେ। ସେହିଭଳି ହାରାବତୀ ଜଣେ ସାମାଜିକ କର୍ମୀ ଓ ମହିଳା ନେତ୍ରୀ ଭାବେ ଝରିଗାଁ ବ୍ଲକରେ ନିଜର ଭଲ ନାଁ କରିଛନ୍ତି ।


ଭୁଜବଳ ମାଝି


ଲିପିକା ମାଝି

# ମନୋଜଙ୍କୁ ବଲାଙ୍ଗୀର ଲୋକ ସଭା, ନରସିଂହଙ୍କ ପୁଅଙ୍କୁ ବିଧାନସଭା ଟିକେଟ


ମନୋଜ ମିଶ୍ର


ସମରେନ୍ଦ୍ର ମିଶ୍ର

ବଲାଙ୍ଗୀର, ୨।୪
(ବୀରେନ୍ଦ୍ର କୁମାର ଝାଙ୍କର)

କଂଗ୍ରେସ ଦଳ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ପରେ ବଲାଙ୍ଗୀର ଲୋକ ସଭା ଏବଂ ବିଧାନସଭା ଆସନରେ ଦଳୀୟ ପ୍ରାର୍ଥୀ ସ୍ପଷ୍ଟ ହୋଇଛି। ଲୋକ ସଭା ପ୍ରାର୍ଥୀ ଭାବେ କଂଗ୍ରେସ ଚର୍ଚ୍ଚିତ ସିନେ ଅଭିନେତା ମନୋଜ ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ବଲାଙ୍ଗୀର ବିଧାନସଭା ଆସନ ପାଇଁ ଦଳର ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ରଙ୍କ ସାନପୁଅ ସମରେନ୍ଦ୍ର ମିଶ୍ରଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଛି।

ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବା ସିନେ ଅଭିନେତା ମନୋଜ କିଛି ମାସ ତଳେ ଓଡ଼ିଶା ସିନେ କଳାକାର ଏବଂ ପ୍ରାଯୋଜକଙ୍କ ବିବାଦକୁ ନେଇ ଚର୍ଚ୍ଚାରେ ରହିଥିଲେ। ସେ ଓଡିଆ ସିନେମାରେ ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗ କଥା ଉଠାଇ ଚର୍ଚ୍ଚାରେ ରହିଥିଲେ। କଂଗ୍ରେସ ଦଳ ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀରୁ ତାଙ୍କୁ ପ୍ରାର୍ଥୀ ଘୋଷଣା କରି ପଶ୍ଚିମ ଓଡ଼ିଶାରେ ଘନୀଭୂତ ଏବଂ ଚର୍ଚ୍ଚିତ ହେଉଥିବା ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗ ଏବଂ କୋଶଲ କାର୍ଡ ଖେଳିଥିବା ଚର୍ଚ୍ଚା ହେଉଛି। ବଲାଙ୍ଗୀର ଲୋକ ସଭା କ୍ଷେତ୍ରରେ ସେ ଏହି ପ୍ରସଙ୍ଗ ଉଠାଇ ଫାଇଦା ପାଇବେ ବୋଲି ଆଶା କରିଛନ୍ତି। ଟିକେଟ ପାଇବା ପରେ ମନୋଜ ମିଶ୍ର ଗଣମାଧ୍ୟମରେ ତାଙ୍କ ପ୍ରତିକ୍ରିୟା ରଖି ବଲାଙ୍ଗୀରର ଦାଦନ ସମସ୍ୟା, ବେରୋଜଗାର, ଶିଳ୍ପ ଏବଂ ଅନ୍ୟ ପ୍ରସଙ୍ଗକୁ ନେଇ ଲୋକଙ୍କୁ ପାଖକୁ ଯିବେ ବୋଲି କହିଛନ୍ତି। ବଲାଙ୍ଗୀର ଲୋକ ସଭା କ୍ଷେତ୍ର ବାହାରୁ ସମ୍ବଲପୁରରୁ ଆସି ବଲାଙ୍ଗୀରରେ ପ୍ରାର୍ଥୀ ହୋଇଥିବାରୁ ସେ କିଭଳି ଆସ୍ଥାଭାଜନ ହେବେ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ସେ ନିଜକୁ କୋଶଲ ମାଟିର ଛୁଆ ବୋଲି କହିଥିଲେ। କୋଶଲ କହିଲେ ବଲାଙ୍ଗୀର, ସୋନପୁର, ବରଗଡ଼, ସମ୍ବଲପୁର, କଳାହାଣ୍ଡି, ସୁନ୍ଦରଗଡକୁ ବୁଝାଏ। କୋଶଲୀ ସ୍ୱାଭିମାନ୍‌କୁ ନେଇ ସେ ଲୋକଙ୍କ ପାଖକୁ ଯିବେ ବୋଲି କହିଛନ୍ତି।

ବଲାଙ୍ଗୀର ବିଧାନ ସଭା ପାଇଁ ପ୍ରାର୍ଥୀ ଘୋଷଣା ପରେ ସମରେନ୍ଦ୍ର ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ତାଙ୍କ ବାପା ନରସିଂହ ମିଶ୍ରଙ୍କ ୧୦ବର୍ଷର ବିକାଶମୂଳକ କାର୍ଯ୍ୟ ଏବଂ ବଲାଙ୍ଗୀରର ଅର୍ଥନୈତିକ ଉନ୍ନତି ପାଇଁ ପ୍ରାଥମିକତା ପ୍ରସଙ୍ଗକୁ ନେଇ ସେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି କହିଛନ୍ତି।

# ବିଜେଡି ଛାଡିଲେ ରାଜ୍ୟ ସମ୍ପାଦକ ହର୍ଷବର୍ଦ୍ଧନ


ହର୍ଷବର୍ଦ୍ଧନ ସିଂହଦେଓ

ଢେଙ୍କାନାଳ,୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ବିଜେଡି ସମ୍ପାଦକ ହର୍ଷବର୍ଦ୍ଧନ ସିଂହଦେଓ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫା ପତ୍ରକୁ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ସେ ଦଳର ରାଜ୍ୟ ସମ୍ପାଦକ ପଦବୀ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନିଜ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦଳରେ ରହି ସାଧାରଣ ଜନତାଙ୍କ କୌଣସି କାମ କରି ହେଉ ନ ଥିବା ବେଳେ ଜିଲା ଓ ରାଜ୍ୟ ସଙ୍ଗଠନ ନେତୃବୃନ୍ଦ ମଧ୍ୟ ସହଯୋଗ କରୁ ନ ଥିବାରୁ ସେ ଦଳ ଛାଡିଥିବା ସୂଚନା ଦେଇଛନ୍ତି। ସେହିପରି ଅଞ୍ଚଳରେ ଦଳ ପକ୍ଷରୁ ଅନୁଷ୍ଠିତ ବୈଠକରେ ତାଙ୍କୁ ଡକା ଯାଉ ନ ଥିବାରୁ ସେ ଦଳ ପାଇଁ ଅଲୋଡ଼ା ହୋଇଯାଇଛନ୍ତି। ତେବେ ଭବିଷ୍ୟତ ସମ୍ପର୍କରେ ସେ କୌଣସି ନିଷ୍ପତ୍ତି ନେଇନାହାନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ହର୍ଷବର୍ଦ୍ଧନ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦଳୀୟ ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ ବୋଲି ଚର୍ଚ୍ଚା ହେଉଥିଲା।

# ଭାଜପା କାର୍ଯ୍ୟାଳୟରେ ସଭାପତି, ସମ୍ପାଦିକା ମୁହାଁମୁହିଁ

## ବିଶୃଙ୍ଖଳା ଆଚରଣ ପାଇଁ ସମ୍ପାଦିକାଙ୍କୁ ଦାୟିତ୍ୱମୁକ୍ତ କରାଗଲା

ଢେଙ୍କାନାଳ,୨।୪
(ରତନ ନାୟାର)

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଏକ ମିଶ୍ରଣପର୍ବ ଶେଷ ହେବାପରେ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରୁ ପ୍ରସ୍ଥାନ କରିବା ପରେ ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର ଓ ସମ୍ପାଦିକା ଅନିତା ଦାସ ମୁହାଁମୁହିଁ ହୋଇଥିଲେ। ଉଭୟେ ଉଭୟଙ୍କୁ ଆକ୍ଷେପ ଓ ପ୍ରତି ଆକ୍ଷେପ କରିଥିଲେ। ଘଟଣା ଉଗ୍ରରୂପ ନେଉଥିବା ବେଳେ ସେଠାରେ ଉପସ୍ଥିତ ଥିବା ଦଳୀୟ ନେତୃବୃନ୍ଦ ଉଭୟଙ୍କୁ ବୁଝାଶୁଝା କରି ସେଠାରୁ ନେଇଯାଇଥିଲେ। ତେବେ ସନ୍ଧ୍ୟାରେ ଦଳ ପକ୍ଷରୁ ଜିଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଥିଲେ। ସେଥିରେ ଉପରୋକ୍ତ ଘଟଣା ବିଷୟରେ ଉଲ୍ଲେଖ କରାଯିବା ସହ ବିଶୃଙ୍ଖଳିତ ଆଚରଣ ପାଇଁ ଜିଲା ସମ୍ପାଦିକା ଦାୟିତ୍ୱରୁ ଅନିତାଙ୍କୁ ଦାୟିତ୍ୱମୁକ୍ତ କରାଯାଇଥିବା ଉଲ୍ଲେଖ କରାଯାଇଛି। ଏପରି କି ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ତାଙ୍କୁ ନିଲମ୍ବନ କରିବା ପାଇଁ ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର ରାଜ୍ୟ ଶୃଙ୍ଖଳା କମିଟିକୁ ସୁପାରିଶ କରିଥିବା କୁହାଯାଇଛି। ଘଟଣା ସମ୍ପର୍କରେ ଅନିତା କହିଛନ୍ତି, ସଭାପତି ବାରମ୍ବାର ଅପମାନିତ କରୁଥିବାରୁ ସେ ଏହାର ବିରୋଧ କରିଥିଲେ। ତେବେ ଦଳ ପକ୍ଷରୁ ଅନୁଷ୍ଠିତ ମିଶ୍ରଣପର୍ବ ଅବସରରେ ଏଭଳି ଘଟଣା ଘଟିବା ଦଳର କର୍ମୀ ଓ ନେତୃବୃନ୍ଦଙ୍କ ମଧ୍ୟରେ ଆଲୋଚନାର ବିଷୟ ହୋଇଛି।


ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ସଭାପତି ଓ ସମ୍ପାଦିକା ମୁହାଁମୁହିଁ ହେଉଛନ୍ତି।

# ନର୍ଲାରୁ ଭକ୍ତ, ଭବାନୀପାଟଣାରୁ ପୁଅ ସାଗର



ଭକ୍ତ ଚରଣ ଦାସ   ସାଗର ଚରଣ ଦାସ

ଭବାନୀପାଟଣା,୨।୪ (ଉତ୍ତମ କୁମାର ଦାଶ): ଚଳିତ ସାଧାରଣ ନିର୍ବାଚନ ପାଇଁ ମଙ୍ଗଳବାର କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏଥିରେ କଳାହାଣ୍ଡି ଜିଲାରେ କଂଗ୍ରେସ ପକ୍ଷରୁ ବାପା ଓ ପୁଅଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ଦିଆଯାଇଛି। ଜିଲାର ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଓ ଭବାନୀପାଟଣା ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କ ପୁଅ ସାଗର ଚରଣ ଦାସଙ୍କୁ ଦଳ ପ୍ରାର୍ଥୀ କରିଛି। ଗତଥର ସାଗର ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ଭକ୍ତ ମଧ୍ୟ ଏମ୍‌ପି ପ୍ରାର୍ଥୀ ଭାବେ କଳାହାଣ୍ଡି ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ଅସଫଳ ହୋଇଥିଲେ। ଏଥର ଭକ୍ତ ଲୋକସଭାକୁ ଛାଡି ବିଧାନସଭା ପ୍ରାର୍ଥୀ ଭାବେ ଓହ୍ଲାଇଛନ୍ତି। ତେବେ ବାପା ଓ ପୁଅଙ୍କୁ ଭୋଟର କେତେ ଦୂର ଗ୍ରହଣ କରୁଛନ୍ତି, ତାହା ଆଗକୁ ଜଣାପଡ଼ିବ।

# ପ୍ରାର୍ଥୀ ତାଲିକାରେ ନାଁ ନ ଥିବାରୁ ପାଙ୍ଗିଙ୍କ ଅସନ୍ତୋଷ

କୋରାପୁଟ,୨।୪(ଅମିତାଭ ବେହେରା)


ଜୟରାମ ପାଙ୍ଗି

କଂଗ୍ରେସ ପକ୍ଷରୁ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୮ ଲୋକ ସଭା ଓ ୪୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ଏଥିରେ ଜୟରାମ ପାଙ୍ଗିଙ୍କ ନାମ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବତନ ଏମ୍‌ପି ତଥା ଆଦିବାସୀ ନେତା ଜୟରାମଙ୍କୁ ପଚାରିବାରୁ କୋରାପୁଟ ଜିଲାର ବିଭିନ୍ନ ବିଧାନସଭା ଓ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଚୟନ କରାଯାଇଛି। ତାଙ୍କୁ ଉପେକ୍ଷା କରାଯାଇଛି ବୋଲି ସେ କହିଛନ୍ତି। ତାଙ୍କୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ଅନୁସୂଚିତ ଜନଜାତି ସେଲ୍‌ର ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଟିକେଟ ଚୟନରେ ତାଙ୍କୁ ଗୁରୁତ୍ୱ ଦିଆଯାଇନାହିଁ ବୋଲି କହିଛନ୍ତି।

# ଓଡ଼ିଶାରେ ସରକାର ଗଢ଼ିବ ଭାଜପା: ଜୟନାରାୟଣ

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)


ଜୟନାରାୟଣ ମିଶ୍ର

ସମ୍ବଲପୁର ବିଧାୟକ ତଥା ବିଧାନସଭାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ସମ୍ବଲପୁର ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରି ଦଳ ପୁଣିଥରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଜୟନାରାୟଣଙ୍କ ନାମ ଘୋଷଣା ପରେ ତାଙ୍କ ସମର୍ଥକ ତଥା ସମ୍ବଲପୁର ଭାଜପାରେ ଖୁସି ଦେଖାଦେଇଛି।

ତାଙ୍କୁ ଉପଯୁକ୍ତ ପ୍ରାର୍ଥୀ ଭାବେ ଚୟନ କରିଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ଭାଜପାର ଶୀର୍ଷ ନେତୃତ୍ୱଙ୍କୁ ଜୟନାରାୟଣ କୃତଜ୍ଞତା ଜ୍ଞାପନ କରିଥିଲେ। ସେ ଆହୁରି କହିଛନ୍ତି ଯେ, ଶତ ପ୍ରତିଶତ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଦଳ ଚୟନ କରିଛି, ଯାହା ଆଗାମୀ ନିର୍ବାଚନରେ ଓଡ଼ିଶାରେ ଭାଜପା ପାଇଁ ଉତ୍ତମ ଫଳାଫଳର ସମ୍ଭାବନା ସୃଷ୍ଟି କରିଛି। ଆଗାମୀ ନିର୍ବାଚନରେ ଓଡ଼ିଶାରେ ଭାଜପା ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଭାଜପାକୁ ନବାଗତ ଭରସା

## ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ

- ପୁରୁଖା ନେତାଙ୍କୁ ବାଦ୍ ଦେଲା ଭାଜପା
- ପ୍ରାର୍ଥୀ ଘୋଷଣା କରିପାରିନି କଂଗ୍ରେସ
- ସ୍ନେହାଙ୍ଗିନୀ ବନାମ ନିହାର ମୁକାବିଲା

ବରଗଡ଼,୨।୪(ପ୍ରେମାନନ୍ଦ ଖମାରୀ)

ବିଧାନସଭା ନିର୍ବାଚନ ପାଇଁ ମଙ୍ଗଳବାର ଭାଜପା ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏଥିରେ ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀରୁ ଦଳୀୟ ପ୍ରାର୍ଥୀ ଭାବେ ନବାଗତ ନିହାର ରଞ୍ଜନ ମହାନନ୍ଦଙ୍କ ନାମ ରହିଛି। ନିହାର ଗତ ଫେବୃୟାରୀ ୧୨ରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦାନ କରିଥିଲେ। ସେହିଦିନଠାରୁ ନିହାରଙ୍କୁ ଦଳୀୟ ଟିକେଟ୍ ମିଳିବ ବୋଲି ଚର୍ଚ୍ଚା ଲାଗି ରହିଥିଲା ଏବଂ ପ୍ରାର୍ଥୀ ଘୋଷଣା ପରେ ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଅନ୍ୟପଟେ ଦଳରୁ ଆଶାୟୀ ଥିବା ପୁରୁଖା ନେତା ମିଳନ ସେଟ୍, କୁଶ କୁମ୍ଭାର, ରଞ୍ଜନ ସେଠ, ଉର୍ଦ୍ଧ୍ୱଲୁ ତାଣ୍ଡି ପ୍ରମୁଖ ତାଲିକାରୁ ବାଦ୍ ପଡ଼ିଛନ୍ତି। ପୁରୁଖାଙ୍କ ବଦଳରେ ନବାଗତଙ୍କ ପ୍ରତି ଭାଜପାର ଭରସା ସାଧାରଣରେ ଆଲୋଚନା ହେଉଛି। ଏଭଳିସ୍ଥଳେ ନିର୍ବାଚନ ସମୟରେ ଦଳର ପୁରୁଖା ନେତାଙ୍କ କିଭଳି ଭୂମିକା ରହିବ, ତାକୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଦଳରେ ମିଶିବା ଦିନଠାରୁ ନିହାର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତ କରି ଜନସମ୍ପର୍କ ରଖିବାକୁ ପୂରାଦମ୍‌ରେ ଲାଗି ପଡ଼ିଛନ୍ତି। ଆଗାମୀ ନିର୍ବାଚନରେ ଏଠାରୁ ଭାଜପାର ଖାତା ଖୋଲିବାକୁ ନିହାର ଆଶାବାଦୀ ରହିଛନ୍ତି।

ତେବେ ନିହାର ଭାଜପା ପାଇଁ ନବାଗତ ହୋଇଥିବାବେଳେ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଭାବେ ନୂଆ ନୁହଁନ୍ତି। ବିଧାନସଭା ଆସନ ପୁନର୍ଗଠନ ପରେ ୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ହରାଇ ସେ ବିଧାୟକ ନିର୍ବାଚିତ ହୋଇଥିଲେ। ତେବେ ୨୦୧୪ ଏବଂ ୨୦୧୯ ନିର୍ବାଚନରେ କଂଗ୍ରେସ ପୁଣି ତାଙ୍କୁ ସୁଯୋଗ ଦେଇଥିଲେ ମଧ୍ୟ ସେ ଆଉ ବିଜୟର ସ୍ୱାଦ ଚାଖି ପାରି ନ ଥିଲେ। ଅପରପକ୍ଷେ ୨୦୧୪ ନିର୍ବାଚନରୁ ସ୍ନେହାଙ୍ଗିନୀ କ୍ରମାଗତ ବିଜୟ ହାସଲ କରିଆସୁଛନ୍ତି। ଏଥର ସ୍ନେହାଙ୍ଗିନୀଙ୍କୁ ବିଜେଡି ପୁଣ ନିର୍ବାଚନୀ ମଇଦାନକୁ ଛାଡ଼ିଥିବାରୁ ସେ ହ୍ୟାଟ୍ରିକ ଲକ୍ଷ୍ୟରେ ଅଛନ୍ତି। ଏଭଳିସ୍ଥଳେ କଂଗ୍ରେସ ଏପର୍ଯ୍ୟନ୍ତ ଏହି ନିର୍ବାଚନମଣ୍ଡଳୀ ପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରି ନ ଥିବାବେଳେ ଆଗାମୀ ନିର୍ବାଚନରେ ସ୍ନେହାଙ୍ଗିନୀ ବନାମ୍ ନିହାର ମୁକାବିଲା ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।


ନିହାର ରଞ୍ଜନ ମହାନନ୍ଦ


ସ୍ନେହାଙ୍ଗିନୀ ଛୁରିଆ

# ପଣ୍ୟ କାରବାରରେ ପୂର୍ବତଟ ରେଳପଥର ରେକର୍ଡ

ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)



୨୦୨୩-୨୪ ଆର୍ଥିକ ବର୍ଷରେ ଅର୍ଥାତ୍ ୧ ଏପ୍ରିଲ ୨୦୨୩ ରୁ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ୨୫୬.୨୨ ନିୟୁତ ଟନ୍ ଉତ୍ପାଦିତ ପଣ୍ୟ ବୋଝେଇ ଓ ପରିବହନ କରିଛି। ଏହା ପୂର୍ବ ଆର୍ଥିକ ବର୍ଷଠାରୁ ୧୪.୭୨ ନିୟୁତ ଟନ୍ ଅଧିକ ଏବଂ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ୬.୧% ଅଭିବୃଦ୍ଧି ପଞ୍ଜୀକରଣ କରିଛି। ପୂର୍ବତଟ ରେଳପଥ ଏହି ଆର୍ଥିକ ବର୍ଷରେ ପଣ୍ୟ ପରିବହନରେ ଭାରତୀୟ ରେଳୱେର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। କ୍ରମାଗତ ଭାବେ ୫ ଥର ପାଇଁ ୨୦୦ ନିୟୁତ ଟନ୍‌ରୁ ଅଧିକ ପଣ୍ୟ ପରିବହନର ମାଇଲଖୁଣ୍ଟ ଅତିକ୍ରମ କରିବାରେ ପୂର୍ବତଟ ରେଳପଥ ମଧ୍ୟ ପ୍ରଥମ ଜୋନ୍ ହୋଇପାରିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇ କରିବା ପାଇଁ ପୂର୍ବତଟ ରେଳପଥ ଅବିଭକ୍ତ ଦକ୍ଷିଣ-ପୂର୍ବ ରେଳପଥ ପରେ ଦ୍ୱିତୀୟ ରେଳ ଜୋନ ଅଟେ। ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୧୫୨.୯୫ ନିୟୁତ ଟନ୍ କୋଇଲା, ୧୩.୨୯ ନିୟୁତ ଟନ୍ ଇସ୍ପାତ କାରଖାନାକୁ କଞ୍ଚାମାଲ ପରିବହନ, ୨୦.୭୭ ନିୟୁତ ଟନ୍ ଷ୍ଟିଲ ଆଣ୍ଡ ସ୍ଲାଗ, ୩୧.୨୬ ନିୟୁତ ଟନ୍ ଲୁହାପଥର, ୧.୨୪ ନିୟୁତ ଟନ୍ ସିମେଣ୍ଟ, ୩.୨୪ ନିୟୁତ ଟନ୍ ଖାଦ୍ୟଶସ୍ୟ ବୋଝେଇ କରି ପରିବହନ କରିଥିବାବେଳେ ୬.୪୬ ନିୟୁତ ଟନ୍ ସାର, ୩.୧୦ ନିୟୁତ ଟନ୍ ମିନେରାଲ ଅଏଲ ସହିତ କଣ୍ଟେନର ଏବଂ ଅନ୍ୟାନ୍ୟ ସାମଗ୍ରୀରେ ୧୯.୦୬ ନିୟୁତ ଟନ୍ ପଣ୍ୟ ବୋଝେଇ ଓ ପରିବହନ କରିପାରିଛି, ଯାହାକି ଗତ ବର୍ଷର ଅନୁରୂପ ଅବଧି ତୁଳନାରେ ଏହା ୬% ଅଧିକ। ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ୧୫୯.୯୪ ନିୟୁତ ଟନ୍ ପଣ୍ୟ ବୋଝେଇ ଓ ପରିବହନ ହାସଲ କରିଥିବାବେଳେ ୱାଲଟିୟର ରେଳମଣ୍ଡଳ ଦ୍ୱାରା ୭୬.୪୮ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳମଣ୍ଡଳ ଦ୍ୱାରା ୧୯.୮୦ ନିୟୁତ ଟନ୍ ପଣ୍ୟ ବୋଝେଇ ଯୋଗଦାନ କରିଛି। ସମସ୍ତ ତିନୋଟି ରେଳ ମଣ୍ଡଳ ପୂର୍ବ ବର୍ଷ ତୁଳନାରେ ଭଲ ପ୍ରଦର୍ଶନ କରିଛନ୍ତି ଏବଂ ଗତ ବର୍ଷର ପଣ୍ୟ ବୋଝେଇ ଆକଳନକୁ ଅତିକ୍ରମ କରିଛନ୍ତି। ତାଳଚେରରେ ଏମ୍‌ସିଏଲ୍‌ର କୋଇଲା କ୍ଷେତ୍ର, ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ପାଞ୍ଚଟି ବନ୍ଦର ଯଥା ପାରାଦୀପ, ଧାମରା, ବିଶାଖାପାଟଣା, ଗଙ୍ଗାଭରମ ଏବଂ ଗୋପାଳପୁର ସହିତ ଛତିଶଗଡ଼ର ବୈଲାଡିଲାରେ ଲୁହାପଥର ଖଣି, ପ୍ରମୁଖ ଇସ୍ପାତ ଏବଂ ଆଲୁମିନିୟମ କମ୍ପାନୀ, କେନ୍ଦୁଝର ଅଞ୍ଚଳର ଲୁହାପଥର ଖଣି ଏହି ସଫଳତା ପାଇଁ ପ୍ରମୁଖ ଯୋଗଦାନ ରହିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

## ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୨।୪

ଚଳିତ ଆର୍ଥିକ ବର୍ଷର ପ୍ରଥମ ସପ୍ତାହର ୨ୟ ଦିନରେ ମଧ୍ୟ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୧୧(୧୧୦.୬୪) ପଏଣ୍ଟ କମି ୭୩,୯୦୪(୭୩,୯୦୩.୯୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ) ର ନିଫ୍ଟି-୫୦ରେ ମଧ୍ୟ ୯(୮.୭୦) ପଏଣ୍ଟ ହ୍ରାସ ଘଟି ୨୨,୪୫୩(୨୨,୪୫୩.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ମନୋରଞ୍ଜନ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିଶନର

ଭୁବନେଶ୍ୱର,୨।୪



ମନୋରଞ୍ଜନ ପାଣିଗ୍ରାହୀ

ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ବରିଷ୍ଠ ଭାରତୀୟ ରାଜସ୍ୱ ଅଧିକାରୀ (ଆଇଆର୍‌ଏସ୍) ମନୋରଞ୍ଜନ ପାଣିଗ୍ରାହୀ ନିକଟରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏପରିକି ସେ ବିହାର ଓ ଝାଡ଼ଖଣ୍ଡ ସମେତ ଓଡ଼ିଶାର ଦାୟିତ୍ୱ ମଧ୍ୟ ନିର୍ବାହ କରିବେ। ଉଲ୍ଲେଖଯୋଗ୍ୟ, ୧୯୮୮ରେ ପାଣିଗ୍ରାହୀ ଭାରତୀୟ ରାଜସ୍ୱ ସେବାର ଅଧିକାରୀ ଭାବେ ନିଯୁକ୍ତ ହୋଇଥିଲେ। ଏହା ପୂର୍ବରୁ ସେ ପଶ୍ଚିମବଙ୍ଗ ଓ ସିକିମ୍‌ର ଅତିରିକ୍ତ ଦାୟିତ୍ୱରେ ମଧ୍ୟ ଥିଲେ। ଅପରପକ୍ଷରେ ପାଣିଗ୍ରାହୀ ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏପରିକି ସେ ଓଡ଼ିଶା ସରକାରଙ୍କ ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗର ଶାସନ ସଚିବ ଭାବେ ଦୀର୍ଘ ୫ବର୍ଷ ଧରି କାର୍ଯ୍ୟ କରିଛନ୍ତି। ସେହିଭଳି ପାଣିଗ୍ରାହୀ ଏକାଧାରରେ ଜଣେ ସୁବକ୍ତା, ସୁସାହିତ୍ୟିକ ଓ ସଂସ୍କୃତି ପ୍ରେମୀ ବ୍ୟକ୍ତି ଭାବେ ବେଶ୍ ଜଣାଶୁଣା।

## ୫ଜି ସେବାରେ ଜିଓର ଉଲ୍ଲେଖନୀୟ ସଫଳତା




ଭୁବନେଶ୍ୱର,୨।୪

ଦେଶର ପ୍ରମୁଖ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ୫ଜି ସେବା ପ୍ରଦାନରେ ଉଲ୍ଲେଖନୀୟ ସଫଳତା ଲାଭ କରିଛି। ଏପରିକି ୫ଜି ହାରାହାରି ଡାଉନଲୋଡ୍ ସ୍ପିଡ୍ ଦୃଷ୍ଟିରୁ ଭାରତ ବର୍ତ୍ତମାନ ବିଶ୍ୱର ଶ୍ରେଷ୍ଠ ୧୫ଟି ଦେଶ ମଧ୍ୟରେ ରହିଛି। ଭାରତରେ ୫ଜି ପ୍ରଦର୍ଶନ ଏବଂ ଗ୍ରାହକ ଅଭିଜ୍ଞତା ଉପରେ ବ୍ରଡବ୍ୟାଣ୍ଡ ସ୍ପିଡ୍ ଆଣ୍ଡ ମାପକ ସଂସ୍ଥା ଓକ୍‌ଲା ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଉକ୍ତ ରିପୋର୍ଟରେ ଓକଲା କହିଛି, ଭାରତୀୟ ଟେଲିକମ୍ ଶିଳ୍ପର ପରିବର୍ତ୍ତିତ ଦୃଶ୍ୟପଟରେ ରିଲାଏନ୍ସ ଜିଓ ୫ଜି ଆଧିପତ୍ୟ ଦୌଡ଼ରେ ସବୁଠୁ ବଡ଼ ସଂସ୍ଥା ଭାବେ ଉଭା ହୋଇଛି। ଏପରିକି ଜିଓ ଦ୍ରୁତ ଗତିରେ ୫ଜି ମୁତୟନ କାର୍ଯ୍ୟ କରୁଛି ଏବଂ ଉନ୍ନତ ପ୍ରଦର୍ଶନ କରୁଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିଭଳି ଦୂରସଞ୍ଚାର ବିଭାଗ ଅନୁଯାୟୀ ୨୦୨୪ ଫେବୃଆରୀ ୨୯ସୁଦ୍ଧା ଭାରତରେ ୪.୨୫ ଲକ୍ଷ ୫ଜି ବିଟିଏସ୍ ସ୍ଥାପନ କରାଯାଇଛି। ଯେଉଁଥିରୁ ପ୍ରାୟ ୮୦% ବିଟିଏସ୍ ରିଲାଏନ୍ସ ଜିଓ ସ୍ଥାପନ କରିଛି। ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ ସମଗ୍ର ଭାରତରେ ୫ଜି ନେଟୱର୍କ ବିସ୍ତାର କରିବା ପାଇଁ ବ୍ୟାପକ ପୁଞ୍ଜି ନିବେଶ କରିଛନ୍ତି,ଯାହା ଫଳରେ ଭାରତରେ ୫ଜି ଉପଲବ୍ଧତାରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯାଇଛି। ୫ଜି ଉପଲବ୍ଧତା ୨୦୨୩ର ପ୍ରଥମ ତ୍ରୈମାସରେ ୨୮.୧% ଥିବାବେଳେ ୨୦୨୩ର ଚତୁର୍ଥ ତ୍ରୈମାସରେ ଏହା ୫୨.୦%କୁ ବୃଦ୍ଧି ପାଇଛି। ଆରମ୍ଭରୁ ୫ଜି ଷ୍ଟାଣ୍ଡ ଏଲୋନ ନେଟୱର୍କ କାର୍ଯ୍ୟକାରୀ କରିବା ଦ୍ୱାରା ରିଲାଏନ୍ସ ଜିଓ ପରବର୍ତ୍ତୀ ପିଢ଼ିର ଯୋଗାଯୋଗ କ୍ଷେତ୍ରରେ ଅଗ୍ରଣୀ ଭାବରେ ପ୍ରତିଷ୍ଠିତ ହୋଇପାରିଛି। ଜିଓର ବ୍ୟାପକ ୫ଜି କଭରେଜ୍ ଏହାର ଉନ୍ନତ ୫ଜି ଉପଲବ୍ଧତା ହାରରୁ ସ୍ପଷ୍ଟ ହୋଇଛି। ୨୦୨୩ ର ୪ର୍ଥ ତ୍ରୈମାସରେ ଜିଓର ୫ଜି ଉପଲବ୍ଧତା ହାର ୬୮.୮%କୁ ବୃଦ୍ଧି ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲର ୩୦.୩%କୁ ହ୍ରାସ ପାଇଛି। ରିଲାଏନ୍ସ ଜିଓ ଲୋ-ବ୍ୟାଣ୍ଡ (୭୦୦ ମେଗାହର୍ଜ) ଏବଂ ମିଡ୍ ବ୍ୟାଣ୍ଡ (୩.୫ ଗିଗାହର୍ଜ) ସ୍ପେକ୍ଟ୍ରମ ଏବଂ ବିସ୍ତୃତ ଫାଇବର ନେଟୱର୍କ ସହିତ ଗ୍ରାହକଙ୍କୁ ବ୍ୟାପକ କଭରେଜ୍ ଏବଂ ବ୍ୟାପକ ନେଟୱର୍କ ପ୍ରଦାନ କରିବାରେ ସକ୍ଷମ ହୋଇଛି। ରିଲାଏନ୍ସ ଜିଓର ୫ଜି ନେଟୱର୍କ ବିଶେଷ କରି ଭିଡିଓ ଷ୍ଟ୍ରିମିଂ ଏବଂ ମୋବାଇଲ ଗେମିଂରେ ଗ୍ରାହକଙ୍କ ଅଭିଜ୍ଞତାର ଯଥେଷ୍ଟ ଉନ୍ନତି ଆଣିଛି।

## ରଶ୍ମୀ ଫିକି ଭୁବନେଶ୍ୱରର ଅଧ୍ୟକ୍ଷା

ଭୁବନେଶ୍ୱର,୨।୪




ରଶ୍ମୀ ସାହୁ

ଫେଡ଼େରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ର ମହିଳା ସଂଗଠନ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ଭାବେ ରୁଚି ଫୁଡ୍‌ଲାଇନର ନିର୍ଦ୍ଦେଶିକା ରଶ୍ମୀ ସାହୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଫିକି ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରଶ୍ମୀ ଫିକି ଏଫ୍‌ଏଲ୍‌ଓର ପୂର୍ବତନ ଅଧ୍ୟକ୍ଷା ପୁନମ୍ ମହାପାତ୍ରଙ୍କଠାରୁ ୨୦୨୪-୨୫ ବର୍ଷ ପାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଯୁବ ଉଦ୍ୟୋଗୀ ସାହୁ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ଅର୍ଜନ କରିଛନ୍ତି। ବିଶେଷକରି ଓଡ଼ିଶାର ମହିଳା ଉଦ୍ୟୋଗୀମାନଙ୍କୁ ଆତ୍ମନିର୍ଭରଶୀଳ ଏବଂ ସଶକ୍ତ କରିବା ହେଉଛି ରଶ୍ମୀଙ୍କର ମୁଖ୍ୟ ଲକ୍ଷ୍ୟ। ଏହି କ୍ଷେତ୍ରରେ ସେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ କାର୍ଯ୍ୟଦକ୍ଷତା ଭୁବନେଶ୍ୱର ଚାପ୍ଟରର ଉଦ୍ଦେଶ୍ୟ ଏବଂ ପଦକ୍ଷେପଗୁଡ଼ିକରେ ଉଲ୍ଲେଖନୀୟ ଅବଦାନ ରଖିବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ସହିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ସୁଗମ କରିବା ଏବଂ ଶିଳ୍ପସଂସ୍ଥାରେ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ରଶ୍ମୀ ଲକ୍ଷ୍ୟ ରଖିଛନ୍ତି। ବିଶେଷ କରି ମହିଳା ଉଦ୍ୟୋଗୀମାନଙ୍କୁ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଆହ୍ୱାନକୁ ଗ୍ରହଣ କରିବା ସହିତ ସେମାନଙ୍କ ପାଇଁ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବାକୁ ସେ ଉଦ୍ୟମ କରିବେ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ନାଲ୍‌କୋର ନୂତନ ମାଇଲଖୁଣ୍ଟ

ଭୁବନେଶ୍ୱର,୨।୪

■ ଉତ୍ପାଦନ ଏବଂ ବିକ୍ରୟ କ୍ଷେତ୍ରରେ ନାଲ୍‌କୋର ନୂଆ ରେକର୍ଡ
■ ୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବକାଳୀନ ସର୍ବାଧିକ ବକ୍ସାଇଟ ଓ ଆଲୁମିନିୟମ୍ ଉତ୍ପାଦିତ



ଶ୍ରୀଧର ପାତ୍ର

ପ୍ରତି ଆର୍ଥିକ ବର୍ଷ ଭଳି ଚଳିତ ଆର୍ଥିକ ବର୍ଷରେ ମଧ୍ୟ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ ବା ନାଲ୍‌କୋ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ଉଭୟ ଉତ୍ପାଦନ ଓ ବିକ୍ରୟ କ୍ଷେତ୍ରରେ ନୂଆ ରେକର୍ଡ ସୃଷ୍ଟି କରିଛି। ବିଶେଷ କରି କମ୍ପାନୀ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ସର୍ବକାଳୀନ ସର୍ବାଧିକ ୪,୬୩,୪୨୮ ମେଟ୍ରିକ ଟନ୍ କାଷ୍ଟଧାତୁ ଉତ୍ପାଦନ କରିଥିବା ବେଳେ ବିଗତ ସମସ୍ତ ରେକର୍ଡକୁ ଅତିକ୍ରମ କରି ସର୍ବକାଳୀନ ସର୍ବାଧିକ ୭୬,୦୦,୨୩୦ ମେଟ୍ରିକ ଟନ୍ ବକ୍ସାଇଟ ଉତ୍ତୋଳନ ସହ ୪,୭୦,୧୦୮ମେଟ୍ରିକ ଟନ୍ ଧାତୁ ବିକ୍ରୟ କରିଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀର ନୂତନ ଉତ୍ପାଦ 'ଆଲୁମିନିୟମ୍ ଆଲୟ ଇଙ୍ଗଟ'(ଏଏଲ-୫୯)ର ବଜାର ପ୍ରବେଶ ସହ କମ୍ପାନୀର ଉତ୍ପାଦ ଶ୍ରେଣୀରେ ଏହା ଯୋଡ଼ି ହୋଇଛି। ସେହିପରି କମ୍ପାନୀର ବାର୍ଷିକ ଧାର୍ଯ୍ୟ ଲକ୍ଷ୍ୟଠାରୁ ଉର୍ଦ୍ଧ୍ୱ (୧୦୧.୧୫%) କ୍ଷମତା ଉପଯୋଗ ସହ ନାଲ୍‌କୋର ଆଲୁମିନା ରିଫାଇନେରି ୨୧,୨୪,୦୦୦ ମେଟ୍ରିକ ଟନ୍ ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ କରିଥିବାବେଳେ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ୭୧୯୩.୬୨ ମିଲିୟନ ୟୁନିଟ୍ ବିଦ୍ୟୁତ ଉତ୍ପାଦନ କରିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଉତ୍କଳ ଡି କୋଇଲା ଖଣି କାର୍ଯ୍ୟକ୍ଷମ ହେବା ସହ ୨ମିଲିଅନ ଟନ୍ କୋଇଲା ଉତ୍ତୋଳନ କରାଯାଇଛି, ଯାହାକି ଉପରୋକ୍ତ ଖଣିର ସର୍ବାଧିକ ମୂଲ୍ୟାୟନ କ୍ଷମତା ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର କହିଛନ୍ତି, ବିଗତ ଆର୍ଥିକ ବର୍ଷ ମାନଙ୍କରେ ହୋଇଥିବା ପ୍ରଦର୍ଶନ ଅପେକ୍ଷା କମ୍ପାନୀ ସର୍ବଦା ଭଲ କରିବାକୁ ଚେଷ୍ଟା କରିଛି। ଏପରିକି ଚଳିତ ଆର୍ଥିକ ବର୍ଷର ଉଲ୍ଲେଖନୀୟ ସଫଳତା ନିମନ୍ତେ ପାତ୍ର ନାଲ୍‌କୋ ସମୁଦାୟ ଏବଂ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଶେଷ କରି କର୍ମଚାରୀଙ୍କ ଉତ୍ସର୍ଗୀକୃତ ଓ କଠିନ ପରିଶ୍ରମ ତଥା ହିତାଧିକାରୀଙ୍କ ସହଯୋଗକୁ ପ୍ରଶଂସା କରିବା ସହ ପାତ୍ର କହିଛନ୍ତି, ବିଗତ ୪ବର୍ଷ ମଧ୍ୟରେ କମ୍ପାନୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ସହ ବ୍ୟାକୱାର୍ଡ଼ ଇଣ୍ଟିଗ୍ରେଶନ, ସୁନିଶ୍ଚିତ ଶକ୍ତି ଏବଂ କଞ୍ଚାମାଲ ଉପଲବ୍ଧତା ଭଳି ଅନେକ ପ୍ରମୁଖ ମାଇଲ ଖୁଣ୍ଟ ହାସଲ କରାଯାଇଛି।

## ରାଜ୍ୟ ଖବର



### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼ ବଡ଼ ଗଲେ ଫସର ଫାଟି**
**ସାନ ସାନ ଆଇଲେ ବେସର ବାଟି।**

ବେଳେବେଳେ ଉଚ୍ଚ ପଦପଦବୀ ବ୍ୟକ୍ତି କୌଣସି ଏକ କାର୍ଯ୍ୟକୁ କରିବା ପାଇଁ ଚେଷ୍ଟା କରି ସେଥିରେ ସଫଳ ହୋଇପାରୁ ନ ଥିବା ବେଳେ ଏହା ସେମାନଙ୍କ ନିକଟରେ ଅସାଧ ହୋଇପଡୁଥିବାର ଜଣାଯାଇଥାଏ। ସେହିପରି କାର୍ଯ୍ୟକୁ ଜଣେ ସୀମିତ ଶକ୍ତି ଥିବା ସାଧାରଣ କ୍ଷମତାଧାରୀ ବ୍ୟକ୍ତି ବାହାଦୁରି ନେବା ଉଦ୍ଦେଶ୍ୟରେ କରିବାକୁ ଆଗଭର ହେଉଥିବା ଦେଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବ୍ରାହ୍ମଣୀ ରାଣ୍ଡି ଝାମ୍ପୁରି ମୁଣ୍ଡି**
**ହଗୁରା ଗାଣ୍ଡି ତୁଚ୍ଛା ହାଣ୍ଡି**
**ଏମାନଙ୍କୁ ଦେଖି ନ ଯିବ ଦାଣ୍ଡି।**

ବିଧବା ବ୍ରାହ୍ମଣୀ ଓ ଝାମ୍ପୁରା କେଶ ରଖିଥିବା ସ୍ତ୍ରୀଲୋକଙ୍କୁ ସାମନାରେ ଦେଖିଲେ ବାହାରକୁ ଯିବା ଉଚିତ ହୋଇ ନ ଥାଏ। ସେହିପରି ଝାଡ଼ା ରୋଗାକ୍ରାନ୍ତ ବ୍ୟକ୍ତି ଏବଂ ଖାଲି ହାଣ୍ଡି ବା ପସରା ଦେଖି କେବେହେଲେ ଅନୁକୂଳ କରି ଯିବ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଢେଙ୍କାନାଳରୁ ଆସିଥିବା ଗୋପାଳ ଦଳ ମଙ୍ଗଳବାର ଶ୍ରୀମନ୍ଦିର ସମ୍ମୁଖରେ ଲଉଡ଼ି ଖେଳୁଛନ୍ତି। (ଫଟୋ: ଯଜ୍ଞେଶ୍ୱର)

## ହାଜତ ମୃତ୍ୟୁ ଘଟଣାର ତଦନ୍ତ ଦାବି କଲା ଭାଜପା

କଟକ,୨।୪(ଶିଳ୍ପା ପ୍ରିୟଦର୍ଶିନୀ)



ଏଚ୍‌ଆର୍‌ପିସିର ବରିଷ୍ଠ ପୋଲିସ ଅଧିକାରୀ ଲଳିତ କୁମାର ଦାସଙ୍କୁ ଭାଜପା ପ୍ରତିନିଧି ଦଳ ଦାବିପତ୍ର ଦେଉଛି।

ଗତ ମାର୍ଚ୍ଚ ୨୫ ତାରିଖ ଦୋଳପୂର୍ଣ୍ଣିମାରେ ଥାନା ହାଜତରେ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ଆଦିବାସୀ ଯୁବକ ଦିନେଶ ନାୟକଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଏଥିପାଇଁ ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଭାରତୀୟ ଜନତା ପାର୍ଟି (ଭାଜପା) ଦାବି କରିଛି। ଏନେଇ ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡାଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ମଙ୍ଗଳବାର ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟଠାରେ ଏଚ୍‌ଆରପିସିର ବରିଷ୍ଠ ପୋଲିସ ଅଧିକାରୀ ଲଳିତ କୁମାର ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ଉକ୍ତ ପତ୍ରରେ ଦଳ ପକ୍ଷରୁ ଦର୍ଶାଯାଇଛି ଯେ, ଯୋଡ଼ା ଅଞ୍ଚଳରେ ବାରମ୍ବାର ହାଜତ ମୃତ୍ୟୁ ଘଟଣା ଘଟୁଛି। ଏପରିକି ଯୋଡ଼ା ପୋଲିସ ଖଣି ମାଫିଆଙ୍କ ସହିତ ସମ୍ପର୍କ ରଖିବାରୁ ଯୋଡ଼ା ଅଞ୍ଚଳରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଥାନା ହାଜତରେ ଦିନେଶଙ୍କ ମୃତ୍ୟୁକୁ ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଓଲଟା ଦିନେଶଙ୍କ ପରିବାରକୁ ନାନା ଧମକ ଚମକ ଦେଇ ଭୟଭୀତ କରାଯାଉଛି। ତେଣୁ ହାଜତ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ସହ ଯୋଡ଼ା ଥାନା ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବା, ଥାନା ଅଧିକାରୀ ଏବଂ ଏସ୍‌ପିଙ୍କୁ ତୁରନ୍ତ ବହିଷ୍କାର କରାଯିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏଚ୍‌ଆର୍‌ପିସି ଅଧିକାରୀ ଦାସ ଦାବିପତ୍ର ଗ୍ରହଣ କରିବା ସହ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ବରିଷ୍ଠ ନେତା ମୁରଲୀ ଶର୍ମା, କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତ୍ର, ରାଜ୍ୟ ଲିଗାଲ ସେଲ୍ ସଂଯୋଜକ ଜୟନ୍ତ ଜେନା, କଟକ ନଗର ଯୁବମୋର୍ଚ୍ଚା ସଭାପତି ହରିଚନ୍ଦନ ନାୟକ ଏବଂ କେନ୍ଦୁଝରର ରାଧାମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ସୋସାଇଟି ଆମେରିକା କୋଷାଧ୍ୟକ୍ଷଙ୍କ ଆଇଟିଆଇ ପରିଦର୍ଶନ

ଭୁବନେଶ୍ୱର, ୨।୪(ଅସମାପିକା ସାହୁ)



ଶୁଭ୍ରାଂଶୁ ମିଶ୍ର

ଓଡ଼ିଆ ସୋସାଇଟି ଆମେରିକାର କେନ୍ଦ୍ରୀୟ କୋଷାଧ୍ୟକ୍ଷ ଶୁଭ୍ରାଂଶୁ ମିଶ୍ର ମଙ୍ଗଳବାର ଆଇଟିଆଇ ଭୁବନେଶ୍ୱର ପରିଦର୍ଶନ କରିଛନ୍ତି। ଭୁବନେଶ୍ୱରସ୍ଥ ଏହି ଉଦ୍ୟୋଗର ଶିକ୍ଷାର୍ଥୀଙ୍କ ଉଚ୍ଚକୋଟୀର ଦକ୍ଷତା, ଶିକ୍ଷା ନିପୁଣତା ଓ ଅନୁସନ୍ଧାନଗତ ଯୋଗ୍ୟତାର ପ୍ରଶଂସା କରିଥିଲେ। ଅନୁଷ୍ଠାନର ଏହି ଶିକ୍ଷାକୁ ପାଥେୟ କରି ଛାତ୍ରମାନେ ନିଶ୍ଚିତ ଭାବେ ସମାଜ ପ୍ରତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ। ଆଇଟିଆଇ ଭୁବନେଶ୍ୱରର ପ୍ରଚେଷ୍ଟା ଓ ବଳିଷ୍ଠ ଶିକ୍ଷାଦାନ ଭବିଷ୍ୟତରେ ଆଗାମୀ ପିଢ଼ି ପାଇଁ ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ ବୋଲି ଶୁଭ୍ରାଂଶୁ କହିଥିଲେ।

## ଜନସାଧାରଣଙ୍କ ମତାମତ ଲୋଡ଼ିଲେ ୫-ଟି ଅଧ୍ୟକ୍ଷ

ଭୁବନେଶ୍ୱର,୨।୪(ଅନିଲ ଦାସ)

**ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ**

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଓଡ଼ିଶାର ଜନସାଧାରଣଙ୍କୁ ନବୀନ ଓଡ଼ିଶା ମ୍ୟାଜିକ କାର୍ଡକୁ ଅଧିକ ଉପାଦେୟ କରିବା ନିମନ୍ତେ ସେମାନଙ୍କ ସୁଚିନ୍ତିତ ମତାମତ ଦେବାକୁ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ପ୍ରଦାନ କରାଯାଇଥିବା ନୂଆ-ଓ ବୃତ୍ତି ଓଡ଼ିଶା ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଏହି ବୃତ୍ତି ପ୍ରଦାନ ପରେ ଓଡ଼ିଶାର ଯୁବତୀଯୁବକମାନଙ୍କ ମଧ୍ୟରେ ଏକ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଯୁବତୀଯୁବକମାନଙ୍କ ପାଇଁ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ପ୍ରଣୟନ କରିବାକୁ ଯାଉଛନ୍ତି।

ଏହି କାର୍ଡ ମାଧ୍ୟମରେ ଓଡ଼ିଶାର ଛାତ୍ରୀଛାତ୍ରମାନେ ବିଭିନ୍ନପ୍ରକାର ସୁବିଧା ପାଇପାରିବେ। ସେମାନଙ୍କୁ ସେମାନଙ୍କ କ୍ୟାରିୟର ଗଢ଼ିବା ପାଇଁ ସହାୟକ ହେବା ସଙ୍ଗେ ସଙ୍ଗେ ଏହି କାର୍ଡ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ। ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ମଧ୍ୟ ସହାୟକ ହେବ। ଏହି କାର୍ଡର ଉପାଦେୟତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ଓଡ଼ିଶାର ଜନସାଧାରଣଙ୍କୁ ମଧ୍ୟ ସେମାନଙ୍କ ମତାମତ ଦେବା ପାଇଁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋସିଆଲ ମିଡିଆ ମାଧ୍ୟମରେ ଅନୁରୋଧ କରିଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ନବୀନ ଓଡ଼ିଶା ମ୍ୟାଜିକ କାର୍ଡକୁ ନେଇ ଯୁବବର୍ଗଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଅନେକ ଯୁବବର୍ଗ ଏହି କାର୍ଡ ବ୍ୟବସ୍ଥାକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ନିଜର ମତାମତ ପ୍ରଦାନ କରିଛନ୍ତି। ଏଥିପାଇଁ ମତାମତ ଦେବାକୁ ଇଚ୍ଛା କରୁଥିବା ବ୍ୟକ୍ତିମାନେ nomc.odish@gmail.comରେ ନିଜର ମତାମତ ପ୍ରଦାନ କରିପାରିବେ ବୋଲି ସୋସିଆଲ ମିଡିଆ ପୋଷ୍ଟରେ କୁହାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଚିକୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱ ଚେସ୍‌ରେ ବଢୁଛି ଭାରତର ଆଧିପତ୍ୟ

**ଟରଣ୍ଟୋ, ୨।୪**

ବିଶ୍ୱ ଚେସ୍‌ର ଅନ୍ୟତମ ମର୍ଯ୍ୟାଦାଜନକ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟ ବୁଧବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତାରୁ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍ ଚ୍ୟାଲେଞ୍ଜର ନିର୍ଦ୍ଧାରିତ ହେବେ। ଏଥିରେ ଭାରତରୁ ୩ ପୁରୁଷ ଓ ୨ ମହିଳାଙ୍କୁ ମିଶାଇ ମୋଟ ୫ ଖେଳାଳି ଅଂଶଗ୍ରହଣ କରିବେ। ପାଖାପାଖି ୩୫ ବର୍ଷ ବ୍ୟବଧାନରେ ୩ ଜଣ ଭାରତୀୟ ପୁରୁଷ ଖେଳାଳି ଏଥିରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ଟିନ୍‌ଏଜ୍ ସେନ୍‌ସେଶନ ଆର୍. ପ୍ରଜ୍ଞାନନ୍ଦ, ଡି. ଗୁକେଶ ଓ ଭିଦିତ ଗୁଜରାଠି। ବିଶେଷଜ୍ଞଙ୍କ ମତରେ ବିଶ୍ୱ ଚେସ୍‌ରେ ଭାରତ ଏବେ ନୂଆ ରୁଷିଆ ଭାବେ ଉଭା ହୋଇଛି। କାରଣ ପୂର୍ବରୁ କେବଳ ରୁଷିଆ ଖେଳାଳିମାନେ ଏପରି ପ୍ରାଧାନ୍ୟ ବିସ୍ତାର କରୁଥିଲେ। ଟୁର୍ନାମେଣ୍ଟ ନିୟମ ଅନୁସାରେ ଉଭୟ ପୁରୁଷ ଓ ମହିଳା ବିଭାଗରେ କେବଳ ୮ ଜଣ ଲେଖାଏ ପ୍ରତିଯୋଗୀ ଅଂଶଗ୍ରହଣର ସୁଯୋଗ ପାଇବେ। ସେମାନଙ୍କ ମଧ୍ୟରେ


ଆର. ପ୍ରଜ୍ଞାନନ୍ଦ


ଡି. ଗୁକେଶ


ଭିଦିଥ ଗୁଜରାଠି


କୋନେରୁ ହମ୍ପି


ଆର. ବୈଶାଳୀ

## କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଭାରତରୁ ୩ ପୁରୁଷ, ୨ ମହିଳା ଭାଗନେବେ

ପୁରୁଷ ବିଭାଗରେ ଦେଶର ୩ ଖେଳାଳି ସ୍ଥାନ ପାଇବା ବିଶ୍ୱ ଚେସ୍‌ରେ ଭାରତର ପ୍ରାଧାନ୍ୟକୁ ସୂଚାଉଛି। ସେହିପରି ମହିଳା ବିଭାଗ ପ୍ରତିଯୋଗିତାରେ କୋନେରୁ ହମ୍ପି ଓ ଡି. ହାରିକା ଭାରତରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ର୍ୟାଙ୍କିଙ୍ଗ୍ ଦୃଷ୍ଟିରୁ ଆର୍. ପ୍ରଜ୍ଞାନନ୍ଦ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଫେଭରାଇଟ ବିବେଚିତ ହେଉଛନ୍ତି। ନିର୍ଭୀକ ଏବଂ ମାନସିକସ୍ତରରେ ଦୃଢ଼ ପ୍ରଜ୍ଞାନନ୍ଦଙ୍କ ୮ ଥର ରୁଷୀୟ ଚାମ୍ପିୟନ ପିଟର ସିଲଡର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହୋଇପାରନ୍ତି। ସିଲଡର ଜଣେ ଗେମ୍ ଚେଞ୍ଜରଭାବେ ବିଶେଷ ପରିଚିତ। ତେବେ ପ୍ରଜ୍ଞାନନ୍ଦଙ୍କ ଫର୍ମ ଓ ସେ କିପରି ପରିବେଶ ଓ ପରିସ୍ଥିତି ସହିତ ଖାପ ଖୁଆଉଛନ୍ତି ତା' ଉପରେ ଅନେକକିଛି ନିର୍ଭର କରିବ। ୧୭ ବର୍ଷୀୟ ଗୁକେଶ ମଧ୍ୟ ଜଣେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ। ଆଗାମୀ ଟୁର୍ନାମେଣ୍ଟରେ ସେ ସର୍ବକନିଷ୍ଠ ଖେଳାଳିଭାବେ ଖେଳିବେ। ଟୁର୍ନାମେଣ୍ଟ ଇତିହାସରେ ସେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ବିବେଚିତ ହେଉଛନ୍ତି। ୧୯୫୯ରେ ରବର୍ଟ ଜେମ୍ସ ଫିସର ମାତ୍ର ୧୬ ବର୍ଷରେ ଏହି ଟୁର୍ନାମେଣ୍ଟ ଖେଳି ରେକର୍ଡର ଅଧିକାରୀ ଅଛନ୍ତି। ଯଦି ଗୁକେଶ ବିଜୟୀ ହେବେ ତେବେ ସର୍ବକନିଷ୍ଠ ଖେଳାଳିଭାବେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟତମ ଭାରତୀୟ ଗୁଜରାଠୀଙ୍କ ଉପରେ ମଧ୍ୟ ନଜର ରହିବ। ପ୍ରଜ୍ଞାନନ୍ଦ ଗତଥର ବିଶ୍ୱ ଚାମ୍ପିୟନଶିପ୍‌ରେ ଯଦିଓ ବିଶ୍ୱର ନମ୍ବର ୱାନ ଖେଳାଳି ନରୱେର ମ୍ୟାଗ୍ନସ କାଲସେନଙ୍କଠାରୁ ହାରିଯାଇଥିଲେ ।

### ଯୋଗ୍ୟତା ପାଇଥିବା ପୁରୁଷ ଖେଳାଳି

- ଇଆନ ନେପୋମନିଆଚଚି (ରୁଷିଆ-୨୭୫୮ ରେଟିଂ): ପୂର୍ବ ବିଶ୍ୱ ଚାମ୍ପିୟନଶିପ୍ ରନରଅପ୍
- ଆର୍. ପ୍ରଜ୍ଞାନନ୍ଦ (ଭାରତ-୨୭୪୭): ୨୦୨୩ ବିଶ୍ୱକପ ରନରଅପ୍
- ଫାବିନୋ କାରୁଆନା (ଆମେରିକା-୨୮୦୪): ୨୦୨୩ ବିଶ୍ୱକପ୍‌ରେ ତୃତୀୟ ସ୍ଥାନ
- ନିଜାତ ଆବାସୋଭ (ଆଜରବୈଜାନ-୨୬୩୨): ୨୦୨୩ ବିଶ୍ୱକପ୍‌ରେ ୪ର୍ଥ ସ୍ଥାନ
- ଭିଦିତ ଗୁଜରାଠି (ଭାରତ-୨୭୪୭): ୨୦୨୩ ଗ୍ରାଣ୍ଡ ସୁଇସ୍ ବିଜେତା
- ହିକାରୁ ନାକାମୁରା (ଆମେରିକା-୨୭୮୯): ୨୦୨୩ ଗ୍ରାଣ୍ଡ ସୁଇସ ରନରଅପ୍
- ଆଲିରେଜା ଫିରୋଉଜା(ଫ୍ରାନ୍ସ-୨୭୬୦): ୨୦୨୪ ଜାନୁଆରୀ ୧ ସୁଦ୍ଧା ରେଟିଂ ଅନୁସାରେ ଯୋଗ୍ୟତା
- ଡି. ଗୁକେଶ (ଭାରତ-୨୭୪୭): ୨୦୨୩ ଫିଡେ ସର୍କିଟ ବିଜେତା

### ମହିଳାରେ ହମ୍ପି ଭାରତର ନେତୃତ୍ୱ ନେବେ

ମହିଳା କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଭାରତର ନେତୃତ୍ୱ ନେବେ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି। ଅନ୍ୟତମ ଭାରତୀୟ ଆର୍. ବୈଶାଳୀ କେବେହେଲେ ସହଜରେ ହାର ମାନି ନ ଥାନ୍ତି। ଉଚ୍ଚ ର୍ୟାଙ୍କିଙ୍ଗ୍ ପାଇଁ ହମ୍ପି ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପାଇଥିବାବେଳେ ବୈଶାଳୀ କ୍ୟାରିୟରରେ ସବୁଠାରୁ ବଡ଼ ମହିଳା ଗ୍ରାଣ୍ଡ ସୁଇସ୍ ଟୁର୍ନାମେଣ୍ଟ ଜିତି ଏଠାକୁ ଆସିଛନ୍ତି। ବୈଶାଳୀ ହେଉଛନ୍ତି ପ୍ରଜ୍ଞାନନ୍ଦଙ୍କ ଭଉଣୀ। ତେଣୁ ଭଉଣୀ ଭାଇ ପ୍ରଥମଥର ପାଇଁ ଏହି ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ କରି ଇତିହାସ ରଚିଛନ୍ତି।

**ମହିଳା ପ୍ରତିଯୋଗୀଙ୍କ ଯୋଗ୍ୟତା ଷ୍ଟାଟସ**

- ଲି ଟିଙ୍ଗ ଜି (ଚାଇନା-୨୫୫୦): ପୂର୍ବ ବିଶ୍ୱ ଚାମ୍ପିୟନଶିପ୍ ମ୍ୟାଚ ବିଜେତା
- କାଟରିନା ଲାଗ୍ନୋ (ରୁଷିଆ-୨୫୪୨): ୨୦୨୨-୨୩ ମହିଳା ଗ୍ରାଁ ପ୍ରି ବିଜେତା
- ଆଲେକଜାଣ୍ଡ୍ରା ଗୋରିଚକିନା(ରୁଷିଆ-୨୫୫୩): ୨୦୨୨-୨୩ ମହିଳା ଗ୍ରାଁ ପ୍ରି ରନରଅପ୍
- ନୁର୍ଗିଉଲ ସାଲିମୋଭା (ବୁଲଗେରିଆ-୨୪୪୬): ୨୦୨୩ ମହିଳା ବିଶ୍ୱକପ ରନରଅପ୍
- ଆନ୍ନା ମୁଜିଚୁକ୍ (ୟୁକ୍ରେନ-୨୫୨୦): ୨୦୨୩ ମହିଳା ବିଶ୍ୱକପରେ ତୃତୀୟ
- ଆର୍. ବୈଶାଳୀ (ଭାରତ-୨୪୮୧): ୨୦୨୩ ମହିଳା ଗ୍ରାଣ୍ଡ ସୁଇସ୍ ବିଜେତା
- ଟାନ୍ ଝୋଙ୍ଗୟି (ଚାଇନା-୨୫୨୧): ୨୦୨୩ ମହିଳା ଗ୍ରାଣ୍ଡ ସୁଇସ ରନରଅପ୍
- କୋନେରୁ ହମ୍ପି (ଭାରତ-୨୫୪୬): ୨୦୨୪ ଜାନୁୟାରୀ ୧ ସୁଦ୍ଧା ଶ୍ରେଷ୍ଠ ରେଟିଂ

# ଫାଇନାଲରେ ବଡ଼ବିଲ ଟାଇଗର୍ସ




ଆୟୁଷ ସେଠୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)**

### ୧୫ ବର୍ଷରୁ କମ୍ କ୍ରିକେଟ ଲିଗ୍

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ନହରକଣ୍ଟା ଖେଳ ପଡ଼ିଆରେ ଚାଲିଥିବା ଦିଲ୍ଲୀପ ପଣ୍ଡା ମେମୋରିଆଲ ୧୫ ବର୍ଷରୁ କମ୍ କ୍ରିକେଟ ଲିଗ୍‌ର ଫାଇନାଲରେ ପ୍ରବେଶ କରିଛି କେନ୍ଦୁଝରର ବଡବିଲ ଟାଇଗର୍ସ। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଶେଖର ସ୍ପୋର୍ଟିଂକୁ ୬୬ ରନରେ ପରାସ୍ତ କରିଛି। ଗ୍ରୁପ୍ 'ବି'ରୁ ବଡବିଲ ଟାଇଗର୍ସ, ଟାଉନ୍ କ୍ଲବ ଓ ଶେଖର ସ୍ପୋର୍ଟିଂ ୨ଟି ଲେଖାଏ ଲିଗ୍ ମ୍ୟାଚରୁ ୨ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଉନ୍ନତ ରନ୍ ହାରରେ ବଡବିଲ ଟାଇଗର୍ସ ଫାଇନାଲକୁ ଉନ୍ନୀତ ହୋଇଛି।

ଟସ୍ ଜିତି ବ୍ୟାଟିଂ କରିଥିବା ବଡବିଲ ଟାଇଗର୍ସ ୩୦ ଓଭରରେ ୬ ଉଇକେଟ ହରାଇ ୧୯୫ ରନ କରିଥିଲା। ଦଳ ପକ୍ଷରୁ ଆୟୁଷ ସେଠୀ ସର୍ବାଧିକ ୭୬, ଆଶୁତୋଷ କୁମାର ନାୟକ ୪୦ ଓ ଅଭିଷେକ କର ୩୯ ରନ କରିଥିଲେ। ଦଳର ୬ଟି ଉଇକେଟ ପଡ଼ିଥିବାବେଳେ ୫ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ବିପକ୍ଷ ଦଳର ସେୟମ ହିତେଶ ଗୋଟିଏ ଉଇକେଟ ପାଇଥିଲେ। ୧୯୬ ରନ ବିଜୟ ଲକ୍ଷ୍ୟରେ ଶେଖର ସ୍ପୋର୍ଟିଂ ୨୬.୧ ଓଭରରେ ୧୨୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଆୟାନ ନାୟକ ସର୍ବାଧିକ ୪୪ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ସରୱନ ସାହୁ ଓ ଆୟୁଷ ସେଠୀ ୪ଟି ଲେଖାଏ ଉଇକେଟ ନେଇଥିଲେ। ଆୟୁଷ ସେଠୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଶାନ୍ତ କୁମାର ସାହୁ ଓ ପ୍ରକାଶ କୁମାର ଜେନା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନକରିଥିଲେ।

# ଅନିରୁଦ୍ଧ-ବିଜୟ ଯୋଡ଼ି କ୍ୱାର୍ଟରରେ

**ହ୍ୟୁଷ୍ଟନ (ଆମେରିକା), ୨।୪(ପି.ଟି.):** ଭାରତୀୟ ଯୋଡ଼ି ଅନିରୁଦ୍ଧ ଚନ୍ଦ୍ରଶେଖର ଓ ବିଜୟ ପ୍ରଶାନ୍ତ ଏଠାରେ ଚାଲିଥିବା ୟୁଏସ୍ ମେନ୍ସ କ୍ଲେକୋର୍ଟ ଚାମ୍ପିୟନଶିପ୍ ଏଟିପି ଟୁର୍ ଇଭେଣ୍ଟରେ ସିଧାସଳଖ ସେଟ୍‌ରେ ବିଜୟ ସହ ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ଯୋଡ଼ି ଆମେରିକାର ୱାଇଲ୍ଡ କାର୍ଡ ମାଇକେଲ ମୋହ ଓ ଫ୍ରାନ୍‌ସେସ୍ ଟିଆଫୋଙ୍କୁ ୬-୩, ୬-୪ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଏକ ଘଣ୍ଟା ୧୯ ମିନିଟ ଚାଲିଥିଲା। ଚନ୍ଦ୍ରଶେଖର ଓ ପ୍ରଶାନ୍ତ କ୍ୱାର୍ଟରରେ ଚତୁର୍ଥ ସିଡ୍ ଅଷ୍ଟ୍ରେଲିଆର ଏମ୍. ପର୍ସେଲ ଓ ଜେ. ଥମ୍ପସନଙ୍କୁ ଭେଟିବେ। ପ୍ରଶାନ୍ତ ବର୍ତ୍ତମାନ ଡବଲ୍ସ ର୍ୟାଙ୍କିଙ୍ଗରେ ୧୦୧ତମ ସ୍ଥାନରେ ଥିବାବେଳେ ଚନ୍ଦ୍ରଶେଖର ୧୧୩ତମ ସ୍ଥାନରେ ଅଛନ୍ତି।


# Classified Everyday
**0674-2580101, 2549949**



MATRIMONIAL

GROOM WANTED

Wanted Engineer Groom for beautiful Khandayat girl 1990, 5'2", MCA Serving Engineer HCL Bangalore "SUNASANSAR". 9937512659, 8249969649. D-75940

Alopathy Doctor (Groom), Brahmin caste require for Alopathy Doctor (Bride), Brahmin caste age-27, working in State Government, Odisha. Contact directly to parent No- 8917639271. D-2896

ବୟସ 30 କୌଣସି ଚାକିରି କରୁନଥିବା ସୁନ୍ଦରି ଝିଅଙ୍କ ପାଇଁ ଯେକୌଣସି ଜାତିର ବର ଆବଶ୍ୟକ। 6370559357. D-75322



REAL ESTATE

SALE

ଭୁବନେଶ୍ୱର-ଫୁଲନଖରା ଛକ ସେକେଣ୍ଡ ସମ୍ ହସ୍ପିଟାଲ ପାଖରେ ଇମିଡିଏଟ୍ ଘର କଲାଭଳି ବାସୋପଯୋଗୀ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। 9439832956, 9337513276. D-010

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price call. 9439856856, 7008982279, 6371097442, 9040116788. D-2727

Duplex sale at Bhubaneswar @ 57 lakhs only. Contact- 9777433701. D-75934

Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 850/- sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452. D-75724

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ବାସୋପଯୋଗୀ SC ପ୍ଲଟ୍ ବିକ୍ରିହେବ। 9437152956, 9337513276. D-011

**ପାଠକଙ୍କ ପାଇଁ ସୂଚନା।**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2728




Open land space for rent near NH-316 Lingipur Traffic Sqr. 13000sqft. Mobile- 8895985885. D-2905

Duplex house at Patia having three bedroom and toilets for rent contact 9437064482. D-2894

ACCOMMODATION

Free Accommodation for Senior Citizens and Mentally ill person with all facilities Contact- 9337160036, 7325991853. D-007

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Newly open SPA health benefits relax refresh good therapist. 8260719139. D-76109

Relax, refresh your body, mind by expert therapist. Contact: 9938843929. D-76110

Kerala body massage best therapist Bhubaneswar. 9348457050. D-016

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75722




IITA Launches a Stock Market course in Odia. Call 8895218280 for details.Visit Office at 824 8th Floor Esplanade Mall Rasulgarh Bhubaneswar. D-015

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LOST

I, AMLAN KUMAR BISWAS has lost his B.E. Mechanical Certificate with Roll No- 8270UT00004 on dt. 07.02.24 while travelling from C.V. Raman College to home. Any person found is kindly requested to return the same. Contact- 7978227474 or 9836902211. D-009

AFFIDAVIT

I, Deepti Nayak, W/o- Nishikanta Nayak resident of HIG-78, Sailashree Vihar, Khurda, PIN- 751021, Odisha declare by this affidavit that now onwards I shall be known as DIPTIRANI PATTNAIK for all future purposes. D-012

I, LAGNAJITA ACHARYA, W/o-Biswajit Acharya, Resident of HIG-135, Phase K-5, Kalinga Vihar, Patrapada, Khurda, Odisha- 751019, declare by this affidavit S.I. No. 13 on dated. 02.04.2024 that now onwards I shall be known as LAGNAJITA ACHARYA for all future purposes. D-013

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

LEGAL NOTICE

ମାନନୀୟ ଶ୍ରୀଯୁକ୍ତ ସିଭିଲ୍ ଜଜ୍ (ଏସ୍.ଡି), ଭବାନୀପାଟଣା
ସି.ଏସ୍.ନଂ.-୨୩/୨୦୧୯
ରଘୁ ମାଝୀ ...ବାଦୀ
Vrs.
ଗୋପାଳକୃଷ୍ଣ ମହାପାତ୍ର ....ପ୍ରତିବାଦୀ
ନୋଟିସ୍ U/O 5 rule 20 (I-A) C.P.c.

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଆପଣ ଶ୍ରୀ ଗୋପାଳକୃଷ୍ଣ ମହାପାତ୍ର, ପିତା- ୰ସୁଦର୍ଶନ ମହାପାତ୍ର, ନିବାସୀ/ପୋ- ପରମାନନ୍ଦପୁର, ଥାନା- ସଦର, ଭବାନୀପାଟଣା, ଜିଲ୍ଲା- କଳାହାଣ୍ଡି ଉପର ଲିଖିତ ସୁଟ୍‌ର ପ୍ରତିବାଦୀ ଅଟନ୍ତି। ଯାହାକି ମାନ୍ୟବର ସିଭିଲ୍ କୋର୍ଟ (ଏସ୍.ଡି) ଭବାନୀପାଟଣାରେ ଏ.୧.୪୫ଡି., ମୌଜା- ରିସ୍‌ଗାଁ, ପ୍ଲଟ୍ ନଂ.-୧୩୫, ଖାତା ନଂ.-୧୧୩, କିସମ-ଆଟ, ଥାନା- ସଦର, ଜିଲ୍ଲା- କଳାହାଣ୍ଡି ଉପରେ ପରିଚାଳିତ ହେଉଛି। ଉକ୍ତ କେସ୍ ତା୨୯।୦୪।୨୦୨୪ରେ ଧାର୍ଯ୍ୟ କରାଯାଇଛି। ଆପଣ ଉକ୍ତ ଦିନ କୋର୍ଟକୁ ନ ଆସିଲେ ସୁଟ୍‌ଟି ଏକତରଫା ବିଚାରାଧୀନ ହେବ।

Civil Judge (S.D),
Bhawanipatna,
ଧ-୦୧୭

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଭାତ କୁମାର ମିଶ୍ର (ଗଗୁ)
ଅବସରପ୍ରାପ୍ତ (ସହକାରୀ ପ୍ରବନ୍ଧକ, ଫୁଡ୍ କରପୋରେସନ୍ ଅଫ୍ ଇଣ୍ଡିଆ) ସରକାରୀ
ଅଣ୍ଟିଆ ଶାସନ, ନିମାପଡ଼ା, ପୁରୀ
ଆବିର୍ଭାବ- ୧୮।୦୬।୧୯୪୭
ତିରୋଧାନ- ୨୫।୦୩।୨୦୨୪

ପୂଜନୀୟ ନନା, ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ପରୋପକାରିତା, କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କ ମାର୍ଗଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାରଃ ସହଧର୍ମିଣୀଃ (ସନ୍ଧ୍ୟାରାଣୀ ମିଶ୍ର), ପୁତ୍ରଃ (ଅୟସକାନ୍ତ ମିଶ୍ର), ପୁତ୍ରବଧୂଃ (ରଞ୍ଜିତା ମିଶ୍ର), ଝିଅଃ (ଅବନ୍ତିକା ମିଶ୍ର, ଅତନ୍ଦ୍ରିତା ମିଶ୍ର), ଜ୍ୱାଇଁଃ (ସୁଶାନ୍ତ ମିଶ୍ର, ଶୁଭେନ୍ଦୁ ପାଣି), ନାତିଃ (ଅଭିଷେକ, ଅଭିଜିତ୍, ନିଶାନ୍, ଆଶ୍ରିତ୍), ନାତୁଣୀଃ (ପ୍ରିୟଙ୍କା, ଅର୍ପିତା), ବନ୍ଧୁ ଓ ପରିବାରବର୍ଗ ।
ଧ-୦୧୪

CLASSIFIED DISPLAY
MORE SPACE • SAME PRICE

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE (ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
Comprehensive Coverage
Conceptual Clarity
Weekly Answer Writing
Doubt Session
800+ Hours Classes
Mentorship
MODULAR COURSES
Test Series
Current Affairs
CSAT
ESSAY
Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଖରାଟିଆ ମୁଗଚାଷ

**ଖ**ରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

## ଛେଳିଙ୍କୁ ପିପିଆର୍ ଟିକା

ଏଣ୍ଟାରୋଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଛେଳି ଓ ମେଣ୍ଢାମାନଙ୍କୁ ପ୍ରାଣୀ ଡାକ୍ତରଙ୍କୁ ଯୋଗାଯୋଗ କରି ନିଶ୍ଚିତ ଭାବେ ଦିଅନ୍ତୁ। ଛେଳି ଓ ମେଣ୍ଢାମାନଙ୍କୁ ସକାଳ ୬ ଘଟିକା ଠାରୁ ୧୦ ଘଟିକା ଓ ଅପରାହ୍ଣ ୪ଘଟିକାଠାରୁ ୬ଘଟିକା ପର୍ଯ୍ୟନ୍ତ ଚରିବାକୁ ବାହାରକୁ ଛାଡ଼ନ୍ତୁ। ଗୁହାଳରେ ଯଥେଷ୍ଟ ପରିମାଣରେ ଥଣ୍ଡାପାଣି ରଖନ୍ତୁ। ଛେଳି ଓ ମେଣ୍ଢାମାନଙ୍କୁ ନିକଟସ୍ଥ ପ୍ରାଣୀ ଡାକ୍ତରଙ୍କ ପରାମର୍ଶରେ କୃମିନାଶକ ଦିଅନ୍ତୁ । ଏହି ମାସରେ ଛେଳି ଓ ମେଣ୍ଢାମାନେ ଚରିଲେ ମଧ୍ୟ ଯଥେଷ୍ଟ ଘାସ ପାଇ ନ ଥାନ୍ତି । ତେଣୁ ଛେଳି ବା ମେଣ୍ଢା ପିଛା ୧୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ ଏବଂ ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ ।





## ଏ ମାସର କୃଷି ସୂଚନା

# ଡାଲୁଅ ଧାନରେ ଜଳସେଚନ

**ଡା**ଲୁଅ ଧାନରେ ସମୟ ଉପଯୋଗୀ ଜଳସେଚନ କରନ୍ତୁ। ସାର ପ୍ରୟୋଗର ୧ ଦିନ ପୂର୍ବରୁ କ୍ଷେତରୁ ଜଳ ନିଷ୍କାସନକରି ସାର ପ୍ରୟୋଗର ୪୮ ଘଣ୍ଟା ପରେ ୫ ସେ.ମି. ଜଳ ବାନ୍ଧି ରଖନ୍ତୁ । ଧାନ ଫୁଲ ଉଡ଼ାଇବାର ୨୦ ଦିନ ଆଗରୁ ଓ ୧୦-୧୫ ଦିନ ପର୍ଯ୍ୟନ୍ତ କ୍ଷେତ୍ରରେ ୩-୫ ସେ.ମି. ପାଣି ବାନ୍ଧିରଖନ୍ତୁ। ଧାନକେଣ୍ଡାର ୮୫% ପାଚିଗଲେ ଅମଳ କରନ୍ତୁ ।

**ଗହମ :** ଗହମ ଗଛ ଶୁଖି ହଳଦିଆ ପଡ଼ିଗଲେ ଓ କେଣ୍ଡାକୁ ବଙ୍କେଇ ଦେଲେ ଯଦି ସହଜରେ ଭାଙ୍ଗିଯାଏ ତେବେ ଗହମ ଫସଲ ଅମଳ ପାଇଁ ଉପଯୁକ୍ତ । ଅମଳ ପରେ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଚିନାବାଦାମ :** ଚିନାବାଦାମ ଫସଲ ଅମଳକରି ୨-୩ ଦିନ ଖରାରେ ଶୁଖାଇ ବସ୍ତାରେ ସାଇତିରଖନ୍ତୁ । ଆର୍ଦ୍ରତା କମାଇବା ଏବଂ ପୋକ ନ ଲାଗିବା ପାଇଁ ୩୦ କି.ଗ୍ରା. ବିହନରେ ୨୫୦ ଗ୍ରାମ୍ କ୍ୟାଲ୍‌ସିୟମ୍ କ୍ଲୋରାଇଡ୍ ବସ୍ତା ଭିତରେ ରଖନ୍ତୁ ।

**ପନିପରିବା :** ଖରାଟିଆ ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇପାରିବ । ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ । କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ । ଫଳମାଛି ଲାଗିଲେ ମଧ୍ୟ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ୍ୟ ହୋଇଯାଇଥାଏ। ମାଟିର ବତର ଦେଖି ପାଣି ଦିଅନ୍ତୁ । ତରଭୁଜ ପାଚିଲା ପରେ ତୋଳନ୍ତୁ। ତରଭୁଜ ସମ୍ପୂର୍ଣ୍ଣ ପାକଳ ହୋଇ ନ ଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

**ନଳିତା ଚାଷ :** ନଳିତା ବୁଣିବା ପାଇଁ ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷରେ ପିତା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିତା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିତା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ମଧୁର ନଳିତା ୨୫ ସେ.ମି. x ୧୦ ସେ.ମି. ବ୍ୟବଧାନ ଓ ପିତା ନଳିତା ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

**ଗୋପାଳନ :** ଦୁଧିଆଳୀ ଗାଈ ଓ ବଳଦଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ୬ ମାସ ଅନ୍ତରରେ ଥରେ ଦିଅନ୍ତୁ । ଦୁଧିଆଳୀ ଗାଈକୁ ଗ୍ରୀଷ୍ମ ଉତ୍ତାପରୁ ରକ୍ଷାକରିବା ପାଇଁ ଛାଇ ଜାଗାରେ ବାନ୍ଧନ୍ତୁ ଓ ଯଥେଷ୍ଟ ପରିମାଣରେ ଥଣ୍ଡାପାଣି ପିଇବାକୁ ଦିଅନ୍ତୁ । ଅଧିକ ଗରମରୁ ରକ୍ଷା ପାଇଁ ଗାଈମାନଙ୍କୁ ଦିନ ୧୨ଟାରେ ଥରେ ଓ ଦିନ ୪ଟା ବେଳକୁ ଆଉ ଥରେ ଥଣ୍ଡାପାଣିରେ ଗାଧୋଇ ଦିଅନ୍ତ ।

**କୁକୁଡ଼ା ଓ ବତକ ପାଳନ :** କୁକୁଡ଼ା ଓ ବତକଙ୍କ କକ୍‌ସିଡିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ । ପ୍ରବଳ ଖରାତାପରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ାଘରର ଟିଣଛାତ କିମ୍ବା ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ । ମାଟିହାଣ୍ଡିରେ ପାଣି ରଖି ଥଣ୍ଡାପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ । ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ। ୨ମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପଶୁଡାକ୍ତରଙ୍କ ସହାୟତାରେ ଆର୍ ଟୁ ବି ଟିକା ଦିଅନ୍ତୁ।

**ମାଛଚାଷ :** ୧ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ପ୍ରତିଦିନ ସମପରିମାଣର କୃତ୍ରିମ ଖାଦ୍ୟ ମିଶ୍ରଣ (ଚିନାବାଦାମ ପିଡ଼ିଆ ଓ କାଣ୍ଡିଆକୁଣ୍ଡା) ପ୍ରତ୍ୟେକରୁ ୮ କିଲୋ ୭୫୦ ଗ୍ରାମ୍ ଲେଖାଏ ସମୁଦାୟ ୧୭ କିଲୋ ୫୦୦ ଗ୍ରାମ୍ ପ୍ରୟୋଗ କରିବା ଆବଶ୍ୟକ ।

**ମହୁଚାଷ :** ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନକରି ଆବଶ୍ୟକ ସ୍ଥଳେ ବାକ୍ସ ଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳକରି ଦିଅନ୍ତୁ।

**ଛତୁଚାଷ :** ପାଳଛତୁ ଚାଷ କରୁଥିଲେ ଖରାଦିନେ ଛତୁ ବେଡ୍‌ର ଉପଯୁକ୍ତ ଯତ୍ନ ନିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ନଳିତା ଚାଷ ପାଇଁ ଜମି ପ୍ରସ୍ତୁତି



**ନ**ଳିତା ବୁଣିବା ପାଇଁ ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ପିତା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିତା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିତା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ମଧୁର ନଳିତା ୨୫ ସେ.ମି. x ୧୦ ସେ.ମି. ବ୍ୟବଧାନ ଓ ପିତା ନଳିତା ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହିତ ଥିରାମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

## ଆଖୁରେ ସାର ପ୍ରୟୋଗ ପରେ..



**ଆଖୁ**ଚାଷରେ ପ୍ରଥମ ସାର ପ୍ରୟୋଗର ୩୦ ଦିନ ପରେ ଅର୍ଥାତ୍ ଆଖୁ ଲଗାଇବାର ୬୦ ଦିନ ପରେ ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ଦ୍ୱିତୀୟ କିସ୍ତିରେ ପ୍ରୟୋଗକରି ହୁଡ଼ା ଟେକନ୍ତୁ ଓ ଜଳସେଚନ କରନ୍ତୁ । ଆଖୁ ଲଗାଇବାର ୬୦ ଦିନରେ ହେକ୍ଟର ପ୍ରତି ୫ କି.ଗ୍ରା. ଆଜୋସ୍ପିରିଲମ୍ ଓ ୨୫୦ କି.ଗ୍ରା. ଶୁଖିଲା ଗୁଣ୍ଡଖତ ମିଶାଇ ପ୍ରୟୋଗ କରନ୍ତୁ । ଫସଲରେ ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧.୫-୨.୦ ଲିଟର ଫିପ୍ରୋନିଲ୍ (୫% ଏସ୍‌ସି) କିମ୍ବା ୩୭୫ ମି.ଲି. କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ (୧୮.୫ ଏସ୍‌ସି) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଚାଷୀଙ୍କ ପାଇଁ



➤ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।

➤ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

➤ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

➤ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

➤ବିରି ଫସଲ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

# ଆମ୍ବ କଷିର ଯତ୍ନ



**ଆମ୍ବ** ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍ସାମ୍ (୩ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ । ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । ଫଳ ବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ । ଦହିଆ ପୋକ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରିଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ ରୁ ୬ ଇଞ୍ଚ ଓସାର) ଭୂମି ପଡନଠାରୁ ଦେଢ଼ଫୁଟ ଉଚ୍ଚରେ ଦିଅନ୍ତୁ ।

## ମକାଚାଷ

**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା . ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# ହଳଦୀ ଲଗାଇବା ପୂର୍ବରୁ...

**ଆମ** ରାଜ୍ୟ ପାଇଁ ରୋମା , ସୁରମା,ରଙ୍ଗ,ରଶ୍ମି ହଳଦୀ କିସମ ଉପଯୁକ୍ତ। ୧ ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ଏକ ମିଟର ଓସାର ,୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମି.ଲି. ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ୍,୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୩/୨୦୨୪ Bhubaneswar, Wednesday, April 3/ 2024

# 'ଭାରତରେ ମିଳୁଛି ବିଶ୍ୱସ୍ତରୀୟ ସୁବିଧା'


କିଶୋର ଜେନା

**ନୂଆଦିଲ୍ଲୀ,୨।୪(ପି.ଟି.)**

ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଥିବା ଓଡ଼ିଆ ଜାଭେଲିନ୍ ଥ୍ରୋୟର କିଶୋର ଜେନା ଭାରତରେ ଆଥ୍ଲେଟଙ୍କ ପାଇଁ ରହିଥିବା ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ବର୍ତ୍ତମାନ ଖେଳାଳିଙ୍କୁ ମିଳୁଥିବା ସୁବିଧା ବିଶ୍ୱର ଶ୍ରେଷ୍ଠ ବୋଲି କହିବା ସହ ଆମକୁ ନିଜ ମାନସିକତାରେ ପରିବର୍ତ୍ତନ ଆଣିବାକୁ ପଡିବ ବୋଲି ପ୍ରକାଶ କରିଛନ୍ତି। ଆଥ୍ଲେଟମାନେ ନିଜକୁ ବିଶ୍ୱର ଅନ୍ୟ ଖେଳାଳିଙ୍କ ତୁଳନାରେ ଶ୍ରେଷ୍ଠ ଭାବରେ ଗ୍ରହଣ କରିବା ଉଚିତ ବୋଲି ସେ କହିଛନ୍ତି। ଟପ୍ସ ସ୍କିମ୍‌ରେ ସାମିଲ ଥିବା କିଶୋର ଫେବୃଆରୀ ୫ରୁ ମାର୍ଚ୍ଚ ୧୦ ମଧ୍ୟରେ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ୩୫ ଦିନର ଅଭ୍ୟାସ ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ଭାରତରେ ଅଭ୍ୟାସ ପାଇଁ ରହିଥିବା ସୁବିଧା ବିଶ୍ୱସ୍ତରୀୟ ଓ ଅଷ୍ଟ୍ରେଲିଆଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ସେ କହିଛନ୍ତି । ଭାରତୀୟ କ୍ରୀଡା ପ୍ରାଧିକରଣ(ସାଇ) ଓ କ୍ରୀଡା ମନ୍ତ୍ରଣାଳୟ ଆଥ୍ଲେଟମାନଙ୍କର ଉଚିତ ଯତ୍ନ ନେଉଛି ବୋଲି କହିଛନ୍ତି କିଶୋର। ଆମ ଆଥ୍ଲେଟଙ୍କ ନିକଟରେ ନିଜକୁ ଶ୍ରେଷ୍ଠ ବୋଲି ଭାବିବାର ମାନସିକତା ଅଭାବ ରହୁଛି। ତେବେ ଧୀରେ ଧୀରେ ଏଥିରେ ମଧ୍ୟ ଉନ୍ନତି ଆସିବାରେ ଲାଗିଲାଣି ବୋଲି ସେ କହିଛନ୍ତି।

ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଦେବାର ଲକ୍ଷ୍ୟ ରଖିଛନ୍ତି କିଶୋର। ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜେତା ଖେଳାଳି ଜଣଙ୍କ ଏହା ପୂର୍ବରୁ କିନ୍ତୁ ଡାଇମଣ୍ଡ ଲିଗ୍‌ରେ ନିଜର ଛାପ ଛାଡିବାକୁ ଆଗ୍ରହୀ। ଟପ୍-୩ ମଧ୍ୟରେ ଫିନିଶ କରିବା ସହ ଏକ୍ସକ୍ଲୁସିଭ୍ ଭାରତୀୟ ଲିଗ୍‌ରେ ସାମିଲ ହେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି । ଗତବର୍ଷ ୭୮.୫୪ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରେ ଉନ୍ନତି ଆଣିବା ସହ ଏସିଆନ୍ ଗେମ୍ସରେ ୮୭.୫୪ ମିଟରର ଦୂରତା ହାସଲ କରିଥିଲେ କିଶୋର। ପ୍ରଥମ ଥର ପାଇଁ ସେ ମେ' ୧୦ରେ ହେବାକୁ ଥିବା ଦୋହା ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ। ଏହା ପରେ ସେ ମେ' ୨୮ରେ ଚେକ୍ ରିପବ୍ଲିକ୍‌ରେ ହେବାକୁ ଥିବା ଗୋଲ୍ଡେନ ସ୍ପାଇକ୍ ଇଭେଣ୍ଟ ଓ ଜୁଲାଇ ୭ରେ ପ୍ୟାରିସ୍ ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ। ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନକୁ ଦୋହରାଇ ପାରିଲେ ଡାଇମଣ୍ଡ ଲିଗ୍‌ର ପ୍ରଥମ ୩ ସ୍ଥାନରେ ରହିପାରିବେ ବୋଲି କହିଛନ୍ତି କିଶୋର। ବର୍ତ୍ତମାନ ସୁଦ୍ଧା କେବଳ ୩ ଜଣ ଭାରତୀୟ ଡାଇମଣ୍ଡ ଲିଗ୍‌ରେ ପ୍ରଥମ ୩ ସ୍ଥାନ ହାସଲ କରିପାରିଛନ୍ତି। ଅଲିମ୍ପିକ୍ସ ତଥା ବିଶ୍ୱ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା, ଲଙ୍ଗ ଜମ୍ପର ମୁରଲୀ ଶ୍ରୀଶଙ୍କର ଓ ଡିସ୍କସ ଥ୍ରୋୟର ବିକାଶ ଗୌଡ ପ୍ରଥମ ୩ ସ୍ଥାନରେ ଫିନିଶ କରିଛନ୍ତି।

ପୂର୍ବରୁ କିଶୋର ଭାରତରେ ଅଭ୍ୟାସ କରୁଥିବା ବେଳେ ବିଶ୍ୱ ଚାମ୍ପିୟନଶିପ୍‌ରେ ପଞ୍ଚମ ସ୍ଥାନ ଓ ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଅର୍ଜନ କରିଥିଲେ। ଭାରତରେ ଅଭ୍ୟାସ ପାଇଁ ବିଶ୍ୱର ସର୍ବଶ୍ରେଷ୍ଠ ସୁବିଧା ରହିଛି। ଏନ୍ଆଇଏସ୍ ପଟିଆଲାର ସୁବିଧାକୁ କିଶୋର ବେଶ୍ ପ୍ରଶଂସା କରିଛନ୍ତି। ତେବେ ଶୀତଦିନେ ଥଣ୍ଡା ଓ କୁହୁଡି କାରଣରୁ ଅଭ୍ୟାସରେ ସମସ୍ୟା ରହୁଥିବାରୁ ସାଇକୁ ଗୋଲ୍ଡକୋଷ୍ଟରେ ପ୍ରଶିକ୍ଷଣ ପାଇଁ ଅନୁରୋଧ କରାଯାଇଥିଲା। ଗୋଲ୍ଡକୋଷ୍ଟରେ ଷ୍ଟ୍ରେଙ୍ଗ୍ଥ ଓ ଟେକ୍ନିକ୍ ଉପରେ କାମ କରିଥିବା କହିଛନ୍ତି କିଶୋର। ଏସିଆନ୍ ଗେମ୍ସ ସମୟରେ ବେଣ୍ଡିଂ ଲେଗ୍ ଅଧିକ ବଙ୍କା ହେଉଥିବା ବେଳେ ଏହା ଉପରେ କାମ କରିବାକୁ ନୀରଜ ଚୋପ୍ରା ପରାମର୍ଶ ଦେଇଥିଲେ। ଏହା ଉପରେ କାମ କରିଥିବା ବେଳେ ୯୫ ପ୍ରତିଶତ ସୁଧାର ଆଣିଥିବା କହିଛନ୍ତି କିଶୋର। ମେ' ୧୦ ତାରିଖରୁ ଦୋହା ଡାଇମଣ୍ଡ ଲିଗ୍ ଆରମ୍ଭ ହେଉଥିବା ବେଳେ ଅଲିମ୍ପିକ୍ସ ପର୍ଯ୍ୟନ୍ତ ସେ ବିଦେଶରେ ରହିପାରନ୍ତି ବୋଲି କହିଛନ୍ତି କିଶୋର। ତେବେ ପ୍ୟାରିସ ଡାଇମଣ୍ଡ ଲିଗ୍ ପରଠାରୁ ଅଲିମ୍ପିକ୍ସ ଯାଏ ସେ ପ୍ୟାରିସ୍‌ରେ ରହିବେ ବୋଲି କହିଛନ୍ତି କିଶୋର। ଉଲ୍ଲେଖଯୋଗ୍ୟ ଯେ, ପ୍ୟାରିସ୍ ଅଲିମ୍ପିକ୍ସର କ୍ୱାଲିଫାଇଙ୍ଗ ଇଭେଣ୍ଟ ଅଗଷ୍ଟ ୬ ତାରିଖରେ ଓ ଫାଇନାଲ ଅଗଷ୍ଟ ୮ ତାରିଖରେ ଅନୁଷ୍ଠିତ ହେବ।

# ମରିସିଓଙ୍କ ଡବଲ୍‌ରେ ଜିତିଲା ଓଏଫ୍‌ସି

**ଭୁବନେଶ୍ୱର,୨।୪**
**(ସରୋଜ ଜେନା)**

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟବଲ୍ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମକୁ ଫେରିଥିବା ବେଳେ ବିଜୟଧାରାକୁ ପ୍ରତ୍ୟାବର୍ତ୍ତନ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଡିଏଗୋ ମରିସିଓଙ୍କ ଡବଲ୍ ଗୋଲ ବଳରେ ପଞ୍ଜାବ ଏଫ୍‌ସିକୁ ୩-୧ରେ ପରାସ୍ତ କରିଛି ଘରୋଇ ଦଳ। ମରିସିଓ (୩୪ ଓ ୬୮) ମିନିଟରେ ଦୁଇଟି ଗୋଲ ଦେଇଥିବା ବେଳେ ଆଇଜାକ ଭାନଲାଲରୁଆଟଫେଲା(୬୧)

**ଇଣ୍ଡିଆନ୍ ସୁପର୍ ଲିଗ୍**

ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଏହି ବିଜୟ ସହ ଓଏଫ୍‌ସି ୨୦ ମ୍ୟାଚ୍‌ରୁ ୩୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହା ସହିତ ୩୦ ପଏଣ୍ଟ ପାଇଥିବା ପଞ୍ଚମ ଦଳ ଭାବରେ କେରଳ ବ୍ଲାଷ୍ଟର୍ସ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି।

ମଙ୍ଗଳବାର ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ଓଏଫ୍‌ସି ମ୍ୟାଚ୍‌ର ଅଧିକାଂଶ ସମୟ ଓଏଫ୍‌ସି ବଲ୍ ନିୟନ୍ତ୍ରଣରେ ରହିଥିଲା। ତେବେ ୩୪ ତମ ମିନିଟରେ ଓଏଫ୍‌ସି ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ ମରିସିଓ। ଜେରୀ ଲାଲରିଞ୍ଜୁଆଲାଙ୍କ ଆସିଷ୍ଟରେ ମରିସିଓ ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ତେବେ ଏହାର ୪ ମିନିଟ ମଧ୍ୟରେ ପଞ୍ଜାବ ଏଫ୍‌ସି ପକ୍ଷରୁ ଗୋଲ ପରିଶୋଧ କରିଥିଲେ ମାଦିହ ତଲାଲ। ପ୍ରଥମାର୍ଦ୍ଧର ଖେଳ ଶେଷ ସୁଦ୍ଧା ମ୍ୟାଚ୍ ୧-୧ ସ୍ଥିତିରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଓଏଫ୍‌ସି ଖେଳାଳି ଆଉ ଦୁଇଟି ଗୋଲ ସ୍କୋର କରିଥିଲେ। ୬୧ ତମ ମିନିଟରେ ଆଇଜାକ ଭାନଲାଲରୁଆଟଫେଲା ଏକ ଗୋଲ ଦେଇଥିଲେ। ଜାହୋହଙ୍କ ପାଶ୍‌କୁ ଆଇଜାକ୍ କଟ୍ କରିଥିଲେ। ରାଇଟ୍ କର୍ନରରୁ ଆମେ ରଣାୱଡେଙ୍କ କ୍ରସ୍‌କୁ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ଗୋଲରେ ପରିଣତ କରି ୨-୦ରେ ଆଗୁଆ କରିଥିଲେ। ଏହାର ୭ ମିନିଟ ପରେ ପଞ୍ଜାବ ଗୋଲ କିପରଙ୍କ ତ୍ରୁଟି କାରଣରୁ ଓଏଫ୍‌ସିକୁ ଏକ ପେନାଲ୍ଟି ଶଟ୍ ମିଳିଥିଲା। ଏହାକୁ ଗୋଲରେ ପରିଣତ କରିବା ସହ ଓଏଫ୍‌ସିକୁ ବିଜୟୀ କରିଥିଲେ ମରିସିଓ। ୮ ତାରିଖରେ ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବ।


ଗୋଲ ଦେବାପରେ ଆଇଜାକ ଭାନଲାଲରୁଆଟଫେଲା।


ଡବଲ ଗୋଲ ସ୍କୋରର ଡିଏଗୋ ମରିସିଓ। (ଫଟୋ ବିକାଶ ନାୟକ)

# ୪୪ ନମ୍ବର ଜର୍ସି ପ୍ରତ୍ୟାହାର କଲା ଜର୍ମାନୀ

**ବର୍ଲିନ୍,୨।୪(ପି.ଟି.)**

ଜର୍ମାନୀ ଫୁଟବଲ ଫେଡେରେଶନ ଓ ଆଡିଡାସ ପକ୍ଷରୁ ଜର୍ମାନ ଫୁଟବଲ ଦଳର ୪୪ ନମ୍ବର ଜର୍ସି ପ୍ରତ୍ୟାହାର କରାଯାଇଛି। ଜର୍ମାନୀର ନାଜି ଦଳ ଏସ୍ ଏସ୍ ପାରା ମିଲିଟାରୀ ୟୁନିଟ୍‌ର ଲୋଗୋ ସହ ସମାନତା କାରଣରୁ ଏହି ଜର୍ସିକୁ ପ୍ରତ୍ୟାହାର କରାଯାଇଛି। ସୋମବାର ଏହି ଲୋଗୋ ଓ ୪୪ ନମ୍ବର ଜର୍ସିକୁ ନେଇ ବିବାଦ ଦେଖାଯିବା ପରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କ୍ଷମା ପ୍ରାର୍ଥନା କରିଥିଲା ଜର୍ମାନୀ ଫୁଟବଲ ଫେଡେରେଶନ। ଏହା ସହିତ ୪୪ ନମ୍ବର ଜର୍ସିର ବିକ୍ରି ବନ୍ଦ କରିବା ପାଇଁ ମଧ୍ୟ ଆଡିଡାସ ପକ୍ଷରୁ ଘୋଷଣା କରାଯାଇଥିଲା।

# ଟି୨୦ ବିଶ୍ୱକପ୍‌ରୁ ଓହରିଲେ ବେନ୍ ଷ୍ଟୋକ୍ସ

**ଲଣ୍ଡନ, ୨।୪ (ପି.ଟି.)**

ଇଂଲଣ୍ଡ ଷ୍ଟାର ଖେଳାଳି ବେନ୍ ଷ୍ଟୋକ୍ସ ମଙ୍ଗଳବାର ଆଗାମୀ ଟି୨୦ କ୍ରିକେଟ ବିଶ୍ୱକପ୍‌ରୁ ଓହରିଯାଇଛନ୍ତି। ଜଣେ ଅଲରାଉଣ୍ଡର ଭାବେ ସେ ତାଙ୍କ ଫିଟ୍‌ନେସ୍ ଓ ବୋଲିଂରେ ଉନ୍ନତି ଆଣିବା ଦିଗରେ ତାଙ୍କ ମନୋନିବେଶ କରିବେ। ଦେଶର ଟେଷ୍ଟ ଅଧିନାୟକ ଆମେରିକା ଓ ୱେଷ୍ଟଇଣ୍ଡିଜରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ର ଦୁଇ ମାସ ପୂର୍ବରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)କୁ ଅବଗତ କରାଇଛନ୍ତି। କ୍ରିକେଟର ସମସ୍ତ ଫର୍ମାଟରେ ସେ ଜଣେ ପ୍ରମୁଖ ଅଲରାଉଣ୍ଡ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଚାହାନ୍ତି। ଷ୍ଟୋକ୍ସ ପୂର୍ବରୁ ଆଇପିଏଲ୍‌ରୁ ଓହରି ସାରିଥିଲେ। ୩୨ ବର୍ଷୀୟ ଷ୍ଟୋକ୍ସଙ୍କ ଅଧିନାୟକତ୍ୱରେ ଇଂଲଣ୍ଡ ୧-୪ରେ ଭାରତ ବିପକ୍ଷ ଟେଷ୍ଟ ସିରିଜ ହାରିଯାଇଥିଲା। ଏହି ସିରିଜରେ କହିବାକୁ ଗଲେ ସେ ଖୁବ୍ କମ୍ ବୋଲିଂ କରିଥିଲେ।

ତେବେ ଆଣ୍ଠୁ ଅସ୍ତ୍ରୋପଚାରର ୯ ମାସ ପରେ ସେ ବିନା ଅଭ୍ୟାସରେ ବୋଲିଂ କରିଥିଲେ। ଗ୍ରୀଷ୍ମଋତୁରେ ଟେଷ୍ଟ ଆରମ୍ଭ ପୂର୍ବରୁ ସେ ଡରହାମ ପାଇଁ କାଉଣ୍ଟି ଚାମ୍ପିୟନଶିପ୍ ଖେଳିବେ। ଟି୨୦ ବିଶ୍ୱକପ୍ ଟାଇଟଲ ବଜାୟ ରଖିବା ପାଇଁ ସେ ଜୋସ ବଟଲର ଓ ମାଥ୍ୟୁ ମଟ୍‌ଙ୍କ ସମେତ ସମସ୍ତ ଦଳର ଶୁଭକାମନା କରିଛନ୍ତି। ଟି୨୦ ବିଶ୍ୱକପ୍‌ର ଗତ ସଂସ୍କରଣ ୨୦୨୨ରେ ଅଷ୍ଟ୍ରେଲିଆରେ ହୋଇଥିଲା। ଏମ୍‌ସିଜିରେ ଅନୁଷ୍ଠିତ ଫାଇନାଲରେ ପାକିସ୍ତାନକୁ ୫ ଉଇକେଟରେ ପରାସ୍ତ କରି ଇଂଲଣ୍ଡ ଚାମ୍ପିୟନ ହୋଇଥିଲା। ଗତବର୍ଷ ସେ କେବଳ ଦୁଇଟି ଟି୨୦ ମ୍ୟାଚ ତାହା ପୁଣି ଆଇପିଏଲ୍‌ରେ ଖେଳିଥିଲେ।

# ଲକ୍ଷ୍ନୌର ଦ୍ୱିତୀୟ ବିଜୟ

**ବେଙ୍ଗାଲୁରୁ,୨।୪**

ଆଇପିଏଲ୍ ୨୦୨୪ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ୨୮ ରନ୍‌ରେ ହରାଇ ଦ୍ୱିତୀୟ ବିଜୟ ହାସଲ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୨୦ ଓଭରରେ ୫ ଉଇକେଟ ହରାଇ ୧୮୧ ରନ୍ କରିଥିଲା। ଜବାବରେ ଆରସିବି ୧୯.୪ ଓଭରରେ ୧୫୩ ରନ୍ କର ଅଲଆଉଟ ହୋଇଥିଲା।

ଟସ୍ ହାରି ବ୍ୟାଟିଂ କରିଥିବା ଲକ୍ଷ୍ନୌ ପକ୍ଷରୁ ଲୋକେଶ ରାହୁଲ (୨୦) ଓ କ୍ୱିଣ୍ଟନ୍ ଡିକକ୍(୮୧) ପ୍ରଥମ ଉଇକେଟରେ ୫୩ ରନ୍ ଯୋଡିଥିଲେ। ଡିକକ୍ କ୍ରମାଗତ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିବା ସହ ୫୬ ବଲ୍‌ରୁ ୮୧ ରନ୍ କରିଥିଲେ। ଏହା ମଧ୍ୟରେ ୮ ଚୌକା ଓ ୫ ଛକା ସାମିଲ ଥିଲା। ମାର୍କସ ଷ୍ଟୋଇନିସ୍ ୧୫ ବଲ୍‌ରୁ ୨୪ ରନ୍ କରିଥିଲେ। ଶେଷ ଭାଗରେ ନିକୋଲାସ ପୁରନ ଦ୍ରୁତ ୪୦ ରନ୍ କରି ଦଳୀୟ ସ୍କୋର ୧୮୧ ରନ୍‌ରେ ପହଞ୍ଚାଇଥିଲେ। ୨୧ ବଲ୍ ଖେଳିଥିବା ପୁରନ୍ ୧ ଚୌକା ଓ ୫ ଛକା ମାରିଥିଲେ। ଆରସିବି ପକ୍ଷରୁ ଗ୍ଲେନ୍ ମ୍ୟାକ୍ସୱେଲ ସର୍ବାଧିକ ୨, ଯଶ ଦୟାଲ, ମହମ୍ମଦ ସିରାଜ ଓ ରିସି ଟପ୍‌ଲେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଟପ୍ ଅର୍ଡର ବିଫଳତା ଓ ମୟଙ୍କ ଯାଦବଙ୍କ ଘାତକ ବୋଲିଂ ବଳରେ ଆରସିବି ୧୫୩ ରନ୍‌ରେ ସୀମିତ ରହିଥିଲା। ବିରାଟ କୋହଲି ୨୨ ଓ ଫାଫ ଡୁପ୍ଲେସି ୧୯ ରନ୍ କରିଥିବା ବେଳେ ମଧ୍ୟକ୍ରମରେ ମ୍ୟାକ୍ସୱେଲ (୦) ଓ ଗ୍ରୀନ୍(୯) ରନ କରି ପାରିଥିଲେ। ମୟଙ୍କ ଯାଦବ ଘାତକ ବୋଲିଂ କରି ୧୪ ରନ୍ ଦେଇ ୩ ଉଇକେଟ ନେଇଥିଲେ। ରଜତ ପଟିଦାର ୨୯ ଓ ମହିପାଲ ଲୋମରୋର ୧୩ ବଲ୍‌ରୁ ୩୩ ରନ୍ କରିଥିଲେ ହେଁ ବିଜୟ ପାଇଁ ଏହା ଯଥେଷ୍ଟ ନ ଥିଲା। ପେସ୍ ସେନ୍‌ସେସନ ମୟଙ୍କ ଯାଦବ ନିଜ କୋଟାରେ ମ୍ୟାକ୍ସୱେଲ, ଗ୍ରୀନ ଓ ପଟିଦାରଙ୍କୁ ଆଉଟ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ମୟଙ୍କ ୩ ଓ ନବୀନ ଉଲ ହକ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୮୧/୫(କ୍ୱିଣ୍ଟନ୍ ଡିକକ୍-୮୧, ନିକୋଲାସ ପୁରନ୍-୪୦*, ମାର୍କସ ଷ୍ଟୋଇନିସ-୨୪, ଗ୍ଲେନ୍ ମ୍ୟାକ୍ସୱେଲ-୨/୨୩, ଯଶ ଦୟାଲ-୧/୨୪, ରିସି ଟପ୍‌ଲେ-୧/୩୯)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୯.୪ ଓଭରରେ ୧୫୩/୧୦(ମହୀପାଲ ଲୋମରୋର-୩୩, ରଜତ ପଟିଦାର-୨୯, ବିରାଟ କୋହଲି-୨୨, ମୟଙ୍କ ଯାଦବ-୩/୧୪, ନବୀନ ଉଲ ହକ୍-୨/୨୫, ମାର୍କସ ଷ୍ଟୋଇନିସ-୧/୯)।


ଶଟ୍ ଖେଳିବା ଅବସରରେ କ୍ୱିଣ୍ଟନ ଡିକକ୍।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ଦିଲ୍ଲୀ ବନାମ କୋଲକାତା
ସ୍ଥାନ: ବିଶାଖାପାଟଣା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଦୁଇ ଆଇପିଏଲ୍ ମ୍ୟାଚ୍ ଘୁଞ୍ଚିଲା

**ନୂଆଦିଲ୍ଲୀ,୨।୪(ପି.ଟି.):** ଆଇପିଏଲ୍ ଟି୨୦ କ୍ରିକେଟର ୧୭ ତମ ସଂସ୍କରଣରେ ଦୁଇଟି ମ୍ୟାଚ୍ ଘୁଞ୍ଚିବା ନେଇ ବିସିସିଆଇ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଇଡେନ୍ ଗାର୍ଡେନ୍ସରେ ଏପ୍ରିଲ ୧୭ ତାରିଖରେ କୋଲକାତା ନାଇଟ୍ ରାଇଡର୍ସ(କେକେଆର୍) ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବାର ଥିଲା। ତେବେ ସମାନ ଦିନରେ ରାମ ନବମୀ ପଡୁଥିବାରୁ ମ୍ୟାଚ୍‌କୁ ଗୋଟିଏ ଦିନ ପୂର୍ବରୁ ଆୟୋଜନ କରିବାକୁ ବୋର୍ଡ ନିଷ୍ପତ୍ତି ନେଇଛି। ସେହିପରି ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଏପ୍ରିଲ ୧୬ରେ ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ଗୋଟିଏ ଦିନ ଆଗକୁ ଘୁଞ୍ଚାଇ ଦିଆଯାଇଛି। ତେବେ ଦ୍ୱିତୀୟ ମ୍ୟାଚ୍ କାହିଁକି ଘୁଞ୍ଚାଯାଇଛି ତା'ର କୌଣସି କାରଣ ପ୍ରଦାନ କରିନାହିଁ ବିସିସିଆଇ। ରାମନବମୀ ଓ ନିର୍ବାଚନ ରହିଥିବାରୁ ଆଇପିଏଲ ମ୍ୟାଚ୍ ପାଇଁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ନେଇ ବେଙ୍ଗଲ ପୋଲିସ ଅକ୍ଷମତା ପ୍ରକାଶ କରିଥିଲା। କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲର ସଭାପତି ସ୍ନେହାଶିଷ ଗାଙ୍ଗୁଲି ପତ୍ର ଲେଖି ଅନୁରୋଧ କରିବା ପରେ ମ୍ୟାଚ୍ ଗୋଟିଏ ଦିନ ପଛକୁ କରି ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବେଙ୍ଗଲରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୧୯ରୁ ଆରମ୍ଭ ହେବ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୩ | ୩ | ୦ | ୬ | +୧.୨୪୯ |
| କୋଲକାତା ନାଇଟ ରାଇଡର୍ସ | ୨ | ୨ | ୦ | ୪ | +୧.୦୪୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୨ | ୧ | ୪ | +୦.୯୭୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୪ | +୦.୪୮୩ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | -୦.୭୩୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୧ | ୨ | ୨ | -୦.୦୧୬ |
| ପଞ୍ଜାବ କିଙ୍ଗ୍ସ | ୩ | ୧ | ୨ | ୨ | -୦.୩୩୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୧ | ୩ | ୨ | -୦.୮୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୦ | ୩ | ୦ | -୧.୪୨୩ |






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ